

ପୁରାଣେ ପୁରୁଷୋତ୍ତମ

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-9 ◆BHUBANESWAR ◆THURSDAY ◆4 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୯ ◆ଭୁବନେଶ୍ୱର ◆ଗୁରୁବାର ◆୪ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


ଗଜପତିଙ୍କୁ ଜଣାଇଲେ ଦଇତାପତି

# ସୁସ୍ଥ ହେଲେ ମହାବାହୁ



ସରିଲା ରାଜପ୍ରାସାଦ ବିଜେ, ଆଜି ଘଣାଲାଗି

■ **ପୁରୀ, ୩।୭ (ସମିସ):** ପବିତ୍ର ସ୍ନାନପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଅସୁସ୍ଥ ହୋଇ ଅଣସର ଘରେ ଥିବା ମହାବାହୁ ସୁସ୍ଥ ହୋଇଛନ୍ତି। ପତି ମହାପାତ୍ର ଓ ଦଇତାପତି ସେବକମାନେ ବୁଧବାର ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଜଣାଇଛନ୍ତି। ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲରୀ ତେଲ, ଶୁଦ୍ଧସୁଆର ଦେଇଥିବା ଓଷୁଅ ଲାଗି ହେବା ପରେ ଶ୍ରୀବିଗ୍ରହ ଚକା ବିଜେ କରିଛନ୍ତି। ଖଳିଲାଗି ଏକାଦଶୀରେ ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଏଥିସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ତେବେ ଗୁରୁବାର ତ୍ରୟୋଦଶୀ ତିଥିରେ ଘଣା ଲାଗି କରାଯିବ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରାସାଦ ବିଜେ ହେବାର ପରମ୍ପରା ରହିଛି। ବୁଧବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ପ୍ରଦତ୍ତ ପାଟବସ୍ତ୍ର ପଡ଼ିଥିବା ରୁପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡ଼ିଆରୀ ପକାଇଥିବା ପାହାଡ଼ା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ଆସିବା ▶ପୃଷ୍ଠା-୯

ରାଜ୍ୟସଭାରେ ଖଡ୍‌ଗେଙ୍କୁ କହିବାକୁ ମିଳିଲାନି ସୁଯୋଗ

# ବିରୋଧୀଙ୍କ କକ୍ଷତ୍ୟାଗ







■ **ନୂଆଦିଲ୍ଲୀ, ୩।୭(ଏଜେନ୍ସି):** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ବୁଧବାର ରାଜ୍ୟସଭାରେ ଆଲୋଚନା ବେଳେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ କକ୍ଷତ୍ୟାଗ କରିଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିଥିଲେ। ଏହି ସମୟରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଣିପୁର ଏବଂ ନିଟ୍ ପ୍ରସଙ୍ଗ ଉଠାଇ କିଛି କହିବାକୁ ଚାହୁଁଥିଲା ବେଳେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକର ତାଙ୍କୁ ଅନୁମତି ଦେଇ ନଥିଲେ। ଗୃହ ଅଧ୍ୟକ୍ଷଙ୍କ ଏଭଳି ଆଭିମୁଖ୍ୟକୁ ବିରୋଧ କରି ଖଡ଼ଗେ ଗୃହ ବାହାରକୁ ଚାଲି ଯାଇଥିଲା ବେଳେ ଅନ୍ୟ ବିରୋଧୀ ଦଳର ନେତା ଗୃହରେ ହଙ୍ଗାମା କରିଥିଲେ। ଖଡ଼ଗେଙ୍କୁ କହିବାକୁ ସୁଯୋଗ ଦେବାକୁ ସେମାନେ ବାରମ୍ବାର ଦାବି କରିଥିଲା ବେଳେ ସରକାରଙ୍କ ଉଦ୍ଦେଶ୍ୟରେ ▶ପୃଷ୍ଠା-୯

ସରିଲା ସଂସଦର ସଂକ୍ଷିପ୍ତ ଅଧିବେଶନ

## ସଶକ୍ତ ବିରୋଧୀ ଭୂମିକାରେ ବିଜେଡି

■ **ଭୁବନେଶ୍ୱର, ୩।୭ (ସମିସ):** ସଂସଦର ସ୍ୱତନ୍ତ୍ର ଅଧିବେଶନରେ ବିଜେଡିର ଭୂମିକା ଦିଲ୍ଲୀ ରାଜନୀତିକୁ ସରଗରମ କରିଛି। ରାଜ୍ୟସଭାରେ ଦଳର ୯ ଜଣ ସାଂସଦ ସଶକ୍ତ ବିରୋଧୀ ଭୂମିକାରେ ଅବତୀର୍ଣ୍ଣ ହେବା ଓ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ପ୍ରାଧାନ୍ୟ ସହ ଜାତୀୟ ପ୍ରସଙ୍ଗରେ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁସାରେ ସାଂସଦମାନେ ସେମାନଙ୍କ ଦାୟିତ୍ୱକୁ ସଠିକ୍ ନିର୍ବାହ କରିଛନ୍ତି। ବିଜେଡିର ଏହି ଆଭିମୁଖ୍ୟ କେନ୍ଦ୍ର ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ରାଜ୍ୟସଭା ସାଂସଦଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ସଂସଦ ଅଧିବେଶନରେ ଗଠନମୂଳକ ଏବଂ ସଶକ୍ତ ବିରୋଧୀ ଦଳର ଭୂମିକାରେ ରହିବାକୁ ନିଷ୍ପତ୍ତି ନେଇଥିଲା। ଜାତୀୟ ତଥା ରାଜ୍ୟସ୍ୱାର୍ଥକୁ ସର୍ବାଗ୍ରେ ରଖି ଗୃହରେ ଆବଶ୍ୟକ ପଡ଼ିଲେ ମଧ୍ୟଭାଗକୁ ଯିବାକୁ ପରାମର୍ଶ ଦେଇଥିଲେ ନବୀନ। ନବୀନଙ୍କ ପରାମର୍ଶ ଆଧାରରେ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ସଶକ୍ତ ବିରୋଧୀର ଭୂମିକା ନିର୍ବାହ କରିଛି ▶ପୃଷ୍ଠା-୯

## ଜଷ୍ଟିସ ବି ଆର୍ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି



■ **କଟକ, ୩।୭(ସମିସ):** ଝାଡ଼ଖଣ୍ଡ ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହେବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଜଷ୍ଟିସ ଷଡ଼ଙ୍ଗୀଙ୍କୁ ନୂତନ ନିଯୁକ୍ତି ମିଳିବା ସହ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

୨୦୨୩ ଡିସେମ୍ବର ୨୭ରୁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ପାଇଁ ଜଷ୍ଟିସ ଷଡ଼ଙ୍ଗୀଙ୍କ ନାମ ସୁପାରିସ କରାଯାଇଥିଲା। ୬ମାସ ବ୍ୟବଧାନରେ ଏହାକୁ ଅନୁମୋଦନ ପୂର୍ବକ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ ଷଡଙ୍ଗୀ ଓଡିଶା ହାଇକୋର୍ଟ ବରିଷ୍ଠ ବିଚାରପତି ଥିବା ବେଳେ ଆସନ୍ତା ଜୁଲାଇ ୨୦ରେ ଅବସର ମଧ୍ୟ ଗ୍ରହଣ କରିବେ। ଅବସର ନେବାକୁ ଆଉ ମାତ୍ର ୧୭ଦିନ ଥିବା ବେଳେ ସେ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଛନ୍ତି।

ପ୍ରକାଶଥାଉକି ଝାଡଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ସଂଜୟ କୁମାର ମିଶ୍ର ଅବସରଗ୍ରହଣ କରିବା ପରେ ଗତ ୨୦୨୩ ଡିସେମ୍ବର ୨୮ରୁ ପଦ ଖାଲି ପଡିଥିଲା। ଝାଡଖଣ୍ଡ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଶ୍ରୀ ଚନ୍ଦ୍ରଶେଖର ଦାୟିତ୍ୱ ନିର୍ବାହ କରିଆସୁଥିଲେ। ତାଙ୍କୁ ସେଠାରୁ ରାଜସ୍ଥାନ ହାଇକୋର୍ଟ ବିଚାରପତି ଭାବେ ବଦଳି କରାଯାଇଛି।

ପ୍ରକାଶଥାଉକି, ୧୯୬୨ ମସିହା ଜୁଲାଇ ୨୦ରେ ନୟାଗଡ଼ ଜିଲ୍ଲା ଓଡ଼ଗାଁର ପନ୍ତିଖାରି ଶାସନ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଜଷ୍ଟିସ ଷଡଙ୍ଗୀ। କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)ରୁ ସେ ଏଲଏଲଏମ ▶ପୃଷ୍ଠା-୯

## ପ୍ରଥମ ହାଲୋ ଅର୍ବିଟ୍ ପରିକ୍ରମା ସମ୍ପୂର୍ଣ୍ଣ

ଆଦିତ୍ୟ ଏଲ-୧ରେ ଆଉ ଏକ ସଫଳତା



■ **ବେଙ୍ଗାଲୁରୁ ,୩।୭ (ଏଜେନ୍ସି):** ଭାରତର ସୂର୍ଯ୍ୟ ମିଶନରେ ନିୟୋଜିତ ଥିବା ମହାକାଶ ଯାନ ଆଦିତ୍ୟ ଏଲ-୧ ଇତି ମଧ୍ୟରେ ଆଉ ଏକ ମାଇଲଷ୍ଟୋନ ହାସଲ କରିଛି। ଆଦିତ୍ୟ ଏଲ-୧ ମହାକାଶ ଯାନ ୧୭୮ ଦିନରେ ପ୍ରଥମ ହାଲୋ ଅର୍ବିଟ୍ ପରିକ୍ରମା ସମ୍ପୂର୍ଣ୍ଣ କରି ଏକ ବଡ଼ ସଫଳତା ହାସଲ କରିଛି ବୋଲି ବୁଧବାର ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ ସେପ୍ଟେମ୍ବର ୨ରେ ଆଦିତ୍ୟ ଏଲ-୧ ମହାକାଶକୁ ଉତକ୍ଷେପଣ କରାଯିବା ପରେ ୨୦୨୪ ଜାନୁଆରୀ ୬ ତାରିଖରେ ଏହା ପ୍ରଥମ 'ଲାଗ୍ରାଞ୍ଜିଆନ ପଏଣ୍ଟ'ରେ ପହଞ୍ଚିଥିଲା। ତେବେ ଇତିମଧ୍ୟରେ ଏହା ପ୍ରଥମ ହାଲୋ ଅର୍ବିଟ୍ ପରିକ୍ରମା ପୂର୍ଣ୍ଣ କରିଛି। ପୃଥିବୀ ଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଏହାକୁ ଏକ ହାଲୋ ଅର୍ବିଟରେ ଅବସ୍ଥାପିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତର ସୋଲାର୍ ଅବଜର୍ଭେଟୋରୀ ଭାବେ ▶ପୃଷ୍ଠା-୯

ବିହାରରେ ପୁଣି ଭୁଶୁଡ଼ିଲା ଦୁଇ ପୋଲ

## ୧୫ ଦିନ ମଧ୍ୟରେ ଭୁଶୁଡ଼ିଲାଣି ୭

■ **ପାଟନା, ୩।୭ (ଏଜେନ୍ସି):** ବିହାରର ବିଭିନ୍ନ ଜିଲ୍ଲାରେ ବିଗତ କିଛି ଦିନ ଧରି ପ୍ରବଳ ବର୍ଷା ଲାଗି ରହିଥିଲା ବେଳେ ବିଭିନ୍ନ ସ୍ଥାନରେ ନଦୀ ପୋଲ ଭୁଶୁଡ଼ିବା ଘଟଣା ସାଧାରଣରେ ଚିନ୍ତାର କାରଣ ହୋଇଛି। ବୁଧବାର ସିୱାନ ଜିଲ୍ଲାର ଦୁଇଟି ସ୍ଥାନରେ ପୋଲ ଭୁଶୁଡ଼ି ପଡ଼ିବାର ସାଧାରଣ ଗମନାଗମନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହିତ ଟ୍ରାଫିକ୍ ସମସ୍ୟା ଦେଖାଯାଇଛି। ଗତ ୧୫ ଦିନ ମଧ୍ୟରେ ଏହା ହେଉଛି ସପ୍ତମ ଘଟଣା। ସିୱାନ ଜିଲ୍ଲାର ଦେଓରିଆ ବ୍ଲକ୍‌ର ଏହି ପୋଲ ମହରାଜଗଞ୍ଜର ବହୁ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିଲା। ପ୍ରାୟ ୩୫ ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ପୋଲଟି ବର୍ଷା ଯୋଗୁଁ ଭୁଶୁଡି ପଡ଼ିଥିବା କୁହାଯାଇଛି। ଭୁଶୁଡି ପଡ଼ିଥିବା ଅନ୍ୟ ପୋଲଟି ମଧ୍ୟ ୨୦୦୪ରେ ନିର୍ମାଣ କରାଯାଇଥିଲା। ତେବେ ଉଭୟ ଘଟଣାରେ କେହି ମୃତାହତ ହୋଇ ନାହାନ୍ତି ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୧୧ ଦିନ ତଳେ ଏହି ଜିଲ୍ଲାରେ ଆଉ ଏକ ବଡ଼ ପୋଲ ଭୁଶୁଡ଼ି ପଡ଼ିଥିଲା। ତେବେ ଆଜିର ଘଟଣା ପରେ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



ଇସ୍ତଫା ଦେଲେ ଚମ୍ପାଇ ସୋରେନ୍

## ପୁଣି ମୁଖ୍ୟମନ୍ତ୍ରୀ ହେବେ ହେମନ୍ତ

■ **ରାଞ୍ଚି, ୩।୭(ଏଜେନ୍ସି):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଆଜି ଇସ୍ତଫା ଦେଇଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟରୁ ଗତ ୨୮ ତାରିଖରେ ଜାମିନ ପାଇଥିବା ହେମନ୍ତ ସୋରେନ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ଝାଡ଼ଖଣ୍ଡରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)-କଂଗ୍ରେସ-ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ମେଣ୍ଟର ସରକାର ଅଛି। ଏହି ମେଣ୍ଟର ବୃହତ୍ତମ ଦଳ ହେଉଛି ଜେଏମ୍ଏମ୍। ଜେଏମ୍ଏମ୍ କାର୍ଯ୍ୟନିର୍ବାହୀ ସଭାପତି ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ଥିଲେ। ଏକ ଜମି ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କୁ ଗିରଫ କରିବାକୁ ଆଗଭର ହେବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଇଡି ତାଙ୍କୁ ଗତ ଜାନୁଆରୀ ୩୧ ତାରିଖରେ ▶ପୃଷ୍ଠା-୯



ଜହ୍ଲାଦ ସାଜିଲା ପ୍ରଫେସର ପୁଅ

## ମା' ଆଗରେ ବାପାକୁ ଛୁରି ଭୁସି ହତ୍ୟା

■ **ଭୁବନେଶ୍ୱର, ୩।୭ (ସମିସ):** ଟଙ୍କା ଲାଗି ପୁଅ ଭୁଲିଗଲା ରକ୍ତସମ୍ପର୍କ। ମା' ଆଗରେ ବାପାକୁ ଛୁରି ଭୁସି ହତ୍ୟା କଲା। ଏହା କୌଣସି ଚଳଚ୍ଚିତ୍ରର କାହାଣୀ ନୁହେଁ କି କୌଣସି ସାଧାରଣ ପରିବାରରେ ଘଟୁଥିବା ଘଟଣା ନୁହେଁ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଗଣମାଧ୍ୟମ ବିଚାର ମଞ୍ଚରେ ବିଶେଷଜ୍ଞ ଭାବେ ନିଜର ସ୍ୱାଧୀନ ତଥା ବିଜ୍ଞ ମତ ରଖୁଥିବା ଜଣେ ପ୍ରଫେସର ଆର୍ଥିକ ସଙ୍କଟକୁ ପରିଚାଳନା କରିବାରେ ଅସମର୍ଥ ହୋଇ ନିଜ ବାପାଙ୍କୁ ହତ୍ୟା କରିବା ଘଟଣା ବୁଦ୍ଧିଜୀବୀ ମହଲରେ ଚିନ୍ତା ଉଦ୍ରେକ କରିଛି।

ମଞ୍ଚେଶ୍ୱର ଥାନା ରଙ୍ଗମାଟିଆର ଏକ ଆପାର୍ଟମେଣ୍ଟରେ ଘଟିଛି ଏଭଳି ଲୋମଟାଙ୍କୁରା ଘଟଣା। ଋଣ ଓ ପାରିବାରିକ ଚିନ୍ତାରୁ ବାପା ସୁନୀଲ ଚୌଧୁରୀଙ୍କୁ ଏକ ଧାରୁଆ ଛୁରୀରେ ଅତି ବୀଭତ୍ସ ଭାବେ ହତ୍ୟା କରିଛି ପୁଅ ଅନିରୁଦ୍ଧ ଚୌଧୁରୀ। ପିତୃହନ୍ତା ପ୍ରଫେସର ପୁଅ ଅନିରୁଦ୍ଧକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛୁରି, ରକ୍ତଲଗା କପଡା ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ପୁଲିସର କହିବା କଥା, ରଙ୍ଗମାଟିଆ ଅଞ୍ଚଳର ଡିଏଚ୍‌ପିଏଲ୍ ଆପାର୍ଟମେଣ୍ଟର ୧୦୮ ନଂ ▶ପୃଷ୍ଠା-୯



ତଦନ୍ତ ଆରମ୍ଭ, ଅଭିଯୁକ୍ତକୁ ବାନ୍ଧିଲା ପୁଲିସ୍

ହତ୍ୟା ପଛରେ ଋଣ ଚିନ୍ତା ଓ ପାରିବାରିକ ଅଶାନ୍ତି

## ଲୋକକଥା



'ହାତ-ଫୁଲ'ଙ୍କର ଲଢ଼େଇରେ ଆହା
କମ୍ପିଲା ରାଜଧାନୀ ଭୂଇଁ,
ସଂସଦେ ରାହୁଲ କି ମନ୍ତବ୍ୟ ଦେଲେ
'ଫୁଲ' ନାଡ଼ ଦୋହଲଇ !
ଦେଖିବ ରହିଥା ଚାହିଁ,
ସବଳ ବିରୋଧୀ କରିବେ ଏଣିକି
ସର୍କାରଙ୍କୁ ଥେଇଥେଇ !!

ଦରମରା କଲାଣି ଦରଦାମ ବୃଦ୍ଧି

## ରାସ୍ତାକୁ ଓହ୍ଲାଇବ ବିଜେଡି




ଆକାଶଛୁଆଁ ଦରଦାମକୁ ନେଇ ରାଜ୍ୟର ସାଧାରଣ ଲୋକେ ଅତିଷ୍ଠ

ମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା

ଦର ନିୟନ୍ତ୍ରଣ ପଦକ୍ଷେପ ସ୍ପଷ୍ଟ କରନ୍ତୁ ସରକାର

■ **ଭୁବନେଶ୍ୱର, ୩।୭ (ସମିସ):** ରାଜ୍ୟରେ ଦରଦାମ ଆକାଶଛୁଆଁ ହୋଇଛି। ପ୍ରତିଟି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ି ଚାଲିଛି। ସାଧାରଣ ଲୋକମାନେ ଏହାକୁ ନେଇ ଅତିଷ୍ଠ। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଅସହାୟତା ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ଶାସନକୁ ଆସିଥିଲା, ତାହାକୁ ପାଳନ କରୁ। ଲୋକେ ଯେପରି ଅତ୍ୟାବଶ୍ୟକୀୟ ସାମଗ୍ରୀ ଉଚିତ୍ ମୂଲ୍ୟରେ ପାଇବେ ତାହାର ବ୍ୟବସ୍ଥା କରୁ। ନହେଲେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ଓ ରାଜରାସ୍ତାକୁ ଓହ୍ଲାଇବ। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଏପରି ଚେତାବନୀ ଦେଇଛି ବିଜେଡି। ରାଜ୍ୟ ସରକାର ଦରଦାମ ନିୟନ୍ତ୍ରଣକୁ ନ ଆଣିଲେ ବିଜେଡି ଏହାର ତୀବ୍ର ପ୍ରତିବାଦ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଦଳୀୟ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ କହୁଛନ୍ତି କଞ୍ଚା ପରିବା ଉପରେ ଆମର ନିୟନ୍ତ୍ରଣ ନାହିଁ। ଏପଟେ ଡାଲି, ଚାଉଳ ପରି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦାମ୍ ଆକାଶଛୁଆଁ ହେଲାଣି। ତାହେଲେ କାହା ଉପରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ଅଛି? ମନ୍ତ୍ରୀଙ୍କ ଏପରି ବୟାନ ଦୁର୍ଭାଗ୍ୟଜନକ। ସାଧାରଣ, ମଧ୍ୟବିତ୍ତ ଲୋକେ କିପରି ପନିପରିବା, ଅତ୍ୟାବଶ୍ୟକୀୟ ସାମଗ୍ରୀ ଉଚିତ୍ ମୂଲ୍ୟରେ ପାଇବେ, ସେ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ। ଦରଦାମକୁ ନେଇ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଯଦି ରାଜ୍ୟ ସରକାର ଏନେଇ କୌଣସି ତ୍ୱରିତ୍ ପଦକ୍ଷେପ ଗ୍ରହଣ ନକରନ୍ତି, ତାହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ଅନୁରୂପ ଭାବରେ ଡ. ଲେଖାଶ୍ରୀ ସାମନ୍ତ ସିଂହାର କହିଛନ୍ତି ଯେ ଯଦି ବିଜେପିର ବିଜୟ ଉତ୍ସବ ସରିଲାଣି, ତାହେଲେ ଯେଉଁ ରାଜ୍ୟବାସୀଙ୍କ ଭୋଟରେ ସେମାନେ ଜିତିଛନ୍ତି; ସେହି ▶ପୃଷ୍ଠା-୯



## ପ୍ରାକ୍‌କଥନ

ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ପୁରାଣ-ପୁରୁଷୋତ୍ତମ ଓ ପରଂବ୍ରହ୍ମସ୍ୱରୂପ। ତାଙ୍କ ନାମ-ରୂପ-ଧାମ-ଲୀଳା-ଗୁଣ-ପ୍ରସାଦ-ଆଧାରିତ ଗୁହ୍ୟାତିଗୁହ୍ୟ ତତ୍ତ୍ୱ ଓ ମାହାତ୍ମ୍ୟ କେଉଁଠି ପ୍ରତ୍ୟକ୍ଷ ତ କେଉଁଠି ପରୋକ୍ଷ ଭାବରେ ବେଦଠାରୁ ପୁରାଣ ଓ ସାହିତ୍ୟ ପର୍ଯ୍ୟନ୍ତ ଆଲୋଚିତ। ତାଙ୍କ କରୁଣା ହେଲେ ଯାଇଁ ଜଣେ ତାହାର ହେତୁକୁ ବୁଝିପାରେ। ସ୍ୱାଧ୍ୟାୟ, ପାରାୟଣ ଓ ଗୁରୁମୁଖୋଦ୍ଗତ ପ୍ରବଚନ ଶ୍ରବଣଦ୍ୱାରା ଏହି ଗଭୀର ଅଧ୍ୟାତ୍ମତତ୍ତ୍ୱର ଉପଲବ୍ଧି ମିଳିଥାଏ।

"ଇତିହାସପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍"-ନ୍ୟାୟରେ ମହାପ୍ରଭୁଙ୍କ ତତ୍ତ୍ୱ ଓ ତଥ୍ୟର ପ୍ରମୁଖ ଲୋକପ୍ରିୟ ଆଧାର ହେଉଛି ପୁରାଣ। ଆମ ଆଧ୍ୟାତ୍ମିକ-ସଂସ୍କୃତିରେ ମହାପୁରାଣମାନଙ୍କ ପରିଚୟ ଏହିପରି-

"ମଦ୍ୱୟଂ ଭଦ୍ୱୟଂ ଶୈବଂ ବ୍ରତ୍ରୟଂ ବତ୍ରୟଂ ତଥା।
ଅନାପଲିଂଗକୂସ୍କାନି ପୁରାଣାନି ପୃଥକ୍ ପୃଥକ୍ ॥"

ଅର୍ଥାତ୍ ମତ୍ସ୍ୟ, ମାର୍କେଣ୍ଡେୟ, ଭବିଷ୍ୟ, ଭାଗବତ, ଶିବ, ବ୍ରହ୍ମ, ବ୍ରହ୍ମାଣ୍ଡ, ବ୍ରହ୍ମବୈବର୍ତ୍ତ, ବରାହ, ବାମନ, ବିଷ୍ଣୁ, ଅଗ୍ନି, ନାରଦ, ପଦ୍ମ, ଲିଂଗ, ଗରୁଡ, କୂର୍ମ ଓ ସ୍କନ୍ଦ ନାମରେ ଅଷ୍ଟାଦଶ ମହାପୁରାଣ ରହିଛନ୍ତି। ଏହି ଅଷ୍ଟାଦଶ ମହାପୁରାଣରେ ମହାପ୍ରଭୁ-ପୁରୁଷୋତ୍ତମଙ୍କ ସ୍ଥିତି, ବ୍ୟାପ୍ତି ଓ ଦୀପ୍ତିକୁ ନେଇ ଆମର ଏହି ଅଭିନବ ପ୍ରୟାସ 'ପୁରାଣେ ପୁରୁଷୋତ୍ତମ'। ପ୍ରତିଦିନ ଗୋଟିଏ ମହାପୁରାଣ ଉପରେ ଆଲେଖ୍ୟ ପ୍ରସ୍ତୁତ କରୁଛନ୍ତି ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ। କେବଳ ଗୀତାପ୍ରେସ, ବେଙ୍କଟେଶ୍ୱରପ୍ରେସ୍ ଓ ଚୌଖମ୍ବାପ୍ରେସ୍‌ରେ ମୁଦ୍ରିତ ଓ ପ୍ରକାଶିତ ସଂସ୍କୃତ-ମୂଳଗ୍ରନ୍ଥମାନଙ୍କ ଆଧାରରେ ଏହି ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି ଡାକ୍ତର ଷଡଙ୍ଗୀ। ଆଜି ଏହାର ପ୍ରଥମ ଆଲେଖ୍ୟ।

॥ ଜୟ ଶ୍ରୀଜଗନ୍ନାଥ ॥


## ପୁରାଣେ ପୁରୁଷୋତ୍ତମ-୧

### ମତ୍ସ୍ୟ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ମତ୍ସ୍ୟପୁରାଣ ଅନ୍ୟତମ। ୧୪ହଜାର ଶ୍ଳୋକ ତଥା ୨୯୧ ଅଧ୍ୟାୟରେ ସନ୍ନିବଦ୍ଧ ଏହି ପୁରାଣ ଭଗବାନ୍‌ଙ୍କ ମତ୍ସ୍ୟ-ଅବତାର ସହ ସମ୍ବନ୍ଧିତ। ଏଥିରେ ମତ୍ସ୍ୟ-ଅବତାରଧାରୀ ଭଗବାନ୍ ବିଷ୍ଣୁଙ୍କ ଦ୍ୱାରା ବୈବସ୍ୱତମନୁ ଓ ସପ୍ତର୍ଷିଙ୍କୁ ଦିବ୍ୟ ଉପଦେଶ ଦିଆଯାଇଛି। ଏହାର(୧/୨୮)ରେ ରାଜା ସତ୍ୟବ୍ରତ ମତ୍ସ୍ୟରୂପି-ଜଗନ୍ନାଥଙ୍କୁ ସ୍ତୁତି କରିଛନ୍ତି- "ଜ୍ଞାତସ୍ତ୍ୱଂ ମତ୍ସ୍ୟରୂପେଣ ମା ଖେଦୟସି କେଶବ। ହୃଷୀକେଶ ଜଗନ୍ନାଥ ଜଗଦ୍ଧାମ ନମୋଽସ୍ତୁତେ।।"ଏହାର ୧୩ଶ ଅଧ୍ୟାୟରେ ଦେବୀବର୍ଣ୍ଣନା ଅବସରରେ ବିମଳାଦେବୀଙ୍କ ଧାମ ପୁରୁଷୋତ୍ତମକ୍ଷେତ୍ର ବୋଲି ଉଲ୍ଲେଖ ରହିଛି। ଯଥା- "ଗଙ୍ଗାୟାଂ ମଙ୍ଗଳା ନାମ ବିମଳା ପୁରୁଷୋତ୍ତମେ। ବିପାଶାୟାମମୋଘାକ୍ଷୀ ପାଟଳା ପୁଣ୍ଡ୍ରବର୍ଦ୍ଧନେ।।"(୧୩/୩୫)। ପୁନଶ୍ଚ ଏଥିରେ ଶ୍ରାଦ୍ଧନିମନ୍ତେ ତୀର୍ଥନିରୂପଣପ୍ରସଙ୍ଗରେ ପୁରୁଷୋତ୍ତମକ୍ଷେତ୍ରର ସୂଚନା ରହିଛି। ଯଥା- ଗୋକର୍ଣ୍ଣଂ ଗଜକର୍ଣ୍ଣଂ ଚ ତଥା ଚ ପୁରୁଷୋତ୍ତମଃ। ଦ୍ୱାରକା କୃଷ୍ଣତୀର୍ଥଂ ଚ ତଥାଽର୍ବୁଦସରସ୍ୱତୀ।।" (୨୨/୩୮)। ସେହିପରି ୯୩ଅଧ୍ୟାୟରେ 'ଜଗନ୍ନାଥ'ଶବ୍ଦର ଉଲ୍ଲେଖ ରହିଛି। ଯଥା- "ବାସୁଦେବୋ ଜଗନ୍ନାଥସ୍ତଥା ସଙ୍କର୍ଷଣୋ ବିଭୁଃ। ପ୍ରଦ୍ୟୁମ୍ନଶ୍ଚାନିରୁଦ୍ଧଶ୍ଚ ଭବନ୍ତୁ ବିଜୟାୟ ତେ।।"(୯୩/୫୧)। ଆହୁରି ମଧ୍ୟ ଏହି ପୁରାଣ(୧୨୧/୫୫)ରେ ସୂତଙ୍କ ମୁଖରେ ଜମ୍ବୂଦ୍ୱୀପବର୍ଣ୍ଣନା-ପ୍ରସଙ୍ଗରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ନାମୋଲ୍ଲେଖ ଦେଖିବାକୁ ମିଳେ। ଯଥା- "ତତସ୍ତୁ ନଳିନୀଚାପି ପ୍ରାଚୀମେବ ଦିଶଂ ଯଯୌ। କୁପଥାନ୍ ପ୍ଲାବୟନ୍ତୀ ସା ଇନ୍ଦ୍ରଦ୍ୟୁମ୍ନସରାଂସ୍ୟପି।।"

ଏହି ପୁରାଣର ସାରାଂଶରେ (୨୭୭/୨୧) କୁହାଯାଇଛି- "ନାରାୟଣବଳୋପେତୋ ନାରାୟଣପରାୟଣଃ। ନାରାୟଣକଥାସକ୍ତୋ ନାରାୟଣପୁରଂ ବ୍ରଜେତ୍।।" ଅର୍ଥାତ୍ ନାରାୟଣଚିନ୍ତନୋନ୍ମୁଖ ତଥା ନାରାୟଣକଥାସକ୍ତ ଭକ୍ତ ନାରାୟଣପ୍ରଦତ୍ତଶକ୍ତିରେ ନାରାୟଣପୁରକୁ ପ୍ରାପ୍ତ ହୁଅନ୍ତି।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।



ପ୍ରସ୍ତୁତି:ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୨୮ - ଲଣ୍ଡନରେ ପ୍ରଥମଥର ରଙ୍ଗିନ ଟିଭି କାର୍ଯ୍ୟକ୍ରମ ପ୍ରସାରଣ।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ଆମେରିକା ପ୍ରେରିତ ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।




## ଗିନିଜ୍ ରେକର୍ଡରେ ୬ ଭଉଣୀ

ପ୍ରତ୍ୟେକ ମଣିଷ ନିଜ ପରିବାର ତଥା ସାଙ୍ଗସାଥୀଙ୍କ ସହ ଦୀର୍ଘ ଜୀବନ ଅତିବାହିତ କରିବାକୁ ଚାହାନ୍ତି। କିନ୍ତୁ ଏହା ସମ୍ଭବ ହୋଇ ନ ଥାଏ। ତେବେ ଆମେରିକା ମିସୋରିରେ ରହୁଥିବା ୬ ଜଣ ଭଉଣୀଙ୍କ ଏହି ଇଚ୍ଛା ପୂରଣ ହୋଇଛି। ଏହି ୬ ଭଉଣୀ ବିଶ୍ୱର ସବୁଠୁ ବୟସ୍କା ଭଉଣୀ ଭାବେ ପରିଚିତ। କିଛିଦିନ ତଳେ ସବୁଠୁ ବୟସ୍କା ଭଉଣୀ ଭାବେ ୬ଜଣ ଯାକ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହି ଛଅ ଜଣ ଭଉଣୀଙ୍କ ବୟସ ଯଥାକ୍ରମେ ୮୮ରୁ ଆରମ୍ଭ କରି ୧୦୧ ବର୍ଷ ପର୍ଯ୍ୟନ୍ତ। ଏହି ଭଉଣୀମାନଙ୍କର ସମୁଦାୟ ବୟସ ୫୭୧ ବର୍ଷ ୨୯୩ ଦିନ। ସବା ବଡ଼ ଭଉଣୀ ନାର୍ମା ଓହିଓରେ ରହୁଥିବା ବେଳେ ବାକି ୫ ଭଉଣୀ ଲରେନ୍, ମ୍ୟାକ୍ସିନ, ଡରିସ୍ ମାର୍ଗରେଟ୍, ଏଲମା ଏବେ ବି ମିସୋରିରେ ରହୁଛନ୍ତି। ଏହି ଛଅ ଭଉଣୀ ଜୀବନରେ ଅନେକ ଘଟଣା, ଦୁର୍ଘଟଣା ସହ ପରିଚିତ ହୋଇ ସେ ସବୁକୁ ସାମ୍ନା କରିଛନ୍ତି। ଏଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ଆରମ୍ଭ କରି କୋଭିଡ୍ ମହାମାରୀ ଭଳି ଭୟାନକ ପରିସ୍ଥିତି ସାମିଲ ଅଛି। ଛୋଟମୋଟ ଝଗଡ଼ାକୁ ଛାଡ଼ିଦେଲେ ସେମାନଙ୍କ ମଧ୍ୟରେ କେବେ ବି ମନାନ୍ତର କି ମତାନ୍ତର ହୋଇ ନ ଥିବା ଏଲମା କହିଛନ୍ତି। ଅନ୍ୟପଟେ ତିନି ଭଉଣୀଙ୍କ ଜନ୍ମ ଜୁଲାଇରେ ହୋଇଥିବାରୁ ପିଲାବେଳେ ସେମାନଙ୍କ ମା' ସେମାନଙ୍କୁ ପ୍ରତିବର୍ଷ ଜୁଲାଇରେ ବୁଲିବାକୁ ନେଉଥିଲେ। ଆଜି ତାଙ୍କ ମା' ନ ଥିଲେ ବି ଏବେ ବି ସେମାନେ ଜୁଲାଇରେ ଏକାଠି ବୁଲିବାକୁ ଯାଉଥିବା ପରମ୍ପରାକୁ ବଜାୟ ରଖିଥିବା କହିଛନ୍ତି। ସେହିପରି ଏହି ୬ ଭଉଣୀଙ୍କର ଷ୍ଟେଲି ନାମକ ଭାଇଟିଏ ଥିଲା। ଷ୍ଟେଲି ସବୁଠୁ ବଡ଼ ଥିଲେ। ୮୧ ବର୍ଷ ବୟସରେ ତାଙ୍କର ଦୁର୍ଘଟଣାରେ ପରଲୋକ ଘଟିଛି।

## ଆଜି ବାହୁଡ଼ିଥିଲେ

### ବିଶ୍ୱବିଜୟୀ ବିବେକାନନ୍ଦ



ସ୍ୱାମୀ ବିବେକାନନ୍ଦ ଆଧୁନିକ ଭାରତର ଆଧ୍ୟାତ୍ମିକ ଜାଗରଣର ଜନକ ତଥା ଯୁବ ଶକ୍ତିର ଚିରନ୍ତନ ପ୍ରତୀକ। ସନାତନ ଧର୍ମକୁ ବିଶ୍ୱ ସ୍ତରରେ ପରିଚିତ କରାଇଥିବା ବିବେକାନନ୍ଦ ତ୍ୟାଗ, ତେଜ ଓ ନିର୍ଭୀକତାର ପ୍ରତୀକ ଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ଗୁରୁ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସେ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହୋଇଥିଲେ। ୧୮୯୩ ସେପ୍ଟେମ୍ବର ୧୧ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ମହାସଭାରେ ତାଙ୍କର ଓଜସ୍ୱିନୀ ବକ୍ତୃତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସେ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ। ଭାରତୀୟ ଯୁବପିଢ଼ିଙ୍କ ପାଇଁ ତାଙ୍କଠାରୁ ବଡ଼ ନେତା ଆଉ କେହି ହୋଇ ନ ପାରନ୍ତି। ବିଶ୍ୱର ସମସ୍ତ ଅଧିବାସୀଙ୍କୁ ସେ ଏକ ପରିବାର ମନେ କରି ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ପ୍ରଦାନ କରୁଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା। ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକ ଶକ୍ତି ବଳରେ ଜୟ କରିଥିବାରୁ ସେ ବିଶ୍ୱବିଜୟୀ ବିବେକାନନ୍ଦ ଭାବେ ପରିଚିତ ହେଲେ।



## ବିବାହରେ ଧଳା ଗାଉନ୍ ମନା

ସାଧାରଣତଃ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ବିବାହ ସମୟରେ କନିଆ ଧଳାପୋଷାକ ବା ଗାଉନ୍ ପିନ୍ଧିବାର ଦେଖାଯାଇଥାଏ। କିନ୍ତୁ, ଉତ୍ତର କୋରିଆରେ ମହିଳାଙ୍କୁ ବିବାହ ଦିନ ଧଳା ଗାଉନ୍ ପିନ୍ଧିବାକୁ ମନା। କାରଣ ଦକ୍ଷିଣ କୋରିଆର ମହିଳାମାନେ ବିବାହ ଦିନ ଧଳା ଗାଉନ୍ ପିନ୍ଧୁଥିଲେ। ଏହାପରେ ଉତ୍ତର କୋରିଆର ମହିଳାମାନେ ଧଳା ଗାଉନ୍ ପିନ୍ଧିବା ଆରମ୍ଭ କରି ଦେଲେ। ଏହାକୁ ଦେଖି ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ୍ ଉନ୍ ରାଗିଯାଇ ବିବାହ ସମୟରେ ଧଳା ଗାଉନ୍ ପିନ୍ଧିବାକୁ ବ୍ୟାନ୍ କରିଛନ୍ତି। କେବଳ ସେତିକିନୁହେଁ ସୁରକ୍ଷାବାହିନୀକୁ ଏନେଇ ଯାଞ୍ଚ କରିବାକୁ ଆଦେଶ ଦେଇଛନ୍ତି। ଯେଉଁମାନେ ଏହି ନିୟମର ବିରୁଦ୍ଧାଚରଣ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିମ୍ ଜୋଙ୍ଗ୍ ଉନ୍‌ଙ୍କ ଆଦେଶାନୁସାରେ, ସୁରକ୍ଷାବାହିନୀ ବିବାହସ୍ଥଳକୁ ଯାଇ କନିଆ ଧଳା ଗାଉନ୍ ପିନ୍ଧିଛନ୍ତି କି ନାହିଁ ତାହା ଯାଞ୍ଚ୍ କରିଥାନ୍ତି। ସେହିଭଳି ସୁରକ୍ଷା କର୍ମୀମାନେ ବିବାହରେ ଯୋଗ ଦେଇଥିବା ଲୋକଙ୍କର ଫୋନ୍ ମଧ୍ୟ ଯାଞ୍ଚ୍ କରିଥାନ୍ତି। ଏଠାରେ କୌଣସି ବ୍ୟକ୍ତି କଳାଚଷମା ପିନ୍ଧିପାରିବେ ନାହିଁ। ଏପରିକି ଦକ୍ଷିଣ କୋରିଆର ଗୀତ ଶୁଣିବା କିମ୍ବା ସେହି ଗୀତର ସିଡି ବଣ୍ଟନ କରୁଥିଲେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥାଏ।

## ଗୋଲ୍ଡ୍ ମ୍ୟାନ୍ ପ୍ରେମ୍

### ପିନ୍ଧିଛନ୍ତି ୫ କୋଟିର ଆଭୂଷଣ, ଚଲାନ୍ତି ସୁନାର ବୁଲେଟ୍

ସମ୍ପ୍ରତି ଚୋର ଭୟ ଏତେ ବେଶି ଯେ, ଲୋକେ ସୁନାଗହଣା ପିନ୍ଧି ବାହାରକୁ ଯିବା ପାଇଁ ଭୟ କରୁଛନ୍ତି। ତେବେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି କୋଟି କୋଟି ଟଙ୍କାର ସୁନା ଅଳଙ୍କାର ପିନ୍ଧି ନିର୍ଭୟରେ ରାସ୍ତାରେ ବୁଲନ୍ତି। ସେ ହେଉଛନ୍ତି ବିହାରର ଆରା ଜିଲ୍ଲାର ପ୍ରେମ ସିଂହ। ପ୍ରେମ ହେଉଛନ୍ତି ସୁନାପ୍ରେମୀ ମଣିଷ। ତାଙ୍କର ଏହି ସୁନା ସଉକ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ 'ଗୋଲ୍ଡ ମ୍ୟାନ୍' ବା 'ସୁନା ମଣିଷ' ଭାବେ ଲୋକପ୍ରିୟ। ତେବେ ସେ ଶରୀରରେ କେବଳ ପାଞ୍ଚ କୋଟି ଟଙ୍କାର ସୁନା ଅଳଙ୍କାର ପିନ୍ଧିଛନ୍ତି ତାହା ନୁହେଁ, ତାଙ୍କ ବୁଲେଟ୍ ମଧ୍ୟ ସୁନା ଛାଉଣି। ଏପରିକି ମୋବାଇଲ କଭର୍ ମଧ୍ୟ ସୁନାର। ସେ ଏବେ ୫ କେଜି ୪୦୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିଥିବା ବେଳେ ବୁଲେଟ୍‌ରେ ମଧ୍ୟ ସୁନାର ପାର୍ଟସ୍ ଲଗାଇଛନ୍ତି। ଯାହାର ମୂଲ୍ୟ ୧୨-୧୪ ଲକ୍ଷ ଟଙ୍କା ହେବ। ସେହିପରି ଏହାକୁ ସେ ବେଙ୍ଗାଲୁରୁରେ ତିଆରି କରିଥିବା କହିଛନ୍ତି। ଗଳାରେ ସେ ଏକାଧିକ ମୋଟା ଚେନ୍ ପିନ୍ଧିଥିବା ବେଳେ ହାତରେ ବ୍ରେସ୍‌ଲେଟ୍ ଏବଂ ତାଙ୍କର ଦଶଟି ଅଙ୍ଗୁଳିରେ ସୁନା ମୁଦି ଅଛି। ଏପରିକି ଭବିଷ୍ୟତରେ ତାଙ୍କର ସମସ୍ତ ଜିନିଷ ସୁନାର ହେବା ପାଇଁ ସେ ଇଚ୍ଛା କରିଛନ୍ତି। ଏହାବାଦ୍ ସେ କେବଳ ବିହାରର ନୁହେଁ, ବରଂ ଦେଶର ପ୍ରଥମ ଗୋଲ୍ଡମ୍ୟାନ୍ ଭାବେ ପରିଚିତ ଲାଭ କରିବାକୁ ଚାହାନ୍ତି। ଅନ୍ୟପଟେ ଯେତେବେଳେ ସେ ରାଜରାସ୍ତାକୁ ଓହ୍ଲାନ୍ତି, ସେଲ୍‌ଫି ନେବା ପାଇଁ ତାଙ୍କ ଚାରିପାଖରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥାଏ। ଅନ୍ୟପଟେ ସେ କହନ୍ତି, ରୋଜଗାର ବଢ଼ିଲେ, ଶରୀରରେ ସୁନାର ଓଜନ ବି ବୃଦ୍ଧି ପାଇବ।





## ୨୦୨୭ରେ ଆସିବ 'କଲ୍‌କି ୨୮୯୮ ଏଡି'ର ସିକ୍ୱେଲ

ଜବରଦସ୍ତ ପ୍ରମୋସନ ପରେ ରେକର୍ଡ ପରେ ରେକର୍ଡ କରି ଚାଲିଛି ନାଗ୍ ଅଶ୍ୱିନଙ୍କ ନିର୍ଦ୍ଦେଶିତ ଫିଲ୍ମ 'କଲ୍‌କି ୨୮୯୮ ଏଡି'। ଏହି ଫିଲ୍ମ ଜୁନ୍ ୨୭ରେ ପରଦାକୁ ଆସିଥିଲା। 'କଲ୍‌କି ୨୮୯୮ ଏଡି' ୨୦୨୪ ମସିହାର ଏକ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଥିଲା। ସେଥିପାଇଁ ପ୍ରଶଂସକମାନେ ଏହାକୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ସାଉଥ୍ ସୁପରଷ୍ଟାର ପ୍ରଭାସ, ଦୀପିକା ପାଦୁ୍ୟକୋନ୍, ଅମିତାଭ ବଚ୍ଚନ ଓ କମଲ ହାସନ୍ ଏଥିରେ ଅଭିନୟ କରିଛନ୍ତି। ଫିଲ୍ମର ପ୍ରତ୍ୟେକ ଚରିତ୍ରକୁ ଦର୍ଶକେ ପସନ୍ଦ କରିଛନ୍ତି। ଏହା ରିଲିଜ୍ ହେବାର ଚତୁର୍ଥ ଦିନରେ ସାରା ବିଶ୍ୱରେ ୫୦୦ କୋଟି ଆୟ କରିଛି। ଏବେ ଦର୍ଶକେ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଅବଶ୍ୟ ଏହାର ଦ୍ୱିତୀୟ ପାର୍ଟ ପାଇଁ ଦର୍ଶକଙ୍କୁ ଟିକିଏ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ। ତେବେ ନିକଟରେ ନାଗ ଅଶ୍ୱିନ୍ ଏକ ଲାଇଭ୍ ଚାଟ୍ ସେସନ୍‌ରେ ତିନି ବର୍ଷ ପରେ ଅର୍ଥାତ୍ ୨୦୨୭ରେ ଏହାର ଦ୍ୱିତୀୟ ପାର୍ଟ ଆସିବ ବୋଲି କହିଛନ୍ତି। କିଛି ଦିନ ପୂର୍ବରୁ ଅଭିନେତା କମଲ ହାସନ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଥିଲେ ଯେ- ଏହାର ଦ୍ୱିତୀୟ ପାର୍ଟରେ ତାଙ୍କର ଭୂମିକା ବେଶ୍ ବଡ଼ ହେବ।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ପୂରଣ ହେବ। ଆର୍ଥିକସ୍ଥିତିରେ ସୁଧାର ଆସିବ। ମହିଳାମାନେ ଆଳସ୍ୟତା ଅନୁଭବ କରିପାରନ୍ତି। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ। ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ। ପରିବାରର ସହାୟତା ପାଇବେ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ମିଥୁନ:** କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପାରିବାରିକ ପରିବେଶ ଓ ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ଘରକୁ ଅତିଥି ଆସିପାରନ୍ତି।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ନୂତନ ବ୍ୟବସାୟ ପାଇଁ ସମୟ ଅନୁକୂଳ।

**ସିଂହ:** ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ। ବ୍ୟବସାୟରେ ସଫଳତା ପାଇବେ। ମାନସିକ ସ୍ତରରେ ଚାପଗ୍ରସ୍ତ ରହିବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**କନ୍ୟା:** କ୍ୟାରିୟର ପାଇଁ ଯୋଜନା କରିବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସରକାରି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ।

**ବିଛା:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ଅତ୍ୟଧିକ ଚିନ୍ତା ମାନସିକ ଅବସାଦ ବଢ଼ାଇବ। ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ମିଳିବ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ନୂଆ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିବା ପାଇଁ ଦିନଟି ଉତ୍ତମ ରହିବ।

**ମକର:** ପରିବାର ସହିତ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚ କରି ସମାଲୋଚିତ ହୋଇପାରନ୍ତି। ବ୍ୟବସାୟରେ କିଛି କ୍ଷତି ହୋଇପାରେ। ମହିଳାମାନଙ୍କ ଦାୟିତ୍ୱ ବଢ଼ିବ। ଜମିଜମା ବିବାଦର ସମାଧାନ ହେବ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ମହିଳାମାନେ ସ୍ୱାଧୀନମନା ହେବେ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ଯୋଜନା କରିପାରନ୍ତି।

**ମୀନ:** ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ। ଅନ୍ୟକୁ ଧାର ଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଧାର୍ମିକ କାର୍ଯ୍ୟ ପ୍ରତି ମନ ଆକର୍ଷିତ ହେବ। ସକାରାତ୍ମକ ଚିନ୍ତାଧାରା ସହିତ ସମସ୍ତ କାର୍ଯ୍ୟ କରନ୍ତୁ।

## ଗଡ଼ା ଚାଲିଛି ତିନିରଥ...

# ରଥରେ କନା ପକା ଆରମ୍ଭ



**ପୁରୀ, ୩।୭(ସମିସ):** ଆଉ ମାତ୍ର ୩ ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରା କରିବେ ଦାରୁବିଗ୍ରହ। ଏଥିପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ରଥରେ କନା ପକାଯିବା ଆରମ୍ଭ ହୋଇଛି। କୋଠସୁଆଁସିଆ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ୪ଟି ଦୁଆର ବେଢ଼ାରେ କନା ପକାଇଛନ୍ତି। ଏହାପରେ ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥରେ ପର୍ଯ୍ୟାୟକ୍ରମେ କନା ପକାଯିବ। ସେହିପରି ବୁଧବାର ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର କଳସ ଉଠିଥିବା ବେଳେ ଓଲଟ ଶୁଆ ମଧ୍ୟ ଫିଟିଙ୍ଗ କରାଯାଇଛି। ପ୍ରତ୍ୟେକ ରଥରେ କନ୍ୟାପଟା ବାଡ଼ିଆ ଯାଇଛି। ନନ୍ଦିଘୋଷ ଏବଂ ତାଳଧ୍ୱଜରେ ୧୨ଟି ଲେଖାଏଁ କନ୍ୟାପଟା ବାଡ଼ା ଯାଇଥିବା ବେଳେ ଦେବଦଳନ ରଥରେ ୮ଟି କନ୍ୟାପଟା ବାଡାଯାଇଛି। ତିନିରଥରେ ପାର୍ଶ୍ୱ ଦେବତା ସ୍ଥାପନ କରାଯିବ। ସେହିପରି ଠେକରାବାଡ ଲଗାଯିବା ସହ ସଖୀଙ୍କୁ ସ୍ଥାପନ କରାଯିବ। ବୁଧବାର ପ୍ରଭାରେ ଖୋଦେଇ ଶେଷ ପରେ ରୂପକାରମାନେ ଚିତ୍ରକାର ସେବକଙ୍କୁ ପ୍ରଦାନ କରିଛନ୍ତି। ସେମାନେ ରୂପ ଖୋଦେଇ ଅଂଶରେ ରଙ୍ଗ ଦେଉଛନ୍ତି। ଦରଜୀ ସେବକମାନେ ଚନ୍ଦ୍ରଶାଳୀ, ଅଁଳା ଶ୍ରୀରେ ସିଲ୍‌ଭର ଜରି ଲେସ୍ କାର୍ଯ୍ୟ ସହ ଚନ୍ଦ୍ରଶାଳୀ ଏବଂ ଦୁଆର ବେଢ଼ାରେ ଲାଗିବା ପାଇଁ ଛୋଟ ପତାକା ତିଆରି କରିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପ୍ରଭା ବିଡିଆ କଣ୍ଟା, ଖପୁରୀ ପାଇଁ ବାଗିଆ କଣ୍ଟା, ଶୁଆ ଫିଟିଙ୍ଗ ପାଇଁ ନାରାଜ କଣ୍ଟା ଏବଂ କଳସ ପାଇଁ ଫାନ୍ଦ କଣ୍ଟା ନିର୍ମାଣ କରି ବୁଧବାର ପ୍ରଦାନ କରିବା ପରେ ଏହାକୁ ରଥରେ ବ୍ୟବହାର କରାଯାଇଛି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ସହ, ସାରଥୀ, ଘୋଡ଼ା, କଳସ, ସାକ୍ଷୀ, ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକରେ ରଙ୍ଗ ଦେଇଛନ୍ତି।

# କଂଗ୍ରେସ-ବିଜେପି ଟକରାଟକରି

**ଭୁବନେଶ୍ୱର, ୩।୭(ସମିସ):** କଂଗ୍ରେସ ଭବନ ଉପରେ ଆକ୍ରମଣ କରିଥିବା ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ ପାଇଁ ପୁଲିସକୁ ୭୨ ଘଣ୍ଟା ମହଲତ ଦେଇଛି କଂଗ୍ରେସ। ପୁଲିସ ଯଦି ଧାର୍ଯ୍ୟ ଅବଧି ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ନ କରେ, ତେବେ ୨୦ ହଜାର କଂଗ୍ରେସ କର୍ମୀ ବିଜେପି ଅଫିସ ମଧ୍ୟରେ ଧସେଇ ପଶିବେ ବୋଲି ଦଳ ଧମକ ଦେଇଛି।

- ବିଜେପି ଅଫିସରେ ଧସେଇ ପଶିବେ ୨୦ ହଜାର କଂଗ୍ରେସ କର୍ମୀ: ତାରା
- ଆକ୍ରମଣକାରୀଙ୍କୁ ଗିରଫ ପାଇଁ ପୁଲିସକୁ କଂଗ୍ରେସର ୭୨ ଘଣ୍ଟା ମହଲତ
- ଆକ୍ରମଣକୁ ନିନ୍ଦା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କଲେ ସୁର-ରମେଶ

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତି କହିଛନ୍ତି ଯେ ବିଜେପି ଏବେ ଅହଙ୍କାରରେ ଫାଟି ପଡ଼ୁଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ତାଙ୍କ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ବିଜେପି ଯୁବ କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟ ଉପରେ ଯେପରି ଆକ୍ରମଣ କଲେ ତାହା ଆଦୌ ଗ୍ରହଣୀୟ ନୁହେଁ। ବିଜେପି ସରକାର ଗଣତନ୍ତ୍ରକୁ ହତ୍ୟା କରୁଥିବା ଏଥିରୁ ସ୍ପଷ୍ଟ ହୋଇ ଯାଇଛି। ଏହି ଘଟଣାରେ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି। ଯଦି ୩ ଦିନ ଭିତରେ ପୁଲିସ ଆକ୍ରମଣକାରୀଙ୍କୁ ଗିରଫ ନ କରେ ତେବେ ଜିଲ୍ଲା ଓ ଛାତ୍ର କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯିବ। ଏହାସହିତ ୨୦ ହଜାର କଂଗ୍ରେସ ଯୁବକ ବିଜେପି କାର୍ଯ୍ୟାଳୟକୁ ଧସେଇ ପଶିବେ ବୋଲି ଶ୍ରୀବାହିନୀପତି ଚେତାବନୀ ଦେଇଛନ୍ତି।

ମଙ୍ଗଳବାର କଂଗ୍ରେସ ଭବନ ଉପରେ ବିଜେପି ଯୁବମୋର୍ଚ୍ଚା କର୍ମୀଙ୍କ ଆକ୍ରମଣ ଘଟଣାକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛି କଂଗ୍ରେସ।



ବୁଧବାର ଦଳର ବରିଷ୍ଠ ନେତା ଜୟଦେବ ଜେନା, ବିଧାୟକ ତାରା ପ୍ରସାଦ ବାହୀନିପତି ଓ ରମେଶ ଜେନା ପ୍ରମୁଖ ପିସିସି କାର୍ଯ୍ୟାଳୟରେ ପହଞ୍ଚି ଛାତ୍ର ଓ ଯୁବ କଂଗ୍ରେସର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଥାନାରେ ଏତଲା ଦିଆଯାଇଥିବାରୁ ପୁଲିସର ପଦକ୍ଷେପକୁ ଅପେକ୍ଷା କରିବାକୁ ବରିଷ୍ଠ ନେତାମାନେ ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଧାର୍ଯ୍ୟ ଅବଧି ମଧ୍ୟରେ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ପକ୍ଷରୁ ପାଲଟା ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। କଂଗ୍ରେସ ବିଧାୟକ ରମେଶ ଜେନା କହିଛନ୍ତି ଯେ ବିଜେପି ନେତାମାନେ ପୁରା ରାଜ୍ୟରେ ଅଶାନ୍ତି ପରିବେଶ ସୃଷ୍ଟି କରୁଛନ୍ତି। ଅନ୍ୟଦଳର ଲୋକ ଓ ସାଧାରଣ ଲୋକଙ୍କୁ ମାରପିଟ୍ କରୁଛନ୍ତି। କଂଗ୍ରେସ ଏହାର ଦୃଢ ପ୍ରତିବାଦ କରୁଛି। ଆଗକୁ ବିଜେପି ଯଦି ଏଥିରୁ ନିବୃତ୍ତ ନ ରୁହେ, ତେବେ କଂଗ୍ରେସ ଆକ୍ସନ ମୁଡକୁ ଆସିବ ବୋଲି ଶ୍ରୀ ଜେନା କହିଛନ୍ତି।

ଅନ୍ୟପଟେ ପୂର୍ବତନ କଂଗ୍ରେସ ନେତା ସୁରେଶ ରାଉତରାୟ ମଧ୍ୟ ବିଜେପି ଉପରେ ବର୍ଷିଛନ୍ତି। ବିଜେପି ଏଭଳି ହିଂସା ରାଜନୀତିରୁ ଦୂରେଇ ରହୁ ବୋଲି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ୧୪୦ ବର୍ଷର ଦଳ। ସେ ଦଳ ପ୍ରତି ବିଜେପିର ଏପରି ଆଚରଣ ଶୋଭା ପାଉନି। ବିଜେପି ଆଉ ଥରେ ଯଦି ଏଭଳି କରେ, ତେବେ ବିଜେପି କାର୍ଯ୍ୟାଳୟରେ ପଶି ଆମେ ଯାହା କରିବୁ ସେଥିପାଇଁ ବିଜେପି ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ଦାୟୀ ରହିବେ ବୋଲି ସୁର କହିଛନ୍ତି।

## ଆଇନାରେ ମୁହଁ ଦେଖନ୍ତୁ ବାହିନୀପତି: ମନୋଜ

**ଭୁବନେଶ୍ୱର, ୩।୭(ସମିସ):** ୨୦ ହଜାର କଂଗ୍ରେସ କର୍ମୀ ବିଜେପି ଅଫିସରେ ଧସେଇ ପଶିବା ଧମକରେ କଂଗ୍ରେସକୁ କଟାକ୍ଷ କରିଛି ବିଜେପି। ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ ଗତ ନିର୍ବାଚନରେ ରାଜ୍ୟର ୩୭ ହଜାର ବୁଥ୍‌ରୁ କଂଗ୍ରେସ ୨୦ ହଜାର ବୁଥ୍‌ରେ ଖଣ୍ଡେ ବି ଭୋଟ୍ ପାଇ ନାହିଁ। ଆଉ ଏବେ ସେମାନେ ୨୦ ହଜାର କର୍ମୀଙ୍କ କଥା କହୁଛନ୍ତି। ବିଜେପିକୁ ଧମକ ଦେଉଥିବା ତାରା ବାହିନୀପତି ପ୍ରଥମେ ଆଇନାରେ ମୁହଁ ଦେଖନ୍ତୁ। ସେ ଆହୁରି କହିଛନ୍ତି ଯେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଜଣେ ଅଭ୍ୟାସଗତ ଅପରାଧୀ। ସେ ବାରମ୍ବାର ତଳ କୋର୍ଟ, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। ସେ ବହୁ ବାର ହିନ୍ଦୁମାନଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ରଖିଥାନ୍ତି। ୩ ଦିନ ତଳେ ସଂସଦରେ ମଧ୍ୟ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ସାରା ଦେଶରେ ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା କଂଗ୍ରେସ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଥିଲେ। ଓଡ଼ିଶାରେ ମଧ୍ୟ ସମାନ ଘଟମା ବିଜେପି ଯୁବମୋର୍ଚ୍ଚା ଆୟୋଜନ କରିଥିଲା। ତେବେ କଂଗ୍ରେସ କାହିଁକି ବିଜେପି ଯୁବମୋର୍ଚ୍ଚା ଉପରେ ଆକ୍ରମଣ କଲା ତାହାର ଉତ୍ତର କଂଗ୍ରେସ ରଖିବା ଉଚିତ ବୋଲି ମନୋଜ ମହାପାତ୍ର ଶ୍ରୀ ବାହିନୀପତିଙ୍କୁ ପାଲଟା ଆହ୍ୱାନ ଦେଇଛନ୍ତି।

**୨୦ ହଜାର ବୁଥ୍‌ରେ କଂଗ୍ରେସର ଖଣ୍ଡେ ଭୋଟ ନାହିଁ**

## ବିଜେଡି ଯୁବନେତାଙ୍କୁ ଆକ୍ରମଣ; ୪ ଗିରଫ

**ବ୍ରହ୍ମପୁର, ୩।୭(ସମିସ):** ବିଜେଡି ଯୁବନେତା ବଣ୍ଟି ସାହୁ ଓରଫ୍ ଶୁଭାଶିଷଙ୍କୁ ଆକ୍ରମଣ ଘଟଣାରେ ଗୋଳନ୍ଥରା ପୁଲିସ୍ ବୁଧବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଦାସପୁର ଗ୍ରାମର ବି. ଯତୀନ, କୋଳିଥି ଗାଁର ବି.ନୋକେୟା ଓ ଆକାଶ ପାତ୍ର ଓରଫ ପ୍ରଭୁ ସାଗର ଏବଂ କନିଷି ଗାଁର ଡି.କୋକେୟା। ଗିରଫମାନଙ୍କ ମଧ୍ୟରେ ବିଜେପି କର୍ମୀ ରହିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ଏହି ଅଭିଯୁକ୍ତମାନେ ଶୁଭାଶିଷଙ୍କୁ ଫୋନ୍ କରି ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। କିନ୍ତୁ ଶୁଭାଶିଷ ନ ଦେବାରୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ସେମାନଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଯୁବକ ହାତରେ ବନ୍ଧୁକ, କାତି, ଠେଙ୍ଗା ଓ ବୋମା ଧରି ବଣ୍ଟିଙ୍କ କନିଷି ହାଟ ଅଞ୍ଚଳରେ ଥିବା କାର୍ଯ୍ୟାଳୟ ଭିତରେ ଧସେଇ ପଶିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଅଫିସ୍‌ରେ ଥିବା ୨ଲକ୍ଷ ଟଙ୍କା ଲୁଟିନେବା ସହ ବାଇକ୍ ଭଙ୍ଗାରୁଜା କରିଥିଲେ। ସେହିପରି ଅଫିସ୍‌ରେ ଥିବା ଆଶିଷ ଦଳାଇଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିଲେ। ପାଟି ଶୁଣି ସ୍ଥାନୀୟଲୋକେ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ବଣ୍ଟି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ।

**ଦାଦାବଟି ନଦେବାରୁ ଅଫିସ ଭଙ୍ଗାରୁଜା କରିଥିଲେ**

## ୬ ତାରିଖରୁ ଆହୁରି ବଢ଼ିବ ବର୍ଷା

**ଭୁବନେଶ୍ୱର, ୩।୭(ସମିସ):** ରାଜ୍ୟରେ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଓଡ଼ିଶା ଉପରେ ଗୋଟିଏ ଟ୍ରଫ ଲାଇନ୍‌ର ପ୍ରଭାବ ରହୁଥିବାରୁ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ଏବଂ ସୁନ୍ଦରଗଡ଼, ଝାରୁସୁଗଡ଼ା, ସମ୍ବଲପୁର ଓ ବରଗଡ଼ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ୬ରୁ ରାଜ୍ୟରେ ବର୍ଷାର ପ୍ରକୋପ ଆହୁରି ବୃଦ୍ଧି ପାଇବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହରେ ରାଜ୍ୟର ଅଧିକାଂଶ ସ୍ଥାନରେ ସମୁଦାୟ ବର୍ଷା ୫୦-୬୦ ମିମି ରହିବ। ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ଦେବଗଡ଼ରେ ବର୍ଷା ୮୦ ମିମିରୁ ଅଧିକ ହୋଇପାରେ। ୩ ଓ ୪ ତାରିଖ ମଧ୍ୟମ ବର୍ଷାର ପରେ ୬ ପର୍ଯ୍ୟନ୍ତ ବିକ୍ଷିପ୍ତ ବର୍ଷା ହୋଇପାରେ। ଦ୍ୱିତୀୟ ସପ୍ତାହ (୧୦-୧୭) ମଧ୍ୟରେ ଉତ୍ତର ଉପକୂଳରେ ସମୁଦାୟ ୫୦-୬୦ ମିମି ଓ ଅବଶିଷ୍ଟ ଅଞ୍ଚଳରେ ୭୦ରୁ ୮୦ ମିମି ବର୍ଷା ହୋଇପାରେ। ୧୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହା ଫଳରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରରେ ପ୍ରବଳ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟାରେ କେନ୍ଦୁଝରରେ ୩୩.୩, ଚାନ୍ଦବାଲିରେ ୨୨.୧ ଓ ଝାରସୁଗୁଡ଼ାରେ ୧୧.୪ ମିମି ବର୍ଷା ରେକର୍ଡ କରାଯାଇଛି।

## ସ୍ତ୍ରୀର କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ

**ରାୟଗଡ଼ା,୩।୭(ସମିସ):** ସ୍ତ୍ରୀର କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଥାନା କୁମ୍ଭିକୋଟା ଥାନା ଅନ୍ତର୍ଗତ ରାୟଗଡ଼ା ସଦର ବ୍ଲକ୍ ଗୁମ୍ମା ଗ୍ରାମ ପଞ୍ଚାୟତର କାର୍ଲି ଗ୍ରାମରେ। ମୃତକ ହେଲେ, ଶେଷେରାଓ ହୁଇକା (୩୦)। ଏହି ଘଟଣାରେ ପୁଲିସ୍ ଶେଷେରାଓଙ୍କ ପତ୍ନୀ ଅର୍ନାଲୁ ହୁଇକା (୨୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଶେଷେରାଓଙ୍କ କିପରି ମୃତ୍ୟୁ ଘଟିଲା, ତାହା ପ୍ରଥମେ ଜଣାପଡ଼ିନଥିଲା। ଅନ୍ତିମ ସଂସ୍କାର ପାଇଁ ତାଙ୍କୁ ମଶାଣିକୁ ନେବା ବେଳେ ସ୍ତ୍ରୀ ଅର୍ନାଲୁଙ୍କ ମୁଣ୍ଡରେ ଆଘାତ ଦେଖି ଗ୍ରାମବାସୀମାନେ ତାଙ୍କୁ ଏ ସଂପର୍କରେ ପଚାରିବାରୁ ଏହି ହତ୍ୟାକାଣ୍ଡ ଉପରୁ ପରଦା ହଟିଥିଲା।ଅର୍ନାଲୁ ଗ୍ରାମବାସୀଙ୍କ ଆଗରେ ସବୁ ସତ ଉଗାରିଥିଲେ। ଏ ସଂପର୍କରେ ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ସ୍ତ୍ରୀ ଅର୍ନାଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**ଶାରୀରିକ ସଂପର୍କ ରଖିବାକୁ ନେଇ କଳହର କୁପରିଣତି**

ସୂଚନାଯୋଗ୍ୟ, ଶେଷରାଓ ହୁଇକା ନିଜ ସ୍ତ୍ରୀ ଅର୍ନାଲୁଙ୍କ ସହ ଜୋର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବାକୁ ଜିଦ୍ ଧରିଥିବା ବେଳେ ସ୍ତ୍ରୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ଓ ବଚସା ହୋଇଥିଲା। ସେହି ସମୟରେ ଘରେ ଥିବା ଏକ କାଠଫାଳିଆରେ ସ୍ୱାମୀଙ୍କୁ ସେ ଆକ୍ରମଣ କରିଥିଲେ। ସକାଳେ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ସ୍ତ୍ରୀ ଅର୍ନାଲୁ ଜାଣିବାକୁ ପାଇଥିଲେ। ଗ୍ରାମବାସୀମାନେ ଅର୍ନାଲୁଙ୍କଠାରୁ ସତ କଥା ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ କେକେବିକେ କହଁର, କୁମ୍ଭୀକୋଟା ଏସ୍‌ଆଇ ତଥା ତଦନ୍ତକାରୀ ପୁଲିସ ଅଧିକାରୀ ଭାରତ ଚନ୍ଦ୍ର ମାଝୀ ଓ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ପ୍ରକାଶ ଥାଉ କି, ଅର୍ନାଲୁର ଏକ ବର୍ଷର ଶିଶୁକନ୍ୟା ରହିଥିବା ବେଳେ ସେ ନିଜ ସାଥିରେ ତାକୁ ମଧ୍ୟ ହେପାଜତରେ ନିଜ ପାଖରେ ରଖିବାକୁ ମାଜିଷ୍ଟ୍ରେଟଙ୍କ ନିକଟରେ ପ୍ରାର୍ଥନା କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ସୋମବାର ବ୍ୟାଙ୍କ ଓ କୋର୍ଟ ଛୁଟି

**ଭୁବନେଶ୍ୱର, ୩।୭(ସମିସ):** ଆସନ୍ତା ୮ ତାରିଖ ସୋମବାର ରାଜ୍ୟର ସମସ୍ତ ବ୍ୟାଙ୍କ ଓ କୋର୍ଟ ଛୁଟି ରହିବ। ରଥଯାତ୍ରା ଯୋଗୁଁ ଏହି ଦିନ ରାଜ୍ୟର ସମସ୍ତ ଅଫିସ, ସ୍କୁଲ, କଲେଜ ସମେତ ବ୍ୟାଙ୍କ ଓ ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ଚଳିତ ବର୍ଷ ଦୁଇ ଦିନ ଧରି ରଥଯାତ୍ରା ଆୟୋଜନ ହେବ। ପ୍ରଥମ ଦିନ ରବିବାର ଛୁଟି ଥିବା ବେଳେ ଦ୍ୱିତୀୟ ଦିନ ପାଇଁ ସରକାର ସୋମବାରକୁ ଛୁଟି ଘୋଷଣା କରିଛନ୍ତି। ଏନେଇ ବୁଧବାର ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

## ଚାକିରି କରାଇ ଦେବାକୁ କହି ଠକେଇ

## ୬ ଜଣଙ୍କଠାରୁ ୬୦ ଲକ୍ଷ ଚଳୁ

**ଖଲ୍ଲିକୋଟ, ୩।୭ (ସମିସ):** ରେଳବାଇରେ ଚାକିରି ଦେବାକୁ କହି ଦୁଇ ଜଣ ରେଳ କର୍ମଚାରୀ ଖଲ୍ଲିକୋଟ ଅଞ୍ଚଳର ୬ ଜଣଙ୍କଠାରୁ ୬୦ ଲକ୍ଷ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ରେଳ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ, ବୀରକିଶୋର ପ୍ରଧାନ।

ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁଣ୍ଟି ଶାସନ ଗ୍ରାମର ବିଦେଶୀ ମିଶ୍ର ଟ୍ରେନ ଯାତ୍ରା ସମୟରେ ଜଟଣୀ ହାଟ ବଜାରର ରେଳ କର୍ମଚାରୀ ବୀରକିଶୋର ପ୍ରଧାନଙ୍କ ସମ୍ପର୍କରେ ଆସିଥିଲେ। ସେ ପୂର୍ବତଟ ରେଳବାଇରେ ଥିବାରୁ ରେଳ ବିଭାଗରେ ଚାକିରି କରାଇଦେବି ବୋଲି କହି ବିଦେଶୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା। ବୀରକିଶୋର ଓରଫ ମୁନାର କଥାରେ ବିଶ୍ୱାସ କରି ରେଳ ବିଭାଗରେ ଚାକିରି କରିବା ପାଇଁ ବିଦେଶୀ ତାକୁ ୨୦୨୨ ଏପ୍ରିଲରେ ୫ ଲକ୍ଷ ଟଙ୍କା, ୨୦୨୨ ଅଗଷ୍ଟ ଓ ଅକ୍ଟୋବରରେ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୦ ଲକ୍ଷ ଟଙ୍କା ଦେଇଥିଲେ। ବିଦେଶୀଙ୍କ ସହ ତାଙ୍କର କିଛି ସାଙ୍ଗସାଥୀ ମଧ୍ୟ ଚାକିରି ଆଶାରେ ୧୦ ଲକ୍ଷ ଟଙ୍କା ଲେଖାଏଁ ଦେଇଥିଲେ। ଏମାନଙ୍କ ସହ ମାନାପଲ୍ଲୀ, ବଧିନୁଆଁପଲ୍ଲୀ, ରମ୍ଭା, ଫାସିଡ଼ି ପ୍ରଭୃତି ଅଞ୍ଚଳର କିଛି ବ୍ୟକ୍ତି ମଧ୍ୟ ଟଙ୍କା ଦେଇଥିଲେ। ୬ଜଣଙ୍କଠାରୁ ମୋଟ ୬୦ ଲକ୍ଷ ଟଙ୍କା ନେଇଯିବା ପରେ ବୀରକିଶୋର ଆଉ ଧରାଛୁଆଁ ଦେଇନଥିଲେ। ଏ ସଂପର୍କରେ ଅଭିଯୋଗ ହେବାରୁ ଖଲ୍ଲିକୋଟ ପୁଲିସ ନମ୍ବର ୫୫୪/୨୦୨୪ରେ ଏକ ମାମଲା ରୁଜୁ କରି ବୀରକିଶୋରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

**ଜଣେ ରେଳ କର୍ମଚାରୀ ଗିରଫ**

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

**ଢେଙ୍କାନାଳ,୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ସୂର୍ଯ୍ୟମଣି ମହାପାତ୍ର ବୁଧବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ନେଉଳପୋଇ ଗ୍ରାମର ମାନସ ମାଝୀ (୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୫ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୪ ମସିହାରେ ଗଁଦିଆ ଥାନା ଅଞ୍ଚଳର ଜଣେ ନାବାଳିକାକୁ ମାନସ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଏପରିକି, ନାବାଳିକାକୁ ଭୁବନେଶ୍ୱର ନେଇ ସେଠାରେ ଏକ ଭଡ଼ାଘରେ ରଖିଥିଲା। କିନ୍ତୁ କିଛି ଦିନ ପରେ ନାବାଳିକାଙ୍କୁ ଛାଡ଼ି କୁଆଡ଼େ ଫେରାର୍ ହୋଇଯାଇଥିଲା। ଏହାର କିଛି ଦିନ ପରେ ମାନସ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ଜାଣି ନାବାଳିକାଜଣଙ୍କ ମାନସଙ୍କ ଘରକୁ ଯାଇଥିଲେ। କିନ୍ତୁ ସେଠାରେ ମାନସର ବାପା ରମେଶ ମାଝି ଓ ମା' ଭାଷିନୀ ମାଝୀ ତାଙ୍କୁ ଗାଳିଗୁଲଜ କରିବା ସହ ଘରୁ ବାହାର କରିଦେଇଥିଲେ। କୌଣସି ଉପାୟ ନପାଇ ନାବାଳିକା ଗଁଦିଆ ଥାନାର ଦ୍ୱାରସ୍ଥ ହୋଇଥିଲା। ପୁଲିସ ଏହି ଘଟଣାକୁ ନେଇ ୧୬୮/୧୯ ଦଫା ୩୭୬/(୨)(ଏନ)/୨୯୪/୩୨୩/୩୪ ଆଇପିସି ଓ ଦଫା ୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ସମୁଦାୟ ୧୯ ଜଣଙ୍କ ସାକ୍ଷ୍ୟ, ପୀଡ଼ିତାଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟକୁ ଆଧାର କରି କୋର୍ଟ ମାନସକୁ ଦଣ୍ଡବିଧାନ କରିଥିବା ବେଳେ ପ୍ରମାଣ ଅଭାବରୁ ରମେଶ ମାଝି ଏବଂ ଭାଷିନୀ ମାଝୀଙ୍କୁ ଖଲାସ କରିଛନ୍ତି। ଅତିରିକ୍ତ ପିପି ଅଲିମ ଖାଁ ପରିଚାଳନା କରିଥିଲେ। ପିପି ଗଣେଶ କୁମାର ବେହେରା ସହାୟତା କରିଥିଲେ।

## ଶୂନ୍ୟବାସୀ ଗୋରେଖନାଥ ଗୋଶାଳାରେ ଅବ୍ୟବସ୍ଥା

# ଖାଇବାକୁ ନପାଇ ୪ଦିନରେ ୭ ଗୋରୁ ମୃତ!

**ଜଗତସିଂହପୁର,୩।୭(ସମିସ):** ସରକାରୀ ସହାୟତାରେ ପରିଚାଳିତ ଜଗତ୍‌ସିଂହପୁର ତରଜଙ୍ଗ ପଞ୍ଚାୟତ ରାଉତପଡ଼ାଠାରେ ଥିବା ଶୂନ୍ୟବାସୀ ଗୋରେଖନାଥ ଗୋଶାଳାରେ ଖାଦ୍ୟର ଘୋର ଅଭାବ ଦେଖାଦେଇଛି। ମାତ୍ର ୪ ଦିନ ମଧ୍ୟରେ ଖାଇବାକୁ ନ ପାଇ ୭ ଗୋରୁଙ୍କ ମୃତ୍ୟୁ ଘଟିଥିବା ଗୋଶାଳାର ସ୍ୱେଚ୍ଛାସେବୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଅନୁଦାନ ମିଳିବାରେ ବିଳମ୍ବ ପାଇଁ ୧୩୯ଟି ଗାଇଗୋରୁ ଏବେ ଭୋକ ଉପାସରେ ଦିନ କାଟୁଥିବା କହିଛନ୍ତି। ଆଜି ଜଣେ ବଦାନ୍ୟ ବ୍ୟକ୍ତି ୨ ବସ୍ତା କୁଣ୍ଡା ଦେଇଥିବା ବେଳେ ସେତକ ଭାଗ କରି ଗୋରୁମାନଙ୍କୁ ଖାଇବାକୁ ଦିଆଯାଇଛି। ତେବେ ଆସନ୍ତାକାଲି ଏହି ଗୋରୁଙ୍କୁ କ'ଣ ଖାଇବାକୁ ଦିଆଯିବ, ଏହାକୁ ନେଇ ଚିନ୍ତାରେ ଥିବା ସ୍ୱେଚ୍ଛାସେବୀମାନେ।

- ମୃତ୍ୟୁ ଅପେକ୍ଷାରେ ଆହୁରି ୧୩୯ଟି କଙ୍କାଳସାର ଗୋରୁ
- ଏ ଯାଏ ମିଳିନି ୬ ମାସର ସରକାରୀ ଅନୁଦାନ



୨୦୨୧ରେ ସ୍ଥାପିତ ଶୂନ୍ୟବାସୀ ଗୋଶାଳାରେ ଏବେ ୧୩୯ଟି ଗାଇ, ବାଛୁରୀ ଓ ଷଣ୍ଢ ରହିଛନ୍ତି। ଏଥିପାଇଁ ୪ଜଣ ଗୋ-ସେବକ ନିୟୋଜିତ ହୋଇଛନ୍ତି। ପ୍ରତି ଗୋ-ସେବକଙ୍କ ପାଇଁ ୮ ହଜାର ଲେଖାଏଁ ପାରିଶ୍ରମିକକୁ ମିଶାଇ ମାସକୁ ୩୨ ହଜାର ଏ ବାବଦରେ ଖର୍ଚ୍ଚ ହେଉଛି। ସେହିପରି ୧୩୯ ଗୋରୁଙ୍କ ପାଇଁ ପ୍ରତିଦିନ ୧୨ ବସ୍ତା କୁଣ୍ଡା ଓ ୫ ବସ୍ତା ଚୋକଡର ଆବଶ୍ୟକତା ପଡୁଛି। ଏସବୁ ଆବଶ୍ୟକତା ପାଇଁ ମାସକୁ ୨ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ ପଡୁଥିବା ସମୟରେ ଅର୍ଥ ଅଭାବରୁ ମାସିକ ୧ଲକ୍ଷ ୩୦ ହଜାର ଟଙ୍କା ମଧ୍ୟରେ ସମସ୍ତ ଖର୍ଚ୍ଚକୁ ସୀମିତ ରଖିବାକୁ ପଡୁଛି।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ଗୋଶାଳାରେ ୭ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବିଷୟକୁ ସେ ସ୍ୱୀକାର କରିଛନ୍ତି। ତେବେ ଗତ ୩୦ ତାରିଖରେ ଗୋଟିଏ ଦିନରେ ମରିଥିବା ୫ଟି ଗୋରୁଙ୍କ ବୟସାଧିକ କାରଣରୁ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ସେହିପରି ୨ତାରିଖରେ ମରିଥିବା ୨ଟି ଗୋରୁ ନିମୋନିଆରେ ଆକ୍ରାନ୍ତ ଥିବା କହିଛନ୍ତି। ଏ ସମ୍ପର୍କରେ ଏକ ପ୍ରାଣୀ ଚିକିତ୍ସା ଦଳ ଗୋଶାଳା ଗସ୍ତ କରିଛନ୍ତି। ସେମାନେ ଦେଇଥିବା ରିପୋର୍ଟକୁ ଜଗତସିଂହପୁର ଜିଲ୍ଲାପାଳ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ରାଜ୍ୟସରକାଙ୍କ ନିକଟକୁ ପଠାଇ ଦିଆଯାଇଛି। ୨୦୨୩ ଡିସେମ୍ବରରେ ଗୋଶାଳାକୁ ୫ଲକ୍ଷ ୨୧ ହଜାର ଅନୁଦାନ ମିଳିଛି। ସେହିପରି ପ୍ରତିମାସରେ ଗୋଶାଳାରେ ଥିବା ଗାଇଗୋରୁଙ୍କ ସଂଖ୍ୟା ସମ୍ପର୍କରେ ରିପୋର୍ଟ ଯାଉଛି। ଆଗକୁ ଗୋଶାଳାକୁ ଅନୁଦାନ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

## ରଥଯାତ୍ରାରେ ବଡ଼ଶଙ୍ଖରୁ ବସ୍‌ଷ୍ଟାଣ୍ଡ ବ୍ୟାବସାୟିକ ଷ୍ଟଲ୍ ମନା

**ପୁରୀ, ୩।୭(ସମିସ):** ରଥଯାତ୍ରା ସମୟରେ ବଡ଼ଦାଣ୍ଡର ବଡ଼ଶଙ୍ଖଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବ୍ୟବସାୟିକ ଷ୍ଟଲ୍ ପକାଇବା ଉପରେ ରୋକ୍ ଲଗାଇଛନ୍ତି ହାଇକୋର୍ଟ। ରଥଯାତ୍ରା ସମୟରେ ବଡ଼ ଶଙ୍ଖଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ପୁରୀ ପୌରସଂସ୍ଥା ବେଆଇନ ଭାବେ ଟେଣ୍ଡର ଡାକି ବ୍ୟବସାୟିକ ଷ୍ଟଲ ନିର୍ମାଣ କରି ଲକ୍ଷାଧିକ ଟଙ୍କା ଆୟ କରିଆସୁଥିଲା। ଏନେଇ ୨୦୧୬ରେ ରଜତ କୁମାର ସାହୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ବ୍ୟବସାୟିକ ଷ୍ଟଲ ନିର୍ମାଣରେ ରୋକ୍ ଲଗାଇବା ଫଳରେ ରଥଯାତ୍ରା ଦୁଇ ଦିନ ପରେ ଷ୍ଟଲଗୁଡ଼ିକ ଉଚ୍ଛେଦ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୌରସଂସ୍ଥା ହାଇକୋର୍ଟଙ୍କ ଆଦେଶ ନ ମାନି ଜାତୀୟ ରାଜପଥର ସ୍ପଷ୍ଟ ଆଦେଶ ଥାଇ ମଧ୍ୟ ବ୍ୟବସାୟିକ ଷ୍ଟଲ୍ ନିର୍ମାଣ କରିଆସୁଥିଲା। ତେବେ ବୁଧବାର ଶ୍ରୀ ସାହୁଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲା ଡବ୍ଲୁପି(ସି) ୧୫୧୧୬/୨୦୨୪ ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଆସନ୍ତା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବଡ଼ଶଙ୍ଖଠାରୁ ବସ୍‌ଷ୍ଟାଣ୍ଡ ଉଭୟ ପାର୍ଶ୍ୱରେ କୌଣସି ବ୍ୟବସାୟିକ ଷ୍ଟଲ୍ ନିର୍ମାଣ ହୋଇପାରିବ ନାହିଁ ବୋଲି ପୁରୀ ପୌରସଂସ୍ଥା ଓ ଜାତୀୟ ରାଜପଥ ଡିଭିଜନ୍‌କୁ ସ୍ପଷ୍ଟ ଆଦେଶ ଦେଇଛନ୍ତି।

# ଆସାମ ଉବୁଟୁବୁ; ମୃତ୍ୟୁସଂଖ୍ୟା ୪୮ କୁ ବୃଦ୍ଧି

■ ସାରା ରାଜ୍ୟରେ ୧୧ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
■ ଆସାମ ସ୍ଥିତି ପ୍ରତି କେନ୍ଦ୍ର ସରକାରଙ୍କ ନିଘା ନାହିଁ: କଂଗ୍ରେସ



ଗୌହାଟୀ,୩।୭ (ଏଜେନ୍ସି)

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ଆଗୁଆ ପହଞ୍ଚିଥିଲା ବେଳେ ଏବେ ସାରା ଦେଶରେ ସକ୍ରିୟ ରହିଛି। ସ୍ୱାଭାବିକ ସମୟ ଠାରୁ ୬ ଦିନ ପୂର୍ବରୁ ମୌସୁମୀ ଦେଶର ସବୁ ଭାଗକୁ ଛୁଇଁ ସାରିଛି ଏବଂ ଏହାକୁ ନେଇ ସବୁ ଆଡେ କେବଳ ବର୍ଷା ହିଁ ବର୍ଷା। ତେବେ ଭାରୀ ବର୍ଷାକୁ ନେଇ ଏବେ ଉତ୍ତର ପୂର୍ବାଞ୍ଚଳ ସ୍ଥିତି ସବୁଠୁ ଗମ୍ଭୀର ହୋଇପଡ଼ିଛି। ବିଶେଷକରି ଲଗାଣ ବର୍ଷା ଏବଂ ବନ୍ୟାକୁ ନେଇ ଆସାମ ଏବଂ ମଣିପୁରରେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଥିବା ଦେଖାଯାଇଛି। ଆସାମରେ ଏବେ ଭୟଙ୍କର ବନ୍ୟା ପରିସ୍ଥିତି ଉପୁଜିଛି। ବନ୍ୟା ଏବଂ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ବର୍ତ୍ତମାନ ସୁଦ୍ଧା ୪୮ ଜଣଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଇଛି। ରାଜ୍ୟର ପ୍ରାୟ ସବୁ ଜିଲ୍ଲା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇପଡ଼ିଥିବା ବେଳେ ପ୍ରାୟ ୧୧ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ବନ୍ୟା ଜଳରେ ବୁଡ଼ି ୩ ଜଣ ପ୍ରାଣ ହରାଇଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁସାରେ ଗତକାଲି ତିନସୁକିଆ ଜିଲ୍ଲାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଧମାଜୀ ଜିଲ୍ଲାରେ ଜଣଙ୍କର ମୃତ୍ୟୁ ଘଟିଛି।ମଙ୍ଗଳବାର ସୁଦ୍ଧା ବନ୍ୟା ପରିସ୍ଥିତି ସବୁଠାରୁ ଗମ୍ଭୀର ହୋଇପଡିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।୨୮ ଟି ଜିଲ୍ଲାର ୧୧.୩୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ କେବଳ ଲକ୍ଷ୍ମୀପୁର ଜିଲ୍ଲାରେ ୧,୬୫୩୧୯ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରାୟ ୨.୮୭ ଲକ୍ଷ ଲୋକଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ସ୍ଥଳରେ ରଖାଯାଇଛି। ସେହିପରି ବନ୍ୟା ଯୋଗୁ ୨୨୦୮ ଟି ଗାଁ ଜଳମଗ୍ନ ହେବା ସହିତ ୪୨,୪୭୬ ହେକ୍ଟର ଚାଷ ଜମି ମଧ୍ୟ ନଷ୍ଟ ହୋଇଛି।ସେପଟେ କାଜିରଙ୍ଗା ଜାତୀୟ ଉଦ୍ୟାନରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ଜଙ୍ଗଲ ଅଞ୍ଚଳର ବହୁ ଭାଗ ଜଳମଗ୍ନ ହେବା ଫଳରେ ପଶୁ ପକ୍ଷୀ ଛତ୍ରଭଙ୍ଗ ଦେଇଛନ୍ତି। ବନ୍ୟାରେ ଭାସିଯାଇ ୪ଟି ହରିଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ବିଶେଷ କରି ହରିଣମାନଙ୍କୁ ଶୃଙ୍ଖଳା ଏବଂ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ପୂର୍ବ ଆସାମ ୱାଇଲ୍ଡଲାଇଫ୍ ଡିଭିଜନରେ ଥିବା ୨୩୩ଟି କ୍ୟାମ୍ପ ମଧ୍ୟରୁ ୧୬୭ଟି କ୍ୟାମ୍ପ ଜଳମଗ୍ନ ହୋଇଥିବା କାଜିରଙ୍ଗା ଜାତୀୟ ଉଦ୍ୟାନ ଡିଏଫଓ କହିଛନ୍ତି।ଜୀବଜନ୍ତୁମାନେ ବନ୍ୟାରୁ ରକ୍ଷା ପାଇବା ଲାଗି ରାସ୍ତାକୁ ଚାଲିଆସୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯେପରି କୌଣସି ଅଘଟଣ ନଘଟେ ସେଥିଲାଗି ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଆସାମ ବ୍ୟତୀତ ମଣିପୁରରେ ମଧ୍ୟ ବନ୍ୟା ସ୍ଥିତି ଗମ୍ଭୀର ହୋଇପଡ଼ିଥିବା କୁହାଯାଇଛି। ପ୍ରବଳ ବର୍ଷାକୁ ନେଇ ବୁଧବାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ସରକାର ଘୋଷଣା କରିଥିଲା ବେଳେ ଗୁରୁବାର ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ କୁହାଯାଇଛି। ମଣିପୁରସ୍ଥିତ ଭାରତ-ମ୍ୟାଁମାର ସୀମା ସବୁଠୁ କ୍ଷତିଗ୍ରସ୍ତ ହୋଇଛି। ସୀମାକୁ ଲାଗି ରହିଥିବା ରାସ୍ତାର ୩ କିମି ବନ୍ୟା ଯୋଗୁଁ ଧୋଇ ଯିବାରୁ ଏହି ଇଲାକାର ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ହେତୁ ଉତ୍ତର-ପୂର୍ବାଞ୍ଚଳର ଅନେକ ନଦୀଗୁଡ଼ିକରେ ଜଳସ୍ତର ବିପଦ ସଙ୍କେତ ଡେଇଁଛି। ଆଗକୁ ବର୍ଷା ଆହୁରି ବଢିବାର ଆଶଙ୍କା ରହିଥିବାରୁ ସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଆଶଙ୍କା ବଢ଼ିଛି।

### ଆସାମକୁ ତୁରନ୍ତ ରିଲିଫ ଯୋଗାଇ ଦେବାକୁ କଂଗ୍ରେସର ଦାବି

ଆସାମରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା ବେଳେ ରାଜ୍ୟ ସରକାର ସ୍ଥିତି ମୁକାବିଲା କରିବାକୁ ସକ୍ଷମ ହୋଇ ନାହାନ୍ତି। ସେହିପରି କେନ୍ଦ୍ର ସରକାର ମଧ୍ୟ ଆସାମ ସ୍ଥିତି ଆଖି ବୁଜି ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଆସାମ ଏବେ ଅତ୍ୟନ୍ତ କଠିନ ସ୍ଥିତି ଦେଇ ଗତି କରୁଥିଲା ବେଳେ ପ୍ରଧାନମନ୍ତ୍ରୀ ଥରୁଟିଏ ସେଠାକୁ ଗସ୍ତ ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଦଳୀୟ ରାଷ୍ଟ୍ରୀୟ ସଚିବ ଜିତେନ୍ଦ୍ର ସିଂ ବୁଧବାର କହିଛନ୍ତି। ଆସାମକୁ କେନ୍ଦ୍ର ସରକାର ତୁରନ୍ତ ରିଲିଫ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

---

নিট্ ଘୋଟାଲା

## ଝାଡ଼ଖଣ୍ଡରୁ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୩।୭ (ଏଜେନ୍ସି): ନିଟ୍ ଘୋଟାଲା ମାମଲାକୁ ନେଇ ସିବିଆଇ ଏବେ ବିଭିନ୍ନ ରାଜ୍ୟରେ ତନାଘନା ଚଳାଇଥିବା ବେଳେ ବୁଧବାର ଝାଡ଼ଖଣ୍ଡର ଧାନବାଦରୁ ଅମନ ସିଂ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି। ଅମନ ନିଟ୍-ୟୁଜି ଘୋଟାଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି କୁହାଯାଉଛି। ଅମନକୁ ମିଶାଇ ସିବିଆଇ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କୁ ଗିରଫ କରିସାରିଲାଣି। ଗତ ରବିବାର ସିବିଆଇ ଅଧିକାରୀମାନେ ଗୁଜରାଟର ଗୋଧ୍ରା ଜିଲ୍ଲାରେ ଚଢଉ କରି ଏକ ଘରୋଇ ସ୍କୁଲର ମାଲିକଙ୍କୁ ଗିରଫ କରିଥିଲା। ଏଠାକାର ଜୟ ଜଲାରାମ ସ୍କୁଲର ମାଲିକ ଦୀକ୍ଷିତ ପଟେଲଙ୍କୁ ଗିରଫ କରାଯାଇଥିଲା ବେଳେ ସେ ନିଟ୍ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ପାସ୍ କରାଇ ଦେବାର ପ୍ରଲୋଭନ ଦେଖାଇ ପ୍ରାର୍ଥୀଙ୍କ ପିଛା ୧୦ ଲକ୍ଷ ଟଙ୍କା ଲେଖାଏଁ ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା।

## ଜୁଲାଇ ୧୨ ଯାଏ ବଢ଼ିଲା କେଜ୍ରିୱାଲଙ୍କ ନ୍ୟାୟିକ ହେପାଜତ ଅବଧି



ନୂଆଦିଲ୍ଲୀ,୩।୭ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଇଡି ଚଳାଇଥିବା ଯାଞ୍ଚ ପରିପ୍ରେକ୍ଷୀରେ ତାଙ୍କର ନ୍ୟାୟିକ ହେପାଜତ ଅବଧି ଜୁଲାଇ ୧୨ ଯାଏ ବୃଦ୍ଧି କରାଯାଇଛି।ତାଙ୍କର ନ୍ୟାୟିକ ହେପାଜତ ଅବଧି ଶେଷ ହେବା ପରେ ବୁଧବାର ତାଙ୍କୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାଭେରୀ ବାୱେଜାଙ୍କ କୋର୍ଟରେ ହାଜର କରାଯାଇଥିଲା। ହୋଇଥିଲେ। ଏହା ପୂର୍ବରୁ ସିବିଆଇ କେଜ୍ରିୱାଲଙ୍କୁ ୧୪ ଦିନ ପାଇଁ ହେପାଜତକୁ ନେଇଥିଲା। କିନ୍ତୁ କେଜ୍ରିୱାଲ ସିବିଆଇ ଗିରଫଦାରୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା ବେଳେ ତାଙ୍କ ଆବେଦନର ଶୁଣାଣି ହାଇକୋର୍ଟ ଆସନ୍ତା ୫ ତାରିଖରେ କରିବେ ।ଏହାପୂର୍ବରୁ ଇଡିର ଯୁକ୍ତିକୁ ନେଇ ରାଉଜ ଆଭେନ୍ୟୁ କୋର୍ଟ କେଜ୍ରିୱାଲଙ୍କ ନ୍ୟାୟିକ ଅବଧିକୁ ୧୨ ଯାଏ ବୃଦ୍ଧି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଜୁନ୍ ୨୬ ତାରିଖରେ କେଜ୍ରିୱାଲଙ୍କୁ ସିବିଆଇ ଗିରଫ କରିଥିଲା। ଏହା ପୂର୍ବରୁ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ ତାରିଖରେ ଗିରଫ କରିଥିଲା। ସେବେଠାରୁ ସେ ଜେଲରେ ରହିଛନ୍ତି। କେବଳ ମେ '୧୦ରେ ସୁପ୍ରିମକୋର୍ଟ ଲୋକସଭା ନିର୍ବାଚନ ପ୍ରଚାର ପାଇଁ କେଜ୍ରିୱାଲଙ୍କୁ ୨୧ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।

---


● ହାଥରସ୍ ଦଳାଚକଟା ଘଟଣାର ହେବ ନ୍ୟାୟିକ ତଦନ୍ତ

## ଭୋଲେବାବାଙ୍କ ପତ୍ତା ମିଳୁନି, ଏତଲା ରୁଜୁ

ଲକ୍ଷ୍ନୌ, ୩।୭ (ଏଜେନ୍ସି): ଉତ୍ତରପ୍ରଦେଶର ହାଥରସ୍ ଜିଲ୍ଲାର ରତି ଭାନପୁର ଗ୍ରାମରେ ଗତକାଲି ସତ୍‌ସଂଗ ପରେ ଅପରାହ୍ନ ୩ଟା ୩୦ ମିନିଟ ବେଳେ ଘଟିଥିବା ଦଳାଚକଟାରେ ମୃତ୍ୟୁ ସଂଖ୍ୟା ୧୨୧କୁ ବୃଦ୍ଧିପାଇଛି। ସତସଂଗର ପ୍ରବଚକ ଆତ୍ମଘୋଷିତ ଦିବ୍ୟପୁରୁଷ ନାରାୟଣ ସରକାର ହରି ଓରଫ ଭୋଲେବାବାଙ୍କ ପତ୍ତା ମିଳୁନଥିବା ପୁଲିସ୍ କହିଛି। ଗତକାଲି ପୁଲିସ୍ ଭୋଲେବାବା ରହୁଥିବା ମୈନପୁରୀର ରାମ କୁଟୀର ଦାତବ୍ୟ ଟ୍ରଷ୍ଟ'ରେ ପହଞ୍ଚି ତାଙ୍କୁ ଖୋଜିଥିଲା କିନ୍ତୁ ପାଇନଥିଲା। ସତ୍‌ସଂଗ ଆୟୋଜକ ମୁଖ୍ୟ ସେବାଦାର ଦେବପ୍ରକାଶ ମଧୁକର ଓ ଅନ୍ୟମାନଙ୍କ ବିରୋଧରେ ପୁଲିସ୍ ଆଜି ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫, ୧୧୦, ୧୨୬(୨), ୨୨୩ ଓ ୨୩୮ ଲଗାଇ ଏଫ୍‌ଆଇଆର୍ ଫାଇଲ୍ କରିଛି କିନ୍ତୁ ସେଥିରେ ଭୋଲେବାବାଙ୍କ ନାମ ନଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ହାଥରାସର ହସପିଟାଲ୍‌କୁ ଯାଇ ଆହତଙ୍କୁ ଭେଟିଛନ୍ତି। ଆଦିତ୍ୟନାଥ କହିଛନ୍ତି, ଦଳାଚକଟାରେ ୩୧ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହି ଘଟଣାର ନ୍ୟାୟିକ ତଦନ୍ତ କରିବେ ଓ ଦଳାଚକଟା ଏକ ଦୁର୍ଘଟଣା ଥିଲା ନା କେହି ଷଡ଼ଯନ୍ତ୍ର କରି ଘଟାଇଛି ତାହା ଜାଣିବାକୁ ରାଜ୍ୟ ସରକାର ଯତ୍ପରୋନାସ୍ତି ଉଦ୍ୟମ କରିବେ। ଚଳାଚକଟା ଘଟିଥିବା ସ୍ଥାନକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ସିଂହ ଓ ପୁଲିସ୍ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଯାଇଛନ୍ତି। ଏହି ଦଳାଚକଟା ସମ୍ପର୍କରେ ତଦନ୍ତ କରି ୨୪ ଘଣ୍ଟାରେ ରିପୋର୍ଟ ଦେବାକୁ ଆଗ୍ରା ଏଡିଜି ଓ ଆଲିଗଡ଼ ଡିଭିଜିନାଲ୍ କମିଶନର୍‌ଙ୍କୁ ଉତ୍ତରପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ୮୦ ହଜାର ଲୋକଙ୍କ ସମାଗମ ନିମନ୍ତେ ଆୟୋଜକମାନେ ପ୍ରଶାସନର ଅନୁମତି ଲୋଡ଼ିଥିଲେ। କିନ୍ତୁ ତା'ଠାରୁ ବହୁ ଅଧିକ ଲୋକ ସତ୍‌ସଂଗକୁ ଆସିଥିଲେ। ଅନ୍ୟପକ୍ଷରେ ହାଥରସ୍ ଘଟଣାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ୍ୟ ମାମଲା ଦାଏର କରାଯାଇଛି। ଏହି ଆବେଦନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ୫ ଜଣିଆ ବିଶେଷଜ୍ଞ କମିଟି ଦ୍ୱାରା ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ଏହି ଘଟଣାର ଦାୟୀ ବ୍ୟକ୍ତି ଏବଂ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ପାଇଁ ଏହି ଆବେଦନରେ କୁହାଯାଇଛି। ଏଭଳି କାର୍ଯ୍ୟକ୍ରମର ଆୟୋଜନ ପାଇଁ ଏକ ଗାଇଡଲାଇନ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି।



## ଆଗାମୀ ୫ ବର୍ଷ ହେବ ଗରିବୀ ବିରୋଧୀ ଲଢ଼େଇ: ମୋଦୀ



ନୂଆଦିଲ୍ଲୀ,୩।୭ (ଏଜେନ୍ସି): ବିଗତବର୍ଷତୁଳନାରେଆଗାମୀ ପାଞ୍ଚ ବର୍ଷରେ କେନ୍ଦ୍ର ସରକାର ଆହୁରି କଠିନ ପରିଶ୍ରମ କରିବା ସହିତ ଏହି ସମୟକୁ ଗରିବୀ ବିରୋଧୀ ଲଢେଇ ପାଇଁ ସମ୍ପୂର୍ଣ୍ଣ ଉପଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାରେ ନିଜ ଅଭିଭାଷଣରେ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାକୁ ନେଇ ମୋଦୀ ଗତକାଲି ଲୋକସଭାରେ ନିଜର ବକ୍ତବ୍ୟ ରଖିବା ପରେ ବୁଧବାର ରାଜ୍ୟସଭାରେ ବକ୍ତବ୍ୟ ରଖି ଏହା କହିଛନ୍ତି। ଏହି ସମୟରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ପ୍ରଧାନମନ୍ତ୍ରୀ। ୨୦୨୪ ନିର୍ବାଚନକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜନତା ଆମକୁ ଆଶୀର୍ବାଦ କରିଛନ୍ତି। ଦେଶବାସୀ ନିଜର ବୁଦ୍ଧି ଓ ବିବେକ ଖଟାଇ ସରକାର ଚୟନ କରିଛନ୍ତି। ଧର୍ମୀୟ ରାଜନୀତି ଛାଡ଼ି ଭରସାଯୋଗ୍ୟ ରାଜନୀତିକୁ ସେମାନେ ଅଗ୍ରାଧିକାର ଦେଇଛନ୍ତି। ତେଣୁ ଦେଶରୁ ଗରିବୀ ହଟାଇବା ଲାଗି ତାଙ୍କ ସରକାର ସବୁଠୁ ପ୍ରାଧାନ୍ୟ ଦେବ। ଦେଶର ଗରିବୀ ଦୂରୀକରଣକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷ ଗରିବୀ ଦୂରୀକରଣ କ୍ଷେତ୍ରରେ ନିର୍ଣ୍ଣାୟକ ଲଢ଼େଇ ହେବ। ଗରିବୀ ମୂଳୋତ୍ପଟନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିବ। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ରାଜ୍ୟସଭାରେ ସୁଧା ମୂର୍ତ୍ତିଙ୍କ ପ୍ରଥମ ଭାଷଣ

## ବାଳିକାଙ୍କ ଟିକାକରଣ, ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ପ୍ରସ୍ତାବ


ନୂଆଦିଲ୍ଲୀ, ୩।୭ (ଏଜେନ୍ସି)



ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି ଗତକାଲି ସଦନକୁ ସମ୍ବୋଧନ କରି ସରକାରୀ ପୃଷ୍ଠପୋଷକତାରେ ସମଗ୍ର ଦେଶରେ ମହିଳାଙ୍କୁ ହେଉଥିବା ଗର୍ଭାଶୟ କର୍କଟ(ସର୍ଭିକାଲ୍ କ୍ୟାନସର୍)ର ପ୍ରତିଶେଧକ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ଦେଶରେ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦିଆଯିବା ନିମନ୍ତେ ମଧ୍ୟ ସୁଧା ମୂର୍ତ୍ତି ଅନ୍ୟ ଏକ ପ୍ରସ୍ତାବ ଦେଇଛନ୍ତି। ସୁଧାଙ୍କ ଟିକାକରଣ ପ୍ରସ୍ତାବଟି ହେଉଛି, ୯ରୁ ୧୪ ବର୍ଷର ବାଳିକାଙ୍କୁ ସର୍ଭିକାଲ୍ ଟିକା ଦିଆଯାଏ ଯେପରିକି ଭବିଷ୍ୟତରେ କେବେ ଗର୍ଭାଶୟ କର୍କଟରେ ଆକ୍ରାନ୍ତ ହେବେନି। କୋଭିଡ୍ ବେଳେ ସରକାର ସମଗ୍ର ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଚଳାଇ ସେଥିରେ ଅଭିଜ୍ଞତା ଓ ସଫଳତା ହାସଲ କରିଛନ୍ତି। ତେଣୁ ସରକାର ଚାହିଁଲେ ଦେଶର ସମସ୍ତ ୯ରୁ ୧୪ ବର୍ଷ ବୟସର ବାଳିକାଙ୍କୁ ଗର୍ଭାଶୟ କର୍କଟ ପ୍ରତିରୋଧୀ ଟିକା ଦିଆଯିବାର ବନ୍ଦୋବସ୍ତ କରିପାରିବେ। ସର୍ଭିକାଲ୍ ଟିକା ବିଦେଶରେ ବିକଶିତ ହୋଇଛି ଓ ଗତ ୨୦ବର୍ଷ ହେବ ବାଳିକାଙ୍କୁ ଦିଆଯାଉଛି। ପରୀକ୍ଷଣରୁ ଜଣାଯାଇଛି ଯେ ସର୍ଭିକାଲ ଟିକା ଭଲ କାମ ଦେଉଛି। ଟିକାର ଦାମ୍ ୧୪୦୦ ଟଙ୍କା। ସରକାର ଯଦି ଟିକା ନିର୍ମାତା କମ୍ପାନୀଙ୍କ ସହ ମୂଲଚାଲ କରିବେ ତେବେ ୭୦୦ରୁ ୮୦୦ ଟଙ୍କା ଦରରେ ଟିକା ମିଳିପାରିବ। ଦେଶର ବାଳିକାମାନେ ଭବିଷ୍ୟତରେ ତାହାର ସୁଫଳ ପାଇପାରିବେ।ସୁଧା ମୂର୍ତ୍ତି ଏହି ପ୍ରସ୍ତାବ ଦେବା ବେଳେ ସଦନରେ ଅଧ୍ୟକ୍ଷତା କରୁଥିଲେ ରାଜୀବ ଶୁକ୍ଳା। ସୁଧାଙ୍କ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଇଦେବାକୁ ଅଧ୍ୟକ୍ଷ ସଦନରେ ଉପସ୍ଥିତ ଥିବା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କହିଥିଲେ। ପର୍ଯ୍ୟଟନ ସମ୍ପର୍କିତ ସୁଧାଙ୍କ ପ୍ରସ୍ତାବଟି ହେଲା, ବର୍ତ୍ତମାନ ଦେଶର ୪୨ଟି ପର୍ଯ୍ୟଟନ ସ୍ଥଳକୁ ବିଶ୍ୱଐତିହ୍ୟ ସ୍ଥଳର ମାନ୍ୟତା ମିଳିଛି। କିନ୍ତୁ କର୍ଣ୍ଣାଟକର ଶ୍ରାବନାବେଲାଗୋଲାରେ ଥିବା ବାହୁବଳୀ ମୂର୍ତ୍ତି, ଓଡ଼ିଶାର ଲିଙ୍ଗରାଜ ମନ୍ଦିର, ତ୍ରିପୁରାର ଉନ୍ନାକୋଟି ପ୍ରସ୍ତର ଖୋଦେଇ ଚିତ୍ରକଳା, ମହାରାଷ୍ଟ୍ରର ଶିବାଜୀ ଦୁର୍ଗ, ଶ୍ରୀରଙ୍ଗମର ସୁରମ୍ୟ ମନ୍ଦିରସମୂହ, ସାରନାଥର ୨୫୦୦ ବର୍ଷ ପୁରୁଣା ସ୍ତୁପ, ମଧ୍ୟପ୍ରଦେଶର ମିତାଓ୍ୱାଲିରେ ଥିବା ଚଉଷଠି ଯୋଗିନୀ ପୀଠ ଭଳି ଦେଶରେ ଆଉ ୫୭ଟି ପର୍ଯ୍ୟଟନ ସ୍ଥଳ ରହିଛି ଯେଉଁଗୁଡ଼ିକ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇବା ଯୋଗ୍ୟ। ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦିଆଗଲେ ଏସବୁ ସ୍ଥଳର ବିକାଶ ଓ ରକ୍ଷଣାବେକ୍ଷଣ ହୋଇପାରିବ। ସୁଧା ମୂର୍ତ୍ତି ହେଉଛନ୍ତି ରାଜ୍ୟସଭାର ମନୋନୀତ ସାଂସଦ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଗତ ବିଶ୍ୱ ମହିଳା ଦିବସରେ ରାଜ୍ୟସଭାକୁ ମନୋନୀତ କରିଛନ୍ତି। ସମାଜସେବୀ, ସୁଲେଖିକା ସୁଧା ମୂର୍ତ୍ତି କେତେକ ଦାତବ୍ୟ ଅନୁଷ୍ଠାନ ଚଳାଉଛନ୍ତି। ସେ ହେଉଛନ୍ତି ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପତ୍ନୀ ଓ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଶାଶୂମା'।

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ

## ୧୦୩ ପ୍ରତିଶତ ସଫଳ



ନୂଆଦିଲ୍ଲୀ,୩।୭ (ଏଜେନ୍ସି):ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଜୁନ୍ ୨୪ରେ ଆରମ୍ଭ ହୋଇ ଜୁଲାଇ ୨ରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନ ପରେ ସମାପ୍ତ ହୋଇଥିବା ଅଷ୍ଟାଦଶ ଲେକସଭାର ପ୍ରଥମ ଅଧିବେଶନ ୧୦୩% ଉତ୍ପାଦକତା ହାସଲ କରିଛି। ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ଥିଲା, ୩୪ ଘଣ୍ଟା ଲୋକସଭା ଚାଲିଥିଲା। ଏଥିରେ ୫୦ ଜଣ ସାଂସଦ ଭାଷଣ ହେଇଥିଲେ। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବିତର୍କ ୧୮ଘଣ୍ଟା ଚାଲିଥିଲା ଓ ୬୮ ସାଂସଦ ସେଥିରେ ଅଂଶଗ୍ରହଣ କରିଥିଲେ। ଅଧିବେଶନର ପ୍ରଥମ ଦୁଇ ଦିନରେ ୫୩୯ ଜଣ ସାଂସଦ ଶପଥ ପାଠ କରିଥିଲେ। ଲୋକସଭାରେ ବିରୋଧୀ ଦଳ ନେତାଙ୍କ ଭାଷଣ ବିବାଦୀୟ ହୋଇଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ନିଷ୍ପତ୍ତି କ୍ରମେ ରାହୁଲଙ୍କ ଭାଷଣର ଅନେକ ଅଂଶକୁ ଗୃହ ବିବରଣୀରୁ ହଟାଇ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସଦନରେ ତାଙ୍କ ବିବୃତି ରଖୁଥିବା ବେଳେ ବିରୋଧୀ ଦଳ ସାଂସଦମାନେ ବିଭିନ୍ନ ସ୍ଲୋଗାନ୍ ଦେଇ ବାଧା ସୃଷ୍ଟି କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ସରିବା ପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇ ସଦନକୁ ମୁଲତବୀ ରଖାଯାଇଛି।

---

● ଇଣ୍ଡୋନେସିଆରେ ମାସକରେ ଦ୍ୱିତୀୟ ଘଟଣା

## ଘର ନିକଟରେ ମହିଳାଙ୍କୁ ଉଦରସ୍ଥ କରିଦେଲା ଅଜଗର

ମାକାସାର,୩।୭ (ଏଜେନ୍ସି)

ଇଣ୍ଡୋନେସିଆରେ ଅଜଗର ସାପଙ୍କ ତାଣ୍ଡବ ବଢିବାରେ ଲାଗିଛି। ଏଠାରେ ଲୋକ କାମ କରୁଥିବା ବେଳେ ଅଜଗର ଗିଳି ଉଦରସ୍ଥ କରିଦେଉଥିବା ଘଟଣା ବଢ଼ିବାରେ ଲାଗିଛି। ଦୁଇ ସପ୍ତାହ ତଳେ ଦକ୍ଷିଣ ଇଣ୍ଡୋନେସିଆରେ ଏଭଳି ଏକ ଘଟଣା ଘଟିବା ପରେ ପୁଣି କେନ୍ଦ୍ରୀୟ ଇଣ୍ଡୋନେସିଆରେ ଗତକାଲି ସମାନ ଘଟଣା ଦେଖିବାକୁ ମିଳିଛି। କେନ୍ଦ୍ରୀୟ ଇଣ୍ଡୋନେସିଆର ମାକାସାର ଅଞ୍ଚଳରେ ଜଣେ ମହିଳାଙ୍କୁ ଅଜଗର ଗିଳି ଦେଇଥିଲା ବେଳେ ବୁଧବାର ସାପ ପେଟରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ପୁଲିସ କହିଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସକାଳେ ୩୬ ବର୍ଷୀୟା ମହିଳା ସିରିଆତି ତାଙ୍କର ଅସୁସ୍ଥ ଶିଶୁ ପାଇଁ ଔଷଧ କିଣିବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରେ ପରେ ତାଙ୍କ ସମ୍ପର୍କୀୟମାନେ ସିରିଆତିଙ୍କ ଖୋଜଖବର ନେଇଥିଲା ବେଳେ ଗାଁ ଠାରୁ ମାତ୍ର ୫୦୦ ମିଟର ଦୂରରେ ସିରିଆତିଙ୍କ ସ୍ୱାମୀ ତାଙ୍କର ଚପଲ ଏବଂ ପ୍ୟାଣ୍ଟ ପଡ଼ିଥିବା ଦେଖିଥିଲେ। ଏହି ସମୟରେ ପ୍ରାୟ ୧୦ ମିଟର ଦୂରରେ ଏକ ବିଶାଳକାୟ ଅଜଗର ରାସ୍ତାରେ ପଡ଼ି ରହିଥିବା ସିରିଆତିଙ୍କ ସ୍ୱାମୀ ଆଦିଆଂଶା ଦେଖିଥିଲେ। ପରେ ପରେ ସେ ଗାଁ ଲୋକଙ୍କୁ ଡାକି ସାପର ପେଟ ଚିରି ଦେଖିବାକୁ ସିରିଆତିଙ୍କ ମୃତଦେହ ମିଳିଥିଲା। କିଛି ବର୍ଷ ମଧ୍ୟରେ ଇଣ୍ଡୋନେସିଆର ବିଭିନ୍ନ ଅଞ୍ଚଳରେ ମଣିଷକୁ ଅଜଗର ଗିଳି ଉଦରସ୍ଥ କରିବା ଘଟଣା ବଢ଼ିବାରେ ଲାଗିଥିବାରୁ ଏଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି।



ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନକୁ ନେଇ ସିଏନଏନ ପୋଲ୍

## ବାଇଡେନଙ୍କ ଠାରୁ କମଳା ହାରିସ୍‌ଙ୍କ ବିଜୟ ସମ୍ଭାବନା ଅଧିକ

ୱାଶିଂଟନ,୩।୭ (ଏଜେନ୍ସି)



ଆସନ୍ତା ନଭେମ୍ବରରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ। ଏଥିପାଇଁ ଏବେ ଠାରୁ ରାଜନୀତିକ ଉଷ୍ମତା ବଢିବାରେ ଲାଗିଛି। ଦୁଇ ପ୍ରମୁଖ ଦଳ ଡେମୋକ୍ରାଟିକ୍ ପାର୍ଟି ଏବଂ ରିପବ୍ଲିକାନ୍ ପାର୍ଟି ମଧ୍ୟରେ ଲଢେଇ ହେବାକୁ ଯାଉଥିବା ବେଳେ ରାଷ୍ଟ୍ରପତି ଜୋ ବାଇଡେନ ପୁଣିଥରେ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ। ତେବେ ଏହି ନିର୍ବାଚନରେ ବାଇଡେନଙ୍କ ତୁଳନାରେ ଉପ ରାଷ୍ଟ୍ରପତି ତଥା ଭାରତୀୟ ବଂଶୋଦ୍ଭବ ଆମେରିକୀୟ କମଳା ହାରିସ୍‌ଙ୍କ ବିଜୟ ସମ୍ଭାବନା ଅଧିକ ରହିଛି ବୋଲି ଏଠାକାର 'ସୋସିଆଲ ସାଇନ୍ସ ରିସର୍ଚ୍ଚ ସଲ୍ୟୁସନ(ଏସଏସଆରଏସ୍) ପକ୍ଷରୁ କରାଯାଇଥିବା ସିଏନଏନ ପୋଲ ସୂତ୍ରରୁ କୁହାଯାଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ବିପକ୍ଷରେ କମଳା ହିଁ ଜଣେ ଟାଣୁଆ ନେତା ଭାବେ ଟକ୍କର ଦେବାକୁ ସକ୍ଷମ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଯଦି ଡେମୋକ୍ରାଟ୍ ଦଳ ପୁଣିଥରେ ହ୍ୱାଇଟ ହାଉସ ଦଖଲ କରିବାକୁ ଚାହୁଁଥାଏ ତେବେ କମଳାଙ୍କୁ ଦଳ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଉଚିତ ବୋଲି ସିଏନଏନ କହିଛି। ଗତ ମାସ ୨୭ ତାରିଖରେ ଆଟଲାଣ୍ଟାରେ ଅନୁଷ୍ଠିତ ପ୍ରଥମ ପ୍ରେସିଡେନସିଆଲ୍ ଡିବେଟ୍‌ରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ ପରେ କମଳାଙ୍କୁ ପ୍ରାର୍ଥୀ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଥିଲା। ଏବେ ଏହାକୁ ଆଧାର କରି ବିଭିନ୍ନ ସ୍ତରରେ କମଳାଙ୍କୁ ଟ୍ରମ୍ପଙ୍କ ବିରୋଧରେ ପ୍ରାର୍ଥୀ କରିବାକୁ ଦାବି କରାଯାଉଛି। ରାଷ୍ଟ୍ରପତି ଭାବେ ଟ୍ରମ୍ପଙ୍କ ସପକ୍ଷରେ ପ୍ରାୟ ୪୭ ପ୍ରତିଶି ଭୋଟରଙ୍କ ସମର୍ଥନ ରହିଥିଲା ବେଳେ କମଳାଙ୍କ ସମର୍ଥନରେ ୪୫ ପ୍ରତିଶତରୁ ଅଧିକ ଭୋଟରଙ୍କ ସମର୍ଥନ ରହିଛି। କିନ୍ତୁ ତାଙ୍କ ପ୍ରତି ମହିଳା ଭୋଟରଙ୍କ ସମର୍ଥନ ଅଧିକ ରହିଥିବାରୁ କମଳା ହିଁ ଟ୍ରମ୍ପଙ୍କୁ ଟକ୍କର ଦେଇପାରିବେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

## ଶିଳ୍ପୀ ଶରତ ମୁଦୁଲିଙ୍କ ସ୍ମୃତିସଭା

**ଯାଜପୁର, ୩।୭ (ସମିସ):** ବିଶିଷ୍ଟ ଶିଳ୍ପୀ ତଥା ଯାଜପୁର ଚିତ୍ରକଳା ଏକାଡେମୀର ପ୍ରତିଷ୍ଠାତା ସ୍ୱର୍ଗତ ଶରତ ଚନ୍ଦ୍ର ମୁଦୁଲିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଭା ସ୍ଥାନୀୟ ଅଫିସର୍ସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଅଭିମନ୍ୟୁ ସାଂସ୍କୃତିକ ପରିଷଦର ଆୟୋଜନ କ୍ରମେ ଏହାର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଶୋକସଭାରେ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ପ୍ରାଥମିକ ସୂଚନା ରଖିବା ସହିତ ଶରତ ବାବୁଙ୍କ ପ୍ରଚଣ୍ଡ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଡଃ ଶରତ ଚନ୍ଦ୍ର ରାୟ, ଡଃ ଗିରିଶ ବିହାରୀ ମିଶ୍ର, ମନ୍ମଥ ରାୟ, ଡଃ ଗୌରାଙ୍ଗ ସାମଲ, ସୁବାସ ଚନ୍ଦ୍ର ତ୍ରିପାଠୀ, କୃପାସିନ୍ଧୁ ମହାରଣା, ସୁବାସ ଚନ୍ଦ୍ର ମହାପାତ୍ର, ଆଡଭୋକେଟ ଶ୍ରୀକାନ୍ତ ଷଡ଼ଙ୍ଗୀ, ଆଡଭୋକେଟ ଅଶୋକ ବିଶ୍ୱାଳ, ଯୁବ ଆଇନଜୀବୀ ସନ୍ତୋଷ ଦାସ, ସୁଲଭ ବେହୁରିଆ, ପ୍ରଦୀପ ଜେନା, ଅନୀଲ କୁମାର ଜେନା, ସୂର୍ଯ୍ୟମଣି ରାଉତ, ପ୍ରେମାନନ୍ଦ ଧଳ, ରମେଶ ମହାରଣା ପ୍ରମୁଖ ଶରତ ଚନ୍ଦ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ପୂର୍ବତନ ମନ୍ତ୍ରୀଙ୍କ ଜୟନ୍ତୀ ପାଳନ



**କୁଆଖିଆ, ୩।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ୭୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଳ୍ପତରୁ ଦାସ ସ୍ମୃତି କମିଟି ପକ୍ଷରୁ ଜନ୍ମମାଟିରେ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଶତାଧିକ କଳ୍ପତରୁପ୍ରେମୀ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କଳ୍ପତରୁ ଦାସ ଗାଁ ବିକାଶର ପ୍ରମୁଖ ବିନ୍ଧାଣୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାଛଡା କଳ୍ପତରୁଙ୍କ ସମସାମୟିକ ବରିଷ୍ଠ ବକ୍ତାମାନେ ସ୍ୱର୍ଗତ ଦାସଙ୍କ ସହ ମିଶି କାର୍ଯ୍ୟ କରିବାର ଅନୁଭୂତି ନିଆରା ବୋଲି ପ୍ରକାଶ କରିଥିଲେ। ସ୍ମୃତି କମିଟିର ସଭାପତି ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସ ଏକାଧାରରେ ଜଣେ ପ୍ରବୀଣ, ଜ୍ଞାନୀ, କୁଟନୀତିଜ୍ଞ, ବିଚକ୍ଷଣ ରାଜନେତା, ବିକାଶର ବିନ୍ଧାଣୀ ଥିଲେ ବୋଲି ଅଭିହିତ କରିଥିଲେ। ବରିଷ୍ଠ ନାଗରିକ ରାଜକିଶୋର ଆଏଚ, ବିନୋଦ ବିହାରୀ ବେହେରା, ଅଶ୍ୱିନୀ ଦାସ, ଦିବାକର ବିଶ୍ୱାଳ, ଅଦ୍ୱୈତ ରାଉତ, ସୁଧାଂଶୁ ଶେଖର ଆଏଚ, ରଞ୍ଜନ ଦେଓ, ଅଶୋକ ମଲିକଙ୍କ ସମେତ ବହୁ ବ୍ୟକ୍ତି ବକ୍ତବ୍ୟ ପ୍ରଦନା କରିଥିବାବେଳେ ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସସ୍ମିତା ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାସନ୍ଦା ପଞ୍ଚାୟତରେ ବନ ମହୋତ୍ସବ

**ବିଞ୍ଝାରପୁର, ୩।୭ (ସମିସ):** ବିଞ୍ଝାରପୁର ବ୍ଲକର ଶାସନ୍ଦା ପଞ୍ଚାୟତ ଅନ୍ତର୍ଗତ ତାଉଁତାରସ୍ଥ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କାମଦେବ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ବିକାଶ ନାମରେ ବୃକ୍ଷ କଟାଯାଉଥିବାରୁ ଏହାର ବହୁ କୁପ୍ରଭାବ ପରିବେଶ ଉପରେ ପଡୁଛି। ଫଳରେ ବିଶ୍ୱରେ ପାଣିପାଗ ଓ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ସାଙ୍ଗକୁ ଦିନକୁ ଦିନ ତାପମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏହାକୁ ପ୍ରତିହତ କରିବାକୁ ବ୍ୟାପକ ଚାରାରୋପଣ ସହିତ ଜଙ୍ଗଲ ସମ୍ପଦର ସୁରକ୍ଷା କରିବା ଆମର ନୈତିକ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଚାୟତର ଅମୀୟ ନାୟକ, ପ୍ରଫୁଲ୍ଲ ଦାସ, ଦେବୀପ୍ରସାଦ ନାୟକ, ୱାହେଦ ଅଲ୍ଲୀ, ଫୈଜୁଲ ବାରି, ଜଗନ୍ନାଥ ବାରିକ, ଦୀନବନ୍ଧୁ ନାୟକ ପ୍ରମୁଖ ଚାରାରୋପଣ କରିଥିଲେ।

### କୁଆଖିଆ-ଯାଜପୁର ଜାତୀୟ ରାଜପଥ

# ରାସ୍ତାରେ ଗର୍ତ୍ତ, ପୋଲରେ ବାଲି; ଘଟୁଛି ଦୁର୍ଘଟଣା




**ଯାଜପୁର, ୩।୭ (ସମିସ):** କୁଆଖିଆ-ଯାଜପୁର ଜାତୀୟ ରାଜପଥ ୨୦ର ବରୁଆଁ ଛକ ନିକଟରେ ଥିବା ଖରସ୍ରୋତା ପୋଲ ଓ ବୁଢାନଦୀ ପୋଲ ଉପରେ କୁଢ଼ କୁଢ଼ ବାଲି ଜମି ରହିଛି। ପ୍ରାୟ ୧ ଫୁଟ ବହଳର ବାଲି ଜମି ରହି ବିଭିନ୍ନ ଗଛଲତା ବି ବଢ଼ିଗଲାଣି। ଏହାବ୍ୟତୀତ ଖରସ୍ରୋତା ନଦୀ ନିକଟରୁ ଯାଜପୁର ମାନସା ପୋଲ ପର୍ଯ୍ୟନ୍ତ ରାସ୍ତା କଡ଼ରେ ମଧ୍ୟ ବାଲି ଜମି ରହିଛି। ଫଳରେ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ଏହା ମୁଖ୍ୟ ରାସ୍ତା। ତାହା ଏବେ ମରଣଯନ୍ତା ପାଲଟିଛି। ବାଲି ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ମୁଖ୍ୟ ରାସ୍ତାଟି ଏବେ ବିପଦରେ। ଓଭରଲୋଡ ଗାଡ଼ିରୁ ପାଣି ମିଶା ବାଲି ପଡୁଥିବାରୁ ରାସ୍ତାରେ ବାଲି ଜମିବା ସହ ରେନ୍ କଟ ହେଇ ଗର୍ତ୍ତ ସୃଷ୍ଟି କରିଛି। ଯାହାକି ଆହୁରି ବିପଦ ସୃଷ୍ଟି କରିଛି। ବାଇକ୍ ଆରୋହୀ ପ୍ରତ୍ୟେକ ଦିନ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି। ଅବଦଲପୁର, କଲେଜ ଛକ, ଲଳିତେଶ୍ୱର ଛକ, ମାନସା ପୋଲ ଛକ ନିକଟରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ବିଦ୍ୟାଳୟ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଜିଲ୍ଲାର ପ୍ରଶାସକ ଯାତାୟାତ କରୁଥିଲେ ହେଁ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏବେ ବର୍ଷା ପାଣି ଏହି ରେନ କଟ୍ ଓ ରାସ୍ତାର ଖାଲକୁ ବୃଦ୍ଧି କରିବ। ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷାବିତ୍‌ଙ୍କୁ ଅନ୍ତର୍ଜାତୀୟ ଡକ୍ଟରେଟ ସମ୍ମାନ

**କୁଆଖିଆ, ୩।୭ (ସମିସ):** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅଞ୍ଚଳର ଶିକ୍ଷାବିତ୍ ସୁଦାମ ଚରଣ ଦାସଙ୍କୁ 'ଅନ୍ତର୍ଜାତୀୟ ଡକ୍ଟରେଟ ସମ୍ମାନ' ପ୍ରଦାନ କରାଯାଇଛି। ଶିକ୍ଷକତା କରିବା ସମୟ ଓ ଶିକ୍ଷାଦାନରୁ ଅବ୍ୟାହତି ନେବା ପରେ ସୁଦାମ ସାର ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତି, କୃତି, ସଂସ୍କୃତି ପାଇଁ ସଫଳତାର ସହ କାର୍ଯ୍ୟାଧାରା ଜାରି ରଖିଛନ୍ତି। ତାଙ୍କର ପାରଦର୍ଶିତା ପାଇଁ ଦିଲ୍ଲୀସ୍ଥ ୱାର୍ଲ୍ଡ ଚାରିଟେବୁଲ ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ କୃତିତ୍ୱ ପାଇଁ ବିଭିନ୍ନ ସମୟରେ ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି।

## ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ନୂତନ ଶାଖା

**ଯାଜପୁର, ୩।୭ (ସମିସ):** ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ଓ ଆନନ୍ଦ ବାହିନୀର ପ୍ରତିଷ୍ଠାତା ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଗୋବର୍ଦ୍ଧନ ପୀଠ ପୁରୀଧାମ ପକ୍ଷରୁ କ୍ଷେତ୍ରିୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯାଜପୁର ବ୍ଲକ ଅନ୍ତର୍ଗତ ରିଷିପୁର, ଦେବିଲ ଯଜ୍ଞ ପଡ଼ିଆରେ ଏକ ଭବ୍ୟ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ଆଦିତ୍ୟ ଓ ଆନନ୍ଦ ବାହିନୀର ନୂତନ ଶାଖା ଗଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଗଠନ ସଚିବ ମହେଶ ତ୍ରିପାଠୀ ଯୋଗଦେଇ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ, ପରମ୍ପରା ଓ ଆଦିତ୍ୟ ଓ ଆନନ୍ଦ ବାହିନୀର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆଦିଶଙ୍କର ଓ ବର୍ତ୍ତମାନର ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଶତାଧିକ ଶ୍ରଦ୍ଧାଳୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ତତ୍‌ପରେ ପ୍ରବଚକ ଶ୍ରୀକାନ୍ତ ଜେନା ହିନ୍ଦୁ ଧର୍ମ, ସଂସ୍କୃତି ଓ ପରମ୍ପରା ଉପରେ ସାରାଗର୍ଭକ ପ୍ରବଚନ ଦେଇଥିଲେ। ଦେବିଲ ଓ ରିଷିପୁର ଶାଖାର ସମସ୍ତ ସଦସ୍ୟ ହରିନାମ ମହାମନ୍ତ୍ର ନାମ ସଂକୀର୍ତ୍ତନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଭୟ ନୃସିଂହ ଶାଖା ସଭାପତି ପ୍ରଦୀପ ବେହୁରିଆ ଓ ସେବା ସଚିବ ଆଦିତ୍ୟ କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜକ ଜଟିଆ ନନା, ପୂର୍ବତନ ସରପଞ୍ଚ କାମଦେବ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ, ମଧୁସୂଦନ ବିଶ୍ୱାଳ, ବିଜୟ ବିଶ୍ୱାଳ, ମହେନ୍ଦ୍ର ଜେନା, ଶିବପ୍ରସାଦ ଜେନା, ଅଭିମନ୍ୟୁ ଜେନା, ବିପିନ ସାହୁ, ଭାସ୍କର ନାୟକ, ସନାତନ ଜେନା, ସୁରେନ୍ଦ୍ର ଜେନା ଓ ଆନନ୍ଦ ବାହିନୀର ରଶ୍ମିତା ସାହୁ, ମାନସୀ ଗଡ଼ୁ ପ୍ରମୁଖ ଯୋଗ ଦେଇଥିଲେ।

## ରଥଯାତ୍ରା ପାଇଁ ବଡ଼ଦାଣ୍ଡ ମରାମତି କଲେ ସ୍ୱେଚ୍ଛାସେବୀ



**କାଳିଆପାଣି, ୩।୭ (ସମିସ):** ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ରଥରେ ବସି ବଡ଼ଦାଣ୍ଡରେ ମାଉସୀ ମା' ମନ୍ଦିରକୁ ଯିବେ। ତେବେ ଟାଟା ଷ୍ଟିଲ୍ କଲୋନୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରଠାରୁ ଖଣି କଲୋନୀ ମୁଖ୍ୟ ଗେଟ ସମ୍ମୁଖ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ମାଟି ପଡ଼ି ନ ଥିବାରୁ ରାସ୍ତା ଅଣଓସାରିଆ ହୋଇପଡ଼ିଥିଲା। ଯଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟୁଥିଲା। ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ନିବେଦନ କରି ଫଳ ନ ମିଳିବାରୁ ସ୍ୱେଚ୍ଛାସେବୀ ନିଜେ ମାଟି ପକାଇ ମରାମତି କରିଥିଲେ।

ସୂଚନା ମୁତାବକ, ଗତ ଦୁଇବର୍ଷ ପୂର୍ବେ ଉକ୍ତ ରାସ୍ତାଟି କଂକ୍ରିଟ ହୋଇଥିଲା। ଦୀର୍ଘ ଦୁଇବର୍ଷ ଧରି ଉକ୍ତ କଂକ୍ରିଟ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପଡ଼ି ନ ଥିଲା। ଯେଉଁଥିପାଇଁ ଗତ ଦୁଇବର୍ଷ ମଧ୍ୟରେ ଏହି ବଜାର ମଧ୍ୟରେ ତିନୋଟି ମର୍ମନ୍ତୁଦ ଦୁର୍ଘଟଣା ଘଟି ୩ ଜଣଙ୍କ ଜୀବନ ଯାଇଛି। ଏହାକୁ ନଜରରେ ରଖି ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ମାଟି ପକାଇ ସମତଳ କରିବାକୁ ନିଷ୍ପତ୍ତି ହୋଇଥିଲା ଓ ମଙ୍ଗଳବାର ଦିନ ସାମ୍ବାଦିକ ଅସିତ ମହାନ୍ତଙ୍କ ନେତୃତ୍ୱରେ ସମାଜସେବୀ ଗୋକୁଳି ମହାନ୍ତ, ଯୁବନେତା ବୁଲୁ ମହାନ୍ତ, କୁନା ମହାନ୍ତ, ଦିଲ୍ଲୀପ ପାତ୍ର, ଦିଲ୍ଲୀପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବେଦାନ୍ତ ଫେଂକର ଖଣିରୁ ମାଟି ଅଣାଯାଇ ରାସ୍ତାର ଉଭୟ ପାର୍ଶ୍ୱରେ ପକାଇ ସମତଳ କରିଥିଲେ।

## ସୁକିନ୍ଦା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ସୁକିନ୍ଦା, ୩।୭ (ସମିସ):** ସୁକିନ୍ଦା ରଥଯାତ୍ରା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଦେବୋତ୍ତର ବିଭାଗର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ସର୍ବପୁରାତନ ଓ ସରକାରୀ ଜଗନ୍ନାଥ ମନ୍ଦିର ଭାବେ ସୁକିନ୍ଦା ଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ର ଐତିହ୍ୟ ରହିଛି। ଚଳିତବର୍ଷ ଏହି ମନ୍ଦିରର ବିଗ୍ରହ ପରିବର୍ତ୍ତନ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ନୂତନ ବିଗ୍ରହଙ୍କ ପ୍ରଥମ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ସମସ୍ତ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ଘୋଷଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ସମିତି ସଭାଗୃହରେ ସ୍ଥାନୀୟ ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ଦମୟନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର, ବିଡ଼ିଓ ଅଭିଷେକ ସ୍ୱାଇଁ, ଜିପିଓ ସତ୍ୟଭୂଷଣ ବିଶ୍ୱାଳ, ଆରଆଇ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ, ବିଦ୍ୟୁତ ଆଦି ବିଭାଗର ଅଧିକାରୀ, ମନ୍ଦିର ପୂଜକ, ସେବାୟତ ଓ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଗାମୀ ରଥଯାତ୍ରା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ନୂତନ ଆଇନକୁ ନେଇ ସଚେତନତା




**ଦଶରଥପୁର, ୩।୭ (ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ନୂତନ ଆଇନ ନେଇ ଦଶରଥପୁର ଥାନାରେ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଥାନା ଅଧିକାରୀ ବଦ୍ରିକାନାଥ ବେହେରା ପୌରୋହିତ୍ୟ ଆୟୋଜିତ ସଭାରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଯାଏଁ ପ୍ରଚଳିତ ଥିବା ଆଇପିସି, ସିଆର୍‌ପିସି ଓ ଏଭିଡେନ୍ସ ଆଇନ ବଦଳରେ ଉପରୋକ୍ତ ନୂଆ ଆଇନ କାର୍ଯ୍ୟକାରୀ ହେବା ନେଇ ଭାରତ ସଂସଦ ନେଇଥିବା ନିଷ୍ପତ୍ତିକୁ ବୈଠକରେ ଉପସ୍ଥିତ ସମସ୍ତେ ସ୍ୱାଗତ କରିଥିବାବେଳେ ଥାନାରେ କାର୍ଯ୍ୟରତ ଏସ୍‌ଆଇ କେଶବ ଚନ୍ଦ୍ର ସାହୁ, ରାୟବରୀ ସୋରେନ, ଏସ୍‌ଆଇ ଅଭ୍ରାଂଶୁ ମହାନ୍ତି, ଦେବେନ୍ଦ୍ର ବେହେରା, କନଷ୍ଟେବଲ ଜୟନ୍ତ ଦାସ, ବିପିନ ବିହାରୀ ସଏ, କାହ୍ନୁଚରଣ ମଲ୍ଲିକ, ଦେବାଶିଷ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, କଶପା ସରପଞ୍ଚ ପ୍ରଭାତ ନାୟକ, ବିହାରୀ ସରପଞ୍ଚ ଇନ୍ଦୁମତି ମଲ୍ଲିକ, ରାହାସୋଇ ସରପଞ୍ଚ ରଞ୍ଜିତା ଦ୍ୱିବେଦୀ, ଯୁବ ସମାଜସେବୀ ଜ୍ୟୋତିରଞ୍ଜନ ପରିଡ଼ା, ଧର୍ମରାଜ ଧିର, ମହେଶ୍ୱର ସାହୁ, ଚନ୍ଦ୍ରଶେଖର ସାହୁ, ସାମ୍ବାଦିକ କୌଶିକ ଦାସ, ଯତୀନ୍ଦ୍ର ନାଥ କର, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନୂଆ ଆଇନର କାର୍ଯ୍ୟକାରିତା ନେଇ ପୁଲିସର ସଚେତନତା

**କଲ୍ୟାଣଗୋଲା, ୩।୭ (ସମିସ):** ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ମଙ୍ଗଳପୁର ପୁଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ଥାନା ପରିସରରେ ଆୟୋଜିତ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି, ରାଜନେତା, ସାଧାରଣ ଲୋକେ ଉପସ୍ଥିତ ଥିଲେ। ତ୍ୱରିତ ନ୍ୟାୟ ନୂଆ ଅପରାଧିକ ଆଇନର ମୂଳ ଲକ୍ଷ୍ୟ ରହିଛି। ଏବେ ବ୍ୟକ୍ତିଙ୍କୁ ପ୍ରାଥମିକତା ଦିଆଯାଇଛି ବୋଲି ମତ ପ୍ରକାଶ ପାଇଛି। ସମାଜର ସବୁ ବର୍ଗର ବ୍ୟକ୍ତି ଯେମିତି ନ୍ୟାୟ ପାଇବେ, ତାହା ନୂଆ ଆଇନରେ ବ୍ୟବସ୍ଥା ହୋଇଛି ବୋଲି ଥାନାଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ଜଣେ ବ୍ୟକ୍ତି ଯେକୌଣସି ଥାନାରେ ଏଣିକି ଏତଲା ଦେଇପାରିବେ। ଯେକୌଣସି ଥାନାରେ ଏତଲା ଦେବାକୁ ଜିରୋ ଏଫଆଇଆର ବ୍ୟବସ୍ଥା ରହିଛି। ଜଣେ ବ୍ୟକ୍ତି ଚାହିଁଲେ ମେଲରେ ଇ ଏତଲା ଦେଇପାରିବେ। କିନ୍ତୁ ତିନିଦିନ ମଧ୍ୟରେ ଏତଲାକାରୀ ସମ୍ପୃକ୍ତ ଥାନାରେ ପହଞ୍ଚି ଦସ୍ତଖତ କରିବାକୁ ପଡ଼ିବ। ତେବେ ତିନିଦିନ ଭିତରେ ନ ପହଞ୍ଚିଲେ ତାଙ୍କ ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି ଆଇଆଇସି ସାହୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସଆଇ ସୁଶାନ୍ତ କୁମାର ସେଠୀ ଓ ଏଏସଆଇ ବିକ୍ରମ ରାଉତରାୟ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।




## ଜେନାପୁର ଥାନାରେ ନୂତନ ଆଇନ ସଚେତନତା



**କବାଟବନ୍ଧ, ୩।୭ (ସମିସ):** ଜେନାପୁର ଥାନା ପକ୍ଷରୁ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେନାପୁର ଥାନା ପରିସରରେ ଆୟୋଜିତ ସଚେତନତା ସଭାରେ ନୂତନ ଆଇନରେ ପ୍ରତ୍ୟେକ ପୀଡ଼ିତାଙ୍କୁ ସୁନିଶ୍ଚିତ ନ୍ୟାୟ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ ନ୍ୟାୟ ପାଇଁ ସଠିକ୍ ସମୟରେ ମାମଲାର ବିଚାର, ଅନଲାଇନ ଏଫଆଇଆରର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର, ସ୍ପଷ୍ଟ ଓ ସ୍ୱଚ୍ଛ ଅନୁସନ୍ଧାନ ପାଇଁ ସାକ୍ଷୀଙ୍କ ବିବୃତ୍ତିର ଅଡିଓ ଭିଡିଓ ରେକର୍ଡ଼ିଂ ଆଦିକୁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଥିଲା। ନୂତନ ଆଇନ ବଳରେ ଦୀର୍ଘଦିନ ଧରି ପଡ଼ିରହୁଥିବା ମାମଲାର ୩ ବର୍ଷ ମଧ୍ୟରେ ବିଚାର, ବିଭିନ୍ନ ମେଡ଼ିକାଲ ରିପୋର୍ଟ ପାଇଁ ୭ ଦିନ ଆଦି ଅନ୍ତର୍ଭୁକ୍ତ ରହିଛି। ଜେନାପୁର ଥାନା ପକ୍ଷରୁ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଭୋଳ, ଶଶୀଭୂଷଣ ପରିଡ଼ା, ଏଏସଆଇ ରଞ୍ଜିତା ମହାରଣା ପ୍ରମୁଖ ସଚେତନ କରିବା ସହିତ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ।

## ଅଳକୁଣ୍ଡ ଥାନାରେ ନୂଆ ଆଇନ ସଚେତନତା କର୍ମଶାଳା

**ବିଂଝାରପୁର, ୩।୭ (ସମିସ):** ଯାଜପୁର ଜିଲ୍ଲାର ଅଳକୁଣ୍ଡ ଥାନାରେ ନୂଆ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ବର୍ଷରେ ଇଂରେଜ ଶାସନାଧୀନ ସମୟରୁ ଥିବା ଆଇନ ପ୍ରଚଳିତ ହୋଇଆସୁଥିଲା। ସରକାର ନୂତନ ଆଇନ ଓ ଦଣ୍ଡ ବିଧିରେ କିଛି ସଂଶୋଧନ କରିଛନ୍ତି। କେତେକ ଆଇନର କୋଡ ପରିବର୍ତ୍ତନ କରାଯାଇଥିବାବେଳେ କେତେକ ଅନାବଶ୍ୟକ ଆଇନକୁ ବାଦ୍ ଦିଆଯାଇଛି। ନୂଆ ଆଇନ ସମ୍ପର୍କରେ ଜନସଚେତନତା ପାଇଁ ଅଳକୁଣ୍ଡ ଥାନା ଅଧିକାରୀ ପ୍ରଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଦାଶ ନୂଆ କରି ହୋଇଥିବା ସମସ୍ତ ଆଇନର ବାଖ୍ୟା କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ସରପଞ୍ଚ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ଶତାଧିକ ସାଧାରଣ ନାଗରିକ ଯୋଗ ଦେଇଥିଲେ।

## ନୂଆ ଆଇନ ସମ୍ପର୍କରେ ସଚେତନତା

**କୁଆଖିଆ, ୩।୭ (ସମିସ):** ସାରା ଦେଶରେ ନୂଆ ଆଇନ ଲାଗୁ ହୋଇଛି। ଏହି ଆଇନର କାର୍ଯ୍ୟକାରିତା ଓ ନୂତନ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ କୁଆଖିଆ ଥାନା ପକ୍ଷରୁ ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ଥାନା ଏସଆଇ ହେମଲତା ଦାସ, ଏସଆଇ ଦେବପଦ ମହାନ୍ତି, ଏଏସଆଇ ମନୋଜ କୁମାର ପରିଡ଼ା, ଏସଆଇ ନରେନ କୁମାର ଦାସ, ଏସଆଇ ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଦେଶରେ କାର୍ଯ୍ୟକାରୀ ହୋଇଥିବା ତିନୋଟି ନୂଆ ଆଇନ ଓ ସେଥିରେ ପରିବର୍ତ୍ତନ ହୋଇଥିବା ଧାରା ସମ୍ପର୍କରେ ଆଲୋଚନା କରିବା ସହ କୁଆଖିଆ ଥାନା ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇ ସାଧାରଣ ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରାଯିବ ବୋଲି ଏସଆଇ ହେମଲତା ଦାସ ପ୍ରକାଶ କରିଥିଲେ।



## ହୋମିଓପାଥି ଡାକ୍ତରଖାନା ନିର୍ମାଣରେ ଅନିୟମିତତା

# ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ

**ଯଖପୁରା, ୩।୭ (ସମିସ)**

ସରକାରୀ ପ୍ରକଳ୍ପ ନିର୍ମାଣରେ ଅନେକ ସମୟରେ ଦୁର୍ନୀତି ଦେଖିବାକୁ ମିଳୁଛି। ଶିକ୍ଷା ବିଭାଗ ହେଉ କି ସ୍ୱାସ୍ଥ୍ୟ ବିଭାଗ ହେଉ ସବୁ କ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଭିତ୍ତିଭୂମି ପାଇଁ ହେଉଥିବା ନିର୍ମାଣ କାମରେ ଠିକାଦାର ତଞ୍ଚକତା କରି ଦୁର୍ନୀତି କରିବାରେ ଲାଗିଛନ୍ତି। କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ନିର୍ମାଣ କ୍ଷେତ୍ର ନିୟମିତ ଭାବେ ପରିଦର୍ଶନ କରୁଥିବା ଦେଖିବାକୁ ମିଳୁନାହିଁ। ଫଳରେ ଠିକାଦାର ଦୁର୍ନୀତି ପାଇଁ ସୁଯୋଗ ପାଉଛନ୍ତି। ସେମିତି ଏକ ଦୃଶ୍ୟ ଦାନଗଦି ବ୍ଲକ ଅଧୀନସ୍ଥ କୁମ୍ଭୀରଗଡ଼ିଆ ପଞ୍ଚାୟତରେ ହେଉଥିବା ହୋମିଓପାଥିକ ଡାକ୍ତରଖାନା କାମରେ ଦେଖିବାକୁ ମିଳିଛି। ତେବେ ଠିକାଦାରଙ୍କ ଠକାମୀକୁ ବିଭାଗୀୟ ଯନ୍ତ୍ରୀ ଘଡ଼ାଉଥିବା ଅଭିଯୋଗ ହେଉଛି।

କୁମ୍ଭୀରଗଡ଼ିଆ ଗ୍ରାମରେ ଥିବା ହୋମିଓପାଥିକ ଡାକ୍ତରଖାନାର ନିଜସ୍ୱ ଘର ପାଇଁ ଜିଲ୍ଲା ଖଣିଜ



ପାଣ୍ଠିରୁ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ମଞ୍ଜୁର କରାଯାଇଥିଲା। ଯାହାକୁ ପ୍ରଦୀପ ମଲ୍ଲିକ ନାମକ ଠିକାଦାର ଗୃହ କାର୍ଯ୍ୟର ନିର୍ମାଣ ଆଦେଶ ପତ୍ର ପାଇଛନ୍ତି। ଏତେ ଟଙ୍କାରେ ନିର୍ମିତ ଗୃହ କାର୍ଯ୍ୟରେ ଅନିୟମିତତା ସ୍ପଷ୍ଟ ଦେଖାଯାଇଛି। ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖିବା ପାଇଁ ଠିକାଦାର ଜଣକ ପ୍ରକଳ୍ପ କାମ ସରିଆସିବା ବେଳକୁ ସୂଚନା ଫଳକ ଲଗାଇଥିବା ଜଣାପଡ଼ିଛି। ଘରର ମଜବୁତ ପାଇଁ ଦିଆଯାଉଥିବା ନିମଟଲକୁ ଠିକାଦାର ସମ୍ପୂର୍ଣ୍ଣ ଗୃହର କାନ୍ଥରେ ନ ଦେଇ କେବଳ ଝରକା କବାଟ ଲାଗିବା ସ୍ଥାନରେ ଦେଇଛନ୍ତି। ସେହିପରି ଠିକାଦାର ସମ୍ପୂର୍ଣ୍ଣ ଗୃହରେ ରାଉଣ୍ଡ ନିମଟଲ ନ ଦେଇ ସ୍ଥାନେ ସ୍ଥାନେ ନିମଟଲ ଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବସିଛନ୍ତି। ଏ ବିଷୟରେ ଗୃହ କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନିମଟାଲ ପାଇଁ ଆବଶ୍ୟକ ଅର୍ଥକୁ ଠିକାଦାରଙ୍କ ମୋଟ ଅର୍ଥରୁ କାଟି ଦିଆଯିବ। ଯନ୍ତ୍ରୀ ଏଭଳି କରି ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ନିୟମିତ ଭାବେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ତଦାରଖ ନ କରିବା, ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାରଙ୍କୁ ବଞ୍ଚାଇବାକୁ ଅଥବା ଠିକାଦାର କରିଥିବା ଅନିୟମିତତାକୁ ଘୋଡାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ କ୍ଷେତ୍ର ଭଳି ଗୃହ କାର୍ଯ୍ୟରେ ଠିକାଦାର କରିଥିବା ତଞ୍ଚକତା ଆଗାମୀ ଦିନରେ ରୋଗୀଙ୍କ ପାଇଁ ମାହାଙ୍ଗା ନ ପଡ଼ିବ କିଏ କହିପାରିବ। ହୋମିଓପାଥିକ ଡାକ୍ତରଖାନା ପରି ଏକ ସମ୍ବେଦନଶୀଳ ଗୃହ କାର୍ଯ୍ୟରେ ଅନିୟମିତତା ଆଗାମୀ ଦିନରେ ଘର ଭୁଶୁଡ଼ି ପଡ଼ିବାର ଯଥେଷ୍ଟ ସମ୍ଭାବନା ଅଛି, ଏହାକୁ ଏଡ଼ାଇ ଦିଆଯାଇପାରିବନାହିଁ। ଠିକାଦାର ନିମଟଲ୍ କାର୍ଯ୍ୟରେ ଅନିୟମିତତା କରିବା ପରେ ମଧ୍ୟ କାହା ସାହସରେ ଗୃହର ଛାତ ପକାଇବା ପାଇଁ ସଜବାଜ ହେଉଛନ୍ତି, ତାହା ସାଧାରଣରେ ପ୍ରଶ୍ନ ଉଠିଛି। ତେଣୁ ଗୃହର କାର୍ଯ୍ୟ ସଠିକ୍ ଢଙ୍ଗରେ କରିବା ଓ ଯେଉଁ କାର୍ଯ୍ୟରେ ଠିକାଦାର ତଞ୍ଚକତା କରିଛନ୍ତି ତାକୁ ଠିକ୍ କରି ଗୃହ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସାଧାରଣ ଲୋକ କହିଛନ୍ତି। ଆଗାମୀ ଦିନରେ ଯଦି ଗୃହ କାର୍ଯ୍ୟକୁ ଠିକ୍ କରା ନ ଯାଏ, ତେବେ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଛନ୍ତି।

# 'ତ୍ରୁଟିପୂର୍ଣ୍ଣ ଚିକିତ୍ସା ପୁଅର ପ୍ରାଣନେଲା'

**କଟକ, ୩।୭ (ସମିସ):** ମଙ୍ଗଳାବାଗ କାଠଗୋଲା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଅଭାବନୀୟ ଘଟଣା ଘଟିଛି। ଟ୍ୟୁମର ଅସ୍ତ୍ରୋପଚାର ପାଇଁ ଆସିଥିବା ଜଣେ ୧୪ବର୍ଷ ବାଳକର ଓ.ଟିକୁ ଯିବା ପୂର୍ବରୁ ଅକସ୍ମାତ ମୃତ୍ୟୁ ହୋଇଛି। ଅସ୍ତ୍ରୋପଚାର ନିମନ୍ତେ ନିଶ୍ଚେତକ ଦିଆଯାଇଥିବା ବେଳେ କିଛି ସମୟ ଭିତରେ ପିଲାଟିର ପ୍ରାଣବାୟୁ ଉଡି ଯାଇଥିଲା। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ କରି ତା'ର ବାପା ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ପୁଲିସ ଥାନାରେ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ ଯେ, ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର ରବୀନ୍ଦ୍ର ମଲ୍ଲିକଙ୍କ ପୁଅ ରଶ୍ମୀରଞ୍ଜନ। ବେକରେ ଏକ ବଥ ହୋଇଥିବାରୁ ରଶ୍ମୀରଞ୍ଜନକୁ ଧରି ପରିବାର ଲୋକେ କଟକ ଆସିଥିଲେ। ବଥ ଅସ୍ତ୍ରୋପଚାର କରିବା ନେଇ ଡାକ୍ତର କହିବା ପରେ ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ଅସ୍ତ୍ରୋପଚାରର ପ୍ରକ୍ରିୟା ଆରମ୍ଭ କରିଥିଲେ। ବିଏସ୍‌କେୱାଇ ସ୍ମାର୍ଟକାର୍ଡ ବ୍ୟବହାର ଦ୍ୱାରା ଅସ୍ତ୍ରୋପଚାର କରାଯିବା ନେଇ ପଞ୍ଜୀକରଣ ହୋଇଥିଲା। ଅସ୍ତ୍ରୋପଚାର ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରସ୍ତୁତି କରିଥିଲେ। ପ୍ରଥମେ ଦୁଇଟି ଇଞ୍ଜେକସନ ରଶ୍ମୀରଞ୍ଜନଙ୍କୁ ଦିଆଯାଇଥିବା ପରେ ହଠାତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିଲା। ତାଙ୍କ ଦେହହାତ ଥରିବାରେ ଲାଗିଥିଲା। ତେବେ ଆଇସିୟୁ ବ୍ୟବସ୍ଥା ନଥିବାରୁ ଅନ୍ୟ ହସ୍ପିଟାଲକୁ ନେଇଯିବାକୁ ହଠାତ ରଶ୍ମୀରଞ୍ଜନଙ୍କ ପରିବାର ଲୋକଙ୍କୁ ଘରୋଇ ହସ୍ପିଟାଲର

- **ଘରୋଇ ହସ୍ପିଟାଲରେ ଅଭାବନୀୟ ଘଟଣା**
- **ବାପାର ଅଭିଯୋଗ ପରେ ମାମଲା ରୁଜୁ**
- **ଟ୍ୟୁମର ଅସ୍ତ୍ରୋପଚାର ପାଇଁ କଟକ ଆସିଥିଲେ**

କର୍ମଚାରୀମାନେ କହିଥିଲେ। କିନ୍ତୁ ତାଙ୍କ ବାପା ରବୀନ୍ଦ୍ର ପୁଅର ଏଭଳି ଅବସ୍ଥା ନେଇ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ବେଳେ ଇଞ୍ଜେକ୍ସନ ଦେବା ପରେ କଣ ପାଇଁ ଏମିତି ହେଲା ବୋଲି ପଚାରିଥିଲେ। ଏହା ପରେ ହସ୍ପିଟାଲରେ ରଶ୍ମୀରଞ୍ଜନଙ୍କ ଚିକିତ୍ସା କରାଯାଇଥିଲା। କିଛି ସମୟ ପରେ ସେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ। ଅନ୍ୟପକ୍ଷରେ ହୃଦଘାତରେ ତାଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ପୁଲିସ ନିକଟରେ କହିଛନ୍ତି।

## ସାପ କାମୁଡ଼ାରେ ଛାତ୍ର ମୃତ

**କୁଆଖିଆ, ୩।୭ (ସମିସ):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତର ଅର୍ଡିଆ ଗ୍ରାମରେ ଗତକାଲି ରାତିରେ ସାପ କାମୁଡ଼ିବାରେ ଜଣେ ୧୨ ବର୍ଷ ନାବାଳକର ମୃତ୍ୟୁ ହୋଇଛି। ସ୍ୱର୍ଗତ ବିକାଶ ମଲିକଙ୍କ ପୁଅ ବାଦଲ ମଲିକ ଗତକାଲି ରାତିରେ ଶୋଇଥିଲେ। ଆଜି ଭୋର ସମୟରେ ବାଦଲକୁ ତା'ର ମାଆ ଡାକିବାରୁ ସେ ନ ଶୁଣିବାରୁ ଅଚେତ ଅବସ୍ଥାରେ ପରିବାର ଲୋକ ତାକୁ ମଧୁବନ ଗୋଷ୍ଠୀ



ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠରେ ତାକୁ ମୃତ ଘୋଷଣା କରିଥିଲେ। କୁଆଖିଆ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣାରେ କୁଆଖିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ବାଦଲ ଅର୍ଡିଆ ଉପ୍ରା ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ର ଥିଲେ। ବାଦଲର ବାପା ବିକାଶଙ୍କର ୧୦ ବର୍ଷ ତଳେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ବାଦଲର ମାଆ ଓ ଦୁଇ ଭଉଣୀ ଅଛନ୍ତି। ପରିବାରର ଏକମାତ୍ର ପୁଅକୁ ହରାଇ ପରିବାର ଭାଙ୍ଗିପଡ଼ିଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ବାଇକ୍‌ରୁ ଖସିପଡ଼ି ୩ ଯୁବକ ଆହତ

**ପାଣିକୋଇଲି, ୩।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଡାଇଭର୍ସନ ନିକଟରେ ଗୋଟିଏ ବାଇକ୍‌ରେ ତିନିଜଣ ଆସୁଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଭଦ୍ରକ ଜିଲ୍ଲାର ତିନିଜଣ ଯୁବକ ଶୁକ ପ୍ରଧାନ, ସୁଶାନ୍ତ ରାଉତ ଓ ପଦଲା ପ୍ରଧାନ ବାଇକ୍‌ରେ ଯାଜପୁରରୋଡ୍ ପଟୁ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ି ରକ୍ତାକ୍ତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଯୁବକ ଓ ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପର ସଦସ୍ୟ ପହଞ୍ଚି ତିନିଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁରରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇଥିଲେ।

## ନୂତନ ଆଇନ ସଚେତନତା କର୍ମଶାଳା

**ଟମକା, ୩।୭ (ସମିସ):** ସାରା ଦେଶରେ ନୂତନ ଆଇନ ପ୍ରଣୟନ ହୋଇଥିବାବେଳେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଟମକା ଥାନା ପରିସରରେ ଏସଆଇ ଫିରୋଜ ଏକ୍କା, ପାର୍ବତୀ ମଲ୍ଲିକ ଓ ଅମିତ ପଣ୍ଡାଙ୍କ ମିଳିତ ସହଯୋଗରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ରିଟିଶ୍ ସମୟରୁ ଚାଲିଥିବା ଅପରାଧିକ ଆଇନ ହଟାଯାଇ ନୂତନ ଭାରତୀୟ ଅପରାଧିକ ଆଇନ ଲାଗୁ କରାଯାଇଛି। ଏହି ଆଇନର କାର୍ଯ୍ୟକାରିତାର ଦଣ୍ଡବିଧାନ ବାବଦରେ ଏସ୍‌ଆଇ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର କିଛି ଜନସାଧାରଣ, ସାମ୍ବାଦିକଙ୍କୁ ଅବଗତ କରାଇଥିଲେ। ହତ୍ୟା ଉଦ୍ୟମ, ନାବାଳିକା ଧର୍ଷଣ, ଭିଡଜନିତ ହିଂସାରେ ମୃତ୍ୟୁ ଭଳି ଅପରାଧରେ ନୂତନ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି।

## ଅଧିକାରୀଙ୍କ ସହ ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ବରୀ, ୩।୭ (ସମିସ):** ବରୀ ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ। ବିଭିନ୍ନ ସମୟରେ ବନ୍ୟା ଆସିବା ଦ୍ୱାରା ରାସ୍ତାଘାଟ ପ୍ରଭାବିତ ହୋଇଥାଏ। ବରୀ ଅଞ୍ଚଳର ଜନସାଧାରଣ ଯାତାୟାତ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ଯୋଗୁଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଅଭିଯୋଗ ମୁତାବକ ରାସ୍ତାର ମରାମତି ନ ହେବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ବୁଧବାର ଅପରାହ୍ନରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଏହି ବିଭାଗ ଅଧୀନରେ ଥିବା ରାସ୍ତାଗୁଡିକୁ ତୁରନ୍ତ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ବ୍ଲକ କାର୍ଯ୍ୟାଳୟର ଅନତି ଦୂରରେ ଥିବା ବ୍ରାହ୍ମଣୀ ନଦୀ ଉପରେ ଥିବା ସାଉଁଟି, ସାନନ୍ଦ, ହାଡିବନ୍ଧ, ମାୟାଧର ସେତୁର ଚନ୍ଦନପୁର ପଟର ଆପ୍ରୋଚ ରୋଡ୍ କାମ, ରାଉତ ସାହିଠାରୁ ମିତ୍ରସେନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ପରିଦର୍ଶନ



ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ଯୁମର ମଲିକ, କନିଷ୍ଠ ଯନ୍ତ୍ରୀ ମାନସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ଶ୍ରୀ ମଲ୍ଲିକଙ୍କ ସହିତ ବ୍ଲକ ବିଜେଡି ସଭାପତି କେଦାର ସାମଲ, ବରୀ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ବ୍ଲକ ବିଜେଡି ଯୁବ ସଭାପତି ରଞ୍ଜନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ଦିଲ୍ଲୀପ ମହାନ୍ତି ପ୍ରମୁଖ ରତ୍ନଗିରି-ମହାକାଳପଡ଼ା ପୂର୍ତ୍ତ ବିଭାଗ ରାସ୍ତା ବୁଲି ଦେଖିଥିଲେ। ଏହି ସମୟରେ ସ୍ଥାନୀୟ ଲୋକ ପାନୀୟଜଳ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିବାବେଳେ ବିଧାୟକ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରିବାକୁ ଉଦ୍ୟମ କରିବାକୁ କହିଥିଲେ।

## ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଯାଜପୁର, ୩।୭ (ସମିସ):** ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ବିବାହ କରୁଥିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକ ଗିରଫ କରିଛି। ଧର୍ମଶାଳା ଥାନା କାଏମା ଅଞ୍ଚଳର ଜଣେ ଯୁବତୀଙ୍କୁ କୁଆଖିଆ ଥାନା ଗୋପାଳପୁର ଗ୍ରାମର ପରମାନନ୍ଦ ଦାସଙ୍କ ପୁଅ ବିଜୟ କୁମାର ଦାସ (୩୦) ଦୀର୍ଘ ବର୍ଷ ହେବ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଯୁବତୀଙ୍କ ଅଗୋଚରରେ ସମ୍ପୃକ୍ତ ଯୁବକ ବ୍ରହ୍ମବରଦା ଅଞ୍ଚଳରେ ବିବାହ ଠିକ୍ ହୋଇଥିବା ଜଣାପଡ଼ିଥିଲା। ଯୁବକଙ୍କ ଆଜି ବିବାହ ଥିବାବେଳେ ଯୁବତୀ ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକ ବିଜୟକୁ ଗୋପାଳପୁର ଗ୍ରାମରୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଜାରକା ଫ୍ଲାଏଓଭର ତଳେ ଅଜଣା କାର୍‌କୁ ନେଇ ଚର୍ଚ୍ଚା

**ଯାଜପୁର, ୩।୭ (ସମିସ):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥର ଜାରକା ଫ୍ଲାଏଓଭର ବ୍ରିଜ ତଳେ ଗତ ୪ ଦିନ ହେଲା ଛିଡା ହୋଇଥିବା ଏକ କାର୍ କାହାର ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ୪ ଦିନ ହେବ ଜାରକା ଫ୍ଲାଏଓଭର ବ୍ରିଜ ତଳେ ଧଳାରଙ୍ଗର କାର୍ ଛିଡ଼ା ରହିଛି। ଏହାକୁ କେହି ନେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ




ବଢ଼ିବାରେ ଲାଗିଛି। ଆଜି କାର୍‌ର ନମ୍ବରକୁ ନେଇ ଚଣ୍ଡିଖୋଲସ୍ଥ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଆଧାରରେ ଜେନାପୁର ଥାନା ପାରିକ୍ଷେତ ଗ୍ରାମର ଚିନ୍ମୟ ପାତ୍ରଙ୍କ ନାମରେ କାର୍ ଥିବା ସୂଚନା ମିଳିଛି। କାର୍‌ଟି ଜାରକା ବିଟ ହାଉସର ୫୦ ମିଟର ବ୍ୟବଧାନରେ ରହିଛି। ଏଠାରେ ରହିଥିବାବେଳେ ପୁଲିସ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ନ ପାଇବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। କାର୍‌କୁ ଥାନାକୁ ଅଣାଯାଇ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ



**ଯାଜପୁର, ୩।୭ (ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ସହିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଡ. ଜୀବନ ଜ୍ୟୋତି ରଥ ପରିବାର ଅଦାଲତ ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଦୌରାଜଜ ସୁନୀଲ କୁମାର ଦାସ, ପୋକସୋ କୋର୍ଟ ସ୍ପେଶାଲ ଜଜ ଅଭିଜିତ ପଲେଇ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟଚୌଧୁରୀ, ଏଲଆର ଓ ଏଲଭି ଲୋପାମୁଦ୍ରା ବେହେରା, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ସିଭିଲ ଜଜ କୋର୍ଟ ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଏସଡିଜିଏମ ଇପସିତା ନନ୍ଦ, ଦେୱାନୀ ବିଚାରପତି ପାରସ ପାଢ଼ୀ, ଜେଏମଏଫଏସି ସୁନାରାମ ମାଝି ପ୍ରମୁଖ ସାମିଲ ହୋଇ ବନ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଜ୍ୟୋତିର୍ମୟୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରିଣୀ ନିବେଦିତା ପାଣି, ସମ୍ପୃକ୍ତ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ପୁରୀ ରଥଯାତ୍ରା ପାଇଁ ହେଲପିଙ୍ଗ୍ ଗ୍ରୁପ୍‌ର ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୩।୭ (ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇବ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପ। ଏଥିନିମନ୍ତେ ପାଣିକୋଇଲିସ୍ଥ ମା' ତାରିଣୀ ମନ୍ଦିରରେ ଗ୍ରୁପର ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଗ୍ରୁପର ଉପଦେଷ୍ଟା ସୁବାସ ଧଳ, ଅଶୋକ କୁମାର ବଳ, ତାରିଣୀ କୁମାର ପଟ୍ଟନାୟକଙ୍କ ସମେତ ସଦସ୍ୟ ମେଘନାଦ ଜେନା, ହରେକୃଷ୍ଣ ସାହୁ, ସୁନୀଲ କୁମାର ଓଝା, ବିନାୟକ ବେହେରା, ପ୍ରସନ୍ନ ପଣ୍ଡା, ନିରଞ୍ଜନ ବେହେରା, ବିଶ୍ୱଜିତ ଦାସ, ତ୍ରିଲୋଚନ ଦାଶ, ଚୈତନ୍ୟ ମଲ୍ଲିକ, ଅଜିତ କୁମାର ସାହୁ, ସନ୍ତୋଷ ମହାପାତ୍ର, ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଆଇଜିଏମ୍ ଡିଗ୍ରୀ କଲେଜ ଛାତ୍ରୀଙ୍କୁ ମେଧାବୃତ୍ତି



**ବ୍ୟାସନଗର, ୩।୭ (ସମିସ):** କଳିଙ୍ଗନଗର ଭିସା ଷ୍ଟିଲ ପକ୍ଷରୁ ବ୍ୟାସନଗରସ୍ଥ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଏ ନେଇ ଅଧ୍ୟାପକ ମଳୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇ ଭିସା ଷ୍ଟିଲ ପକ୍ଷରୁ ଯୋଗ୍ୟ ବିବେଚିତ ଛାତ୍ରୀ ମୋନାଲିସା ଜେନା, ଅନୁରାଧା ଦାଶ, ଅର୍ପିତା ପ୍ରିୟଦର୍ଶିନୀ ସାମଲ, ସାଗରିକା ଜେନା, ଗାୟତ୍ରୀ ସାହୁ, ଶିବାନୀ ସେଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବ୍ରହ୍ମ, ସ୍ମୃତିରେଖା ସାହୁ, ଭାଗ୍ୟଶ୍ରୀ ଦାସ, ଲିସାରାଣୀ ସାମଲ, ସୁଶ୍ରୀ ସଙ୍ଗିତା ଦେଓ, ସୋନାଲିକା ଦାଶ, ଅଭିଲିପ୍ସା ସାମଲ ପ୍ରମୁଖଙ୍କୁ ପ୍ରଦତ୍ତ ବୃତ୍ତି ରାଶି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲିପ୍‌ସା ମିଶ୍ର, ମୁଖ୍ୟ କିରାଣି ପ୍ରଦୀପ କୁମାର ପରିଡ଼ା, ଡିଇଓ ଦୁର୍ଗାବତୀ ସ୍ୱାଇଁ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ଡାକ୍ତର ଦିବସ ପାଳିତ

**ଯାଜପୁର ଟାଉନ, ୩।୭ (ସମିସ):** ଇଣ୍ଡିଆନ ମେଡିକାଲ ଆସୋସିଏସନର ଯାଜପୁର ଶାଖା ପକ୍ଷରୁ ଯାଜପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାର ସଭା ଗୃହରେ ଜିଲ୍ଲାର ଡାକ୍ତରଙ୍କ ଦ୍ୱାରା ଜାତୀୟ ଡାକ୍ତର ଦିବସ ପାଳନ କରାଯାଇଥିଲା। ଭାରତରତ୍ନ ସମ୍ମାନପ୍ରାପ୍ତ ବିଶିଷ୍ଟ ଚିକିତ୍ସକ, ଦକ୍ଷ ରାଜନେତା ଓ ଚିକିତ୍ସା କ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିଥିବା ସ୍ୱର୍ଗତ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କୁ ସମ୍ମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଥାଏ। ସେହି ଉପଲକ୍ଷେ ଆୟୋଜିତ ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯାଜପୁରର ଭାରପ୍ରାପ୍ତ ସିଡିଏମଓ ଡାକ୍ତର ସୁଧାଂଶୁ ଶେଖର ବଳ ଉଦ୍‌ଘାଟନ କରିଥିଲେ। ଇଣ୍ଡିଆନ ମେଡିକାଲ ଆସୋସିଏସନ ଯାଜପୁର ଶାଖା ସଭାପତି ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନୁଷ୍ଠାନର ସମ୍ପାଦକ ଡାକ୍ତର ଏକେଏନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଆଲୋଚନା କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଭାଗୀରଥି ପାଣି ଡାକ୍ତରଙ୍କ ରୋଗୀ ଚିକିତ୍ସା କ୍ଷେତ୍ରରେ




କାର୍ତ୍ତିକ ଚନ୍ଦ୍ର ରାଉତ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜୀବନୀ ଓ ଉତ୍ସର୍ଗୀକୃତ ଡାକ୍ତରୀ ସେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚକ୍ଷୁ ରୋଗ ବିଶେଷଜ୍ଞ ଓ ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧ୍ୟକ୍ଷ ଡାକ୍ତର ରାଜକିଶୋର ପଣ୍ଡା ସାରା ବିଶ୍ୱରେ ଜନବିସ୍ଫୋରଣ ଯୋଗୁ ବିଶ୍ୱଶାନ୍ତି ବାଧାପ୍ରାପ୍ତ ହେବା ଓ ତା'ର ନିରାକରଣ ପାଇଁ ଡାକ୍ତରଙ୍କ ଭୂମିକା ସମ୍ପର୍କରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ସେସବୁର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଯାଜପୁରର ବରିଷ୍ଠ ଓ ବିଶିଷ୍ଟ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡାକ୍ତର ସାଧୁଚରଣ ଶତପଥୀ ଓ ଡାକ୍ତର ଗଣେଶ ଚନ୍ଦ୍ର ରାୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁରର ସମସ୍ତ ଡାକ୍ତର ଓ ନର୍ସିଂ ଅଫିସର ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ

# 'ବଜ୍ରପାତ ରୋକିବାକୁ ତାଳଗଛ ରୋପଣ କରାଯିବ'

**ସୁକିନ୍ଦା, ୩।୭ (ସମିସ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ୭୫ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଡଃ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବନମହୋତ୍ସବ ମାଧ୍ୟମରେ କେବଳ ନିଜ ପାଇଁ ନୁହେଁ ଭବିଷ୍ୟତ ବଂଶଧର ପାଇଁ ବ୍ୟାପକ ବୃକ୍ଷରୋପଣ କରିବାର ଆବଶ୍ୟକତା ରହିଛି। ୧୯୫୦ରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ କୃଷି ମନ୍ତ୍ରୀ କେଏମ୍ ମୁନ୍‌ସି ଆଜକୁ ୭୫ ବର୍ଷ ତଳେ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ ଓ ପରିବର୍ତ୍ତିତ ପରିବେଶ ସନ୍ତୁଳନକୁ ହୃଦୟଙ୍ଗମ କରି ବନ ମହୋତ୍ସବ ଆରମ୍ଭ କରିଥିଲେ। ଦ୍ରୁତ ଶିଳ୍ପାୟନ ସହିତ ଅବିରତ ବିକାଶ କାରଣରୁ କଳ କାରଖାନା



ବଢ଼ୁଛି। ଖଣି ଖନନ ବଢ଼ି ବଢ଼ି ଚାଲିଛି। ସମାନୁପାତରେ ରାସ୍ତାଘାଟ ନିର୍ମାଣ ମଧ୍ୟ ବଢ଼ିଛି। ଏସବୁ ମଧ୍ୟରେ କେବଳ ଜଙ୍ଗଲ କମି କମି ଚାଲିଥିବା ସେ ପ୍ରକାଶ କରିଥିଲେ। ସେଥିପାଇଁ କେବଳ ଅବିରତ ବୃକ୍ଷରୋପଣ କରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବଜ୍ରପାତ ଏକ ପ୍ରାକୃତିକ ବିପର୍ଯ୍ୟୟ। ବଜ୍ରପାତରେ ଦୈନିକ ବହୁ ଧନଜୀବନ ହାନୀ ଘଟୁଛି। ଏହାର ପ୍ରତିକାର ପାଇଁ ବ୍ୟାପକ ତାଳ ଗଛ ଲଗାଇବାର ଆବଶ୍ୟକତା ପଡ଼ିଲାଣି। ରାଜ୍ୟ ସରକାର ଚଳିତ ବର୍ଷ ୧୯ ଲକ୍ଷ ତାଳବୃକ୍ଷ ରୋପଣ କରିବାକୁ ଘୋଷଣା କରିଛନ୍ତି। ତେଣୁ ବନ ମହୋତ୍ସବକୁ ବ୍ୟାପକ ଭାବେ ପାଳନ କରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମକୁ ସଫଳ କରିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ।

ଜଙ୍ଗଲ ବିଭାଗର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା ଏହି କାର୍ଯ୍ୟକ୍ରମରେ ସମ୍ମାନିତି ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଗଣ ବନ ମହୋତ୍ସବରେ ପରିଣତ କରି 'ମା'ଙ୍କ ନାମରେ ଗୋଟିଏ ବୃକ୍ଷ ରୋପଣ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। କଟକ ବନଖଣ୍ଡ ଅଧିକାରୀ ପି. ଅର୍ଥନାରୀ, ସହକାରୀ ବନ ସଂରକ୍ଷକ ମାଧବୀ ଲତା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ମା'କଳାବାଇ ବନ ସୁରକ୍ଷା ସମିତିକୁ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ସମ୍ପର୍କୀୟ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ସହିତ କୋଡିଏ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ ଉପସ୍ଥିତ ଥିବାବେଳେ ଅମରେଶ ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।

## ଭିଜିଲାନ୍ସ ପଞ୍ଝାରେ ପୁଲିସ ଏସ୍‌ଆଇ

**ବିଂଝାରପୁର, ୩।୭ ( ସମିସ):** ବିଂଝାରପୁର ଥାନା ଏସ୍‌ଆଇ କେଶବ ଚନ୍ଦ୍ର ଦାଶ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଦୁର୍ଘଟଣା ମାମଲାରେ କାଗଜପତ୍ର ପ୍ରସ୍ତୁତି ପାଇଁ ସେ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କୁ ଗିରଫ କରାଯାଇଛି। ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି। ଅପରପକ୍ଷେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର କଟକ ଜଗତପୁରସ୍ଥିତ ବାସଭବନ ଓ କେନ୍ଦ୍ରାପଡ଼ା ପୋରଲସ୍ଥ ପୈତୃକ ବାସଭବନରେ ଚଢ଼ଉ କରିଛି। ଖବର ଲେଖା ହେବା ସୁଦ୍ଧା ଚଢ଼ଉ ଜାରି ରହିଥିଲା।

ସୂଚନା ମୁତାବକ, ଗତ ମେ' ୨୦ ତାରିଖରେ ସିଂହପୁର ଅଞ୍ଚଳର ସରୋଜ ପତି ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇ କଟକ ବଡ଼



**ବୀମା ଅର୍ଥ ପାଇବାରେ ସହାୟତା ପାଇଁ ୫ ହଜାର ଲାଞ୍ଚ ନେଉଥିଲେ**

ମେଡିକାଲରେ ଚିକିତ୍ସିତ ହେଉଥିଲେ। ଜୁନ୍ ୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସଂପର୍କରେ ସରୋଜଙ୍କ ପୁଅ ଅବିନାଶ ବିଂଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅବିନାଶଙ୍କ ଅଭିଯୋଗ ଆଧାରରେ ବିଂଝାରପୁର ଥାନାରେ ୩୬୬/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଥାନା ଏସ୍‌ଆଇ କେଶବ ଦାସ ଏହାର ତଦନ୍ତ କରୁଥିଲେ। ତେବେ ତଦନ୍ତ ସମୟରେ ବୀମା ଅର୍ଥ ପାଇବାକୁ ହେଲେ ସେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ସାହାଯ୍ୟ କରିବେ ଓ ଏଥିପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂପର୍କରେ ଅବିନାଶ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନାନୁଯାୟୀ, ଆଜି ଏସ୍‌ଆଇ କେଶବ ଦାଶ ତାଙ୍କ ସରକାରୀ ବାସଭବନରେ ଅବିନାଶଙ୍କଠାରୁ ୫ହଜାର ଟଙ୍କା ନେଉଥିବା ବେଳେ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଳ ଏକ୍କା ତାଙ୍କୁ ମାଡ଼ି ବସିଥିଲେ।

■ **ବାଲିଗାଡ଼ି ଛାଡ଼ିବାକୁ ୨୦ ହଜାର ଲାଞ୍ଚ**

## ଭିଜିଲାନ୍ସ ଜାଲରେ ତହସିଲଦାର ଓ ମୋହରି

**ନୟାଗଡ଼,୩।୭ (ସମିସ):** ବାଲିଗାଡ଼ି ଛାଡ଼ିବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଓ ମୋହରି ପ୍ରସନ୍ନ କୁମାର ସାହୁଙ୍କୁ ଗିରଫ କରିଛି। ଏହାସହ ଭିଜିଲାନ୍ସ ଧୋବେଇଙ୍କ




ଭୁବନେଶ୍ୱରରେ ଥିବା ଘର, ଭାପୁରସ୍ଥିତ ଭଡ଼ାଘର ସମେତ ଅନେକ ସ୍ଥାନରେ ଚଢ଼ଉ ଜାରି ରଖିଛି। ସୂଚନାନୁଯାୟୀ, ଖଣ୍ଡପଡ଼ା ତହସିଲ ଅଧୀନସ୍ଥ ମହାନଦୀରେ ଅନେକ ବେଆଇନ ବାଲିଘାଟ ଚାଲିଥିବା ବେଳେ ଏହାକୁ ପରୋକ୍ଷରେ ତହସିଲଦାର ଶ୍ରୀ ନାୟକ ପ୍ରଶ୍ରୟ ଦେଇ ଆସୁଥିଲେ। ନିଲାମ ବାଲି ଘାଟଗୁଡ଼ିକରୁ ହେଉଥିବା ବାଲିଚାଲାଣ ଗାଡ଼ିଗୁଡ଼ିକ ଧରି ଆକ୍ରୋଶମୂଳକ ଭାବେ ହଇରାଣ କରୁଥିଲେ। ଶ୍ରୀ ନାୟକ ଖଣ୍ଡପଡ଼ା ବାଇପାସ୍ ନିକଟରୁ ଦୁଇଟି ହାଇୱାକୁ ଧରିଥିଲେ। ଏହାକୁ ଛାଡ଼ିବା ପାଇଁ ହାଇୱା ମାଲିକଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ଏନେଇ ହାଇୱା ମାଲିକ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ମୋହରୀ ପ୍ରସନ୍ନ କୁମାର ସାହୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡ଼ି ବସିଥିଲା। ପ୍ରସନ୍ନଙ୍କ ସୂଚନାନୁସାରେ, ତହସିଲଦାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିବା ସହ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ବାସଭବନରେ ଚଢ଼ଉ କରାଯାଇଥିଲା।

## ସୀମାନ୍ତରେ ଦୁଇ ଇନାମୀ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୩।୭(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକମା ଜିଲ୍ଲାରେ ଜଣେ ମହିଳା ମାଓବାଦୀଙ୍କ ସମେତ ୨ଜଣ ଇନାମୀ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ସୋଡ଼ି ଗଜେନ୍ଦ୍ର ଓ ମହିଳା ମାଓବାଦୀ ସୋଡି ମଞ୍ଜୁଲା। ଏହି ଦୁଇଜଣ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନ ସହ ଜଡ଼ିତ ରହି



ବଡ଼ବଡ଼ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ପୁଲିସ୍ କହିଛି। ଉଭୟଙ୍କ ମୁଣ୍ଡ ଉପରେ ପାଞ୍ଚଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ମଧ୍ୟ ରହିଥିଲା। ସମୟକ୍ରମେ ମାଓ ସଂଗଠନ ନିଜର ନୀତିଆଦର୍ଶରୁ ଓହରି ଯାଉଥିବା ସହ ଦୁର୍ବଳ ହେଉଥିବା ବେଳେ ଏହି ଦୁଇ ମାଓବାଦୀ ସାଧାରଣ ଜୀବନଯାପନ କରିବା ଲକ୍ଷ୍ୟ ନେଇ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଉଭୟ ମାଓବାଦୀ କୋଣ୍ଟା ସିଆରପିଏଫ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଏବଂ ସୁକମା ଏସପି କିରଣ ଚୌହାନଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ନକ୍ସଲ ବିଲୋପ ଏବଂ ପୁନର୍ବାସ ନୀତି ଅନୁଯାୟୀ ସହାୟତା ତଥା ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

## ଟଙ୍କା ପାଇଁ ପ୍ରେମିକାକୁ ବିକିଦେଲା

ବଲାଙ୍ଗିର, ୩।୭(ସମିସ): ବିଶ୍ୱାସରେ ବିଷ ଦେଲା ପ୍ରେମିକ। ଯାହା ପାଇଁ ନିଜର ସ୍ୱାମୀ, ବାପା ଓ ଘର ପରିବାର ଛାଡ଼ି ଚାଲି ଆସିଥିଲା, ସେ ହିଁ ସୈତାନ ସାଜିଲା। ଟଙ୍କା ଲାଳସାରେ ପଡ଼ି ପ୍ରେମିକାକୁ ରାଜସ୍ଥାନରେ ବିକ୍ରି କରିଦେଲା। ଏଭଳି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ସଦରବ୍ଲକ ଅଧୀନ ବବଜା ଗ୍ରାମରେ। ଝିଅକୁ ଉଦ୍ଧାର ପାଇଁ ବୃଦ୍ଧ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାନୁଯାୟୀ, ବବଜା ଗ୍ରାମର ମୋହନବେଣୁ ସାହୁଙ୍କ ଝିଅ ରଞ୍ଜିତାଙ୍କୁ ତାଙ୍କ ପ୍ରେମିକ ରାଜସ୍ଥାନରେ ବିକ୍ରି କରି ଫେରାର୍ ହୋଇଯାଇଛି। ୨୦୨୩ ଏପ୍ରିଲରେ

- **ଉଦ୍ଧାର ପାଇଁ ରାଜସ୍ଥାନରୁ ଗୁହାରି କରୁଛି ବଲାଙ୍ଗିର ଝିଅ**
- **ବାହାଘରର ୨ ମାସ ପରେ ପ୍ରେମିକ ସହ ଫେରାର୍ ହୋଇଯାଇଥିଲେ**
- **ଥାନାର ଦ୍ୱାରସ୍ଥ ବୃଦ୍ଧ ବାପା**

ମୋହନବେଣୁ ସାଲେଭଟା ନିକଟସ୍ଥ ଖଲିଆପାଲି ଗ୍ରାମରେ ଝିଅକୁ ବିବାହ କରାଇଥିଲେ। ବାହାଘର ପରେ ଝିଅ-ଜ୍ୱାଇଁ ବଲାଙ୍ଗିର ସହରର ଶାନ୍ତିପଡ଼ାରେ ଏକ ଭଡ଼ାଘରେ ରହୁଥିଲେ। ବାହାଘରର ୨ ମାସ ପରେ ପାଟଣାଗଡ଼ ଥାନା ଅଧୀନ କଦଳୀମୁଣ୍ଡା ଅଞ୍ଚଳର ଅଜିତ ବାଗ ତାଙ୍କୁ ପ୍ରେମଜାଲରେ ଫସାଇ ଘରୁ ନେଇ ଯାଇଥିଲା। ଶାଶୂଘର ଓ ପରିବାରଲୋକ ବହୁ ଖୋଜାଖୋଜି କଲା ପରେ ବି ତାଙ୍କର ପତ୍ତା ପାଇନଥିଲେ। ତେବେ ଏହି ଘଟଣାକୁ ପ୍ରାୟ ବର୍ଷେ ବିତିଯାଇଥିବା ବେଳେ ଗତ କିଛି ଦିନ ହେବ ରଞ୍ଜିତାଙ୍କ ଫୋନ୍ ଆସୁଛି। ପ୍ରେମିକ ଅଜିତ ବାଗ୍ ତାଙ୍କୁ ରାଜସ୍ଥାନରେ ବିକି ଦେଇଥିବା କହୁଛନ୍ତି। ସେ ବର୍ତ୍ତମାନ ରାଜସ୍ଥାନର ବାରା ଜିଲ୍ଲା ଅଧୀନ ଭଟୱାଡାଠାରେ ରହୁଥିବା ପରିବାରଲୋକଙ୍କୁ ଜଣାଇବା ସହ ତାଙ୍କୁ ସେଠାରୁ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି। ଝିଅକୁ ଉଦ୍ଧାର କରିବାକୁ ବୁଢ଼ା ବାପା ଅକ୍ଷମ ହେବାରୁ ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ଲିଖିତ ଅଭିଯୋଗ କରିବା ସହିତ ତାଙ୍କର ଝିଅକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।

# ଓଲଟ ଶୁଆଙ୍କ ତାତ୍ତ୍ୱିକ ଭାବ






**ପୁରୀ,୩।୭(ସମିସ):** ପରମକାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ପ୍ରଭୁ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଜନ୍ମସ୍ଥାନକୁ ବୁଲି ଯାଇଥାନ୍ତି। ଏଥିନିମନ୍ତେ ଅକ୍ଷୟ ତୃତୀୟାଠାରୁ ରଥଖଳାରେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ତିନିରଥରେ ବିଭିନ୍ନ ଅଂଶରେ ଦେବତା ଏବଂ ଅନ୍ୟାନ୍ୟ ଋଷିମାନଙ୍କର ଅବସ୍ଥାନ ଦେଖିବାକୁ ମିଳେ। ସେହିଭଳି ପ୍ରତ୍ୟେକ ରଥର ଉର୍ଦ୍ଧ୍ୱ ଭାଗରେ ୨ଟି ଲେଖାଏଁ ଶୁଆ ବିପରୀତ ଦିଗକୁ ମୁଖ କରି ରହିଥାନ୍ତି। ଏହାକୁ ଓଲଟ ଶୁଆ କୁହାଯାଏ। ଏହି ଶୁଆ ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ବଢ଼ାଇଥାନ୍ତି। ତେବେ ତିନିରଥରେ ରହୁଥିବା ଶୁଆଙ୍କ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଯେଉଁ ଶୁଆ ଦୁଇଟି ରହିଥାନ୍ତି, ସେମାନଙ୍କର ନାମ ଜୀବ ଏବଂ ପରମ। ସେହିପରି ଶ୍ରୀବଳଭଦ୍ରଙ୍କ ରଥରେ ଯେଉଁ ଶୁକଯୁଗଳ ରହିଥାନ୍ତି ସେମାନଙ୍କର ନାମ ଶ୍ରଦ୍ଧା ଓ ବିଶ୍ୱାସ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜିତ ଶୁଆଦ୍ୱୟ ହେଲେ ସୁପର୍ଣ୍ଣ (ସୁନ୍ଦର ପକ୍ଷଯୁକ୍ତ ପକ୍ଷୀ) ଓ ଦ୍ୱାସୁପର୍ଣ୍ଣା।

ନନ୍ଦିଘୋଷ ରଥରେ ବିରାଜିତ ଜୀବ ଓ ପରମ ଏହି ଦୁହେଁ ପରମବନ୍ଧୁ। ପରମେଶ୍ୱରଙ୍କ ଅଂଶ ଜୀବବ୍ରହ୍ମ। ଜୀବବ୍ରହ୍ମ ଯେବେ ପରମ୍‌ବ୍ରହ୍ମଙ୍କୁ ଜାଣିପାରେ, ସେତେବେଳେ ସେ ମୁକ୍ତିଲାଭ କରେ। ଯେପର୍ଯ୍ୟନ୍ତ ଜୀବ ପରମର ସାକ୍ଷାତ୍ ନ ହୁଏ, ସେ ପର୍ଯ୍ୟନ୍ତ ଜୀବ ବନ୍ଧନରେ ପଡ଼ିଥାଏ ବୋଲି ଏମାନେ ସୂଚାଇ ଦିଅନ୍ତି।

ସେହିପରି ଭଗବାନଙ୍କୁ ପାଇବାକୁ ହେଲେ ୨ଟି ବସ୍ତୁର ଆବଶ୍ୟକତା ରହିଛି। ଗୋଟିଏ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ଅନ୍ୟଟି ହେଉଛି ବିଶ୍ୱାସ। କଥାରେ ଅଛି, ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର। ଭଗବାନଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ ନ ରହିଲେ ଭଗବତପ୍ରାପ୍ତି ସୁଲଭ ହୋଇ ନ ଥାଏ। ବଳଭଦ୍ରଙ୍କ ରଥରେ ଥିବା ଏହି ଦୁଇଟି ଶୁଆ ବିପରୀତ ମୁଖ ହୋଇ ରହିଥିବା ହେତୁ ଏଥିରୁ ସୂଚନା ମିଳୁଛି ଯେ ପର୍ଯ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସ ଦୃଢ଼ ନ ହୋଇଛି ସେ ପର୍ଯ୍ୟନ୍ତ ଭଗବତପ୍ରାପ୍ତି ସମ୍ଭବ ନୁହେଁ। ସେହିପରି ଦର୍ପଦଳନ ରଥରେ ବିରାଜିତ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣା ଶୁକ ଯୁଗଳଙ୍କୁ ଗୋଟିଏ ବୃକ୍ଷର ଦୁଇଟି ପକ୍ଷୀ ଭାବେ କଳ୍ପନା କରାଯାଇଛି। ଶରୀର ରୂପକ ଗୋଟିଏ ବୃକ୍ଷରେ ଜୀବାତ୍ମା ଓ ପରମାତ୍ମା ଦୁଇଟି ପକ୍ଷୀ ବାସ କରୁଛନ୍ତି। ଯେପର୍ଯ୍ୟନ୍ତ ଏହି ଦୁଇ ପରସ୍ପରକୁ ଚିହ୍ନି ନ ପାରନ୍ତି ସେ ପର୍ଯ୍ୟନ୍ତ ଦୁଃଖ ରହିଥାଏ। ଯେତେବେଳେ ଜୀବାତ୍ମା ପରମାତ୍ମାକୁ ଚିହ୍ନି ପାରେ ସେତେବେଳେ ସମସ୍ତ ଦୁଃଖ ଲାଘବ ହୁଏ ଏବଂ ଜୀବ ପରମଗତି ଲାଭ କରିଥାଏ ବୋଲି ଡ. ଦାଶ କହିଛନ୍ତି।

# ଦୁର୍ଘଟଣା ନେଲା ୬ ଜୀବନ

## ଜମିକୁ ଯାଉଥିବା ବେଳେ ପିଟିଲା ଗାଡ଼ି; ଦମ୍ପତି ମୃତ

**ମୁରିବାହାଲ, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ପତ୍ରାପାଲି (ଖ) ଗ୍ରାମ ଓଭରବ୍ରିଜ୍ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗମ୍ଭୀର ରଣା (୬୪) ତାଙ୍କ ସ୍ତ୍ରୀ ଭୂମିସୁତା ରଣା (୬୦)। ଉଭୟଙ୍କ ଘର ପତ୍ରାପାଲି ଗ୍ରାମରେ। ଆଜି ଭୋର୍ ପ୍ରାୟ ୫ଟାରେ ଏହି ଦମ୍ପତି ହଳ, ନଙ୍ଗଳ ଓ ଧାନ ଧରି ଜମିକୁ ଯାଉଥିବା ବେଳେ ଏକ ଗାଡ଼ି ଦୁହିଁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା।

**କ୍ଷତିପୂରଣ ଦାବିରେ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ କ୍ଷତିପୂରଣ ଦାବିରେ ପରିବାରଲୋକଙ୍କ ସମେତ ଗ୍ରାମବାସୀ ପାଖାପାଖି ୫ ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶହଶହ ଗାଡ଼ି ରାସ୍ତା ଉପରେ ଅଟକି ରହିଥିଲା। ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ମୁରିବାହାଲ ତହସିଲଦାର ଜଗିଦାସ କର୍ଣ୍ଣାମୀ, କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୂରିୟା ଲୁଗୁନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ପରିବାରକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଅବରୋଧ ହଟିଥିଲା।

## ବାଇକ୍‌କୁ ଚାପିଦେଲା ଟ୍ରକ୍; ୨ ମୃତ

ତୁରୁମୁଙ୍ଗା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଚେମେଣା ନିକଟରେ ବୁଧବାର ରାତି ୮ଟାରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ୨ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେବା ବାଟରେ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକଟି ଧକ୍କା ଦେବା ପରେ ବାଇକ୍ ସହ ଆରୋହୀଙ୍କୁ ଏକ କିମି ଯାଏ ଘୋଷାରି ନେଇ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଚିଳିଦା ନିକଟରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ବାଇକ୍ ସହ ଅରୋହୀଙ୍କୁ ଏକ କିମି ଯାଏ ଘୋଷାରିନେଲା**

## ଟ୍ରକ୍ ପଛକୁ ଧକ୍କାଦେଲା କାର୍; ଦୁଇ ସାଙ୍ଗ ମୃତ

**ବ୍ରହ୍ମପୁର, ୩।୭ (ସମିସ):** ସ୍ଥାନୀୟ ଗୋପାଳପୁର ଓଭରବ୍ରିଜ୍ ନିକଟସ୍ଥ ଏକ ଶୋ'ରୁମ୍ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ବନ୍ଧୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଛତ୍ରପୁର ଥାନା ଅନ୍ତର୍ଗତ ପାତି ଗୋପାଳପୁର ଗ୍ରାମର ରାଜୁ ପ୍ରଧାନ ଓ ଲୋକେଶ ରେଡ୍ଡୀ। ଆହତଜଣକ ହେଲେ, ଭୁବନେଶ୍ୱର ଅଞ୍ଚଳର ଶମ୍ଭୁ। ଶମ୍ଭୁଙ୍କ ଚିକିତ୍ସା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ କରାଯାଉଛି। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗୁରୁତର ଆହତଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାତିରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବା ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ରାଜୁ, ଲୋକେଶ ଓ ଶମ୍ଭୁ ୩ଜଣ ସାଙ୍ଗ ବ୍ରହ୍ମପୁର ସହରର ଏକ ଭୋଜିରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରକ୍ ପଛକୁ ଧକ୍କା ଦେଇ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ରାଜୁ ଓ ଲୋକେଶଙ୍କ ମୃତ୍ୟୁ ଘଟିଥିବା ବେଳେ ଶମ୍ଭୁ ଗୁରୁତର ଆହତ ହୋଇଥିଲେ। ଟ୍ରକ୍‌ଟି ଘଟଣାସ୍ଥଳରୁ ଚମ୍ପଟ ମାରି ଗୋଳନ୍ଥରା ଅଭିମୁଖେ ଯାଉଥିବା ବେଳେ ପୁଲିସ କାବୁ କରିଥିଲା। କିନ୍ତୁ ଚାଳକଜଣଙ୍କ ଫେରାର୍ ହୋଇଯାଇଛି।

## ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ପରଲୋକ

**ମାଲକାନଗିରି, ୩।୭(ସମିସ):** ମାଲକାନଗିରିର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ଆଦିତ୍ୟ ମାଢ଼ୀଙ୍କ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ଭୁବନେଶ୍ୱର ଏମ୍‌ସରେ ପରଲୋକ ଘଟିଛି। ତାଙ୍କୁ ୪୯ ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ସେ କିଡନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କର କିଡନୀ ପ୍ରତିରୋପଣ କରାଯାଇଥିଲା। ସ୍ୱର୍ଗତ ମାଢ଼ୀ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରୁ ନିଜର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ପରେ ୨୦୦୯ରେ ସେ



ରାଜନୀତିରେ ପାଦ ଥାପିଥିଲେ। ୨୦୦୯ ଓ ୨୦୧୪ରେ ସେ ବିଜେପି ପକ୍ଷରୁ ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। କିନ୍ତୁ ୨୦୧୯ରେ ତାଙ୍କୁ ସଫଳତା ମିଳିଥିଲା। ବିଧାୟକ ରୂପେ ବିଜୟୀ ହୋଇ ୨୦୨୪ ପର୍ଯ୍ୟନ୍ତ ମାଲକାନଗିରି ନିର୍ବାଚନମଣ୍ଡଳୀର ବିଧାୟକ ରହିଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଟ୍ରେଲର୍ ଧକ୍କାରେ ୪ ଗାଈ ମୃତ

**କାଲିମେଳା, ୩।୭(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା ଏମ୍‌ଭି-୬୬ ଗ୍ରାମ ନିକଟରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୪ଟି ଗାଈଙ୍କ ମୃତ୍ୟୁ ହୋଇଛି। ଗାଈଗୁଡ଼ିକ ରାସ୍ତା ଉପରେ ଶୋଇଥିବା ବେଳେ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ ଟ୍ରେଲର୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏଥିରେ ଗୋଟିଏ ଗୋରୁ ଆହତ ହୋଇଥିଲା। ଦୁର୍ଘଟଣା ପରେ ଟ୍ରେଲର ଡ୍ରାଇଭର ଗ୍ରାମ ଲୋକଙ୍କୁ ଡାକି ଏ ବାବଦରେ ଜଣାଇଥିଲେ। ପରେ ଗ୍ରାମବାସୀ ମିଶି ରାସ୍ତାରେ ପଡ଼ିଥିବା ମୃତ ଗୋରୁଙ୍କୁ ଉଠାଇଥିଲେ। ସୂଚନା ପାଇ କାଲିମେଳା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବାଣଭିଡ଼ା ବେଳେ ବିସ୍ଫୋରଣ; ୩ ଗୁରୁତର

କୁଆଖିଆ, ୩।୭ (ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ନାବାଳକ ସହ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଧନେଶ୍ୱର ପାଗଡ଼ (୫୦), ସିଦ୍ଧେଶ୍ୱର ପାଗଡ଼





(୨୫), ନାବାଳକ ଓମ୍ ପ୍ରକାଶ ଜେନା (୧୫)। ଆହତମାନଙ୍କୁ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଛି। କୁଆଖିଆ ପୁଲିସ ଡାକ୍ତରଖାନା ଓ ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବିନା ଲାଇସେନ୍ସରେ ଧନେଶ୍ୱର ଘର ଭିତରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିଲେ। ଆଜି ସେ ବାଣ ଭିଡୁଥିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବାରୁଦ ଓ ନିଆଁ ଝୁଲ ଛିଟିକି ପଡ଼ିବାରୁ ବାଣ ପ୍ରସ୍ତୁତ ଚାଲିଥିବା ଘରେ ଗୋଟିଏ ପରେ ଗୋଟିଏ ବାଣରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ଲୋକେ ବାହାରକୁ ବାହାରିପାରିନଥିଲେ। ସ୍ଥାନୀୟଲୋକେ ଘର ଭିତରୁ ୩ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଚି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। କିନ୍ତୁ ପୁଲିସ୍‌କୁ ଘଟଣାସ୍ଥଳରୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ଶେଷ ଖବର ଲେଖା ହେବା ସୁଦ୍ଧା ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ଆର୍‌ଡିଏର ଆଇନ ସହାୟକ ମନୋଜ ଦାଶ ଚାକିରିରୁ ବିଦା

**ରାଉରକେଲା, ୩।୭ (ସମିସ):** ଆର୍ଥିକ ଅନିୟମିତତା ଏବଂ କ୍ଷମତାର ଦୁରୁପଯୋଗ ଅଭିଯୋଗରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିବା ୨ ଅବସରପ୍ରାପ୍ତ ଅଧିକାରୀଙ୍କ ମଧ୍ୟରୁ ଆଇନ ସହାୟକ ମନୋଜ କୁମାର ଦାଶଙ୍କୁ ବୁଧବାର ବିଭାଗୀୟ କର୍ତ୍ତୃପକ୍ଷ ଚାକିରିରୁ ବରଖାସ୍ତ କରିଛନ୍ତି।

**ଭିଜିଲାନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ**

ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) (ପୂର୍ବରୁ ଆରଆରଆଇଟି)ର ଅବସରପ୍ରାପ୍ତ ସଚିବ ମେଡିସେଟ୍ଟି ଶେଷାଦ୍ରି, ଅବସରପ୍ରାପ୍ତ ପିଏଚଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ଇଞ୍ଜିନିୟରିଂ ସଦସ୍ୟ (ଆରଡିଏ) ଶିବ ଚରଣ ମହାନ୍ତି ଏବଂ ଆରଡିଏର ଆଇନ ସହାୟକ ମନୋଜ କୁମାର ଦାଶଙ୍କ ନାମରେ ଆର୍ଥିକ ଅନିୟମିତତା ଓ କ୍ଷମତାର ଦୁରୁପଯୋଗ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୧୯୯୮ରେ ଚାର୍ଜସିଟ କରାଯାଇଥିଲା। ଏହି ମାମଲାରେ ଗତ ୨୬ ତାରିଖ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମନୋଜ ଦାଶଙ୍କୁ ସରକାରୀ କ୍ଷମତା ଏବଂ ନିୟମ ଉଲ୍ଲଂଘନ କରି ଅଯଥା ସରକାରୀ ଅନୁଗ୍ରହ ଦେଖାଇବା ଅଭିଯୋଗରେ ୨ ବର୍ଷ କଠୋର କାରାଦଣ୍ଡାଦେଶ ଏବଂ ୫ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଥିଲେ।

## ସୁବର୍ଣ୍ଣରେଖା ଶାଖା କେନାଲରେ ଖସିପଡ଼ିଲା ହାତୀଛୁଆ

**ମୋରଡ଼ା/ବେତନଟୀ, ୩।୭ (ସମିସ):** କେନାଲ ଭିତରୁ ୬ ମାସର ଏକ ଛୁଆ ହାତୀକୁ ଉଦ୍ଧାର କରିବାକୁ ଯାଇ ବନ ବିଭାଗ ନାକେଦମ୍। ଗୋଟିଏ ପଟେ ଉଦ୍ଧାର ଜନିତ ପ୍ରତିକୂଳ ସ୍ଥିତି ସାଙ୍ଗକୁ ଅନ୍ୟପଟେ ଉଦ୍ଧାରକାରୀ ଟିମ୍‌କୁ ହାତୀପଲଙ୍କ ଘନଘନ ଆକ୍ରମଣ। କିନ୍ତୁ ଏହା ସତ୍ତ୍ୱେ ଦୀର୍ଘ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଛୁଆ ହାତୀକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ବେତନଟୀ ରେଞ୍ଜ ଅଧୀନ ଅସନବଣି ଗାଁ ଦେଇ ଯାଇଥିବା ସୁବର୍ଣ୍ଣରେଖା ଶାଖା କେନାଲ ନିକଟରେ ଘଟିଥିବା ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।




ସୂଚନା ମୁତାବକ, ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲରେ ରହିଥିବା ମୁଦ୍ଦଳରୁ ଅଲଗା ହୋଇ ୧୪-୧୫ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଅସନବଣି ଗାଁକୁ ପଶି ଆସିଥିଲେ। ବୁଧବାର ଭୋର୍‌ରେ ପ୍ରତ୍ୟାବର୍ତ୍ତନ ସମୟରେ ଅନ୍ଧାରରେ ୬ ମାସର ହାତୀ ଶାବକ ଜାଣି ନ ପାରି ଅସାବଧାନତା ବଶତଃ କେନାଲ ଭିତରେ ଖସି ପଡ଼ିଥିଲା। ସାଙ୍ଗରେ ଥିବା ମା' ହାତୀ ସମେତ ଅନ୍ୟ ଏକ ମାଈ ହାତୀ ଉଭୟ ଚେଷ୍ଟା କରିଥିଲେ ସୁଦ୍ଧା ଉଦ୍ଧାର କରିପାରି ନ ଥିଲେ। ଏପଟେ ଉଦ୍ଧାର କରିବାକୁ ଛୁଆର ଚିତ୍କାର ଶୁଣି ଦୁଇଟି ବିଶାଳ ହାତୀ ରାଗରେ ଗର୍ଜନ କରିଥିଲେ। ସଙ୍ଗେସଙ୍ଗେ ବନ ବିଭାଗର ଟିମ୍ ଓ ଗ୍ରାମବାସୀ ଏକଜୁଟ ହୋଇଥିବା ବେଳେ ଅନ୍ଧାରରେ ପାଖକୁ ଯିବାକୁ ସାହସ କରିପାରି ନଥିଲେ। ପରେ ଏକ ଜେସିବି ସାହାଯ୍ୟରେ କେନାଲର ଗୋଟିଏ ପାର୍ଶ୍ୱକୁ ପୋତି ଭୂମି ସହିତ ସମତଳ କରାଯାଇଥିଲା। ଶେଷରେ ପୋତା ଯାଇଥିବା କେନାଲ ନିକଟରେ

■ **ଉଦ୍ଧାର ପାଇଁ ବନ ବିଭାଗ ନାକେଦମ୍**
■ **ଜେସିବି ଓ ବନ କର୍ମଚାରୀଙ୍କୁ ହାତୀପଲଙ୍କ ଆକ୍ରମଣ**

ହାତୀ ଛୁଆଟି ଅନାୟାସରେ ବାହାରକୁ ବାହାରି ଆସିଥିଲା ଏବଂ ମା' ହାତୀ ସହ ଜଙ୍ଗଲକୁ ପଳାଇଥିଲା।

ତେବେ ବେତନଟୀ ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଥିବା ସମୟରେ ମା'ହାତୀ ଓ ଅନ୍ୟ ବିଶାଳ ମାଈ ହାତୀଦ୍ୱୟ ଜେସିବି ମେସିନ୍ ସମେତ ବନ ବିଭାଗର ଟିମ୍ ଉପରେ ଘନଘନ ଆକ୍ରମଣ କରି ଚାଲିଥିଲେ। ଫଳରେ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ରେଞ୍ଜର୍ ମନୱର ଖାଁଙ୍କ ନେତୃତ୍ୱରେ ବନପାଳ, ବନରକ୍ଷୀ, ପାରା ବନକର୍ମଚାରୀ, ଗଜସାଥୀ ପ୍ରମୁଖ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

ଆମେ ପ୍ରତି ୫୦ କେଜି ମାଛ ଧରିବା ବେଳେ ତା'ସହିତ ୩୦ କେଜି ପ୍ଲାଷ୍ଟିକ୍ ମଧ୍ୟ ଜାଲରେ ପଡୁଛି ।
-ଭି ବାଲାଜୀ(ଚେନ୍ନାଇ ଉପକୂଳର ମତ୍ସ୍ୟଜୀବୀ)



ସକାଳ
THE SAKALA

## ଉତ୍ତରପ୍ରଦେଶ ହାଥ୍ରସ ସତ୍‌ସଙ୍ଗ ସଭାରେ ଅଘଟଣ

# ଆଉ କେତେ ହେଲେ ଶିଖିବା?

ତୀର୍ଥ ପର୍ଯ୍ୟଟନସ୍ଥଳ, ଧାର୍ମିକ ସମାବେଶ ଓ ସତ୍‌ସଙ୍ଗ ଆଦି କାର୍ଯ୍ୟରେ ଦୁର୍ଘଟଣା ଜନିତ ଗଣଅପମୃତ୍ୟୁ ନୂଆ କଥା ନୁହେଁ । ସବୁ ଧର୍ମ, ମତ ଓ ପନ୍ଥରେ ଭାରତ ସମେତ ସମଗ୍ର ବିଶ୍ୱରେ ମଝିରେ ମଝିରେ ଏଭଳି ଘଟଣା ଘଟିଥାଏ । ପରିତାପର ବିଷୟ ହେଲା ମଣିଷ, ଆୟୋଜକ, କର୍ତ୍ତୃପକ୍ଷ ଏଥିରୁ କିଛି ଶିଖନ୍ତି ନାହିଁ । ଯଦି ଏଥିପ୍ରତି କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ପକ୍ଷ ଉପଯୁକ୍ତ ଧ୍ୟାନ ଦେଉଥା'ନ୍ତେ, ତା'ହେଲେ ଉତ୍ତରପ୍ରଦେଶର ହାଥ୍ରସ ଜିଲ୍ଲାରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣାର ପୁନରାବୃତ୍ତି ହୋଇନଥା'ନ୍ତା ।

ସରକାରୀ ସୂଚନା ଅନୁସାରେ ଜଣେ ଆତ୍ମଘୋଷିତ ଆଧୁନିକ ସାଧୁ ଓ ଧାର୍ମିକ ପ୍ରଚାରକ ବିଶ୍ୱହରି ଭୋଲେ ବାବାଙ୍କ ପ୍ରବଚନ ଶୁଣିବା ପାଇଁ ଏକ ଛୋଟ ଗାଁରେ ସତ୍‌ସଙ୍ଗ ଆୟୋଜିତ ହୋଇଥିଲା । ମୌଳିକ ସୁବିଧା ସୁଯୋଗ ନଥିବା ଏହି ଗାଁରେ ଏକ ଲକ୍ଷ ଭକ୍ତଙ୍କ ବସିବା ପାଇଁ ଯେଉଁ ତମ୍ବୁ ପ୍ରସ୍ତୁତ ହୋଇଥିଲା, ତାହାର ପ୍ରବେଶ / ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିଲା । ତମ୍ବୁ ଚତୁଃପାର୍ଶ୍ୱରେ ନାଳ ରହିଥିବା ବେଳେ ଗାଡ଼ିମୋଟର ସବୁ ଥୁଆ ହୋଇଥିବାରୁ ସେଥିରୁ ସହଜରେ ବାହାରିବାର ବ୍ୟବସ୍ଥା ନଥିଲା । ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ କିଛି ଲୋକ ପ୍ରବଚନ ପରେ ତୁରନ୍ତ ବାହାରକୁ ଆସିବା ବେଳେ ପ୍ରସ୍ଥାନ ଦ୍ୱାର ପାଖରେ ଦଳାଚକଟା ହୋଇଥିଲା । ଏଥିରେ ପ୍ରାୟ ୧୨୦ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ । ଏହାଛଡ଼ା ପ୍ରାୟ ୫୦୦ ଗୁରୁତର ହୋଇଛନ୍ତି । ଆଖପାଖରେ ଏତେ ଆହତଙ୍କୁ ଆଶୁ ଚିକିତ୍ସା କରିବାର ସୁବିଧା ନଥିବାରୁ ଅନେକ ପ୍ରାଣ ଅକାଳରେ ଚାଲିଯାଇଛି ।

ଏଭଳି ସ୍ଥିତିରେ ଦୁର୍ଘଟଣା କାରଣ ହଠାତ୍ ଜାଣିବା କଷ୍ଟ ହୋଇଥାଏ । ବିଭିନ୍ନ ଲୋକ ନାନା କଥା କହନ୍ତି । କ'ଣ ସତ, କ'ଣ ମିଛ, ତାହା କହିବା ସହଜ ନୁହେଁ । କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ପ୍ରବଚନ ପରେ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ସତ୍‌ସଙ୍ଗୀମାନେ ବାହାରକୁ ବାହାରୁଥିବା ବେଳେ ଆଉ କିଛି ବିପରୀତ ଦିଗରେ ଧସେଇ ପଶି ବାବା ବସିଥିବା ସ୍ଥାନରୁ ତଥାକଥିତ ପବିତ୍ର ମାଟି (ଧୂଳି) ସଂଗ୍ରହ କରିବାକୁ ଉଦ୍ୟମ କରିବାରୁ ଦଳାଚକଟା ହୋଇଥିଲା । ଜିଲ୍ଲା ପ୍ରଶାସନର ସଫେଇ ହେଲା ଯେ ଏହି ସତ୍‌ସଙ୍ଗ ପାଇଁ ଆୟୋଜକଙ୍କୁ ଅସ୍ଥାୟୀ ଅନୁମତି ମିଳିଥିଲା । ସେମାନେ ଆବଶ୍ୟକ ବ୍ୟବସ୍ଥା ନକରି ଏହାର ଆୟୋଜନ କରିଥିଲେ । ଆୟୋଜକଙ୍କ କହିବା କଥା ହେଲା ଯେ ପୁଲିସ୍ ଓ ପ୍ରଶାସନର ସୁରକ୍ଷା ତ୍ରୁଟି ଯୋଗୁଁ ଏହି ଘଟଣା ଘଟିଲା । ଦୁର୍ଘଟଣା ସର୍ବଦା ଦୁର୍ଘଟଣା ଏବଂ ଏହାର କାରଣ ତଦନ୍ତରୁ ଜଣାପଡ଼ିବ । ଆମକୁ କିନ୍ତୁ ଜଳ ଜଳ ଦେଖାଯାଉଛି ଯେ ମୌଳିକ ସୁବିଧା ସୁଯୋଗ ନଥିବା ଏକ ଅଗମ୍ୟ ସ୍ଥାନରେ ଏତେ ବଡ଼ ସତ୍‌ସଙ୍ଗ ପାଇଁ ଅନୁମତି ଦେବାରେ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ଅବହେଳା ପ୍ରଦର୍ଶନ କରିଛନ୍ତି ।

ଧର୍ମ ଓ ବିଶ୍ୱାସ ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ । ତାହାକୁ ନେଇ ଟିପ୍ପଣୀ ଦେବା ଠିକ୍ ହେବ ନାହିଁ । ତେବେ ଧର୍ମ, ବିଶ୍ୱାସ ଓ ଆସ୍ଥା ନାମରେ ଏଭଳି ଗଣମୃତ୍ୟୁ ଘଟଣାକୁ ସ୍ୱୀକାର କରାଯାଇ ନପାରେ । ଏଭଳି ଘଟଣାରେ ମହିଳା, ଶିଶୁ, ବୁଢ଼ାବୁଢ଼ୀ ଓ ରୋଗୀ ଅଧିକ ସଂଖ୍ୟାରେ ମୃତାହତ ହୋଇଥା'ନ୍ତି । ସେମାନେ ଯେଉଁ ପୁଣ୍ୟ ଲାଭ ଓ ବିଶ୍ୱାସ ନେଇ ଏଭଳି ଆସରକୁ ଆସନ୍ତି, ସେଥିରେ ସେମାନଙ୍କର ଅପମୃତ୍ୟୁକୁ ଏକ ଅଲଭ୍ୟ ମରଣ ଭାବିବା ମୂର୍ଖାମୀ ଏବଂ ମାନବିକତାର ପରିପନ୍ଥୀ । ପ୍ରବଚକ, ବାବା, ପ୍ରମୁଖ ଆୟୋଜକମାନେ ଏହି ଦୁର୍ଘଟଣାରେ କ୍ୱଚିତ ମୃତାହତ ହୋଇଥା'ନ୍ତି; ବରଂ ସେମାନେ କୌଶଳକ୍ରମେ ସେଠାରୁ ପଳାୟନ କରି ନିଜକୁ ଆଇନ ହାତରୁ ବଞ୍ଚାଇବାକୁ ଚେଷ୍ଟା କରନ୍ତି । ବିଭିନ୍ନ ସତ୍‌ସଙ୍ଗ, ଧାର୍ମିକ ସମ୍ମିଳନୀ ଓ ଆୟୋଜନରେ ସମ୍ପୃକ୍ତ ସଂଗଠନ ବା ପନ୍ଥର ନୀତି ନିୟମ ଅନୁସାରେ କାର୍ଯ୍ୟ ହୋଇଥାଏ, ଯାହା ସରକାରୀ ନିରାପତ୍ତାମାନର ବିରୋଧାଚରଣ କରେ । ଅତିଶୟ ଦହନଶୀଳ ପଦାର୍ଥରେ ଶିବିର ନିର୍ମାଣ କରିବା, ପର୍ଣ୍ଣକୁଟୀରରେ ତୃଣ ଶଯ୍ୟାରେ ଶୋଇବା, ନିରାପତ୍ତା ବ୍ୟବସ୍ଥାକୁ ଆରାଧ୍ୟଙ୍କ ଉପରେ ଛାଡ଼ିଦେବା ଆଦି ମାନସିକତା ନିଶ୍ଚୟ ବିପଜ୍ଜନକ । ୧୯୮୭ ଫେବ୍ରୁଆରୀ ୨୩ରେ ଆମ ବାରିପଦାର ମଧୁବନ ପଡ଼ିଆରେ ଆୟୋଜିତ ନିଗମାନନ୍ଦ ଭକ୍ତ ସମ୍ମିଳନୀରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ କଥା ଲୋକେ ଏବେ ବି ଭୁଲି ନାହାନ୍ତି । ଏଥିରେ ପ୍ରାୟ ୩୦ ପିଲା, ୧୦ ମହିଳାଙ୍କ ସମେତ ୨୧୫ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ ।

ଭାରତରେ ଏଭଳି ଦଳାଚକଟା ଓ ଅଗ୍ନିକାଣ୍ଡ ଜନିତ ମୃତ୍ୟୁ ହାର ଅଧିକ ହେବା ପଛରେ ରହିଛି ସତର୍କତାର ଅଭାବ ଓ ଅତିଶୟ ଧର୍ମପ୍ରବଣତା । ୨୦୦୫ ଜାନୁୟାରୀରେ ମହାରାଷ୍ଟ୍ରର ମାନ୍ଧରଦେବୀ ମନ୍ଦିର ପାଖରେ ଦଳାଚକଟାରେ ୨୬୫ ଭକ୍ତ ପ୍ରାଣ ହରାଇଥିଲେ । ସେହିଭଳି ୨୦୦୮ରେ ହିମାଚଳର ନୈନା ଦେବୀ ମନ୍ଦିର ଓ ରାଜସ୍ଥାନର ଯୋଧପୁରସ୍ଥିତ ଚାମୁଣ୍ଡାଦେବୀ ମନ୍ଦିରରେ ଗୁଜବରୁ ଦଳାଚକଟା ଘଟି ଉଭୟ ଘଟଣାରେ ଶତାଧିକ ଭକ୍ତଙ୍କ ଜୀବନ ଯାଇଥିଲା । ୨୦୧୩ରେ ରତନଗଡ଼ ମନ୍ଦିର ଓ ୨୦୨୩ରେ ଇନ୍ଦୋରର ଏକ ମନ୍ଦିରରେ ଏଭଳି ଦୁର୍ଘଟଣା ଘଟି ଅନେକ ଶ୍ରଦ୍ଧାଳୁ ପ୍ରାଣ ହରାଇଥିଲେ ।

ଧର୍ମସ୍ଥଳ ଓ ଧାର୍ମିକ ସମାବେଶରେ ଦଳାଚକଟା ଓ ଦୁର୍ଘଟଣାର କେତେକ ନିର୍ଦ୍ଦିଷ୍ଟ କାରଣ ରହିଛି । ସେଥିରେ ରହିଛି ସ୍ଥାନର ସ୍ଥିତି ଓ ଆତଯାତ ସୁବିଧାର ଅଭାବ, ସଂକୀର୍ଣ୍ଣ ପଥ ଓ ପରିସର, ଗୁଜବରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭୟ ଜନିତ ଠେଲାପେଲା ଓ ଦଳାଚକଟା, ଅଗ୍ନିକାଣ୍ଡ ଏବଂ ସୁରକ୍ଷା ବ୍ୟବସ୍ଥା ତଥା ଭିଡ଼ ନିୟନ୍ତ୍ରଣରେ ତ୍ରୁଟି । ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର, କର୍ତ୍ତୃପକ୍ଷ, ଆୟୋଜକ ଓ ଭକ୍ତ ଏଥିପ୍ରତି ସତର୍କ ନ ହେବା ମଣିଷର ସାମୂହିକ ବିବେକକୁ ଦୋହଲାଇ ଦେଉଛି । ଏଭଳି କାର୍ଯ୍ୟକ୍ରମରେ ପରିଚାଳନା ପାଇଁ ମାନବ ନୀତି (ଏସ୍‌ଓପି) ଓ ନିୟମ ରହିଛି । ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରମାନେ ତାହାକୁ କଡ଼ାକଡ଼ି ଭାବେ ପାଳନ ନ କରିବା ଅର୍ଥ ଏଥିରେ କିଛି ରହସ୍ୟ ରହୁଛି । ପ୍ରଥମେ ମଣିଷ ଜୀବନ ତା'ପରେ ଧର୍ମ । ଧର୍ମ ଓ ପ୍ରବଚନ ଆଳରେ ମଣିଷ ଜୀବନକୁ ତୁଚ୍ଛ କରିଦେବା ମାନବ ଧର୍ମ କିମ୍ବା ରାଜଧର୍ମ ନୁହେଁ । ଆଶା କରିବା ସରକାର ଏହାକୁ ଆଉ ହାଲକା ଭାବେ ନ ନେଇ କଠୋର ସୁରକ୍ଷା ନୀତି କାର୍ଯ୍ୟକାରୀ କରିବେ । ପ୍ରତ୍ୟେକ ଭକ୍ତ ମଧ୍ୟ ନିଜ ସୁରକ୍ଷାକୁ ପ୍ରଥମେ ଅଗ୍ରାଧିକାର ଦେବା ଆବଶ୍ୟକ । ସର୍ବୋପରି ବାବା/ମାତାମାନଙ୍କର ଦେଶ ଭାରତରେ ଏହି ମାନବରୂପୀ ଆତ୍ମଘୋଷିତ ଈଶ୍ୱରମାନଙ୍କୁ ସେମାନଙ୍କ ଅନୁଗାମୀ ଓ ଭକ୍ତଙ୍କ ନିରାପତ୍ତା ପାଇଁ ଦାୟୀ କରିବାର ବୈଧାନିକ ବ୍ୟବସ୍ଥା କରାଯାଉ ।

# ଅତିଥି ଦେବୋ ଭବ

**ଡ. ଶରତ ଚନ୍ଦ୍ର ପରିଡ଼ା**
ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨

ଭାରତୀୟ ସନାତନ ଧର୍ମ ଓ ସଂସ୍କୃତି ପରସ୍ପରକୁ ସମ୍ମାନ ଦେବା ଶିଖାଇଛି । ଭାରତୀୟମାନେ ପରସ୍ପର ପାଇଁ ଚିନ୍ତା ପ୍ରକଟ କରିଥା'ନ୍ତି; ସେ ମଣିଷ ହେଉ, ପଶୁପକ୍ଷୀ ହେଉ, ବୃକ୍ଷଲତା ହେଉ ଅବା ପ୍ରକୃତି । ମାନବ ସଭ୍ୟତା ଆରମ୍ଭରୁ ଭାରତବର୍ଷର ଏହି ଗୌରବମୟ ପରମ୍ପରା ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରି ଆସିଛି । ଅତିଥି ଓ ଆତିଥେୟତା ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟରେ ଅତିଥି ଆଦର-ଅଭ୍ୟର୍ଥନାର ପାତ୍ର । ଭାରତୀୟ ଆଦର୍ଶର ଆଧାର ହେଉଛି-ଆମେ ଅନ୍ୟମାନଙ୍କୁ ଯେପରି ବ୍ୟବହାର ଦେଖାଇଥାଉ, ଅନ୍ୟମାନେ ଆମମାନଙ୍କୁ ସେପରି ବ୍ୟବହାର ଦେଖାଇଥା'ନ୍ତି । ଭାରତବର୍ଷର ଜୈନମୁନି ଓ ବୌଦ୍ଧଭିକ୍ଷୁମାନେ ହିନ୍ଦୁଧର୍ମର ବନ୍ଧୁତାପୂର୍ଣ୍ଣ ଆତିଥ୍ୟ ଲାଭ କରୁଥିଲେ । ବୌଦ୍ଧଧର୍ମର ଦିଘନିକାୟରେ ଆଦର୍ଶ ଗୃହିଣୀଙ୍କୁ ଉପଦେଶ ରହିଛି ଯେ ସ୍ୱାମୀଙ୍କ ଗୃହରେ ଅତିଥିମାନଙ୍କ ପ୍ରତି ସେବାପରାୟଣ ହୋଇ ରହିବ । ଆତିଥ୍ୟ ପ୍ରଦାନ କରିବା ଅବସରରେ କମାର ଚୁନ୍ଦ ଗୌତମ ବୁଦ୍ଧଙ୍କୁ ଜାଣିଶୁଣି ଛତୁରେ ବିଷ ଦେଇଥିଲା । ବୁଦ୍ଧ ତାହା ଭକ୍ଷଣ କରି ମୃତ୍ୟୁଶଯ୍ୟାରେ ଥିଲାବେଳେ ଦୁଃଖ କରୁଥିବା ଶିଷ୍ୟମାନଙ୍କୁ କହିଥିଲେ- 'ଅତିଥିପରାୟଣ ଚୁନ୍ଦ ତାଙ୍କ ଅତିଥିଙ୍କ ମୃତ୍ୟୁରେ ନିଜକୁ ଦୋଷୀ ମନେ ନକରନ୍ତୁ । ଚୁନ୍ଦଙ୍କ ଭୋଜନ ବୁଦ୍ଧଙ୍କୁ ନିର୍ବାଣର ପଥ ଦେଖାଇଥିବାରୁ ସେ ପ୍ରଶଂସନୀୟ ।' ଶିଖମାନେ ଅନୁରୂପ ଭାବେ ଅତିଥିପରାୟଣ ଥିଲେ । ପରବର୍ତ୍ତୀ କାଳର ଇସ୍‌ଲାମଧର୍ମୀ ଓ ଖ୍ରୀଷ୍ଟୀୟାନମାନେ ଆତିଥ୍ୟର ଅଲିଖିତ ନୀତିନିୟମକୁ ଯଥେଷ୍ଟ ସମ୍ମାନ ଦେଉଥିଲେ । ଜଣେ ବ୍ୟକ୍ତି କୌଣସି ଗ୍ରାମ ବା ଅଞ୍ଚଳରେ ରାତିରେ ଉପବାସରେ ରହିବା କେହି ମୁସଲିମ୍ ଚିନ୍ତା କରିପାରନ୍ତି ନାହିଁ । ଆରବ ଦେଶରେ ଖାଦ୍ୟଦାନ ଆତିଥ୍ୟ । ଅନ୍ନ ଦାନ ପରେ ଜଣେ ଅତିଥି ଆତିଥେୟଙ୍କ ପାରିବାରିକ ସଦସ୍ୟ ହୋଇଯା'ନ୍ତି । ଅତିଥିଙ୍କ ସୁରକ୍ଷା ଆତିଥେୟଙ୍କ କର୍ତ୍ତବ୍ୟ ହୋଇପଡ଼େ । କୋରାନ ମତେ ପ୍ରାକୃତିକ ଦୁର୍ବିପାକ ବା ଆବଶ୍ୟକ ସମୟରେ ଜଣେ ଅସହାୟ ବା ଅନାଥକୁ ଭୋଜନ ପ୍ରଦାନ ଆତିଥେୟତା ଅଟେ । ଖ୍ରୀଷ୍ଟଧର୍ମ ଉପଦେଶ ଦିଏ- ଅଜଣା ଲୋକମାନଙ୍କ ପାଇଁ ଘରର ଦରଜା ଖୋଲା ରଖିଲେ ଅତିଥି-ସେବକମାନଙ୍କ ପାଇଁ ଈଶ୍ୱରଙ୍କ ରାଜ୍ୟର ଦରଜା ସବୁବେଳେ ଖୋଲାଥାଏ । ଜଣେ ରୁଗ୍ଣ, ଦରିଦ୍ର, ଅନାଥ ଓ ବିଧବାଙ୍କ ସେବା ଆତିଥେୟତାର ମୂଳମନ୍ତ୍ର । ଚିକିତ୍ସାଳୟ ସ୍ଥାପନ କରିବା ଦ୍ୱାରା ଅପରିଚିତ ଓ ଅସହାୟ ଲୋକଙ୍କ ସେବାଯତ୍ନ କରିବା ସମ୍ଭବ ହୋଇଥାଏ ।

ସନାତନ ଧର୍ମରେ ଅତିଥି ପୂଜ୍ୟ । ଭାରତୀୟ ମୁନିଋଷିଙ୍କ ଆହ୍ୱାନ-'ଅସହାୟ ଓ ଗରିବକୁ ଦାନ କର' । ମୂଳତଃ ଗୃହସ୍ଥମାନେ ଆତିଥେୟ ଏବଂ ବ୍ରହ୍ମଚାରୀ ତଥା ବାସହୀନ ସର୍ବହରାମାନେ ଅତିଥି । ସଭ୍ୟତାର ଆରମ୍ଭରେ କେବଳ ବେଦପାଠୀ ବ୍ରାହ୍ମଣମାନେ ଅତିଥି ରୂପେ ସ୍ୱୀକୃତ ହେଉଥିଲେ । କିନ୍ତୁ ଆତିଥ୍ୟର ସଂଜ୍ଞା ବ୍ୟାପକ । ଋଗ୍‌ବେଦର ପୁରୁଷସୂକ୍ତରେ ଜାତିପ୍ରଥାର ଯୌକ୍ତିକତା ସାମାଜିକ ସଂହତି ପ୍ରତିଷ୍ଠା କରି ଲୋକମାନଙ୍କୁ ଏକତାସୂତ୍ରରେ ଆବଦ୍ଧ କଲା । ଭାରତୀୟ ସାଂସ୍କୃତିକ ପରମ୍ପରାରେ ସମାନତାର ବାର୍ତ୍ତା ପ୍ରଚାରପ୍ରସାର ହେଲା ପରେ ସାମାଜିକ ଚିତ୍ର ବଦଳିବାକୁ ଲାଗିଲା । ଗବେଷକ ଏ.ଏସ୍ ଗେଡେନ୍ କହନ୍ତି: 'ଭାରତ ପୃଥିବୀରେ ଏକମାତ୍ର ଦେଶ, ଯେଉଁଠାରେ ଗାଁ ଗଣ୍ଡାରେ ଯାଉଥିବା ବାଟୋଇର ଦୃଢ଼ ବିଶ୍ୱାସ ଥାଏ ଯେ ସେ ଯେକୌଣସି ଗାଁକୁ ଗଲେ ମଧ୍ୟ ଆବଶ୍ୟକତା କରୁଥିବା ଜରୁରୀ ପଦାର୍ଥ ନିଶ୍ଚୟ ଉପଲବ୍ଧ ହେବ ।' ଆଜି ମଧ୍ୟ ଏହି ଉକ୍ତିର ସତ୍ୟତା ରହିଛି ।

ଲାଟିନ୍ ଶବ୍ଦ 'ହସପିଟିୟମ୍' ଯାହା 'ହସପସ୍' ଶବ୍ଦରୁ ଆସିଛି, ଉଭୟ ଅତିଥି ଓ ଆତିଥେୟଙ୍କୁ ବୁଝାଏ ।



ଏହି ଉଭୟାର୍ଥକ ଶବ୍ଦ ପଛରେ ଗ୍ରୀକ୍ ଶବ୍ଦ 'ଜେନକ୍ସ' ନିହିତ, ଯାହାର ଅର୍ଥ ହେଉଛି ଜଣେ ଅପରିଚିତ ବ୍ୟକ୍ତି, ଯିଏ ସାଦର ଅଭ୍ୟର୍ଥନା ଗ୍ରହଣ କରେ ବା ଅନ୍ୟମାନଙ୍କୁ ସ୍ୱାଗତ କରେ । ଅତିଥି ଗୋଟିଏ ସଂସ୍କୃତ ଶବ୍ଦ । ବୈଦିକ ବ୍ୟାଖ୍ୟାକର୍ତ୍ତା ଯାସ୍କ କହନ୍ତି - 'ଅଟ୍' ଧାତୁର ଅର୍ଥ ସାତତ୍ୟ ଗମନ ବା ନିରନ୍ତର ଗମନ କରିବା । ଜଣେ ଅତିଥି କୌଣସି ସ୍ଥାନରେ ଅଧିକ ସମୟ ରହନ୍ତି ନାହିଁ(ଅନିତ୍ୟଂ ହି ସ୍ଥିତିଃ ଯସ୍ମାତ୍ ସୋତିଥିରୁଚ୍ୟତେ) । 'ଶବ୍ଦକଳ୍ପଦ୍ରୁମ'ରେ ଅତିଥି ଶବ୍ଦର ନିମ୍ନମତେ ବ୍ୟାଖ୍ୟା କରାଯାଇଛି -

**ଯସ୍ୟ ନ ଜ୍ଞାୟତେ ନାମ ନ ଗୋତ୍ରଂ ନଚ ସ୍ଥିତିଃ / ଅକସ୍ମାତ୍ ଗୃହମାୟାତି ସୋତିଥିଃ ପ୍ରୋଚ୍ୟତେ ବୁଧୈଃ ॥**

ଅତିଥିମାନେ ତିଥି, ବାର ବା ସମୟ ନଜଣାଇ ଅଘୋଷିତ ଭାବରେ ପହଞ୍ଚିଯାଆନ୍ତି । ପ୍ରାଚୀନ କାଳରେ ଲୋକମାନେ ବିନା ଦ୍ୱିଧାରେ ସେମାନଙ୍କୁ ଗ୍ରହଣ କରୁଥିଲେ । ସାଦର ସ୍ୱାଗତ ବ୍ୟତୀତ ଆତିଥ୍ୟ କହିଲେ ବନ୍ଧୁତାପୂର୍ଣ୍ଣ ବ୍ୟବହାର, ପଡ଼ୋଶୀଭାବନା, ଦୁଃଖୀ, ଅସହାୟ ଓ ଅଭାବୀ ବ୍ୟକ୍ତିକୁ ଆବଶ୍ୟକ ଧନ ବା ପଦାର୍ଥ ଦାନ, ସୁରକ୍ଷା ପ୍ରଦାନ, ଅଜଣା ଅଶୁଣା ଅପରିଚିତ ଆଶ୍ରୟହୀନ ଲୋକଙ୍କୁ ସ୍ୱତଃପ୍ରବୃତ୍ତ ଭାବରେ ବାସଯୋଗାଇ ଦେବା, ଶୋକାତୁରକୁ ଶାନ୍ତ୍ୱନା ଦେବା, ଜ୍ଞାନୀଗୁଣୀଲୋକଙ୍କ ସାକ୍ଷାତ୍ କରି ତାଙ୍କର ମୂଲ୍ୟବାନ ଉପଦେଶ ଶୁଣିବା, ଉପହାର ଆଦାନପ୍ରଦାନ କରିବା ଓ ପଂକ୍ତିଭୋଜନ କରିବା ଆଦି ଆତିଥ୍ୟ ଅନ୍ତର୍ଗତ । ଦେଖାଯାଏ କିଛିଲୋକଙ୍କ ଘରକୁ କେହି ଆସନ୍ତି ନାହିଁ । ପଞ୍ଚତନ୍ତ୍ରର କର୍ତ୍ତା ବିଷ୍ଣୁଶର୍ମା କହନ୍ତି ଯାହା ଘରକୁ ବିଭିନ୍ନ କାମରେ ସହୃଦୟ ବନ୍ଧୁ ଓ ଲୋକମାନେ ଆସନ୍ତି ସେମାନେ ଏହି ସଂସାରରେ ଧନ୍ୟ, ବିବେକଜ୍ଞ ଓ ସଭ୍ୟ । ଏହାକୁ ସଂସ୍କୃତରେ ନିମ୍ନମତେ ବର୍ଣ୍ଣନା କରାଯାଇଛି -

**ତେ ଧନ୍ୟାସ୍ତେ ବିବେକଜ୍ଞାସ୍ତେ ସଭ୍ୟା ଇହ ଭୂତଳେ / ଆଗଚ୍ଛନ୍ତି ଗୃହେ ଯେଷାଂ କାର୍ଯ୍ୟାର୍ଥଂ ସୁହୃଦୋ ଜନାଃ(-ପଞ୍ଚତନ୍ତ୍ର- ମିତ୍ରଭେଦ-୨୮୫)**

ଐତରେୟ ଆରଣ୍ୟକ ମତରେ - ଯିଏ ଉତ୍ତମ ଜନରେ ପରିଣତ ହୁଅନ୍ତି ଓ ଶ୍ରେଷ୍ଠତାର ଅଧିକାରୀ ହୁଅନ୍ତି ସେ ଅତିଥି(**ଶ୍ରେଷ୍ଠତାମ୍ ଅଶ୍ନୁତେ ସ ବା ଅତିଥିର୍ଭବତି**) । ଆମେ ଜ୍ଞାତ ବା ଅଜ୍ଞାତରେ ବିଭିନ୍ନ ଲୋକମାନଙ୍କ ଦ୍ୱାରା ବିବିଧ ଉପାୟରେ ଉପକୃତ ହୋଇଥାଉ । ଆମ ପାଇଁ ଏହା ଏକ ଋଣ । ଏଥିରୁ ମୁକ୍ତି ଲଭିବାକୁ ବିହିତ ପଞ୍ଚ ମହାଯଜ୍ଞ ମଧ୍ୟରୁ ନୃଯଜ୍ଞ ଅର୍ଥାତ୍ ଅତିଥିପୂଜନ(ଆତିଥ୍ୟେଷ୍ଟି) ଅନ୍ୟତମ (**ନୃଯଜ୍ଞୋଽତିଥିପୂଜନମ୍ - ମନୁସ୍ମୃତି.୩/୭୦**) ।

ଅତିଥିଚର୍ଚ୍ଚା ପଦ୍ଧତି ବିଷୟରେ ଶାସ୍ତ୍ରମାନଙ୍କରେ ଅନେକ କଥା ଉଲ୍ଲେଖ ରହିଛି । ନ୍ୟାୟ ମାର୍ଗରେ ଉପାର୍ଜିତ ଧନଧାନ୍ୟାଦିର ଦାନ ହିଁ ପ୍ରକୃତ ଦାନ । ଅତିଥିଙ୍କୁ ଦେୟ ପଦାର୍ଥ ଶ୍ରଦ୍ଧାରେ ଦେବା ଉଚିତ । ଶ୍ରଦ୍ଧା ନଥିଲେ ଦେବା ଉଚିତ ନୁହେଁ(**ଶ୍ରଦ୍ଧୟା ଦେୟମ୍, ଅଶ୍ରଦ୍ଧୟା ଅଦେୟମ୍ -ତୈତ୍ତିରୀୟ ଉପନିଷଦ**) । ଖୁସି ହୋଇ ଯିଏ ଖାଇବାକୁ ଦେଉ ନାହିଁ, ତା'ଠାରୁ ଖାଇବ ନାହିଁ । ଖାଇବାକୁ ଦେଲେ ଖାଦକ ଯଦି ଖୁସି ହେଉ ନାହିଁ; ଖାଇବାକୁ ଦେବ ନାହିଁ(ନ ଦ୍ୱିଷନ୍ନଶ୍ନୀୟାନ୍ନ ଦ୍ୱିଷତୋନ୍ନମଶ୍ନୀୟାତ୍(ଅଥର୍ବବେଦଃ-୯.୬.୨୪) । ଦାତା ଭାଗ୍ୟଚକ୍ରରେ ପଡ଼ି କେତେବେଳେ ଗ୍ରହୀତା ସ୍ଥାନକୁ ଚାଲିଯାଇ ପାରେ । ତେଣୁ ସହାନୁଭୂତି ସହ ଯଥାଶକ୍ତି ଦାନ ଦେବା ଆବଶ୍ୟକ । ଖାଦ୍ୟ ପରିବେଷଣ ପୂର୍ବକ ଦୀପ ଆଲୋକିତ କରିବା ଦ୍ୱାରା ଅତିଥି ସମ୍ମାନିତ ହୋଇଥା'ନ୍ତି । କୃପଣ ଠାରୁ ଦାତା ଅଧିକ ଯୋଗ୍ୟ । ଯିଏ ନିଜର ଧନକୁ ଅନ୍ୟମାନଙ୍କ ସହିତ ବାଣ୍ଟେ ତାଙ୍କଠାରୁ କୃପଣ ଅଧିକ ଦରିଦ୍ର । ଋଗ୍‌ବେଦରେ ଅଗ୍ନି ସମସ୍ତଙ୍କର ପ୍ରିୟ ଅତିଥି ।

ଦାତା କାଳେ କାଳେ ପ୍ରଶଂସିତ । ଯିଏ ଭୋକିଲା ଭିକାରିକୁ ଉଦାରହୃଦୟ ହୋଇ ଦାନ କରେ ସେ ଭିକାରିର ବନ୍ଧୁ । ଋଗ୍‌ବେଦର 'ଦାନସ୍ତୁତି'(୧୦/୧୧୭) ମତେ ଉଦାର ଦାତାଙ୍କର ଧନ କେବେ କ୍ଷୀଣ ହୁଏ ନାହିଁ । ପୃଷ୍ଠପୋଷକମାନଙ୍କୁ ରକ୍ଷା କରିବା ପାଇଁ ଅଗ୍ନିଦେବଙ୍କୁ ଓ ବିପଦରୁ ରକ୍ଷା କରିବା ପାଇଁ ଇନ୍ଦ୍ରଙ୍କୁ ପ୍ରାର୍ଥନା କରାଯାଇଛି । ଭୟାତୁର ଓ ଶରଣାଗତକୁ ସୁରକ୍ଷା ଦେବା ବଡ଼ ଆତିଥେୟତା । ଋଗ୍‌ବେଦ(୬.୨୮.୩)ରେ କୁହାଯାଇଛି- ଯିଏ ଦେବତା ଓ ଉଦାରତା ପ୍ରଚାର କରୁଥିବା କବିଋଷିମାନଙ୍କୁ ଦାନ ଦିଅନ୍ତି ସେମାନେ ନଷ୍ଟ ହୁଅନ୍ତି ନାହିଁ । ଚୋରତସ୍କରମାନେ ତାଙ୍କର କିଛି କ୍ଷତି କରନ୍ତି ନାହିଁ । ଦାନ ଦେବା ଦ୍ୱାରା ଦାତା ଓ ଗ୍ରହୀତାମାନଙ୍କ ମଧ୍ୟରେ ଏକ ପାରସ୍ପରିକ ଦୃଢ଼ବନ୍ଧନ ସ୍ଥାପିତ ହୁଏ । ଯାତ୍ରାପଥ ନିଷ୍କଣ୍ଟକ ହୁଏ । ଦାତାଙ୍କ ଦାନ କେବେ ନଷ୍ଟ ହୁଏ ନାହିଁ, ଅନ୍ୟ ପକ୍ଷରେ ଏହା ଏକ ଦୁଧିଆଳୀ ଧେନୁ ପରି ଫଳପ୍ରସୂ ହୋଇ ଅଧିକରୁ ଅଧିକ ଫଳ ଦାନ କରିଥାଏ(ଋଗ୍‌ବେଦ ୧.୧୨୫.୪) ।

ଅତିଥି ଅପୂଜିତ ରହିଲେ ନିନ୍ଦା ମୁଣ୍ଡାଇବାକୁ ହୁଏ । କୁହାଯାଇଛି 'ମୋଘମନ୍ନଂ ବିନ୍ଦତେ ଅପ୍ରଚେତାଃ' । ଅର୍ଥାତ୍ ଯିଏ ଦେବତା ଓ କ୍ଷୁଧାର୍ତ୍ତଙ୍କୁ ନଦେଇ ନିଜେ ଖାଏ ସେ ପାପ ଭକ୍ଷଣ କରେ । ଅତିଥିଙ୍କୁ ନିରାଶ କରିବା ନିନ୍ଦନୀୟ । ଖାଦ୍ୟ, ପାନୀୟ, ବିଶ୍ରାମ ନେବା ଉଦ୍ଦେଶ୍ୟରେ ଆସୁଥିବା ପରିଚିତ ବା ଅପରିଚିତ ବ୍ୟକ୍ତିଙ୍କୁ ଯିଏ ଗର୍ବଭାବନା, ହେୟମନୋବୃତ୍ତି, ଅନାଦର, ଆଳସ୍ୟ, କାର୍ପଣ୍ୟ ବା ଅନ୍ୟ କୌଣସି ଦୁର୍ଭାବନାର ବଶବର୍ତ୍ତୀ ହୋଇ ନିରାଶ କରି ଘରୁ ଫେରାଇ ଦିଅନ୍ତି, ଅତିଥି ସେଭଳି ଗୃହସ୍ଥର ସକଳ ପୁଣ୍ୟ ସାଥିରେ ନେଇ ଯା'ନ୍ତି ଓ ନିଜର ଦୁଷ୍କୃତ ଗୃହସ୍ଥଙ୍କୁ ଦେଇ ଯାଆନ୍ତି(**ଅତିଥିର୍ଯସ୍ୟ ଭଗ୍ନାଶୋ ଗୃହାତ୍ ପ୍ରତିନିବର୍ତ୍ତତେ । ସ ତସ୍ମୈ ଦୁଷ୍କୃତଂ ଦତ୍ତ୍ୱା ପୁଣ୍ୟମାଦାୟ ଗଚ୍ଛତି**) ।

ଯିଏ ଅନ୍ତରଙ୍ଗ ଓ ଅନୁରକ୍ତ ବନ୍ଧୁଙ୍କୁ ସାହାଯ୍ୟ କରେ ନାହିଁ, ସେ ଜୀବନରେ ବନ୍ଧୁହୀନ ଅସହାୟ ହୋଇଥାଏ ବୋଲି ଋଗ୍‌ବେଦରେ କୃପଣ ନିନ୍ଦିତ ହୋଇଛି । ଯିଏ ଗର୍ବ କରନ୍ତି କିନ୍ତୁ ଦାନ କରନ୍ତି ନାହିଁ, ସେମାନଙ୍କୁ ନିଧନ କରିବା ପାଇଁ ଇନ୍ଦ୍ରଦେବତାଙ୍କୁ ଆହ୍ୱାନ କରାଯାଇଛି । ତୈତ୍ତିରୀୟ ବ୍ରାହ୍ମଣ(୩.୧୧.୮.୩-୪)ରେ ଉଲ୍ଲେଖ ଅଛି ଯେ ଯିଏ ବ୍ରାହ୍ମଣ ଅତିଥିଙ୍କୁ ସତ୍କାର ପ୍ରଦାନ କରେ ନାହିଁ, ସେଭଳି ଅଜ୍ଞ ଲୋକର ସକଳ ଆଶା, ସମ୍ଭାବନା, ପ୍ରତ୍ୟାଶା, ବନ୍ଧୁମିଳନ, ଉତ୍ସାହପୂର୍ଣ୍ଣ ବାଣୀଶ୍ରବଣ, ଯଜ୍ଞ, ପବିତ୍ର କର୍ମ, ସନ୍ତାନ ଓ ଗୋଧେନୁ ନଷ୍ଟ ହୋଇଯାଏ । ଋଗ୍‌ବେଦରେ ଉଲ୍ଲେଖ ଅଛି - ଦାତାମାନେ ଦୀର୍ଘଜୀବନ ଓ ଅମୃତତ୍ୱର ଅଧିକାରୀ ହେଲା ବେଳେ କୃପଣମାନେ ଦୁଃଖ ଭୋଗ କରନ୍ତି(୧.୧୨୫.୭) । ଦାନ ଦେଲେ ମନ ପ୍ରଶସ୍ତ ହୁଏ । ଦାତା ଈଶ୍ୱରଙ୍କ ସହିତ ତୁଳନୀୟ । ଈଶ୍ୱର ଆତ୍ମା ରୂପରେ ସର୍ବତ୍ର ଓ ସକଳ ଦେହରେ ବିଦ୍ୟମାନ । ତେଣୁ ଆତିଥ୍ୟ କେବଳ ଅତିଥିଙ୍କ ଏକ ସେବା ନୁହେଁ, ଈଶ୍ୱରଙ୍କ ପୂଜା ମଧ୍ୟ । ଅତିଥିଙ୍କୁ ସତ୍କାର କଲେ ଆତିଥେୟ ସମୃଦ୍ଧ ଲୋକଙ୍କୁ ପ୍ରାପ୍ତ ହୁଅନ୍ତି । ସଂକ୍ଷେପରେ ଜଣେ ଗୃହସ୍ଥ ଜଣେ ଅତିଥିଙ୍କ ସେବା କରିବା ବ୍ୟୟବହୁଳ ଯଜ୍ଞଫଳଠାରୁ କୌଣସି ଗୁଣରେ କମ୍ ନୁହେଁ । ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱକାଳରେ ଚୀନ ପରିବ୍ରାଜକ ଫାହିୟାନ୍ (ଶତାବ୍ଦୀ-୩୯୯-୪୧୪) ଲେଖିଛନ୍ତି - ଭାରତର ସହରଗୁଡ଼ିକ ସମୃଦ୍ଧିଶାଳୀ ଥିଲା ଓ ପର୍ଯ୍ୟଟକମାନଙ୍କ ପାଇଁ ଅତିଥିଶାଳାମାନ ରହିଥିଲା । ବିହାର ଓ ମନ୍ଦିରଗୁଡ଼ିକ ଚମତ୍କାର ଥିଲା ।

# ସମ୍ବାଦ ମଞ୍ଚରେ ପାଠକୀୟ ସଙ୍କଟ



**ଡକ୍ଟର ପ୍ରଦୀପ ମହାପାତ୍ର**
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଅଧୁନା ପାରମ୍ପରିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବିଭ୍ରାନ୍ତିକର ସମ୍ବାଦ ପରିବେଷଣ, ବିଶ୍ୱସନୀୟତା ହାନି, ପ୍ରଶାସନିକ କଟକଣା ଓ ଅନିଶ୍ଚିତ ବ୍ୟବସାୟିକ ସ୍ଥିତିରେ ଭରାକ୍ରାନ୍ତ ହୋଇପଡ଼ିଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏଥିସହିତ ପ୍ରଯୋଜନା ଦରବୃଦ୍ଧି, ବିଜ୍ଞାପନ ଆୟ ହ୍ରାସ ଓ ସାମାଜିକ ଗଣମାଧ୍ୟମର ଲୋକପ୍ରିୟତା ମଧ୍ୟ ପାରମ୍ପରିକ ସମ୍ବାଦ ସଂସ୍ଥାଗୁଡ଼ିକୁ ପ୍ରକାଶନ ବନ୍ଦ, କର୍ମଚାରୀ ଛଟେଇ ଓ ଆନୁସଙ୍ଗିକ କାଟଛାଟ ନିମନ୍ତେ ବାଧ୍ୟ କରୁଛି । ନ୍ୟସ୍ତସ୍ୱାର୍ଥ, ବ୍ୟାବସାୟିକ, ରାଜନୈତିକ ବ୍ୟକ୍ତି ଓ ଗୋଷ୍ଠୀଙ୍କ ଅନୁଚିତ ଚାପ ଭାର ମଧ୍ୟ ସାମ୍ବାଦିକତାର ଗୁଣବତ୍ତା ହ୍ରାସର ଅନ୍ୟତମ କାରଣ, ଯାହା ଗଣମାଧ୍ୟମର ଲୋକପ୍ରିୟତା ହ୍ରାସ କରୁଛି । ସାମଗ୍ରିକଭାବେ ଏହି କାରଣଗୁଡ଼ିକ ସମ୍ବାଦ ପ୍ରତି ଉପଭୋକ୍ତାଙ୍କୁ ଉଦାସୀନ କରାଉଥିବା ଜଣାପଡ଼ୁଛି ।

ନିକଟ ଭବିଷ୍ୟତରେ ଗଣମାଧ୍ୟମ ଶିଳ୍ପରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଫଳରେ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷଙ୍କ ସ୍ଥିତି ଆହୁରି ଜଟିଳ ହେବାକୁ ଯାଉଛି । ମୁଖ୍ୟତଃ, ସ୍ମାର୍ଟଫୋନ ଭଳି ଉପକରଣରେ ଚାଟବଟ ଯୋଗେ ସମ୍ବାଦ ଆହରଣ ପାରମ୍ପରିକ ଗଣମାଧ୍ୟମ ସଂସ୍ଥାର ଭୂମିକାକୁ ଗୌଣ କରିଦେବ ବୋଲି ମତ ପ୍ରକାଶ ପାଇ ଆସୁଛି । ବିକଶିତ ରାଷ୍ଟ୍ରଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା ପ୍ରତିଷ୍ଠାନଗୁଡ଼ିକ ଗଣମାଧ୍ୟମ ସଂସ୍ଥାମାନଙ୍କ ସହ ବୁଝାମଣା କରୁଥିବା ଧାରା ବିଶ୍ୱବ୍ୟାପୀ ସମ୍ପ୍ରସାରିତ ହେବା ଭୟ ଘାରିଛି । 'ଟାଇମ' ଓ 'ଦି ୱାଲଷ୍ଟ୍ରିଟ ଜର୍ଣ୍ଣାଲ' ଭଳି ଗଣମାଧ୍ୟମ ସଂସ୍ଥା 'ଓପନ-ଏଆଇ' ସହ ରାଜିନାମାକୁ ଗଣମାଧ୍ୟମ ସମୀକ୍ଷକମାନେ ଗୁରୁତ୍ୱର ସହ ନେଇଛନ୍ତି । ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର 'ରଏଟର୍ସ ଇନଷ୍ଟିଚ୍ୟୁଟ ଫର ଷ୍ଟଡି ଅଫ୍ ଜର୍ଣ୍ଣାଲିଜମ' ପକ୍ଷରୁ ତ୍ରୟୋଦଶ ସଂସ୍କରଣ 'ଡିଜିଟାଲ ନିଉଜ ରିପୋର୍ଟ ୨୦୨୪' ଜୁନ ମାସରେ ପ୍ରକାଶ ପାଇଥିଲା । ଏହି ବିବରଣୀ ପ୍ରସ୍ତୁତି ନିମନ୍ତେ ୨୦୨୪ ଜାନୁୟାରୀ-ଫେବୃୟାରୀ ମାସରେ ୪୭ଟି ରାଷ୍ଟ୍ରରେ ୯୫ ହଜାର ବ୍ୟକ୍ତିଙ୍କୁ ନେଇ ଏକ ସର୍ବେକ୍ଷଣ ଆୟୋଜନ କରାଯାଇଥିଲା । ୨୦୨୧ରୁ ଭାରତ ମଧ୍ୟ ଏଥିରେ ସାମିଲ ହୋଇଛି । ବସ୍ତୁତଃ ଅନଲାଇନ ସମ୍ବାଦ ମଞ୍ଚ ଉପଭୋକ୍ତାଙ୍କ ଆଚରଣ ଏହି ବିବରଣୀରେ ପ୍ରତିଫଳିତ ହୋଇଛି । ୨୦୨୪ ସୁଦ୍ଧା ବିଶ୍ୱବ୍ୟାପୀ ୬୭ ପ୍ରତିଶତ ଓ ଭାରତରେ ୫୨ ପ୍ରତିଶତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ପହଞ୍ଚିଥିବାରୁ ସାମଗ୍ରିକ ଭାବେ ସମ୍ବାଦ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି ।

ସମ୍ବାଦ ପ୍ରତି ଉପଭୋକ୍ତାଙ୍କ ଆଗ୍ରହ ହ୍ରାସ, ସମ୍ବାଦ ବିମୁଖ ଓ ସୂଚନା ପ୍ରାଚୁର୍ଯ୍ୟ ପରିବେଶ ସମ୍ବାଦ ଶିଳ୍ପ ପରିଧିରେ ଉଦବେଗର କାରଣ ପାଲଟିଛି । 'ଡିଜିଟାଲ ନିଉଜ ରିପୋର୍ଟ ୨୦୨୪' ନିମନ୍ତେ ସଂଗୃହୀତ ତଥ୍ୟ ଅନୁଯାୟୀ ୨୦୧୬ରୁ ୨୦୨୪ ମଧ୍ୟରେ ସମ୍ବାଦ ପ୍ରତି ଉପଭୋକ୍ତାଙ୍କ ଆଗ୍ରହ ବ୍ରିଟେନରେ ୩୨ ପ୍ରତିଶତ, ଫ୍ରାନ୍ସରେ ୨୩ ପ୍ରତିଶତ ଓ ଜର୍ମାନୀରେ ୧୯ ପ୍ରତିଶତ କମିଛି । ପାରମ୍ପରିକଭାବେ ଏହି ତିନି ରାଷ୍ଟ୍ର ଗୁଣାତ୍ମକ ସାମ୍ବାଦିକତା ନିମନ୍ତେ ପ୍ରସିଦ୍ଧି ଲାଭ କରିଆସୁଛନ୍ତି । ଅପରପକ୍ଷେ ଯୁକ୍ତରାଷ୍ଟ୍ର ଆମେରିକାରେ ୧୬ ପ୍ରତିଶତ, ଦକ୍ଷିଣ କୋରିଆରେ୨ ପ୍ରତିଶତ ଓ ଫିନଲ୍ୟାଣ୍ଡରେ ମାତ୍ର ୧ ପ୍ରତିଶତ କମିଛି ।

ସମ୍ବାଦ ପ୍ରତି ଆଗ୍ରହ ହ୍ରାସ ହେତୁ ସମ୍ବାଦ ବିମୁଖ ପରିବେଶ ସୃଷ୍ଟି ହୋଇଥାଏ । ସାଧାରଣ ଜନତା କହୁଛନ୍ତି ସମ୍ବାଦର ପୁନରାବୃତ୍ତି ଲକ୍ଷଣ ଓ ବହୁସଂଖ୍ୟକ ସମ୍ବାଦର ଭାର ସେମାନଙ୍କ ସମ୍ବାଦ ମଞ୍ଚ ବିଚ୍ୟୁତିର ଦୁଇ ପ୍ରମୁଖ କାରଣ । ରଏଟର୍ସ ସର୍ବେକ୍ଷଣ ଅନୁଯାୟୀ ୨୦୧୯ ସୁଦ୍ଧା ୨୮ ପ୍ରତିଶତ ସୂଚନା ପ୍ରାଚୁର୍ଯ୍ୟ(ମାତ୍ରାଧିକ ଖବର ପ୍ରକାଶ/ ପ୍ରସାରଣ) ସମ୍ପର୍କରେ ଅଭିଯୋଗ ଆସୁଥିବା ବେଳେ ୨୦୨୪ରେ ଏହା ୩୯ ପ୍ରତିଶତକୁ ବୃଦ୍ଧି ପାଇଛି । ବ୍ରିଟେନରେ ୩୦ରୁ ୩୮ ପ୍ରତିଶତ, ଫ୍ରାନ୍ସରେ ୩୭ରୁ ୪୬ ପ୍ରତିଶତ ଓ ବ୍ରାଜିଲରେ ୩୦ରୁ ୪୬ ପ୍ରତିଶତକୁ ସୂଚନା ପ୍ରାଚୁର୍ଯ୍ୟ ଅଭିଯୋଗ ସମ୍ପ୍ରସାରିତ ହୋଇଛି । ସୂଚନା ପ୍ରାଚୁର୍ଯ୍ୟ ପରିବେଶ ସୃଷ୍ଟି ନିମନ୍ତେ କେତେକ ସମୀକ୍ଷକ ସ୍ମାର୍ଟଫୋନ ବ୍ୟବହାରକୁ ଦାୟୀ କରିଥା'ନ୍ତି । ଜନସାଧାରଣ ସ୍ମାର୍ଟଫୋନ ପର୍ଦ୍ଦାରେ ଦୈନିକ ଚାରିରୁ ଛଅ ଘଣ୍ଟା କଟାଉଥିବା ହେତୁ ସମ୍ବାଦ ସମେତ ବିଭିନ୍ନ ଅଣ-ସମ୍ବାଦ ମଞ୍ଚରୁ ମଧ୍ୟ ସମ୍ବାଦ ଆହରଣ କରିଥା'ନ୍ତି । ଅତୀତରେ ସମ୍ବାଦ ପଢ଼ିବା, ଶୁଣିବା ବା ଦେଖିବା ନିମନ୍ତେ ଯେଉଁ ପୂର୍ବପ୍ରସ୍ତୁତି ଆବଶ୍ୟକ ପଡୁଥିଲା ତାହା ଉଭେଇ ଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ସୂଚନା/ବିଜ୍ଞାପନ ଅବିରତ ସ୍ମାର୍ଟଫୋନରେ ପହଞ୍ଚୁଥିବା ହେତୁ ମଧ୍ୟ ସମ୍ବାଦ ଭାର ବଢ଼ିବାରେ ଲାଗିଛି । ଅପରପକ୍ଷରେ ରଏଟର୍ସ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ସୂଚନା ପ୍ରାଚୁର୍ଯ୍ୟ ପରିବେଶ ସତ୍ତ୍ୱେ ବିଶ୍ୱବ୍ୟାପୀ ପ୍ରକାଶକମାନେ ନୂତନ ସମ୍ବାଦ ଉତ୍ପାଦମାନ ପ୍ରଯୋଜନାରେ ବ୍ୟସ୍ତ । ଅର୍ଥାତ ନିକଟ ଭବିଷ୍ୟତରେ ଅଧିକ ସମ୍ବାଦ ମଞ୍ଚ ପରିପ୍ରକାଶ ସୁନିଶ୍ଚିତ ।

ପାରମ୍ପରିକଭାବେ ଗଣମାଧ୍ୟମ ସମ୍ପାଦକ ମଣ୍ଡଳୀ ଆକର୍ଷକ ଓ ଆମୋଦଦାୟକ 'ଆଟ୍ରାକ୍ଟିଭ ଆଣ୍ଡ ଏଣ୍ଟରଟେନିଂ' ସମ୍ବାଦ ଲୋକପ୍ରିୟ ବୋଲି ବିଚାର କରି ଆସିଥିବା ବେଳେ ରଏଟର୍ସ ପକ୍ଷରୁ ଆୟୋଜିତ ପ୍ରାୟ ୧ଲକ୍ଷ ଉପଭୋକ୍ତାଙ୍କୁ ନେଇ ହୋଇଥିବା ସର୍ବେକ୍ଷଣରେ ବିପରୀତ ତଥ୍ୟ ଉନ୍ମୋଚିତ ହୋଇଛି । ଅଧୁନା ସ୍ଥାନୀୟ ଓ ଆନ୍ତର୍ଜାତିକ ସମ୍ବାଦର ଚାହିଦା ରହିଛି । ରାଜନୈତିକ ସମ୍ବାଦ ପ୍ରତି ୪୫ ବର୍ଷରୁ ଊର୍ଦ୍ଧ୍ୱ ସମ୍ବାଦ ଉପଭୋକ୍ତା ଆଗ୍ରହ ପ୍ରକାଶ କରୁଥିବା ବେଳେ ୩୫ ବର୍ଷରୁ କମ ବୟସବର୍ଗ ଏଥିପ୍ରତି ବୀତସ୍ପୃହ । ଯୁବ ଉପଭୋକ୍ତାମାନେ ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟରକ୍ଷା ଭଳି ସମ୍ବାଦକୁ ଗୁରୁତ୍ୱ ଦେଇଥା'ନ୍ତି । ସେହିପରି ମହିଳାମାନେ ରାଜନୀତି ଓ କ୍ରୀଡ଼ା ବଦଳରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମ୍ବାଦ ପ୍ରତି ଆଗ୍ରହ ପ୍ରକାଶ କରନ୍ତି । ମୋଟାମୋଟି ଭାବେ ଯେଉଁ ସମ୍ବାଦଗୁଡ଼ିକ ବ୍ୟକ୍ତିଗତସ୍ତରରେ ବ୍ୟବହାର୍ଯ୍ୟ ଓ ସାମାଜିକ ଯୋଗାଯୋଗ ସ୍ଥାପନ ନିମନ୍ତେ ସହାୟକ, ତାହାର ଆଦର ବଢ଼ୁଛି ।

ବିଶ୍ୱବ୍ୟାପୀ ୨୦୨୪ ସୁଦ୍ଧା ପ୍ରାୟ ୬୨ ପ୍ରତିଶତ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଥିବା ଅବସରରେ ଉଭୟ ଅନଲାଇନ ଓ ଅଫ-ଲାଇନ ସମ୍ବାଦ ପରିବେଷଣରେ ଇଣ୍ଟରନେଟ ବୈଷୟିକ ବ୍ୟାବସାୟିକ ସଂସ୍ଥା 'ଟେକ କମ୍ପାନୀ'ଗୁଡ଼ିକର ପ୍ରଭାବ ଗଣମାଧ୍ୟମରେ ନୂତନ ସମସ୍ୟାମାନ ଆଣୁଛି । ଅନଲାଇନ ଓ ଅଫ-ଲାଇନ ସମ୍ବାଦ ସରବରାହ ସାମାଜିକ ଗଣମାଧ୍ୟମ ଉପରେ ନିର୍ଭରଶୀଳ ହୋଇ ପଡ଼ିଥିବା ହେତୁ ଏତଦ୍ୱାରା ସାମଗ୍ରିକ ଭାବେ ଗଣମାଧ୍ୟମ ଶିଳ୍ପ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି । ଗବେଷଣାରୁ ଜଣାଯାଏ ଯେ ସମ୍ବାଦ ମଞ୍ଚରେ ଉପଭୋକ୍ତା ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ ସହ ଅନ୍ୟାନ୍ୟ ସୂଚନା ଓ ପାଠକୀୟ ଅନୁଭବ ଆଶା କରିଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ସର୍ବେକ୍ଷଣରୁ ଜଣାଯାଇଥିଲା ଯେ ନଗରବାସୀ ସମ୍ବାଦପତ୍ର ପଠନ ମାଧ୍ୟମରେ ସହରର ଐତିହ୍ୟ, ସାମାଜିକ ଓ ସାଂସ୍କୃତିକ ଜୀବନରେ ଅଂଶୀଦାର ହୋଇପାରିଥିଲେ । ସମ୍ବାଦପତ୍ରର ପ୍ରାଧାନ୍ୟକାଳରେ ଭାରତରେ କୋଲକତାରେ 'ଷ୍ଟେଟସମ୍ୟାନ', ଦିଲ୍ଲୀରେ 'ହିନ୍ଦୁସ୍ତାନ ଟାଇମ୍ସ', ମୁମ୍ବାଇରେ 'ଟାଇମ୍ସ ଅଫ ଇଣ୍ଡିଆ', ଚେନ୍ନାଇରେ 'ହିନ୍ଦୁ', ବେଙ୍ଗାଲୁରୁରେ 'ଡେକାନ ହେରାଲଡ୍' ଓ ହାଇଦରାବାଦରେ 'ଡେକାନ କ୍ରୋନିକାଲ' ଭଳି ଇଂରାଜୀ ସମ୍ବାଦପତ୍ର ସ୍ଥାନୀୟ ଜନଜୀବନକୁ ଗଭୀର ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଥିଲା ।

ସମ୍ବାଦ ମଞ୍ଚରେ ପାଠକୀୟ ଆଗ୍ରହକୁ 'ୟୁଜର୍ସ ନିଡ ୨.୦' ଭଳି ମଡେଲରେ ଚାରି ଭାଗରେ ବିଭକ୍ତ କରାଯାଇଥାଏ, ଯଥା - ଜ୍ଞାନ, ଉପଲବ୍ଧି, ଅନୁଭବ ଓ କାର୍ଯ୍ୟକାରିତା । ଜ୍ଞାନ ଆହରଣ କ୍ଷେତ୍ରରେ ବିଭିନ୍ନ ବିଷୟରେ ଜାଣିବା ଓ ସାମାଜିକ ପ୍ରବାହ ସହବନ୍ଧତୁ ବୁଝାଏ । କୌଣସି ବିଷୟରେ ଅଧିକ ଜାଣିବା ଓ ଦୃଷ୍ଟିଭଙ୍ଗୀ ଗଠନରେ ଉପଲବ୍ଧି ସହାୟକ ହୁଏ । ସକାରାତ୍ମକ ମନୋଭାବ ଓ ମନୋରଞ୍ଜନ ଅନୁଭବ ପର୍ଯ୍ୟାୟଭୁକ୍ତ । ସେହିପରି ବାସ୍ତବ କ୍ଷେତ୍ରରେ ଉପଯୋଗୀ ଓ ସୂଚନା କାର୍ଯ୍ୟକାରୀ ସମ୍ବାଦ ରୂପେ ଚିହ୍ନଟ ହୋଇଥାଏ । ଅଧିକାଂଶ ଉପଭୋକ୍ତା ଜ୍ଞାନାର୍ଜନ ଓ ଉପଲବ୍ଧି ନିମନ୍ତେ ସମ୍ବାଦ ମଞ୍ଚ ଉପରେ ନିର୍ଭରଶୀଳ । ଅନୁଭବ ନିମନ୍ତେ ୫୫ ପ୍ରତିଶତ ଓ ବ୍ୟବହାରିକ ସମ୍ବାଦ ୫୦ ପ୍ରତିଶତ ପସନ୍ଦ କରିଥା'ନ୍ତି । ଉପଭୋକ୍ତାମାନେ ସମ୍ବାଦ ପଢ଼ିବା, ଶୁଣିବା, ଦେଖିବା କାଳରେ ଅନ୍ୟାନ୍ୟ ସାମାଜିକ ସମସ୍ୟାରୁ ଦୂରେଇ ଯାଇଥା'ନ୍ତି । ଅବଶ୍ୟ ବିଭିନ୍ନ ସମୟରେ ବିଭିନ୍ନ ଭୌଗୋଳିକ ପରିବେଶରେ ସମ୍ବାଦ ମଞ୍ଚର ବ୍ୟବହାରରେ ଭିନ୍ନତା ପ୍ରମାଣିତ । ଉପଭୋକ୍ତା ଉଦାସୀନ ହେଲେ ସମ୍ବାଦ ମଞ୍ଚର ଗୁରୁତ୍ୱ ହ୍ରାସ ପାଇବା ସୁନିଶ୍ଚିତ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## କେନ୍ଦୁଝରର ସର୍ବବୃହତ୍ ରଥର ସ୍ୱତନ୍ତ୍ରତା

# ସିଆଡ଼ି ଲତାରେ ତିଆରି ଚାଲିଛି ରଥଦଉଡ଼ି





**କେନ୍ଦୁଝର,୩।୭(ସମିସ):** କେନ୍ଦୁଝର ରଥ ବିଶ୍ୱର ସର୍ବ ବୃହତ ଏକକ କାଠ ରଥ ଭାବେ ଗିନିଜ ବୁକରେ ସ୍ଥାନିତ ହୋଇଛି। ଏହା ଏକ ସ୍ୱତନ୍ତ୍ରତା ବୋଲି କୁହାଯାଉଥିବାବେଳେ ବୃହତ ରଥରେ ବ୍ୟବହୃତ ଦଉଡିର ମଧ୍ୟ ସ୍ୱତନ୍ତ୍ରତା ରହିଛି। ରାଜା ରାଜୁଡା ଅମଳରୁ ଏଭଳି ସ୍ୱତନ୍ତ୍ରତା ବିଶିଷ୍ଟ ସିଆଡ଼ି ଦଉଡି ରେ ଏଠାରେ ରଥ ଟଣା ଯାଉଛି। ଏହି ଦଉଡି ଗୁଡିକୁ ଭୂୟାଁ ଜୁଆଙ୍ଗ ପିଢ଼ର ଲୋକେ ଯୋଗାଇ ଦେଇଥାନ୍ତି। ଏହା ଠାକୁରଙ୍କ ସେବା ଭାବି ଲୋକେ ବନ ଜଙ୍ଗଲରୁ ସିଆଡ଼ି ଲତା ଗୁଡିକୁ ସଂଗ୍ରହ କରି ଭାବଭକ୍ତି ମଧ୍ୟରେ ତିଆରି କରି ରଥଯାତ୍ରା ପୂର୍ବରୁ ଏହାକୁ ଯୋଗାଇ ଦିଆ ଯାଇଥାଏ। ଏହାକୁ ବିଶ୍ୱର ସର୍ବ ବୃହତ ରଥ କେନ୍ଦୁଝରର ରଥର ନିଆରା ପରମ୍ପରା ବୋଲି କୁହାଯାଏ। ବିଶାଳ ରଥକୁ ଟଣା ହୁଏ ଶିଆଡି ଲତାର ଛାଲିରୁ ପ୍ରସ୍ତୁତ ଦଉଡିରେ। ବିଶ୍ୱର ସର୍ବବୃହତ କେନ୍ଦୁଝରର ନନ୍ଦିଘୋଷ ରଥ ଶିଆଡି ଦଉଡିରେ ଟଣା ହେବାର ରହିଛି ନିଆରା ବହୁ ପୁରୁଣା ପରମ୍ପରା। ଏହି ଦଉଡିଗୁଡିକୁ କେନ୍ଦୁଝରରେ ରଥା ଯାତ୍ରା ଆରମ୍ଭ ହେବା ଦିନରୁ ହିଁ ଜୁଆଙ୍ଗ ଓ ଭୂୟାଁ ସଂପ୍ରଦାୟର ଲୋକମାନେ ଯୋଗାଇ ଆସୁଥିଲେ। ହେଲେ ସମୟକ୍ରମେ ଏବେ କେବଳ ଚାରି ଗାଁ ଭୂୟାଁ ସଂପ୍ରଦାୟର ଲୋକ ମାନେ ଏହି ଦଉଡି ଯୋଗାଇ ଆସୁଛନ୍ତି। ଅନେକ କଷ୍ଟ ସହି ଜଙ୍ଗଲରୁ ଶିଆଡି ଲତା ସଂଗ୍ରହ କରି ସେଥିରୁ ବକଳ ବାହାର କରି ଦଉଡି ପ୍ରସ୍ତୁତ କରିଥାନ୍ତି ଲୋକେ। ପ୍ରଭୁ ବଳଦେବଜୀଉଙ୍କ ପ୍ରତି ଥିବା ସେମାନଙ୍କର ଗଭୀର ଭକ୍ତି ଭାବର ପ୍ରତିକ ଭାବରେ ଭୂୟାଁ ମାନେ ଏହି ଦଉଡି ଯୋଗାଇ ଆସୁଛନ୍ତି। ଏହି ଦଉଡି କାମ ଜୋରସୋରରେ ତିଆରି ଚାଲିଛି।କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଦଅଁଳା ଗାଁ। ଏହି ଗାଁ ଟିର ଅଧିକାଂଶ ପରିବାର ଭୂୟାଁ ସଂପ୍ରଦାୟର। ଆଉ ଏହି ଗାଁର ଭୂୟାଁ ସଂପ୍ରଦାୟର ଲୋକମାନେ ବିଶ୍ୱର ସର୍ବ ବୃହତ ରଥ ପାଇଁ କାହିଁ କେଉଁ ଅମଳରୁ ଆଜି ପର୍ଯ୍ୟନ୍ତ ଦଉଡି ଯୋଗାଇ ଆସୁଛନ୍ତି। ଏବେ ଦଅଁଳା ଗାଁର ବଡ ଠାରୁ ଛୋଟ ପର୍ଯ୍ୟନ୍ତ ସମସ୍ତେ ଲାଗି ପଡ଼ିଛନ୍ତି ରଥ ଟଣା ପାଇଁ ଦଉଡି ତିଆରି କାମରେ।ଅକ୍ଷୟ ତୃତୀୟା ଠାରୁ ଦଅଁଳା ଗ୍ରାମର ଲୋକେ ଗନ୍ଧମାର୍ଦନ ପାହାଡ଼ରୁ ଶିଆଡି ଲତାରୁ ଛେଲି ସଂଗ୍ରହ କରିଥାନ୍ତି। ଦେବସ୍ନାନ ପୁର୍ଣିମାରେ ଠାକୁରଙ୍କର ଆଜ୍ଞା ମାଳ ପାଇଲା ପରେ ରଥ ଦଉଡି ତିଆରି କାମ ଆରମ୍ଭ କରନ୍ତି। ଦଉଡି ତିଆରି କରୁଥିବା ଲୋକଙ୍କ କହିବା ଅନୁଯାୟୀ ସବୁ ଶିଆଳି ଲତାରୁ ଦଉଡି ପ୍ରସ୍ତୁତ ହୁଏ ନାହିଁ, ଯେଉଁ ଗଛରେ କୌଣସି ଚଢେଇ ବସା କରିନଥିବେ, ଶିଆଳି ଲତାଟି ଗଛ ଉପରୁ ତଳକୁ ଲମ୍ୱି ଥିବ କେବଳ ସେହି ଲତାକୁ କଟାଯାଇ ସେଥିରୁ ବକଳ ବାହାର କରିଥାନ୍ତି। ପରେ ଏହି ବକଳକୁ ମୋଡି ମୋଡି ଦଉଡି ନିର୍ମାଣ କରିଥାନ୍ତି। ଏହି ଦଉଡିର ଲମ୍ୱ ୧୦୮ ହାତ ଥିବା ବେଳେ ମୋଟେଇ ୬ ଇଞ୍ଚ ରହିଥାଏ ବୋଲି ଦଉଡି ତିଆରି କରୁଥିବା ଭୂୟାଁମାନେ କୁହନ୍ତି। ଏସବୁ କାମକୁ ପୁରା ଗାଁର ଲୋକେ ବଡ଼ ଆଗ୍ରହର ସହିତ କରିଥାନ୍ତି। ଏହି ଦଉଡିର ଅନେକ ବୈଶିଷ୍ଟ ରହିଛି। ଲୋକ ଶ୍ରୁତି ଓ ଗବେଷକଙ୍କ ମତରେ ଏହି ଦଉଡି ରଥରେ ଲାଗି ଗଲା ପରେ ଏହା ଦେବତା ପାଲଟିଯାନ୍ତି। ଏହାକୁ ଛୁଇଁଲେ ଜନ୍ମ ଜନ୍ମର ପାପ ନାଶ ହେବାର ବିଶ୍ୱାସ ରହିଥିବା ସହ ଏହି ରଥ ଦଉଡିକୁ ନେଇ ରଖିଲେ ଲୋକଙ୍କୁ ଅନେକ ଶୁଭ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି।ଏହାକୁ ନେଇ ଗବେଷକଙ୍କ ମତ ଅନୁସାରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଶିଆଡି ଲତାରେ ଦୋଳି ଖେଳୁଥିଲା ବେଳେ ଜରା ଶବର ଶ୍ରୀକୃଷ୍ଣଙ୍କ ପାଦକୁ ହରିଣ ଭାବି ଶର ବିଧ କରିଥିଲା। ଶ୍ରୀକୃଷ୍ଣ ଦେହ ତ୍ୟାଗ କରିଥିଲେ। ପ୍ରଭୁ ଜଗନ୍ନାଥ ଶ୍ରୀକୃଷ୍ଣଙ୍କ ଅବତାର। ଯେହେତୁ ଶ୍ରୀକୃଷ୍ଣ ଏହି ଶିଆଡ଼ି ଗଛ ରେ ଥିବା ବେଳେ ଦେହତ୍ୟାଗ କରିଥିଲେ। ତେଣୁ ଏହି ଗଛର ଛାଲିରେ ନିର୍ମିତ ଦଉଡ଼ିରେ ରଥ ଟାଣିଲେ ଭକ୍ତ ସ୍ୱର୍ଗ ପ୍ରାପ୍ତି ହୋଇଥାଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀମାନଙ୍କୁ ଯେତେବେଳେ ରଥ ଦଉଡି ତିଆରି ପାଇଁ କେନ୍ଦୁଝର ରାଜା ପ୍ରଥମେ ନିର୍ଦ୍ଦେଶ ଦେଇଥିଲେ ସେତେବେଳ ଆଦିବାସୀ ମାନେ କୃଷ୍ଣଙ୍କ ଅଂଶ ରହିଥିବା ଶିଆଡି ଲତାରେ ପ୍ରସ୍ତୁତ ଦଉଡି ତିଆରି କରିଥିଲେ।ସେବେଠାରୁ ଏହି ପରମ୍ପରା ରହି ଆସିଛି।

## ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ ଉଦ୍‌ଯାପିତ

**ଯୋଡ଼ା,୩।୭(ସମିସ):** ଯୋଡ଼ା ଖଣି ମଣ୍ଡଳ ଅନର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ କାରାକୋଲ୍‌ହା ସ୍ପଞ୍ଜ ଆଇରନ ପ୍ଲାଣ୍ଟ ତରଫରୁ ୫ମ ବାର୍ଷିକ ବିଦ୍ୟୁତ ସୁରକ୍ଷା ସପ୍ତାହ ଗତ ଜୁନ୍ ୨୬ ତାରିଖଠାରୁ ଆରମ୍ଭ ହୋଇ ଜୁଲାଇ ୨ରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ମହାପ୍ରବନ୍ଧକ ପ୍ରଣୟ କୁମାର ଦେଓଙ୍କ ନିର୍ଦ୍ଦେଶକ୍ରମେ ଉଦ୍‌ଯାପନୀ ଉତ୍ସବରେ ଫ୍ୟାକ୍ଟ୍ରି ପ୍ରବନ୍ଧକ ସୁରେଶ ମହାପାତ୍ର, ମାନବ ସମ୍ବଳ ମୁଖ୍ୟ ଆନନ୍ଦ ସାହୁ ଏବଂ ଶୈଳେନ୍ଦ୍ର ବାରିକ ଦୀପ ପ୍ରଜ୍ୱଳିତ କରି ଅନୁଷ୍ଠାନିକ ଭାବେ ଏହି ସୁରକ୍ଷା ଉତ୍ସବ ଆରମ୍ଭ କରିବା ସହ ସୁରକ୍ଷା ସମ୍ପର୍କୀୟ ଉଦ୍‌ବୋଧନ ଦେଇଥିଲେ। ସପ୍ତାହ ଧରି ଚାଲିଥିବା ଏହି ସୁରକ୍ଷା ସପ୍ତାହ ଅବସରରେ ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ସୁରକ୍ଷା ବିଭାଗର ଅଧିକାରୀ ଦେବରାଜ ଭଞ୍ଜ ପୁନଃ ସୁରକ୍ଷା ଶପଥ ପାଠ କରାଇଥିଲେ। ଉଦ୍‌ଘାଟନୀ ଉତ୍ସବ ଦିନଠାରୁ ପ୍ଲାଣ୍ଟ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ଯଥା ପୋଷ୍ଟର୍, ସ୍ଲୋଗାନ, କୁଇଜ ପ୍ରତିଯୋଗିତାରେ କୃତୀ କର୍ମଚାରୀଙ୍କୁ ସମ୍ମାନୀତ କରି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ବିଶ୍ୱ ରଞ୍ଜନ ପାଢୀ ମଧ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଏବଂ ପ୍ଲାଣ୍ଟର ସମସ୍ତ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ସରୋଜ ମହାପାତ୍ର, କେ.ସି ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**କେନ୍ଦୁଝର,୩।୭(ସମିସ):** କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଆଜି ନିଜ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲାର ବିଡ଼ିଓ, ତହସିଲଦାର ତଥା ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲା ପରିଷଦର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ। ସଭାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଶ୍ରୀ ଆଚାର୍ଯ୍ୟଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିବା ସହ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଅଗ୍ରସର ହୋଇ କାମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟାଳୟର କେବଳ ଏକ ଉପରିସ୍ଥ ଅଧିକାରୀ ହିସାବରେ ନୁହେଁ ବରଂ ଶ୍ରୀ ଆଚାର୍ଯ୍ୟ ବାପା ସଦୃଶ୍ୟ ଆକଟ କରିବା ସହ ସ୍ନେହ ମଧ୍ୟ କରୁଥିବାର କହିଥିଲେ। ସମସ୍ତେ ବିଶେଷ ଭାବେ ପ୍ରସ୍ତୁତ ଏକ କବିତା ଶ୍ରୀ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପାଠ କରିଥିଲେ। ସୂଚନାଯୋଗ୍ୟ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବା ପୂର୍ବରୁ ଶ୍ରୀ ଆଚାର୍ଯ୍ୟ ବୈଷୟିକ କ୍ଷେତ୍ରରେ ଯନ୍ତ୍ରୀ ହିସାବରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବିଡ଼ିଓ, ଉପଜିଲ୍ଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇଛନ୍ତି। କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଭାବେ ୧୮.୦୭.୨୦୨୧ରେ ଯୋଗ ଦେବା ପୂର୍ବରୁ ମଧ୍ୟ ଶ୍ରୀ ଆଚାର୍ଯ୍ୟ ଘଟଗାଁ ବ୍ଲକ ବିଡ଼ିଓ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ନିଜ ଉପସ୍ଥିତି ବୁଦ୍ଧି, ବିବିଧ କ୍ଷେତ୍ରରେ ଥିବା ଜ୍ଞାନ, ଲୋକଙ୍କ ଅଭିଯୋଗ ଧୈର୍ଯ୍ୟସହକାରେ ଶୁଣି ଉଚିତ ସମାଧାନ କରିବା ଏବଂ ବାକପଟୁତା ଯୋଗୁଁ ବେଶ ଜନାଦୃତି ଲାଭ କରିପାରିଥିଲେ। ।ନିଜ କାର୍ଯ୍ୟ ଜୀବନରେ ମଧ୍ୟ ନିଜ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିପାରିଥିବାରୁ ସର୍ବଦା ଉପରିସ୍ଥ ଅଧିକାରୀଙ୍କ ବିଶ୍ୱାସଭାଜନ ହୋଇ ନିଜ କାର୍ଯ୍ୟ ବାଦ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରାପ୍ତ ହୋଇ ସେସବୁର ସଫଳତା ପୂର୍ବକ ନିର୍ବାହନ କରିଛନ୍ତି।

## ଭାଲୁ କାମୁଡ଼ାରେ ଜଣେ ଗୁରୁତର

**ତେଲକୋଇ,୩।୭(ସମିସ):** ତେଲକୋଇ ବନାଞ୍ଚଳ କାଳିଆ ହତା ଫରେଷ୍ଟ ବିଟ ଅଧୀନ ବନ୍ଧା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ବିଜୟ ନାଏକ(୨୭)। ସୂଚନା ମୁତାବକ ବିଜୟ ବୁଧବାର ଭୋରୁ ନିକଟସ୍ଥ ଜମି ମାଳକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ବିଜୟଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାକ୍ ଚିକିତ୍ସା ପରେ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣା ପଡ଼ିଛି। ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ବନ ବିଭାଗ ପକ୍ଷରୁ ଗୁରୁତର ବିଜୟଙ୍କ ଚିକିତ୍ସା ପାଇଁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

## ହିନ୍ଦୁ ବିରୋଧୀ ମନ୍ତବ୍ୟ ପ୍ରତିବାଦରେ ରାହୁଲ୍ ଗାନ୍ଧୀଙ୍କ କୁଶପୁତ୍ତଳିକା ଜାଳିଲା ବିଜେପି ଯୁବମୋର୍ଚ୍ଚା



**କେନ୍ଦୁଝର,୩।୭(ସମିସ):** ସଂସଦ ଭବନରେ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କୁ ଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ସଙ୍ଗଠନମାନଙ୍କ ପକ୍ଷରୁ ବିରୋଧ କରାଯାଇଛି। ବିଜେପି ଯୁବମୋର୍ଚ୍ଚା, କେନ୍ଦୁଝର ପକ୍ଷରୁ ମଧ୍ୟ ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଶତାଧିକ ଯୁବମୋର୍ଚ୍ଚା କର୍ମୀ କେନ୍ଦୁଝର ଲାବନ୍ୟ ଛକ ନିକଟରେ ଥିବା କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜରାସ୍ତାରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏଥିରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରୁଦ୍ର ପ୍ରସାଦ ବେହେରା, ସମ୍ପାଦକ ସଚ୍ଚିଦାନନ୍ଦ ବେହେରା, ଭାରତ ଭୁଷଣ କୁଅଁର, ରୁପେଶ ରଣା, ପଙ୍କଜ ଦ୍ୱିବେଦୀ,ତ୍ରିନାଥ ସେଠୀ, ଜୁଲିଅସ ସିଂ, ଶ୍ରୀବତ୍ସ ମାଟିଆଙ୍କ ସମେତ ଯୁବମୋର୍ଚ୍ଚାର ଶତାଧିକ କର୍ମୀ ରାଜରାସ୍ତାରେ ବିକ୍ଷୋଭ କରିଥିଲେ। ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ବିଜେପି କୋଷାଧ୍ୟକ୍ଷ ଶିବ କୁମାର ରାଠୋର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାଏକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## କୁକୁର କାମୁଡ଼ାରେ ବୃଦ୍ଧା ଗୁରୁତର

**ତେଲକୋଇ,୩।୭(ସମିସ):** ତେଲକୋଇ ଥାନା ପୋଡାଙ୍ଗ ଗ୍ରାମରେ ବୁଲା କୁକୁର କାମୁଡ଼ାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ପୂର୍ଣ୍ଣମୀ ମହାରଣା (୬୩)। ଶ୍ରୀମତୀ ମହାରଣା ଆଜି ଅପରାହ୍ନରେ ଶୌଚ ହେବା ପାଇଁ ଯାଉଥିବା ବେଳେ ବୁଲା କୁକୁର ଆକ୍ରମଣରେ ଶିକାର ହୋଇଥିଲେ। ପରିବାର ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଅର୍ଥାଭାବରୁ ଅଧାରେ ଅଟକିଛି ଚିକିତ୍ସା



**ହାଟଡ଼ିହୀ,୩।୭(ସମିସ):** ହାଟଡ଼ିହୀ ବ୍ଲକ୍ ଡଅଁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ଶେଷଦେବ ବାରିକ ୫ମାସ ତଳୁ ହୃଦ୍‌ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଏବେ ଡାକ୍ତର କହୁଛନ୍ତି ତାଙ୍କର ଗୋଟିଏ ଫୁସଫୁସ୍ ନଷ୍ଟ ହେବା ସହ ହୃଦ୍‌ଯନ୍ତ୍ ଖରାପ ହୋଇଯାଇଛି। ତେଣୁ ତାଙ୍କର ଅପରେସନ ନିହାତି ଦରକାର ବୋଲି ଡ଼ାକ୍ତର କହିଛନ୍ତି। ପରିବାର ଲୋକେ ଧାରକରଜ କରି ଏବେ ମଣିପାଲ ମେଡ଼ିକାଲରେ ଆଡ଼ମିଶନ କରିଛନ୍ତି। ଅପରେସନ ପାଇଁ ପାଖାପାଖି ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ଡ଼ାକ୍ତର କହିଛନ୍ତି। ଶେଷଦେବ ଅତ୍ୟନ୍ତ ଗରିବ ଘରର ପିଲା। ଛୋଟ ପିଲାମାନଙ୍କୁ ଟ୍ୟୁସନ କରି ଯାହା ପାଆନ୍ତି ସେଥିରେ ପରିବାର ଚଳାନ୍ତି। ଘରେ ବୃଦ୍ଧ ବାପା ଶଯ୍ୟାଶାୟୀ ଥିବାବେଳେ ଦୁଇ ବର୍ଷର ଝିଅ। ଏପରି ଅବସ୍ଥାରେ ଘରେ ସମସ୍ତଙ୍କ ପାଇଁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡୁଛି। ଘରେ ଥିବା ସୁନା ରୂପା ଯାହା ସବୁତକ ବନ୍ଧା ପକାଇ କିଛିଦିନ ଚିକିତ୍ସା ଚାଲିଥିଲା। ଏବେ ଅର୍ଥାଭାବ ଯୋଗୁଁ ଚିକିତ୍ସା କରାଇବା ସମ୍ଭବ ହୋଇପାରୁନି। ଏପରିକି ପାଖରେ ଥିବା ତାଙ୍କ ପତ୍ନୀଙ୍କ ପାଖରେ ଖାଇବାକୁ ମଧ୍ୟ ପଇସା ନାହିଁ। ଏପରିସ୍ଥିତିରେ କୌଣସି ସହୃଦୟ ବ୍ୟକ୍ତି ଏବଂ ରେଡକ୍ରସ୍ ତରଫରୁ କିଛି ସହଯୋଗ ମିଳନ୍ତା ଶେଷଦେବ ଚିକିତ୍ସିତ ହୋଇପାରନ୍ତେ ବୋଲି ତାଙ୍କ ପତ୍ନୀ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆନନ୍ଦପୁରର ବିଜେପି ନେତା



**ହାଟଡ଼ିହୀ,୩।୭(ସମିସ):** ଆନନ୍ଦପୁରର ବରିଷ୍ଠ ବିଜେପି ନେତା ଆଲୋକ ସେଠୀ, ଜ୍ଞାନ ରଞ୍ଜନ ସାମନ୍ତସିଂହାର, ରାମଚନ୍ଦ୍ର ସାହୁ, ବିବେକାନନ୍ଦ ରାଉତ ଓ ଯୁବନେତା ଟୁକୁନା ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମଗ୍ର ଆନନ୍ଦପୁର ଅଞ୍ଚଳର ବିକାଶ ଦିଗରେ ଆଲୋଚନା କରିଥିବା ଜଣାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସା ମିଳିପାରୁନି। ସେଥିପାଇଁ ସାଧାରଣ ଲୋକମାନେ ନାନା ଅସୁବିଧା ଭୋଗ କରିବା ସହିତ କଟକ ଓ ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇଦେବା ସହିତ ଉପଖଣ୍ଡରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସେ ଆଲୋଚନା କରିଥିଲେ।

### ■ ଘରୋଇ ସ୍କୁଲ ଛାତ୍ରାବାସରେ ଅଘଟଣ

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପରିବାର



**ଢୁରୁମୁଙ୍ଗା,ଚମ୍ପୁଆ,୩।୭(ସମିସ):**କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବାରିଆ ଥାନା ଜଜପଶି ପଞ୍ଚାୟତ କଙ୍କଡା ଗ୍ରାମରେ ଥିବା ଘରୋଇ ସ୍କୁଲ ଗୋପବନ୍ଧୁ ସେବାଶ୍ରମରେ ଅଘଟଣ ଘଟିଛି। ସ୍କୁଲ ହଷ୍ଟେଲରେ ରହି ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା କାଞ୍ଜିପାଣି ଥାନା ଯନ୍ତାରି ଗ୍ରାମର ଛାତ୍ର ଦୀପକ ମହାନ୍ତ (୧୦)ଙ୍କ ଅସ୍ୱାଭାବିକ ମୃତ୍ୟୁ ପରେ ସ୍କୁଲ ପରିସରରେ ଚାପା ଉତ୍ତେଜନା ଦେଖାଦେଇଛି। ବୁଧବାର ସକାଳୁ ସ୍କୁଲ ନିକଟରେ ଥିବା ଏକ ପୋଖରୀ ରୁ ଛାତ୍ର ଦୀପକଙ୍କ କ୍ଷତ ବିକ୍ଷତ ମୃତଦେହ ସନ୍ଦେହ ଜନକ ଭାବରେ ଉଦ୍ଧାର କରାଯାଇ ବିଦ୍ୟାଳୟ ପରିସରକୁ ଅଣା ଯାଇଥିଲା। ପରିବାର ଲୋକଙ୍କୁ ଛାତ୍ର ଜଣଙ୍କ ଶୌଚ ହେବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ନେଇ ସ୍କୁଲ ଚଳାଉଥିବା ଅବସରପ୍ରାପ୍ତ ଶିକ୍ଷକ ହଳଧର ମହାନ୍ତ ଜଣାଇଥିଲେ।ଏହି ଖବର ପାଇବା ପରେ ମୃତ ଛାତ୍ରଙ୍କ ପରିବାର ଲୋକେ ସ୍କୁଲରେ ପହଁଞ୍ଚିଥିଲେ। ପରେ ଛାତ୍ରର ଡାହାଣ ଆଖିରେ ଗଭୀର କ୍ଷତ ସହ ବାମ କାନ୍ଧ ଓ ଅଣ୍ଟାରେ କ୍ଷତ ଲାଗିଥିବା ଦେଖିବାକୁ ପାଇ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବାରିଆ ଥାନା ଅଧିକାରୀ ହେମନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ କରୁଛନ୍ତି। କ୍ଷତିପୁରଣ ଦାବିରେ ପରିବାର ଲୋକେ ଶବକୁ ବ୍ୟବଚ୍ଛେଦ ପାଇଁ ଛାଡିନଥିବାରୁ ସ୍କୁଲ ପରିସରରେ ଚାପା ଉତ୍ତେଜନା ଦେଖାଦେଇଛି। ଏହି ଘଟଣା ପରେ ହଷ୍ଟେଲ ଛାଡ଼ି ସମସ୍ତ ଅନ୍ତେବାସୀ ପଳାଇଛନ୍ତି।ମାଜିଷ୍ଟ୍ରେଟ ଭାବରେ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ,ଜ୍ୟୋତିପୁର ଆର ଆଇ ରତିରମଣ ମହାନ୍ତ, ବଡ଼ବିଲ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ପହଁଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରୁଥିଲେ ବି ପରିବାର ଲୋକେ ଜିଦରେ ଅଟଳ ରହିଛନ୍ତି। ଏନେଇ ମୃତ ଛାତ୍ର ଙ୍କ ବାପା ହୃଦାନନ୍ଦ ମହାନ୍ତ ତାଙ୍କ ପୁଅ ଙ୍କୁ ହତ୍ୟା କରାଯାଇଥିବା ନେଇ ବାରିଆ ଥାନା ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବାରିଆ ଥାନା ପୁଲିସ ୧୩୩/୨୪ ଏକ ହତ୍ୟା ମାମଲା ରୁଜୁ କରି ସ୍କୁଲ ଚଳାଉଥିବା ଅବସରପ୍ରାପ୍ତ ଶିକ୍ଷକ ହଳଧର ମହାନ୍ତଙ୍କୁ ଥାନାରେ ଅଟକ ରଖିଛି। ଏହି ହଷ୍ଟେଲରେ ୩୬ ଜଣ ଛାତ୍ରଛାତ୍ରୀ ରହି ପାଠ ପଢୁଥିବା ବେଳେ ଅଭିଭାବକମାନଙ୍କଠାରୁ ମାସିକ ୨ ହଜାର ଟଙ୍କା ନେଇ ହଳଧର ଛାତ୍ରାବାସ ସହ ସ୍କୁଲ ଚଳାଇଆସୁଥିଲେ। ତେବେ ଏହି ସ୍କୁଲରେ ଚାଲିଥିବା ହଷ୍ଟେଲକୁ ହଳଧର ବିନା ଅନୁମତିରେ ବେଆଇନ ଭାବରେ ଚଳାଉଥିବା ଚମ୍ପୁଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ କହିଥିବା ବେଳେ କିଭଳି ଭାବରେ ବର୍ଷ ବର୍ଷ ଧରି ଏଠାରେ ହଷ୍ଟେଲ ଚାଲୁଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

**କ୍ଷତିପୂରଣ ଦାବିରେ ଶବ ଛାଡୁ ନାହାନ୍ତି ପରିବାର ଲୋକେ, ସ୍କୁଲ ପରିସରରେ ଚାପା ଉତ୍ତେଜନା**

**ବିନା କୌଣସି କାଗଜ ପତ୍ରରେ ବେଆଇନ ଭାବରେ ବର୍ଷ ବର୍ଷ ଧରି ଚାଲିଥିଲା ହଷ୍ଟେଲ**

# ଗାଁ ଗାଁରେ ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା

**ଧାମନଗର,୩।୭(ସମିସ):** ମଦ ପାଇଁ ସବୁଠି ଅଶାନ୍ତି, ଗଣ୍ଡଗୋଳ ଓ ଦୁର୍ଘଟଣା ଆଦି ଘଟି କେତେ ଯେ ଜୀବନ ଯାଉଛି। ଏତିକି ନୁହେଁ କେତେ ପରିବାରରେ ବିଶୃଙ୍ଖଳା ସହ ଘର ଉଜୁଡି ଯାଉଛି ସେଥିପ୍ରତି କାହାରି ଦୃଷ୍ଟି ନାହିଁ। ଲାଇସେନ୍ସ ନଥାଇ ମଦ ମାଫିଆ ମାନେ ଗାଁ ଗାଁରେ ବେକାର ଯୁବକମାନଙ୍କୁ ଅଧିକ ଆୟର ଆଳଦେଖାଇ ଚୋରା ମଦ ବେପାର କରିବାକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଯାହା ଫଳରେ ଗାଁ ଗାଁରେ ଥିବା ଛୋଟ ଛୋଟ ବଜାରରେ ଚୋରା ଦେଶୀ ଓ ବିଦେଶୀ ମଦର ଖଲମ୍ ଖୁଲା ବେପାର ବଢି ଚାଲିଛି। ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳରେ ଥିବା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କେତେବେଳେ କେମିତି ଧର୍ମକୁ ଆଖିଠାର ସଦୃଶ ଚୋରା ମଦ ବେପାରୀଙ୍କୁ ଧରୁଥିଲେ ମଧ୍ୟ ସେମାନେ ଆଇନର ଗଳାବାଟ ଦେଇ ଖସି ଯିବାକୁ ସକ୍ଷମ ହେଉଛନ୍ତି। ବିଶେଷ କରି ଧାମନଗର ବ୍ଲକ ଓ ପଡ଼ୋଶୀ ଯାଜପୁର ଜିଲ୍ଲାର ସିମାନ୍ତ ଅଞ୍ଚଳ ହୋଇଥିବାରୁ ବାହାର ଜିଲ୍ଲାର ଦେଶୀ ଓ ବିଦେଶୀ ମଦ ଚୋରାରେ ପ୍ରତି ଗ୍ରାମରେ ପହଞ୍ଚୁଛି। ପଡୋଶୀ ଜିଲ୍ଲାକୁ ସଂଯୋଗ କରୁଥିବା ନଦୀ ଓ କେନାଲ ବନ୍ଧ ଏବଂ ଗ୍ରାମ୍ୟ ରାସ୍ତା ଏହି ଚୋରା କାରବାରର ପ୍ରମୁଖ ମାଧ୍ୟମ ସାଜିଛି। ଏହି ଜିଲ୍ଲାରୁ ଅନ୍ୟ ବ୍ଲକର ବିଭିନ୍ନ ଅଞ୍ଚଳକୁ ଚୋରା ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ବେଳେ ଅନେକ ସ୍ଥାନରେ ମହୁଲି, ହାଣ୍ଡିଆ, ଚାଉଳି ମଦ ପ୍ରସ୍ତୁତ କରାଯାଉଥିବା ଜଣାଯାଇଛି। କିଛି ସରକାରୀ ଦେଶୀ ଓ ବିଦେଶୀ ମଦ ବିକ୍ରେତା ଗ୍ରାମାଞ୍ଚଳର ଯୁବକଙ୍କୁ ଫସାଇ ଚୋରା ବେପାର ମାଧ୍ୟମରେ ମଦର ହୋମ ଡେଲିଭରି କରୁଥିବା ଜଣାଯାଇଛି। ପୁଲିସ ଓ ଅବକାରୀ ବିଭାଗ ଚୋରା ମଦ ଚାଲାଣ ଓ ବିକ୍ରୀ ଉପରେ କୌଣସି ଅଙ୍କୁଶ ଲଗାଇ ପାରୁ ନଥିବା ବେଳେ ମଦ୍ୟପାନ ଜନିତ ପାରିବାରିକ ହିଂସା ବଢ଼ିବାରେ ଲାଗିଛି। ଧାମନଗରରେ ଏକ ଅବକାରୀ ଥାନା ଥିଲେ ମଧ୍ୟ ଥାନାରୁ ମାତ୍ର୨୦୦ ଶହ ମିଟର ପାଖରେ ଖୁଲମଖୋଲା ମଦ ବେପାର ଚାଲିଛି। ଏସବୁ ପରେ ସାରା ରାଜ୍ୟରେ ଚହଳ ସୃଷ୍ଟି କରୁଥିବା ଧଳା ଜହର ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳର ବିଭିନ୍ନ ଛୋଟ ବଡ଼ ବଜାରରେ ତା'ର କାୟା ବିସ୍ତାର କରୁଛି। ବହୁ ବେକାରୀ ଯୁବକ ବିପଥଗାମୀ ହେଉଥିବା ବେଳେ ପାରିବାରିକ ହିଂସା, ସଡ଼କ ଦୁର୍ଘଟଣା ବଢୁଛି। ରାଜ୍ୟ ସରକାର ଓ ଅବକାରୀ ବିଭାଗ ଏବଂ ପୁଲିସ ପ୍ରଶାସନ ଉକ୍ତ ଘଟଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରା ମଦ କାରବାରରେ ରୋକ ଲଗାଇବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ପ୍ରଶାସନ ଏଥିପ୍ରତି ଯତ୍ନବାନ ହେବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ମହିଳା ମାନେ ରାଜରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ଚୋରା ମଦ କାରବାର ରୋକ ଲଗାଇବାକୁ ଦାବି**

# ସଟର୍ କାଟି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

**ଅସୁରାଳି,୩।୭(ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ବଜାରରେ ଏକ ସୁନାଗହଣା ଦୋକାନରୁ ୭ରୁ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି । ଏନେଇ ଅଳଙ୍କାର ଦୋକାନର ମାଲିକ ରବୀନ୍ଦ୍ର କୁମାର ପୃଷ୍ଟି ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଯୋଜାନାବଦ୍ଧ ଭାବେ ସଟରକୁ କାଟି ଲୁଟେରାମାନେ ଦୋକାନ ଭିତରେ ପଶିଛନ୍ତି। ଚୋରି ଗହଣା ମଧ୍ୟରେ ବହୁ ସୁନା, ନଗଦ ଟଙ୍କା ଓ ବହୁ ପରିମାଣର ରୂପା ଥିବା ଅଭିଯୋଗ ହୋଇଛି। ଗତକାଲି ରାତିରେ ବର୍ଷା ଲାଗିରହିଥିବା ବେଳେ ଏହାର ସୁଯୋଗ ନେଇ ଲୁଟେରା ଚୋରି କରିଥିବା ଅନୁମାନ କରାଯାଉଛି। ଅଭିଯୋଗ ଅନୁଯାୟୀ, ରବୀନ୍ଦ୍ର ରବିବାର ସକାଳ ବେଳେ ଦୋକାନ ଖୋଲିବାକୁ ଯାଇଥିବା ବେଳେ ଦୋକାନ ସଟର୍ର କଟା ଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଭିତରେ ପଶିବା ପରେ ତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଦୋକାନ କବାଟଠାରୁ ଆରମ୍ଭ କରି ଭିତରେ ଥିବା ପ୍ରାୟ ୭ ଲକ୍ଷ ଟଙ୍କାର ଅଳଙ୍କାର ସମେତ କ୍ୟାସ୍ ଡ୍ର'ରେ ଥିବା ଟଙ୍କା ଲୁଟ୍ ହୋଇଯାଇଛି। ଧାମନଗର ପୁଲିସ ପହଞ୍ଚି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଖୁବ୍ ଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗତ ୬ ରୁ ୭ ଦିନ ମଧ୍ୟରେ ଗୋବିନ୍ଦପୁରରେ ଲଗାତାର ଚୋରି ଅଭିଯୋଗ କରାଯାଉଛି। କିଛି ଦିନ ତଳେ କିଛି ଦୁର୍ବୃତ୍ତ ରାତ୍ରୀ ସମୟରେ କିଛି ଗାଈଙ୍କୁ ଗାଡ଼ିରେ ନେଇ ଯାଇଥିଲେ। ଏହି ପରି ଭାବରେ ଦିନକୁ ଦିନ ଗୋବିନ୍ଦପୁର ଅଞ୍ଚଳରେ ଚୋରି, ଡକାୟତି ବଢ଼ି ଚାଲିଛି ସେଥିପାଇଁ ଧାମନଗର ପୁଲିସ ପକ୍ଷରୁ ରାତ୍ରୀକାଳୀନ ପାଟ୍ରୋଲିଂ ପାଇଁ ଗ୍ରାମବାସୀ ଦାବି ରଖିଛନ୍ତି।




**ରାତ୍ରକାଳୀନ ପାଟ୍ରୋଲିଂ ଦାବି**

# ରୋଟାରୀ କ୍ଲବ୍‌ର ନୂତନ ସଭାପତି ଓ ସମ୍ପାଦକଙ୍କ ଦାୟିତ୍ୱ ଗ୍ରହଣ

**ଭଦ୍ରକ,୩।୭(ସମିସ):** ଭଦ୍ରକ ରୋଟାରୀ କ୍ଲବର ନୂତନ ସଭାପତି ରୋ.ସନ୍ତୋଷ କୁମାର ନାୟକ ଓ ୫୩ ବର୍ଷ ଭଦ୍ରକ ରୋଟାରୀ କ୍ଲବ୍ ପ୍ରତିଷ୍ଠାର ପ୍ରଥମ ମହିଳା ସମ୍ପାଦିକା ସାୟନ୍ତା ସୌରମାଳିନୀ ସାହୁ ରୋଟାରୀ ବର୍ଷ ଜୁଲାଇ ୧ ତାରିଖରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଜୁନ ୩୦ ତାରିଖରେ ଭୁବନେଶ୍ୱରସ୍ଥିତ ସୋୟା ଅଡିଟୋରିୟମରେ ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଶପଥ ପାଠ କରାଇଥିଲେ। ଶପଥ ପାଠ ଉତ୍ସବରେ ଓଡ଼ିଆର ନବନିର୍ବାଚିତ ଆଇନ୍ ମନ୍ତ୍ରୀ ପୃଥୀଭିରାଜ୍ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ୧୨୦୦ରୁ ଉର୍ଦ୍ଧ ରୋଟାରିଆନ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଭଦ୍ରକ ରୋଟାରୀ କ୍ଲବର ପ୍ରତିଷ୍ଠାତା ସଭାପତି ଦିବଙ୍ଗତ ରାଖାଲ ଚନ୍ଦ୍ର ଦାସ ଓ ପ୍ରତିଷ୍ଠାତା ସମ୍ପାଦକ ଦିବଙ୍ଗତ ପ୍ରକାଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଦିବସ ବ୍ୟାପୀ ବିଭିନ୍ନ ସମାଜ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ସଦସ୍ୟ ଗଣଙ୍କ ସହଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମଧ୍ୟାହ୍ନରେ ରମା ଉଲ୍ଲାସ ସଦନ ବୃଦ୍ଧା ଆଶ୍ରମଠାରେ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇ ସମସ୍ତ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇ ଥିଲା ଏବଂ ଏହି ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇ ଚାର୍ଟାଡ ଆକାଉଟାଣ୍ଟ ଦିବସ ପାଳନ କରାଯାଇଥିଲା। ପରେ ରୋଟାରୀ ଭବନ ପରିସରରେ ଥିବା ରାମକୃଷ୍ଣ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ୩ଜଣ ବରିଷ୍ଠ ଚାଟାର୍ଡ ଆକାଉଟାଣ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରୋ. ସୀତାକାନ୍ତ ଦାସ ଓ ରୋ.ବିଚିତ୍ରାନନ୍ଦ ଦାସ ପରିଚାଳନା କରିଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ରୋ.ଅମ୍ବିକାବଲ୍ଲଭ ସ୍ୱାଇଁ, ରୋ.ଇନ୍ଦ୍ରଜିତ ସାହୁ, ରୋ.ଉମାକାନ୍ତ ଜେନା, ରୋ.ପ୍ରମୋଦ ଜେନା, ରୋ.ଗୟାଧର ପଣ୍ଡା, ରୋ .ବୈରାଗୀ ଧଳ, ରୋ.ପ୍ରଣବ କୁମାର ସାହୁ, ରୋ.ଅଭିଜିତ ନାୟକ, ରୋ.ବାଦଲ କିଶୋର ମହାପାତ୍ର, ରୋ.ନାସିର ବକ୍ସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଅନ୍ତର୍ଜାତୀୟ ଡକ୍ଟର ଦିବସ ଅବସରରେ ଆଇଏମଏ ଦ୍ୱାରା ଆୟୋଜିତ ସଭାରେ ବରିଷ୍ଠ ୧୩ ଜଣ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନବ ନିର୍ବାଚିତ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ରାସ୍ତା ମରାମତି କରି ଉଦାହରଣ ସାଜିଲେ ଗ୍ରାମବାସୀ

**ବାସୁଦେବପୁର,୩।୭(ସମିସ):** ଗ୍ରାମାଞ୍ଚଳର ଯୋଗାଯୋଗର ବିକାଶ ପାଇଁ କେନ୍ଦ୍ର ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଯୋଜନା ପରେ ଯୋଜନା କରୁଛନ୍ତି। ତେବେ ଅଧିକାରୀଙ୍କ ଖାମଖିଆଲ ମନୋଭାବ କାର୍ଯ୍ୟ ପାଇଁ ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ଦୀକ୍ଷିତବିନ୍ଧା ଗ୍ରାମକୁ ଗମନାଗମନର ରାସ୍ତା ଖାଲଖମାରେ ଭର୍ତ୍ତିରି ହୋଇ ଥିବାରୁ ନିଜସ୍ୱ ଖର୍ଚ୍ଚରେ ମହିଳାମାନେ ରାସ୍ତା ନିର୍ମାଣ କରିଛନ୍ତି। ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ନିରାଶ ହେଲେ। ଦିନକୁ ଦିନ ରାସ୍ତା ଖାଲ ଖମାରେ ପରିଣତ ହେଲା। ରାତି ଅନ୍ଧାରରେ ପିଲାଠୁ ବୁଢ଼ା ପଡ଼ି ଖଣ୍ଡିଆ ଖାବରା ହେଲେ। ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ଲୋକେ ସାଜିଲେ ସରକାର। ମହିଳାମାନେ ହାଣ୍ଡିଶାଳ ଛାଡି ଦୀକ୍ଷିତବିନ୍ଧା ରାସ୍ତାରେ କୋଦାଳ ଓ ମୁଣ୍ଡରେ ମଳା ଭିଡ଼ି ରାସ୍ତା ମରାମତି କଲେ। କାମରେ ସଭିଏଁ ଚଳଚଞ୍ଚଳ। ନିଜ କାମ ନିଜେ କରିବାକୁ ମନରେ ଉତ୍ସାହ। ନା କାମ ପ୍ରତି ଅଛି ଘୃଣା, ନା ଲାଗୁଛି ଥକା। ଏ କେଉଁ ଅଞ୍ଚଳର ପେସାଦାର ଶ୍ରମିକ ନୁହଁନ୍ତି। ଏହେଉଛନ୍ତି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତର ଦୀକ୍ଷିତବିନ୍ଧା ଗାଁ । ଦୀକ୍ଷିତବିନ୍ଧା ରୁ ସାମସା ପୋଖରୀ କୁ ଲମ୍ବି ଯାଇଛି ରାସ୍ତା । କୁନି ପିଲା କାମ କରିବାକୁ ଧରିଛି ହାତରେ କୋଦାଳ । ଭରି ରହିଛି ଦୃଢ ମନୋବଳ । ବଡ ଲୋକମାନଙ୍କୁ ଯୋଗାଉଛି ସହଯୋଗର ହାତ । ଗାଁର ଆବାଳ ବୃଦ୍ଧ ବନିତା, ଲାଗି ପଡିଛନ୍ତି ରାସ୍ତା କାମରେ । ହାତରୁ ଟଙ୍କା ଖର୍ଚ୍ଚ କରି ଡଷ୍ଟ ଆଣି ଖାଲ ଖମାକୁ ପୋତିବାରେ ବ୍ୟସ୍ତ । କେମିତି ପିଲାଛୁଆ ସୁରୁଖୁରୁରେ ଯାତାୟତ କରିବେ। ଆଉ ରୋଗୀଙ୍କୁ ଖଟରେ ନେବାକୁ ପଡ଼ିବ ନାହିଁ। ଗାଁକୁ ଆସିବ ଆମ୍ବୁଲାନ୍ସ। ସବୁରି ମୁହଁରେ ହସ ଫୁଟିବ। ଭଦ୍ରକ ଜିଲ୍ଲା ଦୀକ୍ଷିତବିନ୍ଧା ଗାଁ ଓ ବାଲେଶ୍ୱର ଜିଲ୍ଲାର ଚାଲୁଣୀ ଗ୍ରାମର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଯାତାୟାତ କରନ୍ତି। ଦୀର୍ଘ ୨୦ ବର୍ଷ ପୂର୍ବରୁ ରାସ୍ତା ନିର୍ମାଣ କାମ ହୋଇ ଥିଲା। ପଞ୍ଚାୟତ ର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଗୁହାରି କରିଥିଲେ। ନିରାଶ ହୋଇ ଲୋକ ସାଜିଲେ ସରକାର। ନିଜ କାମ ନିଜ ହାତକୁ ନେଲେ ଓ ରାସ୍ତା ନିର୍ମାଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।



# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବନ୍ତ/ଆଗରପଡ଼ା,୩।୭(ସମିସ):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ବରହମପୁର ସ୍ଥିତ ବିବିଦାସ ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରହ୍ଲାଦ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ୍ ମଧୁସୂଦନ ଘଡ଼ାଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବନ୍ତ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ସିଆରସିସି ଗିରିଜା ଶଙ୍କର ଲେଙ୍କା, ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୁପମା ରାଉତ, ସମାଜସେବୀ ସନ୍ତୋଷ ନାୟକ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ୍ଦ ରାଉତ, ବିଦ୍ୟାଳୟ ପ୍ରତିଷ୍ଠାତା ଚକ୍ରଧର ଦାସ, ଶିକ୍ଷାବିତ୍ ନିଗମାନନ୍ଦ ମିଶ୍ର, ପ୍ରଫୁଲ୍ଲ ପୁହାଣ, ନରେନ୍ଦ୍ର ବାରିକ, ପର୍ଶୁରାମ ନାୟକ, ସୁବାସ ଚନ୍ଦ୍ର ପଣ୍ଡା, ଖଗେଶ୍ୱର ପ୍ରଧାନ, ମନୋଜ ରାଉଳ, ହରିହର ପାଣିଗ୍ରାହୀ, ଭଗବାନ ନାୟକ, ସୁବାସ ଜେନା, ପରିଚାଳନା କମିଟି ସଭାପତି ଅମୂଲ୍ୟ ପଣ୍ଡା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ରାଜକିଶୋର ଘଡ଼ାଇ, ପ୍ରଦୀପ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ, ଜାତୀୟ ସଙ୍ଗୀତ ଗାନ, ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ପ୍ରହ୍ଲାଦ ଜେନାଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରାଜେନ୍ଦ୍ର ପାତ୍ର, କଲ୍ଲୋଳପ୍ରଭା ବାରିକ, ସ୍ନିଗ୍ଧା ନାୟକ, ନିଶିକାନ୍ତ ଜେନା, ଆରତୀ ସେଠୀ, ନିବେଦିତା ସାହୁ, ଶରତ ପାଣିଗ୍ରାହୀ, ହୃଷୀକେଶ ଦାସ, ବୀରଭଦ୍ର ପଣ୍ଡା, ଜୟନ୍ତୀ ଦାସ, ମାୟାଧର ଜେନା, ଶ୍ରୀଧର ବାରିକ, ପରିଚାଳନା କମିଟି ସଦସ୍ୟ, ସଦସ୍ୟା, ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।



**● ଅରଣ୍ଡୁଆ ପଞ୍ଚାୟତରେ ମନରେଗା ଅନିୟମିତତା**

# ୧୧.୨୧ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ

**ଭଦ୍ରକ,୩।୭(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ମନରେଗା ଯୋଜନାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚାରି ଜଣଙ୍କୁ ୧୧ ଲକ୍ଷ ୨୧ ହଜାର ୫୨୯ ଟଙ୍କା ଜମା କରିବାକୁ ବିଡିଓ ନୋଟିସ କରିଛନ୍ତି। ଅରଣ୍ଡୁଆ ପଞ୍ଚାୟତର ଲମ୍ବୋଧର ନାମକ ଜନୈକ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ୧୭ଟି ପ୍ରକଳ୍ପର କାମ ସମ୍ପର୍କରେ ତଥ୍ୟ ମାଗିଥିଲେ। ଏଥିରୁ ୬ଟି ପ୍ରକଳ୍ପ ସମ୍ପର୍କିତ ତଥ୍ୟ ମିଳିଛି। ଛଅଟି ପ୍ରକଳ୍ପ ତଦନ୍ତ ହେବା ପରେ ୧୭ ଲକ୍ଷ ଟଙ୍କାର ଅନିୟମିତତାର ଗନ୍ଧ ବାହାରିଥିଲା। ବିଡିଓ ଚିଠିରେ ୧୭ ମାର୍ଚ୍ଚ ୨୦୨୪ରେ ସରପଞ୍ଚ ନିରୁପମା ନାୟକ ୩ ଲକ୍ଷ ୬୩ ହଜାର ୨୯ ଟଙ୍କା, ଜିଆରଏସ ସଂଯୁକ୍ତା ମଳିକ ୩ ଲକ୍ଷ ୬୩ ହଜାର ୨୯ ଟଙ୍କା, ପିଇଓ ଉମର ଅଲ୍ଲି ୩ ଲକ୍ଷ ୬୩ ହଜାର ୨୯ ଟଙ୍କା ଓ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ଉପରେ ୩୨ ହଜାର ୪୫୨ ଟଙ୍କା ରାଜକୋଷରେ ଜମା କରିବାକୁ ନୋଟିସ ପ୍ରଦାନ କରିଥିଲେ। ଏହି ଚାରି ଜଣ ମିଳିତ ଭାବେ ସଲାସୁତ୍ରରାରେ ସରକାରୀ ଲୁଟ କରିଥିବାର ପ୍ରମାଣ ପରେ ମଧ ବିଡିଓଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରି ମାସ ମାସ ବୁଲୁଛନ୍ତି। ସରକାରୀ ଅର୍ଥ ଲୁଟ ମାମଲାରେ କାହିଁକି ମକଦ୍ଦମା ରୁଜୁ କରାନଯାଇ କୋହଳ ମନୋଭାବ ପୋଷଣ କରୁଛନ୍ତି ବିଡିଓ। କାହିଁକି ମାସ ମାସ ଧରି କାର୍ଯାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟ ୧୧ଟି ପ୍ରକଳ୍ପ ତଥ୍ୟ ବିଡିଓ ପ୍ରଦାନ କରିବାରେ ବିଳମ୍ବ କରୁଛନ୍ତି। ବାସୁଦେବପୁର ବ୍ଲକର ବିଡିଓଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅରଣ୍ଡୁଆ ଗ୍ରାମର ୱାର୍ଡ ମେମ୍ବର ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଅରଣ୍ଡୁଆ ପଞ୍ଚାୟତର ୨୦୨୩-୨୪ ମସିହାର ମନେରଗା ଯୋଜନାର ନିରପେକ୍ଷ ତଦନ୍ତ ହେଲେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ରାଜକୋଷକୁ ଫେରିବ ବୋଲି ସମିତି ସଭ୍ୟ ରମାକାନ୍ତ ଦାଶ କହିଛନ୍ତି ।

**ସରପଞ୍ଚ, ପିଇଓ, ଜିଆର୍ଏସ୍ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନୋଟିସ୍**

# ଯୁବ ଯାଦବ ମହାସଭା ପକ୍ଷରୁ ବନ ମହୋତ୍ସବ

**ଭଦ୍ରକ,୩।୭(ସମିସ):** ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ହିଁ ଜୀବନ, ବୃକ୍ଷ ଅମ୍ଳଜାନ ଦେଇ ଆମ ଜୀବନକୁ ବଞ୍ଚାଇଥାଏ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ପରିବେଶ ପ୍ରଦୂଷଣରୁ ମୁକ୍ତରହିବା ଦରକାର। ଆସନ୍ତୁ ବୃକ୍ଷରୋପଣ କରିବା ପରିବେଶକୁ ସୁସ୍ଥ ରଖିବା ଆମେ ବଞ୍ଚିବା ଆଗାମୀ ଯୁବ ପିଢ଼ିଙ୍କୁ ବଞ୍ଚାଇବା। ଭଦ୍ରକ ଜିଲ୍ଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଅମର କୁମାର ନାୟକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଦୀପ୍ତିନାୟକ, ଯୁବ ଯାଦବ ଉପସଭାପତି ସଞ୍ଜୀବ ନାୟକ, ସାଧୁଚରଣ ବାରିକ, ଜିଲ୍ଲା ଯୁବ ସମ୍ପାଦକ ସନ୍ତୋଷ ଦାସଙ୍କ ସମେତ ଯାଦବ ନେତା ଶଶଧର ପରିଡ଼ା, ପିୟୁଷ ଦାସ, ସାମ୍ବାଦିକ ଅକ୍ଷୟ ନାୟକ, ଜୀବନ ତ୍ରିପାଠୀ, ଆବାହକ କୃଷ୍ଣ ଚନ୍ଦ୍ର ବେହେରା, ଉପଦେଷ୍ଟା ନିତ୍ୟାନନ୍ଦ ବେହେରା ପ୍ରମୁଖ ଯୋଗଦାନ କରି ବୃକ୍ଷର ଉପକାରିତା ସମ୍ପର୍କରେ ବକ୍ତବ୍ୟ ଦେବା ସହ ବୃକ୍ଷରୋପଣ କରିଥିଲେ। ଯାଦବ ପକ୍ଷରୁ ଚଳିତ ବର୍ଷ ଏକ ହଜାର ବୃକ୍ଷରୋପଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲ୍ଲା ଯୁବ ସଭାପତି ଶ୍ରୀ ଖିଲାର କହିଥିଲେ।



# ସହାୟତା ଅପେକ୍ଷାରେ ଭିନ୍ନକ୍ଷମ ପରିବାର

**ବନ୍ତ/ଆଗରପଡ଼ା,୩।୭(ସମିସ)**

ପରିବାରର ସମସ୍ତେ ବଧିର ଏକଥା ବିଶ୍ୱାସ ହେଉନଥିଲେ ମଧ୍ୟ ନିରାଟ ସତ୍ୟ। ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ପାନପଦୀ ଗ୍ରାମରେ ଏହି ବଧିର ବ୍ରାହ୍ମଣ ପରିବାର ବସବାସ କରିଥାନ୍ତି। ଉକ୍ତ ଗ୍ରାମରେ ବାଞ୍ଛାନିଧି ପଣ୍ଡାଙ୍କ ଘର। ସେ ତାଙ୍କ ଝିଅ ରେବତୀକୁ ତାଳଚେର ଅଞ୍ଚଳର ସୁରେଶ ଦେବତାଙ୍କ ସହ ବିବାହ କରାଇଥିଲେ ଓ ପରବର୍ତ୍ତୀ ସମୟରେ ସୁରେଶ ବାଞ୍ଛାନିଧିଙ୍କ ଘରେ ଘର ଜ୍ୱାଇଁ ହୋଇ ରହିଥିଲେ। ଏହା ପରେ ହଠାତ ବାଞ୍ଛାନିଧି, ସୁରେଶ ଓ ରେବତୀ ବଧିର ହୋଇଯାଇଥିଲେ। ପରେ ରେବତୀଙ୍କ ତିନୋଟି ପୁତ୍ର ସନ୍ତାନ ଜାତ ହୋଇଥିଲେ। ସମୟାନୁକ୍ରମେ ସେହି ପୁଅମାନେ ବଧିର ହୋଇଯାଇଥିଲେ। ସୁରେଶ ସାଳନ୍ଦୀ ଜଳସେଚନ ବିଭାଗରେ ଏନଏମଆର କର୍ମ.ରୀ ରୂପେ ଚାକିରୀ କରୁଥିଲେ। ସରକାରଙ୍କ ନିୟମାନୁଯାୟୀ ସେ ମଧ୍ୟ ଛଟେଇ ହୋଇଥିଲେ। ଏତିକିରେ ତାଙ୍କ ପରିବାର ଉପରୁ କଳାବାଦଲ ଛାଇ ହଟି ନଥିଲା। ପୁରୋହିତ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ସୁରେଶଙ୍କ ବଡ଼ ପୁଅ ବଜ୍ରାଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ରୋଜଗାର ଶୂନ୍ୟ ହୋଇପଡ଼ିଥିଲା। ସାନ ପୁଅଟି ମଧ୍ୟ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରିଥିଲେ। ସୁରେଶଙ୍କ ଅନ୍ୟତମ ପୁଅ ବିକାଶ ଗ୍ରାଜୁଏସନ କରିସାରି ଓଡ଼ିଶା ସରକାରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ପାଇଁ ପ୍ରଦତ୍ତ ଦକ୍ଷତା ଭିତ୍ତିକ ତାଲିମ କମ୍ପ୍ୟୁଟର ପାଠ୍ୟକ୍ରମ ସାରିବା ପରେ ସରକାରୀ ସିଟି ସହ ଓଟିଇଟି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ୨୦୧୧ ମସିହାରେ ସୁରେଶଙ୍କ ଗୁହାରୀ ଅନୁସାରେ ହାଇକୋର୍ଟରୁ ତାଙ୍କ ପୁଅ ବିକାଶର ଯୋଗ୍ୟତାକୁ ଭିତ୍ତିକରି ଯଦି ସମ୍ଭବ ହୁଏ ତେବେ ତାଙ୍କୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟ ଇତି ମଧ୍ୟରେ ନିର୍ଦ୍ଦେଶକୁ ୧୩ ବର୍ଷ ବିତିଯାଇଥିଲେ ସୁଦ୍ଧା ପୁଅ ବିକାଶ ଏଯାବତ କୌଣସି ଠାରେ ଥଇଥାନ ହୋଇପାରି ନାହାଁନ୍ତି। ସେହିପରି ବରଗଡ଼ ଜିଲ୍ଲା ଅତାବିରା ଥାନା ଗୋଡ଼ଭଙ୍ଗା ଗ୍ରାମର ସଂଯୁକ୍ତା ଦାଶ ଓ ସ୍ୱର୍ଗତ କିଶୋର ଚନ୍ଦ୍ର ମହାପାତ୍ରଙ୍କ ଝିଅ ମେନକା ଯିଏକି ପିଲାଟିଦିନରୁ ବଧିର। ପାଠ ପଢିବା ସମୟରେ କୋ÷ଣସି ଏକ ମୂହୁର୍ତ୍ତରେ ତାଙ୍କର ବିକାଶ ସହଦେଖା ହୋଇଥିଲା ଓ ଉଭୟ ଉଭୟଙ୍କୁ ବିବାହ କରିଥିଲେ। ମେନକା ରାଉଲକେଲା ଏସକେଡିଏଭି ଓମେନ ପଲିଟେକ୍ନିକରୁ ଇନଫରମେସନ ଟେକ୍ନୋଲୋଜିରେ ଡିପ୍ଲୋମା, ଭୁବନେଶ୍ୱର ଲଳିତକଳା ଏକାଡେମୀରୁ ଡିଗ୍ରୀ ଓ ଭୁବନେଶ୍ୱର ସ୍କିଲ ଡେଭଲପମେଣ୍ଟରେ ଟ୍ରେନିଙ୍ଗ ପାଇଥିଲେ ସୁଦ୍ଧା ଆଜି ସୁଦ୍ଧା କୌଣସି .କିରୀ ପାଇପାରି ନାହାଁନ୍ତି। କୋଲକାତା, ଚେନ୍ନାଇ, ଦୀଲ୍ଲି, ମୁମ୍ବାଇ ପରି ମେଟ୍ରୋ ସିଟିରେ ଆୟୋଜିତ ପ୍ରଦର୍ଶନୀରେ ତାଙ୍କ ଚିତ୍ରକଳା ମଧ୍ୟ ସ୍ଥାନିତ ହୋଇଛି। ସେ ଓଡ଼ିଶୀ ନୃତ୍ୟରେ ମଧ୍ୟ ନିଜର ପାରଦର୍ଶିତା ଲାଭ କରିବା ସହ କୁନିକୁନି ପିଲାଙ୍କୁ ଓଡ଼ଶୀ ନୃତ୍ୟ ସହ ଚିତ୍ରକଳାର ଶିକ୍ଷାଦାନ କରୁଛନ୍ତି। ପ୍ରଶାସନିକ ସ୍ତରରେ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ସେ କହିଛନ୍ତି। ତେଣୁ ମେନକା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଚିତ୍ର ଆଙ୍କି ସେମାନଙ୍କ ଫଟୋଚିତ୍ର ସହ ନିଜ ପରିବାରର ଦୁଃଖକୁ ପତ୍ର ମାଧ୍ୟମରେ ଜଣାଇ ତାଙ୍କୁ ଓ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ସରକାରୀ ଚାକିରିଟିଏ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିବା ଜଣାପଡ଼ିଛି। ପୂର୍ବରୁ ଗତ ବର୍ଷ ୨୦୨୩ ଫେବୃଆରୀରେ ମେନକା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିତ୍ର ଆଙ୍କି ଉଭୟଙ୍କ ଫଟୋଚିତ୍ର ସହ ନିଜ ପରିବାରର ଦୁଃଖକୁ ପତ୍ର ମାଧ୍ୟମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଜଣାଇ ଥିଲେ।

**ଚାକିରି ପାଇଁ ସରକାରଙ୍କୁ ନିବେଦନ**



# 'ଘାସଫୁଲ'ର ରଥ ବିଶେଷାଙ୍କ ଲୋକାର୍ପିତ

**ଭଦ୍ରକ,୩।୭(ସମିସ):** ସାହିତ୍ୟ ଜୀବନକୁ ମାର୍ଗ ଦେଖାଇଥାଏ, ସାହିତ୍ୟ ବିନା ଜୀବନ ନିରର୍ଥକ। ସମାଜକୁ ପରିବର୍ତ୍ତନ ଓ ବିକାଶଶୀଳ କରିବାରେ ସାହିତ୍ୟର ଭୂମିକା ଅବର୍ଣ୍ଣନୀୟ ବୋଲି ସ୍ୱର୍ଗତଃ ବିରୋଧୀ ଦଳର ଉପନେତା ତଥା ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଘାସଫୁଲ' ର ରଥ ବିଶେଷାଙ୍କ ଲୋକାର୍ପିତ କରି ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ରାମଚନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି। ସ୍ତମ୍ଭକାର ତଥା 'ଘାସଫୁଲ' ର ସୃଜନୀ ସମ୍ପାଦକ ଅଭୟ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବ ପ୍ରାରମ୍ଭରେ ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରାଯାଇଥିଲା। ସାହିତ୍ୟ ପତ୍ରିକା 'ଘାସଫୁଲ' କୁ ଲୋକାର୍ପଣ କରି ଅତିଥିମାନେ ସମାଜକୁ ସାହିତ୍ୟର ଆବଶ୍ୟକତା ସଂପର୍କରେ ବଳିଷ୍ଠ ମନ୍ତବ୍ୟ ରଖିଥିଲେ। ଘାସଫୁଲର ସମ୍ପାଦିକା ଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିବା ପରେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ପ୍ରାଧ୍ୟାପକ ଡ. କୀର୍ତ୍ତନ ବିହାରୀ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ଦୈତ୍ୟାରି ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ବସନ୍ତ କୁମାର ରାଉତ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ସାରସ୍ୱତ ସାଧକ ଡ. ରାମଚନ୍ଦ୍ର ବେହେରାଙ୍କୁ 'ଘାସଫୁଲ' ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ରାଷ୍ଟ୍ରମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରଦତ୍ତ ମାନପତ୍ର ଓ ଉପଢୌକନ ତାଙ୍କ ଅନୁପସ୍ଥିତିରେ ସମ୍ପାଦିକା ଶ୍ରୀମତୀ ପାଣିଗ୍ରାହୀଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ପତ୍ରିକାର କଳା ସମ୍ପାଦକ ଚୂଡ଼ାମଣି ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ଶେଷରେ ନିର୍ବାହୀ ସମ୍ପାଦକ ବ୍ୟୋମକେଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



# 'ସକାଳ' ପ୍ରଭାବ ଆରମ୍ଭ ହେଲା ଅଧପନ୍ତରିଆ ପ୍ରକଳ୍ପ



**ବନ୍ତ/ଆଗରପଡ଼ା,୩।୭(ସମିସ):** ଗତ ୨୧ ତାରିଖ ଶୁକ୍ରବାର ଅବଧି ସରିବାକୁ ବର୍ଷେ ପୁରିବ ଏବଂ ଅଧପନ୍ତରିଆ ପ୍ରକଳ୍ପକୁ ନେଇ ଚିନ୍ତାରେ ଅଞ୍ଚଳବାସୀ ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ଅଧପନ୍ତରିଆ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଅବଧି ସରିବାର ୧୧ମାସ ପରେ ବି ପ୍ରକଳ୍ପ ନିର୍ମାଣ ସରୁନଥିବାରୁ ଶୁଦ୍ଧ ପାନୀୟ ଜଳ ପାଇବା ନେଇ ଚିନ୍ତା ପ୍ରକଟ କରୁଥିଲେ ଅଞ୍ଚଳବାସୀ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୋଡ଼କମହାଜିବ ନିର୍ମାଣାଧିନ ପାନୀୟ ଜଳଯୋଗାଣ ପ୍ରକଳ୍ପ ଠାରେ। କାର୍ଯ୍ୟସ୍ଥଳୀ ନିକଟରେ ସ୍ଥାଣିତ ସୂଚନା ଫଳକରେ ଲିପିବଦ୍ଧ ସୂଚନା ଅନୁଯାୟୀ ଓଡ଼ଙ୍ଗ ପଞ୍ଚାୟତର ବୋଡ଼କମହାଜିବ ଓ ବୋଡ଼କପାଟଣା ଗ୍ରାମବାସୀଙ୍କ ନିମନ୍ତେ ବୋଡ଼କମହାଜିବ ଠାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧କୋଟି ୫୮ ଲକ୍ଷ ୨୯ ହଜାର୨୯୩ ଟଙ୍କା ଅଟକଳ ମୂଲ୍ୟରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଅଗଷ୍ଟ ୩ ରେ ଆରମ୍ଭ ହୋଇ ୨୦୨୩ ଜୁଲାଇ ୩ ତାରିଖରେ ଶେଷ ହେବା କଥା। କିନ୍ତୁ ଅବଧି ସରିବାର ୧୧ ମାସ ପରେବି ଏଠାରେ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିଲା। କାଁ ଭାଁ କିଛି ଜାଗାକୁ ଛାଡ଼ି ପାଇପ ପିଛାଇବା କାର୍ଯ୍ୟ ଅଦ୍ୟାବଧି ସରିଯାଇଥିବା ବେଳେ ଗୃହ ନିର୍ମାଣ ଓ ଟାଙ୍କି ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିଲା। ତେଣୁ ଧାର୍ଯ୍ୟ ସମୟରେ ଏହା କାର୍ଯ୍ୟକ୍ଷମ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ବର୍ତ୍ତମାନ ଖବର ପ୍ରକାଶ ପରେ ଟାଙ୍ଗିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବୋଡ଼କପାଟଣା ଠାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ବିଭାଗ ତରଫରୁ ୨୦୧୬-୧୭ ଆର୍ଥିକ ବର୍ଷରେ ଅର୍ଥ ମଞ୍ଜୁର ହୋଇ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ବସୁଧା ଯୋଜନାରେ ଜଳଯୋଗାଣ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଏଠାରେ ଉକ୍ତ ପ୍ରକଳ୍ପଟି ସଂପୂର୍ଣ୍ଣ ଫେଲ ମାରିବା ସହ ପାନୀୟ ଜଳଯୋଗାଣ ଠପ୍ ହୋଇପଡ଼ିଛି। ପ୍ରକଳ୍ପ ନିର୍ମାଣ ସମୟରେ ପାଖାପାଖି ୩୫ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ପୋଷ୍ଟ ଅକାମୀ ହୋଇ ପଡ଼ିଛି। କାହାର ଟ୍ୟାପ୍ ନାହିଁତ କେଉଁଠି ପାଇପ୍ ମଧ୍ୟ ନାହିଁ। ଏଥିରେ ଜଳ ଯୋଗାଣବି ସମ୍ପୂର୍ଣ୍ଣ ବନ୍ଦ ରହିଛି। ତେଣୁ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ଦୀର୍ଘ ସ୍ଥାୟୀ କରିବା ଓ ସମୟ ଅବଧି ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଆସୁଥିଲା।

# ଜମିବାଡ଼ି ବିବାଦରୁ ଆକ୍ରମଣ, ୩ ମହିଳାଙ୍କ ସମେତ ୬ ଗିରଫ



**ତିହିଡି,୩।୭(ସମିସ):** ତିହିଡି ଥାନା ବୋଡକ ପଞ୍ଚାୟତ ଅଧୀନ ଅଣ୍ଡରେଇ ଗାଁରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୁଲିସ ଶିବପ୍ରସାଦ ଜେନାଙ୍କ ଏତଲା କ୍ରମେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ମଧ୍ୟରୁ ୩ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଦେବେନ୍ଦ୍ର ଜେନା, ମାନସୀ ଜେନା, ନିରଞ୍ଜନ ଜେନା, ସୁଲୋଚନା ଜେନା, ସୁକାନ୍ତି ଜେନା ଓ କମଳାକାନ୍ତ ଜେନା। ପ୍ରକାଶ ଯେ, ଏହି ଗାଁରେ ଶିବପ୍ରସାଦ ଜେନା ଓ ଦେବ ଜେନା ଦୁଇ ଭାଇଙ୍କ ମଧ୍ୟରେ ବିଗତ କିଛି ବର୍ଷ ହେଲା ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ବିବାଦ ଲାଗି ରହିଥିଲା। ୩ ଦିନ ତଳେ ଗଛରୁ ନଡ଼ିଆ ବିଛାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଗତ ୩୦ ତାରିଖ ଅପରାହ୍ଣରେ ଏହା ଉଗ୍ରରୂପ ନେଇଥିଲା। ପ୍ରଥମେ ବାକ୍‌ବିତଣ୍ଡା ପରେ ଗଣ୍ଡଗୋଳ ହୋଇଥିଲା। ଦେବ ଜେନାଙ୍କ ପକ୍ଷରୁ ଶିବ ପ୍ରସାଦଙ୍କୁ ଆକ୍ରମଣ କରାଯାଇଥିଲା। ସେଥିରେ ତାଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ତାଙ୍କ ପୁଅ ଶ୍ରୀଧର ଜେନା ଏହାର ପ୍ରତିବାଦ କରିଥିଲେ। ପରେ ଅଭିଯୁକ୍ତମାନେ ଶ୍ରୀଧରଙ୍କୁ ଶାବଳ ଓ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଶ୍ରୀଧରଙ୍କ ମୁଣ୍ଡ ପଛପାଖ ଗୁରୁତର ଆଘାତପ୍ରାପ୍ତ ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ତିହିଡି ଓ ପରେ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଅଧିକ ଗୁରୁତର ହେବାରୁ ରାତିରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି।

# ଚୋରି ବାଇକ୍ ଉଦ୍ଧାର



**ଭଦ୍ରକ,୩।୭(ସମିସ):** ଜଣେ ଗରିବ ଯୁବକ ଭଦ୍ରକ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତିଙ୍କ ତତ୍ପରତା ଯୋଗୁଁ ତାଙ୍କ ଚୋରି ବାଇକ୍ ଫେରି ପାଇଛି। ସୂଚନାନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ସାଢେ ୬ଟା ବେଳେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଲଜାର ନାମକ ଜଣେ ବ୍ୟକ୍ତି ନିଜ ପରିବାର ଲୋକଙ୍କ ଚିକିତ୍ସା ଲାଗି ଯାଇଥିଲେ। ତେବେ ତାଙ୍କ ବାଇକ୍‌ଟି ଡାକ୍ତରଖାନା ପରିସରରୁ ଚୋରି ହୋଇଥିଲା। ବାଇକ୍ ଚୋରି ନେଇ ଗୁଲରାଜ ଭଦ୍ରକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏବଂ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀକୁ ମଧ୍ୟ ଜଣାଇଥିଲେ । ପରେ ସେ ଭଦ୍ରକ ଟାଉନ ଥାନା ଆଇଆଇସିଙ୍କୁ ସାକ୍ଷାତ କରି ନିଜ ଚୋରି ବାଇକ୍ କଥା କହିଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ଆଇଆଇସି ଅନୁସନ୍ଧାନ କରି ଉକ୍ତ ଚୋରି ବାଇକ୍‌ଟି ଯାଜପୁର ଟାଉନ ଅଲକୁଣ୍ଡ ଥାନାରେ ଥିବାର ସୂଚନା ପାଇଥିଲେ। ସେଠାକାର ଥାନାଧିକାରୀଙ୍କୁ ଜଣାଇବା ପରେ ସାଙ୍ଗେ ସାଙ୍ଗେ ଯାଇ ବାଇକକୁ ସେଠାରୁ ଆଣି ଗୁଲଜାର୍‌ଙ୍କୁ ଦେଇଥିଲେ। ସୂଚନାଯୋଗ୍ୟ, ଗୁଲଜାର୍ ଜଣେ ଗରିବ ଯୁବକ ଓ ସେ ଡ୍ରାଇଭିଂ କରି ନିଜ ପରିବାର ପୋଷଣ କରନ୍ତି। ଆଇଆଇସି ଜଣେ ଗରିବ ଯୁବକର ଚୋରି ବାଇକ୍‌କୁ ତଦନ୍ତ କରି ଫେରସ୍ତ କରିବା ଘଟଣାରେ ଭଦ୍ରକ ପୁରୁଣାବଜାର ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ପୁଅର ସ୍ମୃତିରେ ଗୀତ ଲେଖି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ମା'




**ଭଦ୍ରକ,୩।୭(ସମିସ):** ଦୁର୍ଘଟଣାରେ ଏକମାତ୍ର ପୁଅ ମୃତ୍ୟୁ ପରେ ଗୀତ ଲେଖି ରେକର୍ଡ କଲେ ମା'। ଆଉ କିଛି ଦିନ ପରେ ପୁଅ ହୋଇଥାନ୍ତା ଡାକ୍ତର। ରାଜ୍ୟ ବାହାରେ ଡାକ୍ତରୀ ପାଠ୍ୟକ୍ରମ(ଏମବିବିଏସ୍)ର ଶେଷ ବର୍ଷର ପରୀକ୍ଷା ପୂର୍ବରୁ ଦୁର୍ଘଟଣାରେ ଜୀବନ ଚାଲିଗଲା। ପୁଅକୁ ହରାଇ ସଚେତନତା କରାଇବା ଲକ୍ଷରେ ଗୀତ ଲେଖୁଥିଲେ ମା'। ଏବେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଲେ ମା' ସୁଜାତା ଖଟୁଆ। ଭଦ୍ରକ ସହର ୧୧ନମ୍ବର ୱାର୍ଡ ଅଧୀନ ନରିପୁର ଅଞ୍ଚଳର ସୁଜାତାଙ୍କ ପୁଅ ରାଜ୍ୟ ବାହାରେ ମେଡିକାଲ ପାଠ୍ୟକ୍ରମ କରୁଥିଲେ। ତେବେ ଶେଷ ପରୀକ୍ଷା ପୂର୍ବରୁ ଏକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। ଘରର ଏକ ମାତ୍ର ସନ୍ତାନକୁ ହରାଇ ପରିବାର ଦୁଃଖରେ ଭାଙ୍ଗିପଡିଥିଲେ। ପରେ ସୁଜାତା ଦୁର୍ଘଟଣାକୁ ନେଇ ଅନେକ ସଚେତନତାଧର୍ମୀ କବିତା ଓ ଗୀତ ଲେଖୁଥିଲେ। ଏହାକୁ ଆଧାର କରି ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ମିଳିଛି। ସେ ମଧ ନିଜର ପୁଅକୁ ହରାଇଛନ୍ତି ସତ ଅନ୍ୟ କାହାର ଏଭଳି କ୍ଷତି ନ ହେଉ ବୋଲି ସେ ଆଶା ବାନ୍ଧି ଏଭଳି ପଦକ୍ଷେପ ନେଇଛନ୍ତି। ସୂଚନାଯୋଗ୍ୟ, ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ସୁଜାତା ନରିପୁର ଅଞ୍ଚଳ ସନ୍ଦୀପ ମହାନ୍ତିଙ୍କ ପତ୍ନୀ। ସୁଜାତା ଖଟୁଆଙ୍କ ଏକମାତ୍ର ପୁଅ ସୌମିତ୍ର ବେଙ୍ଗାଲୁରରେ ରହି ମେଡିକାଲ ପାଠ୍ୟକ୍ରମ କରୁଥିଲେ। ତେବେ ଶେଷ ପରୀକ୍ଷା ପୂର୍ବରୁ ଗତ ବର୍ଷ ସେପଟେମ୍ବରରେ ଏକ ଭୟଙ୍କର ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। ଘରର ଏକ ମାତ୍ର ସନ୍ତାନକୁ ହରାଇ ପରିବାର ଦୁଃଖରେ ଭାଙ୍ଗିପଡିଥିଲେ। ପରେ ଦୁଃଖ ଭୁଲିବା ପାଇଁ ସୁଜାତା ଦୁର୍ଘଟଣାକୁ ନେଇ ଅନେକ ସଚେତନତାଧର୍ମୀ କବିତା ଓ ଗୀତ ଲେଖୁଥିଲେ। ଏହାକୁ ଆଧାର କରି ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ଏବେ ସ୍ଥାନ ମିଳିଛି । ସୁଜାତାଙ୍କ ଏଭଳି ପ୍ରୟାସ ଓ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

# ଜୟକିଷାନ ନୋଡାଲ ହାଇସ୍କୁଲରେ ବନ ମହୋତ୍ସବ



**ଭଦ୍ରକ,୩।୭(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସ୍ଥିତ ବାଲିପାଟଣା ଜୟକିଷାନ ନୋଡାଲ ହାଇସ୍କୁଲରେ ବନ ମହୋତ୍ସବ ଅବସରରେ ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତ ଦୀନବ୍ୟାପି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରତ୍ୟକ ଦିନ ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ଭିତ୍ତିକ କୁଇଜ, ଡ୍ରଇଂ, ତର୍କ, ସ୍ଲୋଗାନ, ପ୍ରତିଯୋଗିତା ରଖାଯାଇଥିବା ବେଳେ ଆସନ୍ତା ୧୦ ତାରିଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ଆଜି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମା' ପାଇଁ ଗଛଟିଏ ସମସ୍ତେ ଲଗାଇ ଏକ ସବୁଜ ପୃଥିବୀ ଗଠନରେ ଅଂଶଗ୍ରହଣ କରିବାପାଇଁ ଶପଥ ଗ୍ରହଣ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ରାମସିଂ ଟୁଡୁ ଆୟୋଜନ କରିଥିବା ବେଳେ ଶିକ୍ଷକ ସନ୍ତୋଷ ଦୁଆରୀ, ନିରଦ ନାୟକ, ଗୌତମ ସେଠୀ, ବିଜୟ ଗୋଛାୟତ, ବିକାଶ ନାୟକ ଶିକ୍ଷୟିତ୍ରୀ ପ୍ରେମଲତା ଦାସ, ଜ୍ୟୋତ୍ସ୍ନାରାଣୀ ନାୟକପ୍ରମୁଖ ସହଯୋଗ କରିଥିଲେ।

# ପର୍ଯ୍ୟଟନ ବିଭାଗ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ



**ଭଦ୍ରକ,୩।୭(ସମିସ):** ବୃକ୍ଷରୋପଣ ଏକ ମହତ କାର୍ଯ୍ୟ, ସଚରାଚର ସୃଷ୍ଟିରେ ଉଭୟ ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ। ଛାଇ, ଫୁଲ, ଫଳ, ପତ୍ର, କାଠ ଓ ଅମ୍ଳଜାନ ଆଦି ଗଛ ଆମକୁ ଦେବା ସହ ମୃତିକା ସଂରକ୍ଷଣ ଓ ବୃଷ୍ଟି ସଞ୍ଚାରରେ ପ୍ରମୁଖ

## 'ମା' ନାମରେ ଗଛଟିଏ'

ଭୂମିକା ଗ୍ରହଣ କରିଥାଏ। ପରିବେଶକୁ ଗଛଲତା କେବଳ ସବୁଜ ସୁନ୍ଦର ରଖେ ନାହିଁ ତଥା ପ୍ରଦୂଷଣ ରୋକିବାରେ ଗଛର ଅବଦାନ ଅନନ୍ୟ। ଆଜିର ସମୟରେ ପ୍ରଗତି ସହ ତାଳଦେଇ ସହରାଞ୍ଚଳ, ଶିଳ୍ପାଞ୍ଚଳ, ରାସ୍ତାଘାଟ, କୋଠା ବାଡ଼ିର ସଂଖ୍ୟାବୃଦ୍ଧି ଘଟି ଚାଲିଥିଲା ବେଳେ ଜଙ୍ଗଲ ହ୍ରାସ, ବୃକ୍ଷରୋପଣ ବଦଳରେ ବୃକ୍ଷ ଛେଦନ ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ଏହି ଆଧାରରେ ବୃକ୍ଷରୋପଣ ନେଇ ସଚେତନତା ଉଦ୍ଦେଶ୍ୟରେ ପ୍ରଣୀତ ଏକ ପେଡ୍ ମା କେ ନାମ ସରକାରୀ ଯୋଜନାରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ପର୍ଯ୍ୟଟନ ଅନୁଭାଗ ଜରିଆରେ ମୋଟେଲ ଛକସ୍ଥିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ତଥା ଭଦ୍ରକ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପ୍ରମୁଖ ଏଥିରେ ଯୋଗ ଦେଇ ଚାରାରୋପଣ କରିଥିଲେ। ବୃକ୍ଷ ରୋପଣ କରି ଏହି ସୁନ୍ଦର ଅଭିଯାନ କାର୍ଯ୍ୟକ୍ରମକୁ ଜନାଦୃତ କରିବା ନିମନ୍ତେ ଶ୍ରୀ ମଣ୍ଡଳ ଜନସାଧାରଣଙ୍କୁ ଜଣାଇଛନ୍ତି। ବଉଳ, ଅଁଳା, ପିଜୁଳି, ପଣସ, ବାହାଡ଼ା, ଲିମ୍ବ, ଆମ୍ବ, ବେଲ, ନଡ଼ିଆ ଆଦି ଗଛର ଚାରା ଏଠାରେ ରୋପଣ କରାଯାଇଥିଲା। ବିଭାଗୀୟ କର୍ମଚାରୀ ରସିକ ମୋହନ ମହାନ୍ତି, ସ୍ୱାଗତିକା ସାହୁ, ଦୁର୍ଯ୍ୟୋଧନ ଦାସ, ବନମାଳି ପ୍ରଧାନ, ଶ୍ୟାମସୁନ୍ଦର ଜେନା, ମିନତୀ ସିଂ, ରାଜେନ୍ଦ୍ର ମହାପାତ୍ର, ମନୋଜ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ



**ବନ୍ତ/ଆଗରପଡ଼ା,୩।୭(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ବସନ୍ତିଆ ବଜାରରେ ବିଦ୍ୟୁତ୍ ଆଘାତରେ ଏକ ଷଣ୍ଢର ଶୋଚନୀୟ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ସୂଚନାନୁଯାୟୀ; ବସନ୍ତିଆ ବଜାର ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ କୌଣସି କାରଣ ବସତଃ ଚାର୍ଜ ହୋଇଯିବାରୁ ଷଣ୍ଢଟି ଉକ୍ତ ଖୁଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲା। ଉକ୍ତ ଷଣ୍ଢକୁ ରକ୍ଷା କରିବାକୁ ଯାଇ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ବଜାରରେ ଉତ୍ତେଜନା ଦେଖାଯାଇଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏହିପରି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

# ଓଲଟିଲା ପାଇପ୍ ବୋଝେଇ ଟ୍ରକ୍



**ବାରିକପୁର,୩।୭(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର କହରାପୋଖରୀ ଶାସନ ନିକଟରେ ଏକ ପାଇପ୍ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ସୂଚନାନୁଯାୟୀ ଡବ୍ଲ୍ୟୁବି ୧୧ଇ ୮୩୦୩ ଟ୍ରକଟି ପଶ୍ଚିମବଙ୍ଗରୁ ପାଇପ ବୋଝେଇ କରି ହାଇଦ୍ରାବାଦ ଅଭିମୁଖେ ଯାଉଥିଲା। ଦିନପ୍ରାୟ ୨ଟା ସମୟରେ କୌଣସି କାରଣ ବଶତଃ ଏହା ଶାସନ ନିକଟ ରାଜପଥ ପାର୍ଶ୍ୱ ନୟନଯୋରୀକୁ ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ସୌଭାଗ୍ୟ ବଶତଃ ଡ୍ରାଇଭର ଓ ହେଲପର ଉକ୍ତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କର୍ମଚାର ଦ୍ୱୟ ସାମାନ୍ୟ ଆହତ ହୋଇଥିବା ବେଳେ ଖବର ଲେଖାହେବା ଯାଏଁ ଦୁର୍ଘଟଣା ଗ୍ରସ୍ତ ଟ୍ରକଟି ଉକ୍ତ ସ୍ଥାନରେ ପଡ଼ିରହିଛି।

# ଗାଁ ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର




**ବାରିକପୁର,୩।୭(ସମିସ):** ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ବାହ୍ୟ ମଳଯୁକ୍ତ ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରକୁ ଅଧ୍ୟକ୍ଷା ସୁମତି ସେଠୀ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବଦତ ଦାସ ଯୋଗଦେଇ ବାହ୍ୟ ମଳଯୁକ୍ତ ପଞ୍ଚାୟତ ପରିପ୍ରେକ୍ଷୀରେ ସମସ୍ତ ଗ୍ରାମ ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର, ବିଭିନ୍ନ ଛକ, ପଡ଼ା, ରାସ୍ତାଘାଟ ଆଦି ପରିଷ୍କାର ପରିଚ୍ଛନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଜନସାଧାରଣ ମାନେ ସଦାସର୍ବଦା ସ୍ୱଚ୍ଛତା ଅବଲମ୍ବନ କରିବାକୁ କହିଥିଲେ। ମୋଟାମୋଟି ଭାବେ ସ୍ୱଚ୍ଛତା ଭିତିରେ ଅତ୍ୟାଧୁନିକ ଗ୍ରାମ ଗଠନ ପାଇଁ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ରିତାରାଣୀ ନାୟକ, ସିପି ପଦ୍ମଲୋଚନ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ବାହ୍ୟ ମଳଯୁକ୍ତ ପଞ୍ଚାୟତ ଗଠନ ନେଇ ବିଭିନ୍ନ ମତ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ଅକାଳ ବିୟୋଗ



**ବାରିକପୁର,୩।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ରାଜେନ୍ଦ୍ର କୁମାର ସାହୁ(୪୭)ଙ୍କ ଅକାଳ ବିୟୋଗ ଘଟିଛି। ସେ ଦିନ ମଜୁରିଆ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଗତ ମଙ୍ଗଳବାର ଦିନ ମଧ୍ୟାହ୍ନରେ କାର୍ଯ୍ୟରୁ ଫେରି ଅସୁସ୍ଥତା ଅନୁଭବ କରିଥିଲେ। ଲଗାତାର ବାନ୍ତି ସହିତ ଦୁର୍ବଳ ହୋଇ ପଡ଼ିଥିବା ବେଳେ ପରିବାର ଓ ସମ୍ପର୍କୀୟ ଲୋକେ ତାଙ୍କୁ ଯାଜପୁର ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଯିବା ବାଟରେ ସେ ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗାଁରେ ଶୋକର ଛାୟା ଖେଳିଯାଇଥିଲା। ସେ ଜଣେ ଶ୍ରମିକ ଶ୍ରେଣୀର ହୋଇଥିଲେ ସୁଦ୍ଧା ଅତ୍ୟନ୍ତ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତକଙ୍କ ପରିବାରରେ ବିଧବା ପତ୍ନୀ, ଦୁଇ ପିଲା ଓ ଜଣେ ମସ୍ତିଷ୍କ ବିକୃତ ଭାଇ ଅଛନ୍ତି। ଜମିବାଡ଼ି ଗୁଣ୍ଠେ ବି ନଥିବା ବେଳେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତିଙ୍କ ମୃତ୍ୟୁରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏପରି ସ୍ଥଳେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ପନିପରିବା ଦର ଆକାଶଛୁଆଁ; ଚିନ୍ତାରେ ଖାଉଟି



**ଧାମନଗର,୩।୭(ସମିସ):** ଧାମନଗର ସହରାଞ୍ଚଳରେ ସପ୍ତାହରେ ରବିବାର ଓ ବୁଧବାର ଦୁଇ ଥରେ ପରିବାର ହାଟ ବସିଥାଏ। ହେଲେ ଦିନକୁ ଦିନ ଯେପରି ଭାବରେ ଦରଦାମ ବୃଦ୍ଧି ପାଇବାରେ ଲାଗିଛି ତାକୁ ନେଇ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଚଳିବା କଷ୍ଟକର ହୋଇପଡ଼ିଛି। ଅତ୍ୟଧିକ ଦରଦାମ ଯୋଗୁଁ ରାସନ ସାମଗ୍ରୀ ଓ ପନିପରିବା କିଣିବା ସେମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଚାଉଳ, ଡାଲି, ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଥିବା ବେଳେ ପନିପରିବା ଦର ନକହିଲେ ଭଲ। ଧାମନଗର ସହରରେ ଆଳୁ କିଲୋ ପ୍ରତି ଦର ୩୫ଟଙ୍କା, ପିଆଜ ୫୦ଟଙ୍କା, ଫୁଲ କୋବି ୫୦ଟଙ୍କା, କାକୁଡ଼ି ୪୦ଟଙ୍କା, ଗାଜର ୪୦ଟଙ୍କା, ସଜନା ଛୁଇଁ ୮୦ ଟଙ୍କା, ଟମାଟୋ ୮୦ଟଙ୍କା, ଅମୃତଭଣ୍ଡା ୪୦ ଟଙ୍କା, ପୋଟଳ ୬୦ଟଙ୍କା, ଭେଣ୍ଡି ୪୦ଟଙ୍କା, ବାଇଗଣ ୪୦ଟଙ୍କା, ବୋଇତାଳୁ ୪୦ଟଙ୍କା, ସାରୁ ୫୦ଟଙ୍କା ଓ ଝୁଡୁଙ୍ଗ ବିଡ଼ା ୫୦ ରହିଛି। ସାଧାରଣ ଲୋକଙ୍କ ଚଳିବା ମୁସ୍କିଲ ହୋଇଯାଇଛି। ଏଭଳି ସ୍ଥିତିରେ ୫ଶହ ଟଙ୍କାରେ ମଧ୍ୟ ବ୍ୟାଗ ଭର୍ତ୍ତି ହେଉନାହିଁ। ଜୁନ୍ ୨୦ ପୂର୍ବରୁ ବଜାରରେ ଆଳୁ କିଲୋଗ୍ରାମ ପିଛା ୩୦ଟଙ୍କାରେ ବିକ୍ରି କରାଯାଉଥିଲା। ୨୦ ତାରିଖ ପରେ ଆଳୁ ଦର ବୃଦ୍ଧି ପାଇ କିଲୋଗ୍ରାମ ପିଛା ୩୫ଟଙ୍କାରେ ପହଞ୍ଚିଛି। ଏପଟେ ଚର୍ଚ୍ଚା ଯେ ସାଧାରଣ ନିର୍ବାଚନ ପରେ ହୁହୁ ହୋଇ ସବୁଥିରେ ଦର ବୃଦ୍ଧି ପାଉଛି ବୋଲି ହାଟ ବଜାର ସହ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଛି। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଦରଦାମ ନିୟନ୍ତ୍ରଣ ପ୍ରତି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି।

ପ୍ରାୟଶ୍ଚିତ



## ହାତକଡ଼ି ନୁହେଁ

# ହାତରେ କୋଡ଼ି

ଦିନଥିଲା ବନ୍ଧୁକ ତିଆରି କରିବା ଅଭିଯୋଗରେ ପୁଲିସ ତାଙ୍କର ହାତରେ କଡ଼ି ପକାଇ ଜେଲ୍ ନେଇ ଯାଇଥିଲା। କିନ୍ତୁ ସମୟକ୍ରମେ ଅପରାଧର ଜାଲରୁ ମୁକୁଳି ଏବେ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ହାତରେ କଡ଼ି ବଦଳରେ କୋଡ଼ି କୋଦାଳ ଧରି ଚାଷକୁ ଆପଣେଇ ନେଇଛନ୍ତି। ନିଜକୁ ପରିବର୍ତ୍ତନ କରିଥିବା ଏହି ଯୁବକ ଜଣକ ହେଉଛନ୍ତି, ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଦୁର୍ଦ୍ଧୁରୀ ପଞ୍ଚାୟତ ଗୋପୀନାଥପୁର ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କ ପୁଅ ସୁଧୀର କୁମାର ବେହେରା ଗତ ୨୦୧୯ ମସିହା ଫେବୃୟାରୀ ୨ ତାରିଖରେ ନୟାଗଡ଼ ଟାଉନ୍ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ନିକଟରୁ ପୁଲିସ ୪ଟି ସିଙ୍ଗିଲ୍ ବ୍ୟାରେଲ ବନ୍ଧୁକ, ଗୋଟିଏ ଦେଶୀ ପିସ୍ତଲ, ବାରୁଦ, ବାରୁଦ ବୋତଲ, ସୀସା ଏବଂ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଥିଲା। ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀ ସୂଚନା ଅନୁସାରେ, ସୁଧୀର ତାଙ୍କ ଘର ପଛ ପାଖରେ ଏକ କମାରଶାଳ କରି ସେଠାରେ ବନ୍ଧୁକ ନିର୍ମାଣ କରୁଥିଲେ। ସେହି ବନ୍ଧୁକକୁ ନିଜେ ପରୀକ୍ଷା କରି ସାରିବା ପରେ ଅପରାଧୀଙ୍କୁ ମୋଟା ଅଙ୍କରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ତତ୍କାଳୀନ ନୟାଗଡ଼ ଏସ୍‌ଡିପିଓ ସୁଧାକର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ତତ୍କାଳୀନ ଟାଉନଥାନା ଅଧିକାରୀ ରଶ୍ମି ପଟ୍ଟନାୟକ ଏବଂ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ଏହି ଚଢ଼ାଉରେ ସାମିଲ ହୋଇ ସୁଧୀରକୁ ଗିରଫ କରିଥିଲେ। ସୁଧୀରଙ୍କୁ ସେଦିନ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେ ନୟାଗଡ଼ ଉପକାରାଗାରରେ କିଛିଦିନ ବିତାଇଥିଲେ। ମାତ୍ର ଜେଲରୁ ଜାମିନରେ ବାହାରି ନିଜର ଅପରାଧ କାର୍ଯ୍ୟ ପାଇଁ ପଶ୍ଚାତାପ କରିଥିଲେ। ଅଭାବ ଅନଟନରେ ଥିବା ପରିବାର ଚଳାଇବା ପାଇଁ ଯେଉଁ ହାତରେ ସେ କମାରଶାଳ ଦ୍ୱାରା ବନ୍ଧୁକ ଭଳି ମାରଣାସ୍ତ୍ର ନିର୍ମାଣ କରୁଥିଲେ, ନିଜେ ହିଁ ସେହି କମାରଶାଳକୁ ମାଟିରେ ମିଶାଇ ଦେଇ ହଳ, ଲଙ୍ଗଳ ଧରି ଚାଷ କରୁଥିବା ଜଣାଯାଇଛି। ସୁଧୀର ଏବେ ୬ ଏକର ଜମିରେ ବିଭିନ୍ନ ପ୍ରକାର ଚାଷ କରି ଗୁଜୁରାଣ ମେଣ୍ଟାଉଛନ୍ତି। ସୁଧୀରଙ୍କ ଜେଜେ ବାପା ଶଙ୍କର୍ଷଣ ବେହେରା ଏବଂ କୈଳାସଙ୍କ ନାମରେ ଥିବା ଜମି ସମେତ ଅନ୍ୟ କିଛି ଲୋକଙ୍କ ଜମି ଭାଗକୁ ଆଣି ସେ ଚାଷ କରୁଛନ୍ତି। ଅନେକ ଜମିରେ ସେ ଧାନ ଚାଷ କରିଥିବା ବେଳେ ଅନ୍ୟ କେତେକ ଜମିରେ ଶାଗ, ମୂଳା, ଝୁଡଙ୍ଗ ଆଦି ଚାଷ କରୁଛନ୍ତି। ଜମିରୁ ଆଦାୟ ହେଉଥିବା ଫସଲକୁ ସେ ପ୍ରତ୍ୟେକ ଦିନ ନୟାଗଡ଼ ସହରକୁ ଆଣି ବିକ୍ରିକରି ସ୍ୱାଭିମାନର ସହ ଜୀବନ ଜିଉଁଛନ୍ତି।

> ଜମିରୁ ଆଦାୟ ହେଉଥିବା ଫସଲକୁ ସେ ପ୍ରତ୍ୟେକ ଦିନ ନୟାଗଡ଼ ସହରକୁ ଆଣି ବିକ୍ରିକରି ସ୍ୱାଭିମାନର ସହ ଜୀବନ ଜିଉଁଛନ୍ତି। କୃଷି ବିଭାଗ ପକ୍ଷରୁ ତାଙ୍କୁ କିଛି ସହାୟତା ଏବଂ ସହଯୋଗ ଯୋଗାଇ ଦେବାକୁ ସୁଧିର ଦାବି କରିଛନ୍ତି।



କୃଷି ବିଭାଗ ପକ୍ଷରୁ ତାଙ୍କୁ କିଛି ସହାୟତା ଏବଂ ସହଯୋଗ ଯୋଗାଇ ଦେବାକୁ ସୁଧିର ଦାବି କରିଛନ୍ତି। ସହଯୋଗ ଏବଂ ସହାୟତା ମିଳି ପାରିଲେ, ସେ ତାଙ୍କ ଜମିରେ ଅଧିକ ଶ୍ରମଦାନକରି ଅନ୍ୟାନ୍ୟ ଫସଲ ଚାଷକରି ପାରିବେ ବୋଲି କହିଛନ୍ତି। ଗୋପୀନାଥପୁର ଗ୍ରାମଟି ପାହାଡ଼ ଜଙ୍ଗଲ ଘେରା ହୋଇଥିବାରୁ ଅନେକ ସମୟରେ ବନ୍ୟଜନ୍ତୁ ଏବଂ ମାଙ୍କଡ଼ ତାଙ୍କ ଜମିରେ ଉତ୍ପାଦିତ ହେବାକୁ ଥିବା ଫସଲ ନଷ୍ଟକରି ଦେଉଥିବା ସୁଧୀର କହିଛନ୍ତି। ଯାହା ତାଙ୍କର ଲାଭର ପରିମାଣକୁ ହ୍ରାସ କରୁଥିବା ବେଳେ ଏଥିପାଇଁ ସେ ଦିନସାରା ଫସଲ ଜଗି ବସୁଥିବା ଦେଖାଯାଇଛି। ସୁଧୀର ଏହା ମଧ୍ୟରେ ବିବାହ କରି ସାରିଥିବା ବେଳେ କୌଣସି ବି ପରିସ୍ଥିତିରେ ସେ ଆଉ ଅପରାଧ ଜଗତକୁ ଫେରିବେ ନାହିଁ ବୋଲି ସେ ପ୍ରତିଜ୍ଞା କରିଛନ୍ତି। ଅନ୍ୟପକ୍ଷେ, ପୁଲିସ ପକ୍ଷରୁ ତାଙ୍କୁ ଯେଉଁ ଅଭିଯୋଗ ଆଧାରରେ ଗିରଫ କରାଯାଇଥିଲା, ଉକ୍ତ ମାମଲା ଏବେ ଅନ୍ତ ଘଟିଛି। ପ୍ରମାଣ ଅଭାବରୁ ସୁଧୀର ନିର୍ଦ୍ଦୋଷରେ ଖଲାସ ହୋଇଥିବା ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଜ୍ଞାନରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

## ସପ୍ତାହର ୭ ଅପରାଧ

**■ ବାପାକୁ ଜୀଅନ୍ତା ଜାଳିଲା ପୁଅ**

ବୁଧବାର ଟିଟିଲାଗଡ଼ ଥାନା ଅଧୀନ ଦୋର୍ଲୋ ଗାଁରେ ଜମିବାଡ଼ି ବିବାଦରୁ ନେଇ ବାପା ଗୋପୀନାଥ ଭରାସାଗରଙ୍କ ଦେହରେ ପେଟ୍ରୋଲ ଢାଳି ଜୀଅନ୍ତା ଜାଳି ଦେଇଛି ପୁଅ ମୋହନ। ଗୋପୀନାଥ ୨ ଟି ବିବାହ କରିଥିଲେ। ଉଭୟଙ୍କ ସ୍ତ୍ରୀଙ୍କ ଠାରୁ ୪ଟି ପୁଅ ଥିଲେ। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏହି ଘଟଣା ଘଟିଥାଇପାରେ ବୋଲି କୁହାଯାଉଛି।

**■ ସମ୍ପତ୍ତି ମୋହରେ ବାପାକୁ ପିଟି ହତ୍ୟା**




ଗୁରୁବାର ପଡ଼ିଆବାହାଲ ସଦରଥାନା ବୁଦେଲଛଣ୍ଡ ଗ୍ରାମରେ ସମ୍ପତ୍ତି ପାଇଁ ବାପାକୁ ପିଟିପିଟି ହତ୍ୟା କରିଛି ପୁଅ। ମୃତକ ହେଲେ ବାପା ରାମପ୍ରସାଦ ବାଗ। ଅଭିଯୁକ୍ତ ପୁଅ ଧୀରେନ ବାଗକୁ ପୁଲିସ ଗିରଫ କରିଛି। ପୂର୍ବରୁ ମଧ୍ୟ ଧୀରେନ ନିଶା ଖାଇ ରାମପ୍ରସାଦଙ୍କୁ ମାଡ଼ ମାରି ଗୋଡ଼ ଭାଙ୍ଗି ଦେଇଥିଲା।

**■ ସ୍ତ୍ରୀକୁ ଗୁଳି କରି ମାରିଲା ସ୍ୱାମୀ**

ଶୁକ୍ରବାର କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ଅଧୀନ ଗୁଣପୁର ପଞ୍ଚାୟତର ରଣପୁରରେ ସ୍ୱାମୀ ବନ ମାଝୀଙ୍କ ଗୁଳିମାଡ଼ରେ ସ୍ତ୍ରୀ ଜେମାଦେଇଙ୍କ ମୃତ୍ୟୁ ହେବା ସହ ନାବାଳିକ ଝିଅ ଆହତ ହୋଇଛି। ମଦ ନିଶାରେ ସେ ଏଭଳି କାଣ୍ଡ କରିଥିବା ସ୍ୱୀକାର କରିବା ପରେ ପୁଲିସ ବନ ମାଝୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

**■ ଜମି ବିବାଦରୁ ସାନ ଭାଇକୁ ହତ୍ୟା**



ରବିବାର ଅପରାହ୍ଣରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣୀଜୋର ଗ୍ରାମରେ ଜମି ବିବାଦରୁ ସାନ ଭାଇକୁ ହତ୍ୟା କରିଛି ବଡ଼ ଭାଇ। ଘରେ ବିବାହ ଉତ୍ସବ ଚାଲିଥିବା ବେଳେ ସମସ୍ତେ ଚଳଚଞ୍ଚଳ ଥିଲେ। ହେଲେ ସାନ ଭାଇ ପ୍ରମୋଦ ଭୋଇଙ୍କୁ ଡାକି ନେଇ ବଡ଼ ଭାଇ ଧରମ ଭୋଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି।

**■ ଗୁଣିଗାରେଡ଼ି ସନ୍ଦେହରୁ ଜୀବନ ଗଲା**

ସୋମବାର ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ସୟେମ୍ବା ଥାନା ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ି ସନ୍ଦେହରେ ଅଜା ନମନ ମୁଣ୍ଡାଙ୍କୁ ଅତି ବୀଭତ୍ସ ଭାବରେ ହତ୍ୟା କରିବା ପରେ କଟାମୁଣ୍ଡ ଧରି ରାସ୍ତାରେ ବୁଲିଲା ନାତି ସାଇମନ ମୁଣ୍ଡା। ପୁଲିସ ନାତି ସାଇମନକୁ ଗିରଫ କରିଛି।

**■ ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା**



ସୋମବାର ଜଗନ୍ନାଥପ୍ରସାଦ ଥାନା କାଦୁଅ ପଞ୍ଚାୟତ ଅଧୀନ ଯୋଡ଼ାବନ୍ଧ ଗ୍ରାମର ଜଣେ ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା କରାଯାଇଛି। ମୃତକ ହେଲେ ଲଡୁକିଶୋର ସାହୁଙ୍କ ପୁଅ ଚିତ୍ତରଞ୍ଜନ ସାହୁ। ଧାରୁଆ ଅସ୍ତ୍ରରେ ତାଙ୍କ ଯୌନାଙ୍ଗକୁ କାଟି ହାତରେ ଧରେଇ ଦେଇଥିବାରୁ ଏହା ହତ୍ୟାକାଣ୍ଡ ବୋଲି ପ୍ରଥମେ ସନ୍ଦେହ କରାଯାଉଥିଲା। ତଦନ୍ତ ପରେ ମୃତକଙ୍କ ଦାଦା ଗନ୍ଧର୍ବ ସାହୁ ଏହି ହତ୍ୟାକାଣ୍ଡ କରିଛନ୍ତି ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ବ୍ଲେଡ, ଚପଲ ଏବଂ ମୋବାଇଲ୍ ଜବତ କରାଯାଇଛି।

**■ ପୁତ୍ରକୁ ହତ୍ୟା ପଛରେ ମାଆ ଓ ପ୍ରେମିକ !**

ସୋମବାର ଦେବଗଡ଼ ପୌରାଞ୍ଚଳ ଅଧୀନ ବେଙ୍ଗାତିନାଳୀ ସାହିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ମିକୁ ସୁନେଲକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟା ପଛରେ ମାଆ ଓ ତାଙ୍କ ପ୍ରେମିକର ସମ୍ପୃକ୍ତି ନେଇ ମିକୁଙ୍କ ବାପା କୁଳମଣି ସୁନେଲ ଅଭିଯୋଗ କରିଛନ୍ତି।



**କୁହାଯାଏ, ପ୍ରେମ ମଣିଷକୁ ଅନ୍ଧ କରିଦିଏ। କିନ୍ତୁ ଜଣେ ବିବାହିତାଙ୍କ ସହ ଅବୈଧ ପ୍ରେମ ଯେ ମଣିଷକୁ ଅପରାଧୀ ସଜାଇ ଦିଏ ସେ କଥା ଛତିଶଗଡ଼ର ବିଶ୍ୱରଞ୍ଜନ ଗୁପ୍ତାଙ୍କୁ ଦେଖିଲେ ବୁଝାପଡ଼େ। ସୁଦୂର ଛତିଶଗଡ଼ରୁ ସୁନ୍ଦରଗଡ଼ ଆସି ପୁରୁଣା ପ୍ରେମିକାଙ୍କ ସ୍ୱାମୀକୁ ହତ୍ୟା କରିବସେ ବିଶ୍ୱରଞ୍ଜନ। ଛାରଖାର ହୋଇଯାଏ ପ୍ରେମିକାର ଦାମ୍ପତ୍ୟ ସଂସାର। ପ୍ରେମିକାକୁ ବିଧବା ସଜେଇବା ପରେ ପ୍ରେମିକା ସହ ବିଶ୍ୱରଞ୍ଜନଙ୍କୁ ଅନ୍ଧାରୀ କୋଠରି ଭିତରେ ଆଜୀବନ ଦିନ କାଟିବାକୁ ପଡ଼େ। ବିଚରା ଦୁନିଆ କ'ଣ ଜାଣିବା ପୂର୍ବରୁ ବିବାହିତା ପ୍ରେମିକାର ୩ ମାସର କନ୍ୟା ସନ୍ତାନ ଅନାଥ ହୋଇଯାଏ। ଏଭଳି ଏକ ଅବୈଧ ପ୍ରେମର କରୁଣ ପରିଣତି ସମ୍ପର୍କରେ**

**ସୁନ୍ଦରଗଡ଼ର ଜୟକୃଷ୍ଣ ସେଠ୍‌ଙ୍କ ରିପୋର୍ଟ।**




## ଅନ୍ଧ କରିଦେଲା ଅବୈଧ ପ୍ରେମ


### ହତ୍ୟା ପାଇଁ

# ଛତିଶଗଡ଼ରୁ ସୁନ୍ଦରଗଡ଼

ଛତିଶଗଡ଼ ଜାମବାହାଲ ଗ୍ରାମର ସିତୁ ପଣ୍ଡାଙ୍କ ସହ ସେହି ଗ୍ରାମର ବିଶ୍ୱରଞ୍ଜନଙ୍କର ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। କିନ୍ତୁ ସିତୁଙ୍କ ପରିବାର ଲୋକେ ଝିଅର ସୁଖ ପାଇଁ ଭଲ ଘର, ଭଲ ବର ଦେଖି ସୁଦୂର ଓଡ଼ିଶାର ବ୍ରାହ୍ମଣପଡ଼ାର ଗତିକୃଷ୍ଣ ପୁରୋହିତଙ୍କ ସହ ବିବାହ କରାଇଥିଲେ। ବୀମା ଏଜେଣ୍ଟ ଭାବେ କାମ କରୁଥିବା ଗତିକୃଷ୍ଣଙ୍କ ଔରସରୁ ସିତୁଙ୍କର କନ୍ୟା ସନ୍ତାନଟିଏ ମଧ୍ୟ ଜନ୍ମ ହୋଇଥିଲା। କିନ୍ତୁ ବିଶ୍ୱରଞ୍ଜନଙ୍କ ସହ ପୁରୁଣା ପ୍ରେମକୁ ଭୁଲିପାରି ନ ଥିଲେ ସିତୁ। ପ୍ରେମିକ ବିଶ୍ୱରଞ୍ଜନଙ୍କ ସହ ମିଳାମିଶା କରିବା ପାଇଁ ସିତୁ ରଚିଥିଲେ ଅଭିନବ ଯୋଜନା। ସ୍ୱାମୀଙ୍କ ସହ ରହୁଥିବା ସିତୁ ବିଶ୍ୱରଞ୍ଜନଙ୍କ ସହ ଅବାଧ ମିଳାମିଶା ପାଇଁ ଉଭୟ ପ୍ରେମିକ ଓ ସ୍ୱାମୀଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରାଇଥିଲେ। ସିତୁଙ୍କ ସ୍ୱାମୀଙ୍କ ନିକଟକୁ ବୀମା ଗ୍ରାହକ ଭାବେ ଆସି ସମ୍ପର୍କକୁ ସୁଦୃଢ଼ କରିଥିଲେ ବିଶ୍ୱରଞ୍ଜନ। ଏମିତି କି ବିଭିନ୍ନ ସମୟରେ ଭୋଜିଭାତ କରି ମଉଜ କରୁଥିଲେ ଓ ଏହି ମୌକାରେ ସିତୁଙ୍କ ସହ ଅବୈଧ ସମ୍ପର୍କ ରଖିଆସୁଥିଲେ ବିଶ୍ୱରଞ୍ଜନ।

ପରବର୍ତ୍ତୀ ସମୟରେ ସ୍ୱାମୀ ଗତିକୃଷ୍ଣ ପତ୍ନୀ ସିତୁ ଓ ବିଶ୍ୱରଞ୍ଜନର ସମ୍ପର୍କକୁ ନେଇ ସନ୍ଦେହ ପ୍ରକଟ କରିବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ପ୍ରେମିକଙ୍କ ସହ ମିଶି ଯୋଜନା କରିଥିଲେ ସିତୁ। ଯୋଜନା ଅନୁଯାୟୀ, ସେ ୨୦୧୩ ଅକ୍ଟୋବର ୬ ତାରିଖରେ ତାଙ୍କ ୩ ମାସର କନ୍ୟା ସନ୍ତାନକୁ ନେଇ ଯୋଜନାବଦ୍ଧ ଭାବେ ପ୍ରଥମେ ନିଜ ବାପ ଘରକୁ ଯାଇଥିଲେ। ଅକ୍ଟୋବର ୧୦ ତାରିଖରେ ପ୍ରେମିକ ବିଶ୍ୱରଞ୍ଜନଙ୍କ ସହିତ ଏକ କାର୍‌ରେ ସୁନ୍ଦରଗଡ଼ ସହରରୁ ଅନତି ଦୂରରେ ଥିବା ଭେଡ଼ାବାହାଲକୁ ଆସିଥିଲେ। ସେଠାରେ ବିଶ୍ୱରଞ୍ଜନ ସିତୁଙ୍କ ସ୍ୱାମୀଙ୍କୁ ବୀମା କାଗଜପତ୍ର ଦେବା ବାହାନାରେ ଡକାଇଥିଲେ। ଏହା ପରେ ଉକ୍ତ କାର୍ ଭିତରେ ତାଙ୍କ ବେକ, ପେଟ, ଛାତିରେ ଛୁରିରେ ଆଘାତ କରି ନିର୍ମମ ଭାବେ ହତ୍ୟା କରିଥିଲେ। ଗତିକୃଷ୍ଣଙ୍କୁ ହତ୍ୟା କରିବା ପରେ ସେମାନେ ସେହି ଗାଡ଼ିରେ ପ୍ରାୟ ଏକ ୯୦ କିଲୋମିଟର ଦୂର ହେମଗିରି ଥାନା ଅନ୍ତର୍ଗତ ଗର୍ଜନପାହାଡ଼ ଧନୁ ବାଉଁଶ ଜଙ୍ଗଲକୁ ନେଇ ପୋତି ଦେଇଥିଲେ।

### ସ୍ୱାମୀ ନିଖୋଜର ନାଟକ; ଧାରଣା ଚେତାବନୀ



ହତ୍ୟା ପରେ ନିଜକୁ ସନ୍ଦେହମୁକ୍ତ କରିବା ପାଇଁ ସିତୁ ରଚିଥିଲେ ନାଟକ। ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ ଆଣିଥିଲେ ସିତୁ। ଏପରିକି କିଛିଦିନ ପରେ ତାଙ୍କ ସ୍ୱାମୀଙ୍କୁ ଖୋଜି ବାହାର କରିବା ଦାବିରେ ସେ ଧାରଣା ପାଇଁ ଚେତାବନୀ ମଧ୍ୟ ଦେଇଥିଲେ। ସିତୁଙ୍କ ନାଟକ ଏତେ ଜୀବନ୍ତ ଥିଲା ଯେ ତାଙ୍କୁ ସନ୍ଦେହ କରିବା ମଧ୍ୟ ପୁଲିସ ପାଇଁ କାଠିକର ପାଠ ଥିଲା।

### ଧରା ପକାଇଲା ମୋବାଇଲ୍ ଟ୍ରାକିଂ

ଗତିକୃଷ୍ଣଙ୍କ ନିଖୋଜ ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତାଙ୍କ ମୋବାଇଲ୍ ଟ୍ରାକିଂ କରିଥିଲା। ମୋବାଇଲ୍ ଟ୍ରାକିଂ କରିବା ପରେ ଧରାପଡ଼ି ଯାଇଥିଲେ ସିତୁ। ପରବର୍ତ୍ତୀ ସମୟରେ ନିଖୋଜ ଅଭିଯୋଗର ପର୍ଦ୍ଦାଫାସ କରିଥିଲା ପୁଲିସ। ପୁଲିସ ତାଙ୍କ ପ୍ରେମିକ ବିଶ୍ୱରଞ୍ଜନଙ୍କୁ ଧରି ତନାଘନା କରିବା ପରେ ସତ ପଦାକୁ ଆସିଥିଲା। ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ବିବରଣୀ ପୁଲିସ ଆଗରେ ବଖାଣିବା ସହ ଗତିକୃଷ୍ଣଙ୍କ ଶବ ପୋତା ଯାଇଥିବା ସ୍ଥାନ ଦେଖାଇ ଥିଲେ ବିଶ୍ୱରଞ୍ଜନ। ପୁଲିସ ହତ୍ୟା ମାମଲା ରୁଜୁକରି ଶବ ଜବତ କରିବା ସହ ପ୍ରେମୀ ଯୁଗଳଙ୍କୁ ଗିରଫ କରିଥିଲା।

### ପ୍ରେମୀଯୁଗଳଙ୍କୁ ଆଜୀବନ ଜେଲ୍

ସୁନ୍ଦରଗଡ଼ ଜିଲ୍ଲା ଦୌରା ଅଦାଲତରେ ୧୧ ବର୍ଷ ଧରି ମାମଲାର ବିଚାର ଚାଲିଥିଲା। ୨୭ ଜଣ ରାଜସାକ୍ଷୀଙ୍କ ବୟାନ, ୨୮ଟି ଦସ୍ତାବିଜ୍ ଓ ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁଙ୍କ ବଳିଷ୍ଠ ଯୁକ୍ତିରୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ବେଶ୍ ସହାୟକ ହୋଇଥିଲା। ଗତ ୨୮ ତାରିଖରେ ଜିଲ୍ଲା ଦୌରା ଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଚୂଡ଼ାନ୍ତ ରାୟ ପ୍ରକାଶ କରି ମୃତ ଗତିକୃଷ୍ଣଙ୍କ ପତ୍ନୀ ସିତୁ ଓ ପ୍ରେମିକ ବିଶ୍ୱରଞ୍ଜନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏବେ ପ୍ରେମୀଯୁଗଳ ସୁନ୍ଦରଗଡ଼ ଜିଲ୍ଲା କାରାଗାରରେ ଜେଲ୍ ଯନ୍ତ୍ରଣା ଭୋଗୁଛନ୍ତି। ଅପରପକ୍ଷେ ବାପାଙ୍କୁ ହତ୍ୟା ସମୟରେ ଦୁନିଆ କ'ଣ ଜାଣି ନ ଥିବା ତିନି ମାସର କଅଁଳ ଶିଶୁ କନ୍ୟା ଏବେ ୧୧ ବର୍ଷ ବୟସରେ ପଦାର୍ପଣ କରିଛି। ବାପା ଆରପାରିରେ ଓ ମାଆ ଜେଲ୍‌ରେ ଥିବାରୁ ଜିଲ୍ଲା ଦୌରାଜଜ ଏହି ଝିଅକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।



# “ପ୍ରତିଟି ସିନ୍ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ”

ସାକ୍ଷାତକାର

**ପୁଣ୍ୟଶ୍ୱେତା, ଅଭିନେତ୍ରୀ**







**ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ସଫଳତାର ଶିଡ଼ି ଚଢ଼ିପାରିଛନ୍ତି । କୌଣସି ଅଭିଜ୍ଞତା ନ ଥାଇ ମଧ୍ୟ ସେ ମେଗାଧାରାବାହିକ ‘ସର୍ବଜିତା ଅନୁ’ରେ ଅଭିନୟ ଆରମ୍ଭ କରିଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ସେ ‘ମାୟାବିନୀ’, ‘ଶକ୍ତି’, ‘ଡିଓଡି’ ଆଦିରେ ନିଖୁଣ ଅଭିନୟ କରିଛନ୍ତି । ଆଉ ଏବେ ‘ତୁମ ବିନା’ ଧାରାବାହିକରେ ସେ ‘ଲକ୍ଷ୍ମୀ’ ଚରିତ୍ରରେ ଘରେ ଘରେ ଆଦର ପାଉଛନ୍ତି । ଏହି ଚୁଲ୍‌ବୁଲି ଅଭିନେତ୍ରୀ ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା, ପଟ୍ଟାମୁଣ୍ଡାଇ ତେରୋହିର ପୁଣ୍ୟଶ୍ୱେତା ବିଶ୍ୱାଳ । ସେ ଜଣେ ମଡର୍ଣ୍ଣ ଡ୍ୟାନ୍‌ସର୍ ଓ ୟୁଟ୍ୟୁବର୍ । ତେବେ ଧାରାବାହିକରୁ ତାଙ୍କ ଅଭିନୟ ଯାତ୍ରା କିପରି ଆରମ୍ଭ ହେଲା, ଜାଣିବା ତାଙ୍କ ମୁହଁରୁ...**

**ଅଭିନୟ ପ୍ରତି କେବେଠୁ ରୁଚି ବଢ଼ିଲା?**

● ମୁଁ କୋରିଓଗ୍ରାଫର ହେବାକୁ ଚାହୁଁଥିଲି । ହେଲେ ମୋ ମା’ଙ୍କ ଇଚ୍ଛା ଥିଲା ମୁଁ ଅଭିନେତ୍ରୀ ହୁଏ । ତାଙ୍କ ଇଚ୍ଛାରୁ ହିଁ ମୋ ଭାଗ୍ୟ ମୋତେ ଏହି ଲାଇନ୍‌କୁ ଟାଣି ଆଣିଥିଲା । ଅଡିସନ୍ ଦେବାକୁ ଆସିଥାଏ, ଧାରାବାହିକ ନିର୍ମାତା ‘ସର୍ବଜିତା ଅନୁ’ରେ ଲିଡ୍ ଚରିତ୍ର ଦେଇଥିଲେ । ଯାହାକୁ ମୁଁ ଆଦୌ ବିଶ୍ୱାସ କରିପାରିନଥିଲି । ଏଥିପାଇଁ ମୋତେ ଆଦୌ ସଂଘର୍ଷ କରିବାକୁ ପଡ଼ିନାହିଁ । ବରଂ ସେଟ୍‌ରେ ଅଭିନୟ ଆଉ ପଢ଼ା ଦୁଇଟି କାମ କରିପାରିଛି ।

**ସୁଟିଂର ପ୍ରଥମ ଦିନ ? ପ୍ରଥମ ଟେକ୍ ଓକେ ହୋଇଥିଲା କି?**

● ସୁଟିଂ ପୂର୍ବରୁ ଫଟୋସୁଟ୍, ରି- ଅଡିସନ୍ ହେଉଥିବାରୁ ୟୁନିଟ୍‌ର ସମସ୍ତଙ୍କ ସହ ଚିହ୍ନା ହୋଇଯାଇଥାଏ । ତେଣୁ ପ୍ରଥମ ଦିନ ମୁଁ ଆଦୌ ଭୟ କରିନଥିଲି, ନୂଆ ନୂଆ ମୋତେ କାମ କରିବାକୁ ଖୁସି ଲାଗିଥିଲା । ନୂଆ ଥିଲି, ସିନିୟରଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଥିଲି । ପ୍ରଥମ ଟେକ୍ ବି ଓକେ ହୋଇଥିଲା । ଖୁବ୍ କମ୍ ସମୟରେ ମୁଁ ମୋ କ୍ୟାରିୟର ବନାଇଥିଲି ।

**ଧାରାବାହିକ ‘ତୁମ ବିନା’ରେ ଏବେ ଲକ୍ଷ୍ମୀ ଭୂମିକାରେ ଅଭିନୟ କରୁଛନ୍ତି । ଏହା ସମାଜକୁ କ’ଣ ବାର୍ତ୍ତା ଦେଉଛି?**

● ‘ତୁମ ବିନା’ରେ ଭାଇ-ଭଉଣୀ, ଦାଦା-ଖୁଡ଼ୀ ତଥା ଗୋଟିଏ ପରିବାରର ସଂଘର୍ଷ, ବୁଝାମଣା ସବୁକିଛି କାହାଣୀ ରହିଛି । ଲକ୍ଷ୍ମୀ ଜଣେ ଗାଉଁଲି ଝିଅ । ଯିଏକି ଦାଦା ଖୁଡ଼ୀଙ୍କ ପ୍ରେମ, ଆକଟ, ଗାଳିରେ ତା’ର ଭାଇ-ଭଉଣୀଙ୍କୁ ସୁରକ୍ଷା ଦେଉଛି, ଅନ୍ୟ ପଟେ ହିରୋର ଭାଇ ସହ ତା’ର ସମ୍ପର୍କ ଓ ଦୁଇଟି ପରିବାର ଭିତରେ ନାୟକ କିପରି ସାମଞ୍ଜସ୍ୟ ରଖୁଛି, ତାହା ଦେଖିବାକୁ ମିଳୁଛି । ଏଥିରେ ଲକ୍ଷ୍ମୀ ନିଜ ଭାଗ୍ୟକୁ ବିଶ୍ୱାସ କରେ । ତାକୁ ସମସ୍ତେ ଶୁଭ ବୋଲି ମାନୁଛନ୍ତି ।

**ପୁଣ୍ୟଶ୍ୱେତାଙ୍କ ସ୍ୱଭାବ ଲକ୍ଷ୍ମୀ ପରି କି?**

● ଲକ୍ଷ୍ମୀ ଯେମିତ, ପୁଣ୍ୟଶ୍ୱେତା ବି ସେମିତି । ଲକ୍ଷ୍ମୀ ପରି ପୁଣ୍ୟଶ୍ୱେତା ସମସ୍ତଙ୍କୁ ଆଦର ଓ ଭଲପାଏ । ଅନ୍ୟମାନଙ୍କ ପାଇଁ ଚିନ୍ତା କରେ । ହେଲେ ଘରେ ମୁଁ ମୋ ଭାଇଭଉଣୀଙ୍କ ସହ ବହୁତ ମାରପିଟ୍ କରେ । ସମସ୍ତଙ୍କୁ ହସାଉଥାଏ । ‘ଲକ୍ଷ୍ମୀ’ ଚରିତ୍ର ବି ମୋତେ ବହୁତ କିଛି ଶିଖାଇଛି ।

**ଆପଣ ଯେତେ ବି ଚରିତ୍ର କରିଛନ୍ତି, କେଉଁଟା ଆପଣଙ୍କୁ ପରିଚୟ ଦେଇଛି?**

● ‘ସର୍ବଜିତା ଅନୁ’ରେ ସାରା ଚରିତ୍ରକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି । ଏଥିରେ ଆକାଶ ପୁରୋହିତ ମୋର ହିରୋ ଥିଲେ । ‘ତୁମ ବିନା’ରେ ବି ଆକାଶ ମୋ ବିପକ୍ଷରେ ଅଛନ୍ତି ।

**ଆକାଶଙ୍କ ସହ ପୁଣ୍ୟଶ୍ୱେତାଙ୍କ ସମ୍ପର୍କ କେମିତି?**

● ପରସ୍ପରକୁ ବହୁତ ଭଲପାଉ । ମୁଁ ଆଖିବୁଜି ତାଙ୍କୁ ବିଶ୍ୱାସ କରେ, ସେ ମଧ୍ୟ । ତେଣୁ ଆମ ଫ୍ରେଣ୍ଡସିପ୍ ବଣ୍ଡିଂ ହିଁ ବହୁତ ଭଲ । ଯାହାକି ଏବେ ଏହି ଧାରାବାହିକରେ ଭଲ ଅଭିନୟ କରିବାକୁ ଖୋରାକ ଯୋଗାଇଛି ।

**କାହା ଅଭିନୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି?**

● ମୁଁ ମୋ ନିଜ ଫ୍ୟାନ୍ । ନିଜକୁ ଭଲପାଏ । ସବୁବେଳେ ମୋ ନିଜକୁ ଗୁରୁତ୍ୱ ଦିଏ । ପ୍ରତିଟି ସିନ୍ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ତେଣୁ ନିଜ ସିନ୍‌କୁ ହିଁ ଦେଖୁଥାଏ ।

**ଇନ୍‌ଷ୍ଟାଗ୍ରାମ୍‌ରେ ଯେଉଁମାନେ ସମାଜକୁ ପ୍ରଭାବିତ କଲା ପରି ପୋଷ୍ଟ କରୁଛନ୍ତି, ସେମାନଙ୍କୁ କ’ଣ କହିବେ?**

● ଇନ୍‌ଷ୍ଟାରେ ମୁଁ ମୋ ଜୀବନଶୈଳୀ, କମେଡି ଆଦି ସେୟାର୍ କରେ । ଯେଉଁମାନେ ଇନ୍‌ଷ୍ଟାର ଅପବ୍ୟବହାର କରୁଛନ୍ତି, ଏହା ଦ୍ୱାରା ଗୋଟେ ପରିବାରର ସଂସ୍କାର ଜଣାପଡ଼େ । ତେଣୁ ସୋସିଆଲ୍ ମିଡିଆକୁ ଭଲ କାମ ପାଇଁ ବ୍ୟବହାର କରନ୍ତୁ ।

**ସୁଟିଂ ନଥିଲେ ...?**

● ମା’ କି ବଡ଼ ଭଉଣୀଙ୍କୁ କଲ୍ କରେ । ବ୍ୟକ୍ତିଗତ କାମ କରେ । ରିଲ୍‌ସ ପୋଷ୍ଟ କରେ । ଯେହେତୁ ‘ତୁମ ବିନା’ ଟିମ୍‌ଟି ମୋ ପରିବାର, ସେମାନଙ୍କୁ ମଧ୍ୟ ସମୟ ଦିଏ । ଗପସପ କରେ ।

**ଭଲ ଅଭିନୟ ପାଇଁ କ’ଣ କରନ୍ତି?**


● ଯେକୌଣସି ଚରିତ୍ରକୁ ଜୀବନ୍ତ ଫୁଟାଇବା ହିଁ ମୋ ପାଇଁ ଡ୍ରିମ୍ ରୋଲ୍ । ହେଲେ ଏବେ ‘ତୁମ ବିନା’ରେ ମୋତେ ଯେଉଁ ଲକ୍ଷ୍ମୀ ଚରିତ୍ର ମିଳିଛି, ଏମିତି ଏକ ଚରିତ୍ରରେ କାମ କରିବା ମୋର ବହୁତ ଦିନର ଆଶା ଥିଲା । ତେଣୁ ଏହି ଚରିତ୍ର କରିବାକୁ ମୋତେ ସହଜ ହେଉଛି । ଲକ୍ଷ୍ମୀ ଚରିତ୍ରଟି ମୋତେ ଖୁସି ଦେଉଛି ।

**ରଙ୍ଗିନ ଦୁନିଆରେ କାଷ୍ଟିଂ କାଉଚ୍ କିମ୍ବା ଅନ୍ୟାନ୍ୟ ସମସ୍ୟାର ଶିକାର ହେବାକୁ ପଡ଼େ ବୋଲି ଅନେକଙ୍କ ଧାରଣା ରହିଛି, କାହିଁକି?**

● ନିଜ ଆୟତ୍ତ ଭିତରେ ରହିଲେ, କେହି କିଛି କରିପାରିବେନି । ଏହି କଥାକୁ ଯିଏ ବୁଝି ଯାଇଛି, ତାକୁ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନଥାଏ ।

**ଯେଉଁମାନେ ଅଡିସନ୍ ଦେବାକୁ ଇଚ୍ଛା ରଖୁଛନ୍ତି ସେମାନଙ୍କୁ କ’ଣ କହିବେ?**

● ଅଡିସନ୍ ପାଇଁ ନିଜକୁ ପ୍ରସ୍ତୁତ କରିବା ସହ ବଲିଉଡ୍, ଓଲିଉଡ୍ ପୁରୁଣା ଫିଲ୍ମର ସିନ୍ ସବୁ ଦେଖନ୍ତୁ । ସ୍କ୍ରିପ୍ଟ ପଢ଼ି ଭଲ ଅଭିନୟ କରିବାକୁ ଚେଷ୍ଟା କରିବେ । ଅଡିସନ୍‌ରେ ବିଫଳ ହେଲେ ଭାଙ୍ଗି ନ ପଡ଼ି ପୁନର୍ବାର ଅଡିସନ୍ ଦେବାକୁ ଚେଷ୍ଟା କରିବା ଆବଶ୍ୟକ । ■




# ଜୁଲାଇ ୫ରେ ‘ସୀତା’

ଏଇ ୫ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ସୀତା’ । ଏହା ଚାଷୀଙ୍କ ସଂଘର୍ଷ ତଥା ସେମାନଙ୍କ ଆତ୍ମହତ୍ୟାର ନିଛକ କାହାଣୀକୁ ନେଇ ନିର୍ମିତ ହୋଇଛି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଅଭିନେତ୍ରୀ ଦେବଯାନୀ ଏବଂ ସମରେଶ । ସିନେମାର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାର ଭାର ନିଜେ ଅଶ୍ୱିନୀ ତ୍ରିପାଠୀ ସମ୍ଭାଳିଛନ୍ତି । ସଂଳାପରେ ଡ.ରଜନୀ ରଞ୍ଜନ ଥିବା ବେଳେ ସଂଗୀତରେ ଅଛନ୍ତି ଜାପାନୀ ଭାଇ । ଅନ୍ୟପଟେ ବହୁ ଦିନରୁ ଚର୍ଚ୍ଚାରେ ରହି ଆସିଥିବା ଏହି ସିନେମାର ଟିଜର୍‌କୁ ଦର୍ଶକୀୟ ଆଦୃତି ମିଳିପାରିଛି । ଅନ୍ୟପଟେ ପ୍ରଥମେ ଏହି ଫିଲ୍ମର ନାଁ ‘ଉଦଣ୍ଡୀ ସୀତା’ ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାର ନାଁ ପରିବର୍ତ୍ତନ କରାଯାଇ ‘ସୀତା’ ରଖାଯାଇଛି । ସିନେମାଟିକୁ ମୁମ୍ବାଇର ସେନ୍‌ସର ବୋର୍ଡ ଦ୍ୱାରା ବିନା ଆପତ୍ତିରେ ‘ଏୟୁ’ ସାର୍ଟିଫିକେଟ୍ ମିଳିଛି । ■

ଟେଲିଭିଜନ ପ୍ରିମିୟର୍

# ‘ଜଗା ମୋ ଜଗତଜିତା’



ରଥଯାତ୍ରା ଅବସରରେ ଆସନ୍ତା ରବିବାର ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ‘ଜଗା ମୋ ଜଗତଜିତା ।’ ଏଥିରେ ‘ଜଗା’ ଚରିତ୍ରରେ ଅଭିନୟ କରିଛନ୍ତି ଅଭିନେତା ଅମନ । ଜଗାର ଘର ଗଡ଼ମାଣିକପୁର ଗାଁରେ । ପିଲାବେଳୁ ସେ ତା’ ବାପାଙ୍କୁ ହରେଇଛି । ଜେଜେବାପା ବଟକେଶ୍ୱର ମିଶ୍ର ଓ ବୋଉଙ୍କ ପାଖରେ ବଡ଼ ହୋଇଛି ଜଗା । ପରିବାର ସଂସ୍କାର ଏଭଳି ଯେ, ସେ ଅନ୍ୟାୟ ସହି ପାରେ ନାହିଁ । ତେବେ ଗାଁର ଜଗନ୍ନାଥ ମନ୍ଦିର ହେଉଛି ଜଗାର ଜୀବନ । ସେହି ମନ୍ଦିର ଉପରେ ବଡ଼ପଣ୍ଡାମାନଙ୍କ ନଜର ପଡ଼ିଛି । ତାହାକୁ ସେମାନେ ନିଜ କବ୍‌ଜାକୁ ନେବାକୁ ଚାହିଁଛନ୍ତି ଏବଂ ଏହାକୁ ସହି ନ ପାରି ଜଗା ସ୍ୱର ଉତ୍ତୋଳନ କରିଛି । ଏହି ସଂଗ୍ରାମରେ କିଏ ଜିତୁଛି, ତାହା ସିନେମାଟିକୁ ଦେଖିଲେ ଜଣାପଡ଼ିବ । ଏସ୍‌ପିପି ପ୍ରଡ୍‌କସନ୍ ଏବଂ ଜି- ସାର୍ଥକର ମିଳିତ ଉଦ୍ୟମରେ ନିର୍ମିତ ଏହି ସିନେମାର ନିର୍ଦ୍ଦେଶନାରେ ତ୍ରିପତି ସାହୁ ଅଛନ୍ତି । ଏହାର ବିଭିନ୍ନ ଭୂମିକାରେ ପୃଥ୍ୱୀରାଜ, ପ୍ରଦ୍ୟୁମ୍ନ ଲେଙ୍କା, ସୋମା ଭୌମିକ ପ୍ରମୁଖ ନଜର ଆସିବେ । ସେହିପରି ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଏହି ସିନେମାଟି ଛୁଇଁବ ବୋଲି ଆଶା କରାଯାଉଛି । ■

## ପରଦା ପଛର କାହାଣୀ


### ସତରେ ଲାଗିଥିଲା ନିଆଁ




ବଲିଉଡ୍‌ର ନିଖୁଣ ଅଭିନେତା ହେଲେ ନାନା ପାଟେକର । ସବୁ ପ୍ରକାର ଚରିତ୍ରରେ ତାଙ୍କର ଜୀବନ୍ତ ଅଭିନୟ ଦର୍ଶକଙ୍କ ହୃଦୟ ଜିଣିପାରିଛି । ଏମିତି ବି ଏକ ସିନେମା ଥିଲା, ଯେଉଁଥିରେ ନାନାଙ୍କ ଦେହରେ ସତରେ ନିଆଁ ଲାଗି ଯାଇଥିଲା ଏବଂ ତାଙ୍କ ଶରୀର ଅଧାରୁ ଅଧିକ ଭାଗ ଜଳି ଯାଇଥିଲା । ତ୍ୱଚାଠୁ ଆରମ୍ଭ କରି ଆଖିପତା, ଦାଢ଼ି ଜଳି ଯାଇଥିଲା । କହିବାକୁ ଗଲେ, ଖୁବ୍ କଷ୍ଟରେ ଏଥିରୁ ତାଙ୍କ ଜୀବନ ରକ୍ଷା ହୋଇଥିଲା । ‘ପରିନ୍ଦା’ ସିନେମାରେ ନାନାଙ୍କ ସହ ଏଭଳି ଏକ ଅଭାବନୀୟ ଘଟଣା ଘଟିଥିଲା । ଏହି ସିନେମାର କ୍ଲାଇମେକ୍ସ ଦୃଶ୍ୟ ସୁଟିଂ ସମୟରେ ସେ ପୋଡ଼ି ଯାଇଥିଲେ । ‘ପରିନ୍ଦା’ ଫିଲ୍ମରେ ସେ ‘ଅନ୍ନା’ ଚରିତ୍ରରେ ନଜର ଆସିଥିଲେ । ଅନ୍ୟପକ୍ଷରେ ସେତେବେଳେ ଟେକ୍ନୋଲୋଜି ଏବର ସମୟ ଭଳି ଏତେ ଆଡଭାନ୍ସ ନ ଥିଲା । ଏ ଲାଗି ଫିଲ୍ମ ନିର୍ଦ୍ଦେଶକ ବିଧୁ ବିନୋଦ ଚୋପ୍ରା ଅସଲି ନିଆଁର ବ୍ୟବସ୍ଥା କରିଥିଲେ । ଏହି ଅଘଟଣ ପାଇଁ ମାସେ ପର୍ଯ୍ୟନ୍ତ ନାନାଙ୍କୁ ଶଯ୍ୟାଶାୟୀ ହେବାକୁ ପଡ଼ିଥିଲା । ଏପରିକି ଏହି ସୁଟିଂ ପରେ ସେ ବର୍ଷେ ପର୍ଯ୍ୟନ୍ତ କିଛି କରିପାରି ନ ଥିଲେ । ୬୦ ଦିନ ପର୍ଯ୍ୟନ୍ତ ତାଙ୍କୁ ହସ୍‌ପିଟାଲରେ ରହିବାକୁ ପଡ଼ିଥିଲା । ■

# ମଧ୍ୟସ୍ଥ ସାଜିଲେ ଅକ୍ଷୟ

କମେଡି, ଆକ୍ସନ, ରୋମାନ୍ସ ସବୁ ଚରିତ୍ରରେ ଅଭିନୟ କରିଥିବା ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବେ ମଧ୍ୟସ୍ଥତା କାମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । କୁହାଯାଉଛି ଅକ୍ଷୟ କୁଆଡ଼େ ଟାଇଗର୍ ଓ ଦିଶା ପଟାନୀଙ୍କ ସମ୍ପର୍କରେ ଥିବା ଦୂରତ୍ୱକୁ ହଟାଇବେ । ସେଥିପାଇଁ ସେ ଏବେ ମଧ୍ୟସ୍ଥତା କାମ କରୁଥିବା ଚର୍ଚ୍ଚା ହେଉଛି । ନିକଟରେ ଅକ୍ଷୟଙ୍କ ଘରେ ଟାଇଗର ଏବଂ ଦିଶା ଏକାଠି ନଜର ଆସିବା ପରେ ଏଭଳି ଅନୁମାନ କରାଯାଉଛି । ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ଦିଶା ଓ ଟାଇଗର ସକାଳୁ ସକାଳୁ ଅକ୍ଷୟଙ୍କ ଘରେ ନଜର ଆସିଛନ୍ତି । ତା’ସହ ଏ ତିନିଜଣଙ୍କୁ ଏକାଠି ଦେଖିବାକୁ ମିଳିଛି । ଅନ୍ୟପଟେ ୨୦୧୬ରେ ପ୍ରଥମେ ଟାଇଗର ଓ ଦିଶା ପରସ୍ପରକୁ ଡେଟ୍ କରୁଥିବା ଖବର ସାମ୍ନାକୁ ଆସିଥିଲା । କିନ୍ତୁ ଗତବର୍ଷ ଦୁହିଁଙ୍କ ବ୍ରେକ୍‌ଅପ୍ ଖବର ସାମ୍ନାକୁ ଆସିବା ପରେ ଏ ଦୁହେଁ ସେତେ ବେଶି ଏକାଠି ନଜର ଆସିଲେ ନାହିଁ । ଯଦି ଏ କଥା ସତ ହୁଏ, ତେବେ ଟାଇଗର ଓ ଦିଶାଙ୍କ ସମ୍ପର୍କକୁ ଅକ୍ଷୟ କେଉଁ ଦିଶା ଦେଖାଉଛନ୍ତି, ତାହା ଆଗାମୀ ଦିନରେ ଜଣାପଡ଼ିବ । ■



# ଲିସାଙ୍କ ‘ରକ୍‌ଷ୍ଟାର୍’ ରିଲିଜ୍



ଲୋକପ୍ରିୟ ରାପର୍, ସିଙ୍ଗର୍, ଡ୍ୟାନ୍ସର ଓ ଷ୍ଟାଇଲ୍ ଆଇକନ୍ ଲିସା (ଲାଲିସା ମାନୋବଲ) ଙ୍କର ନୂଆ ସିଙ୍ଗଲ ‘ରକ୍‌ଷ୍ଟାର୍’ ରିଲିଜ୍ ହୋଇଛି । ଲିସାଙ୍କର ମ୍ୟାନେଜମେଣ୍ଟ କମ୍ପାନି ଲାଉଡ୍ କୋ. ଆଣ୍ଡ ଆର୍‌ସିଏ ରେକର୍ଡସ୍ ସହିତ ନୂଆ ସହଭାଗିତା ଅଧୀନରେ ଏହାକୁ ରିଲିଜ୍ କରାଯାଇଛି । ଗୀତଟିର ପ୍ରଯୋଜକ ହେଉଛନ୍ତି ର୍ୟାନ୍ ଟେଡର୍ ଓ ସାମ୍ ହୋମାଇ । ହେନ୍‌ରୀ ସ୍କୋଫିଲ୍ଡଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ସିନ୍ ବ୍ୟାଙ୍କହେଡ୍‌ଙ୍କ ଦ୍ୱାରା କୋରିଓଗ୍ରାଫ୍ କରାଯାଇଥିବା ‘ରକ୍‌ଷ୍ଟାର୍’ର ସେ ଅଫିସିଆଲ୍ ଭିଡିଓ ସେୟାର୍ କରିଛନ୍ତି । ସେହିପରି ଚଳିତ ମାସ ପ୍ରାରମ୍ଭରେ ସାମାଜିକ ଗଣମାଧ୍ୟମରେ ଏହି ସିଙ୍ଗଲ୍ ଟିଜର୍‌କୁ ସେୟାର୍ କରିବାର ୨ ଘଣ୍ଟା ଓ ୧୮ ମିନିଟ୍ ମଧ୍ୟରେ ୧ ମିଲିଅନ୍ ଅନୁଗାମୀ ହାସଲ କରିଥିଲା । ଯାହାକି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିଲା । ବ୍ୟାଙ୍କକର ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯାଇଛି । ତେବେ ‘ରକ୍‌ଷ୍ଟାର୍’ ହେଉଛି ଲିସାଙ୍କ ସୋଲୋ ସିଙ୍ଗଲ । ଏଥିରେ ଲିସା ଥାଇ ସଂସ୍କୃତି ଓ ମୂଳ ଥାଇ ଷ୍ଟ୍ରିଟ୍ ଜୀବନ ପ୍ରତି ଉତ୍ସର୍ଗୀକୃତ ଏକ କବିତା ସହିତ ସହରର ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରିଛନ୍ତି । ଲିସା ସବୁଠାରୁ ଲୋକପ୍ରିୟ କେ-ପପ୍ ଗର୍ଲସ ଗ୍ରୁପ୍ ବ୍ଲାକ୍‌ପିଙ୍କ୍‌ର ଜଣେ ସଦସ୍ୟା । ସେ ସର୍ବାଧିକ ଇନଷ୍ଟାଗ୍ରାମ୍ ଫଲୋଅର୍ ଭାବେ ୨୦୨୩ରେ ୩ଟି ଗିନିଜ୍ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ । ସେ ଏମ୍‌ଟିଭି ମ୍ୟୁଜିକ୍ ଭିଡିଓ ଆୱାର୍ଡ ଓ ଏମ୍‌ଟିଭି ୟୁରୋପିଆନ୍ ମ୍ୟୁଜିକ୍ ଆୱାର୍ଡର ପ୍ରଥମ ସୋଲୋ କେ- ପପ୍ ବିଜେତା । ସେ ଏବେ ହିଟ୍ ଏଚ୍‌ବିଓ ଓରିଜିନାଲ ସିରିଜ୍ ‘ଦ ହ୍ୱାଇଟ୍ ଲୋଟସ୍’ର ସିଜନ୍- ୩ରେ ଅଭିନୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଅନ୍ୟପକ୍ଷରେ ଲିସା ବର୍ତ୍ତମାନ ବୁଲ୍‌ଗାରିର ବ୍ରାଣ୍ଡ ଆମ୍ବାସଡର ଅଛନ୍ତି । ■

# ମାର୍ଚ୍ଚ ୧ରେ ଲାହୋରରେ ଭାରତ-ପାକିସ୍ତାନ ମୁକାବିଲା

**ଚାମ୍ପିଅନ୍ସ ଟ୍ରଫି**


**ନୂଆଦିଲ୍ଲୀ,୩।୭(ଏଜେନ୍ସି):** ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣ ଏଥର ପାକିସ୍ତାନରେ ଆୟୋଜନ ହେବ। ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଆସନ୍ତାବର୍ଷ ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଦିନିକିଆ ଓ ରାଉଣ୍ଡ ରବିନ ତଥା ନକ୍‌ଆଉଟ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଡ୍ରାଫ୍ଟ ଅସ୍ଥାୟୀ କାର୍ଯ୍ୟସୂଚୀ ଜାରି କରିଛି। ମାର୍ଚ୍ଚ ୧ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବା ନେଇ ପିସିବି କାର୍ଯ୍ୟସୂଚୀ ଜାରି କରିଛି ବୋଲି

## ମଞ୍ଜୁରୀ ଦେଇନାହିଁ ବିସିସିଆଇ

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଜଣେ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏନେଇ ସହମତି ବା ମଞ୍ଜୁରୀ ଦେଇ ନାହିଁ। ମାର୍ଚ୍ଚ ୯ରେ ଫାଇନାଲ ମ୍ୟାଚ୍ ଖେଳାଯିବ ଓ ଏହି ନିର୍ଣ୍ଣାୟକ ମ୍ୟାଚ୍ ପାଇଁ ୧୦ ତାରିଖକୁ ରିଜର୍ଭ ଡେ ଭାବେ ସଂରକ୍ଷିତ କରାଯିବ ବୋଲି କୁହାଯାଇଛି।

ବାର୍ବଡୋସ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ପିସିବି ଅଧ୍ୟକ୍ଷ ମୋହସିନ ନକ୍‌ବୀ ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଅବସରରେ ସେ ଚାମ୍ପିଅନ୍ସ ଟ୍ରଫି ପାଇଁ ୧୫ ମ୍ୟାଚ୍ ବିଶିଷ୍ଟ ଏକ ଡ୍ରାଫ୍ଟ ବା କାର୍ଯ୍ୟସୂଚୀ ପ୍ରଦାନ କରିଥିଲେ। ସୁରକ୍ଷା ତଥା ନିରାପତ୍ତା କାରଣରୁ ଭାରତର ସବୁ ମ୍ୟାଚ୍ ଲାହୋରରେ ଆୟୋଜନ ହେବ। ଲାହୋରରେ ୭, କରାଚୀରେ ୩ ଓ ରାୱଲପିଣ୍ଡିରେ ୫ଟି ମ୍ୟାଚ୍ ଖେଳାଯିବ ବୋଲି ଆଇସିସିର ଏହି ଅଧିକାରୀ ଜଣକ କହିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କରାଚୀରେ, ଦୁଇଟି ସେମିଫାଇନାଲ ମୁକାବିଲା କରାଚୀ ଓ ରାୱଲପିଣ୍ଡିରେ ଏବଂ ଶେଷରେ ଫାଇନାଲ ମୁକାବିଲା ଲାହୋରରେ ଖେଳାଯିବ। ଭାରତ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ଗ୍ରୁପ୍ ଏ'ରେ ସାମିଲ ହୋଇଥିବା ବେଳେ ଗ୍ରୁପ୍ ବି'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆଫଗାନିସ୍ତାନ ସାମିଲ ହୋଇଛନ୍ତି। କିନ୍ତୁ ବିସିସିଆଇ ଏହାକୁ ମଞ୍ଜୁରି ଦେଇ ନଥିବାରୁ ଆଗକୁ କ'ଣ ହେବ ତାହା ଦେଖିବାକୁ ବାକି ରହିଲା। ଯଦି ଭାରତ ପାକିସ୍ତାନରେ ଖେଳିବାକୁ ଅରାଜି ହୁଏ ତେବେ, ୨୦୨୩ ଏସିଆ କପ୍ ଭଳି ହାଇବ୍ରିଡ୍ ମଡେଲ ଅନୁସାରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବାର ସମ୍ଭାବନା ସୃଷ୍ଟି ହୋଇପାରେ। ତେବେ ବର୍ତ୍ତମାନଠାରୁ ଏ ନେଇ କିଛି କହିହେବ ନାହିଁ।






# ପ୍ରଥମ ଭାରତୀୟ ଭାବେ ଅଲ୍‌ରାଉଣ୍ଡ ଶୀର୍ଷରେ ପାଣ୍ଡ୍ୟା

**ଆଇସିସି ଟି-୨୦ ମାନ୍ୟତା**




**ଦୁବାଇ, ୩।୭ (ଏଜେନ୍ସି):** କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର‌୍ୟାଙ୍କିଙ୍ଗ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅଲ୍‌ରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନକୁ ଉଠିଛନ୍ତି। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ପାଣ୍ଡ୍ୟା ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୧୪୪ ରନ କରିବା ସହ ୧୧ଟି ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ ଯୋଗୁ ଟି-୨୦ ଅଲ୍‌ରାଉଣ୍ଡର ମାନ୍ୟତାରେ ସେ ୩ୟରୁ ପ୍ରଥମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ୨୨୨ ରେଟିଂ ପଏଣ୍ଟ ସହ ପାଣ୍ଡ୍ୟା ଶ୍ରୀଲଙ୍କ ଅଧିନାୟକ ୱାନିନ୍ଦୁ ହାସରଙ୍ଗାଙ୍କ ସହ ମିଳିତ ଭାବେ ଅଲ୍‌ରାଉଣ୍ଡର ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଛନ୍ତି। ଟି-୨୦ ମାନ୍ୟତାର ଅଲ୍‌ରାଉଣ୍ଡର ତାଲିକାରେ ନଂ-୧ ସ୍ଥାନରେ ରହିବାରେ ସେ ପ୍ରଥମ ଭାରତୀୟ କ୍ରିକେଟର୍ ହୋଇଛନ୍ତି।

ପ୍ରକାଶିତ ଆଇସିସି ଟି-୨୦ ଅଲ୍‌ରାଉଣ୍ଡ ତାଲିକାରେ ମାର୍କସ ଷ୍ଟୋଇନିସ, ସିକନ୍ଦର ରାଜା, ଶାକିବ ଅଲ୍ ହାସନ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୩ୟ, ୪ର୍ଥ, ୫ମ ଓ ୮ମ ସ୍ଥାନରେ ରହିଛନ୍ତି। ତେବେ ଆଫଗାନିସ୍ତାନର ସିକନ୍ଦର ରାଜା ଏକଥରକେ ୪ଟି ପାହାଚ ତଳକୁ ଖସି ୬ଷ୍ଠ ସ୍ଥାନ ଲାଭ କରିଛନ୍ତି।



# ବିଶ୍ୱ ମାର୍ଷ୍ଟସ ଟିଟିରେ ଭାଗନେବେ ୬ ଓଡ଼ିଆ

**ଭୁବନେଶ୍ୱର, ୩।୭ (ସମିସ):** ଚଳିତ ମାସ ୬ରୁ ରୋମରେ ଆଇଟିଟିଏଫ୍ ବିଶ୍ୱ ମାଷ୍ଟର୍ସ ଟେବଲ୍ ଟେନିସ (ଟିଟି) ଚାମ୍ପିଅନସିପ୍ ଖେଳାଯିବ। ଏଥିରେ ଓଡ଼ିଶାରୁ ୬ଜଣ ଟେବଲ୍ ଟେନିସ ଖେଳାଳି ଭାଗନେବେ। ସେମାନେ ହେଲେ ଦେବଦତ୍ତ ମହାନ୍ତି, ତ୍ରୈଲୋକ୍ୟନାଥ ରାଉତ, ସ୍ମୃତିରଞ୍ଜନ ଦାସ, ପିକେ ସାମନ୍ତରାୟ, ବିଜୟନ ଦାସମହାପାତ୍ର ଓ ସନ୍ଦୀପ ଚକ୍ରବର୍ତ୍ତୀ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ବିଶ୍ୱର ୬ ହଜାରରୁ ଉର୍ଦ୍ଧ୍ୱ ଟିଟି ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଭାରତରୁ ପାଖାପାଖି ୨୦୦ଜଣ ଭେଟେରାନ ଟିଟି ଖେଳାଳି ଏଥିରେ ସାମିଲ ହେବେ। ରାଜ୍ୟରୁ ଅଂଶଗ୍ରହଣ କରୁଥିବା ୬ଜଣ ପ୍ରତିଯୋଗୀ ନିଜ ନିଜ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଥିବା କହିଛନ୍ତି।

# ଆମନ୍ତ୍ରଣୀୟ ତ୍ରି-ରାଷ୍ଟ୍ରୀୟ ଫୁଟ୍‌ବଲ ଖେଳିବ ଭାରତ

**ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ଆସନ୍ତା ଅକ୍ଟୋବରରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ଏକ ଆମନ୍ତ୍ରଣୀୟ ତ୍ରି-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଭିଏତ୍‌ନାମରେ ଖେଳିବ। ଏଥିରେ ଘରୋଇ ଭିଏତ୍‌ନାମ ସହ ଲେବାନନ୍ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଏଆଇଏଫ୍‌ଏଫ୍ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଅକ୍ଟୋବର ୯ ଓ ୧୨ରେ ଭାରତ ଯଥାକ୍ରମେ ଭିଏତ୍‌ନାମ ଓ ଲେବାନନ୍‌କୁ ଭେଟିବ। ଏହାପରେ ଅକ୍ଟୋବର ୧୫ରେ ଭିଏତ୍‌ନାମ ଓ ଲେବାନନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତ ବର୍ତ୍ତମାନ ଫିଫା ମାନ୍ୟତାର ୧୨୪ତମ ସ୍ଥାନରେ ରହିଥିବାବେଳେ ଭିଏତ୍‌ନାମ (୧୧୬ତମ) ଓ ଲେବାନନ୍ (୧୧୭) ଭାରତଠାରୁ ଉଚ୍ଚରେ ରହିଛନ୍ତି।

# ୧୪୦ କୋଟି ଭାରତୀୟଙ୍କୁ ନିରାଶ କରିବୁନି: ଶ୍ରୀଜେଶ


ହର୍ମନପ୍ରୀତ୍ ସିଂହ

**ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସକୁ ଆଉ ୩ ସପ୍ତାହରୁ କମ୍ ସମୟ ରହିଛି। ଭାରତୀୟ ପୁରୁଷ ହକି ଦଳ ଏଥର ସ୍ୱର୍ଣ୍ଣ ପଦକ ଜିତିବାକୁ ବ୍ୟଗ୍ର ରହିଥିବା ଅଧିନାୟକ ହର୍‌ମନପ୍ରୀତ୍ ସିଂହ କହିଛନ୍ତି। ୧୪୦ କୋଟି ଭାରାତୀୟଙ୍କୁ ନିରାଶ ନ କରି ବରିଷ୍ଠ ଖେଳାଳିଙ୍କ ସମ୍ମାନାର୍ଥେ ସ୍ୱର୍ଣ୍ଣ ପଦକ ଜିତି ଦେଶର ପୂର୍ବ ଗୌରବ ଫେରାଇ ଆଣିବା ଲାଗି ଚାହୁଁଛୁ ବୋଲି ହର୍‌ମନପ୍ରୀତ୍ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଜିଓ ସିନେମା ପକ୍ଷରୁ ଆୟୋଜିତ 'ଦି ଡ୍ରିମର୍ସ' କାର୍ଯ୍ୟକ୍ରମ ଅବସରରେ ୨୮ ବର୍ଷୀୟ ହର୍‌ମନପ୍ରୀତ୍ କହିଛନ୍ତି, 'ଆମେ ଆମର ଇତିହାସ ଓ ଲିଗାସିକୁ ଆଗକୁ ନେବା ଲାଗି ସବୁକିଛି ଦେବାକୁ ପ୍ରସ୍ତୁତ ରହିଛୁ। ପ୍ୟାରିସରେ ସ୍ୱର୍ଣ୍ଣ ଜିତିବା ଦେଶ ତଥା ଆମର ବରିଷ୍ଠ ଖେଳାଳିଙ୍କ ଲାଗି ଏକ ଭଲ ସମ୍ମାନ ହେବ। ଗତ ରିଓ ଅଲିମ୍ପିକ୍ସରେ ପଦକ ଉତ୍ସବ ସମାରୋହରେ ଆମ ପତାକାକୁ ଡାହାଣ ପାର୍ଶ୍ୱରେ ଥିବା ଦେଖିଥିଲୁ। ପରବର୍ତ୍ତୀ ସଂସ୍କରଣରେ ଏହି

## ପ୍ୟାରିସ ଅଲିମ୍ପିକ୍ସ ଆଉ ୨୧ ଦିନ

ପତାକାକୁ ମଧ୍ୟଭାଗକୁ ଆଣି ଜାତୀୟ ସଙ୍ଗୀତ ଗାନ କରିବାକୁ ଉଦ୍ୟମ କରିବୁ ବୋଲି ଲକ୍ଷ୍ୟ ରଖିଥିଲୁ' ବୋଲି ଅଭିଜ୍ଞ ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ଏହି ଅବସରରେ କହିଛନ୍ତି। ସେହିଭଳି ବରିଷ୍ଠ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ କହିଛନ୍ତି, 'ତୁମକୁ ହରାଇବା ଲାଗି କିଏ ନା କିଏ ପ୍ରଶିକ୍ଷଣ ନେଉଛି। ଏହି ଚିନ୍ତାଧାରା ମୋତେ ସୁରକ୍ଷିତ ଜୋନରୁ ବାହାରକୁ ଠେଲିଦେଉଛି। ପ୍ରତ୍ୟେକଥର ଟ୍ରେନିଂ ନେବାବେଳେ ଆମ ଦେଶର ୧୪୦ କୋଟି ଭାରତୀୟଙ୍କୁ ନିରାଶ ନ କରିବାକୁ ଇଚ୍ଛା ହୁଏ। ଗୋଟିଏ ସମୟ ଥିଲା ଯେତେବେଳେ ଭାରତୀୟ ହକି ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନିର୍ଭର କରୁଥିଲା। କିନ୍ତୁ ବର୍ତ୍ତମାନ ଆମେ ଏକ ମିଳିତ ୟୁନିଟ୍ ଭାବେ ଖେଳୁଛୁ। ଏହି ପରିବର୍ତ୍ତନ ଅନ୍ତର୍ଜାତୀୟସ୍ତରରେ ଆମ ସଫଳତାର ଚାବି କାଠି ଅଟେ' ବୋଲି ଶ୍ରୀଜେସ ଏହି କାର୍ଯ୍ୟକ୍ରମ ଅବସରରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ହକି ଦଳ ଅଲିମ୍ପିକ୍ସ ଇତିହାସରେ ରେକର୍ଡ ୮ଥର ସ୍ୱର୍ଣ୍ଣ ପଦକ ଜିତିଛି। ଗତ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ଜିତିବା ସହ ପୁରୁଷ ହକି ଦଳ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ କ୍ରୀଡ଼ାର ଏହି ମହାକୁମ୍ଭରେ ପଦକ ହାସଲ କରିଥିଲା। ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଏହି ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା।

# କ୍ଲାର୍କ ଲଙ୍କା ପ୍ରିମିଅର୍ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡର



**କଲମ୍ବୋ, ୩।୭ (ଏଜେନ୍ସି):** ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପ୍ରାକ୍ତନ ଅଧିନାୟକ ମାଇକେଲ୍ କ୍ଲାର୍କ ଚଳିତ ଲଙ୍କା ପ୍ରିମିଅର ଲିଗ୍ (ଏଲ୍‌ପିଏଲ୍)ର ବ୍ରାଣ୍ଡ ଆମ୍ବାସାଡର ଭାବେ ଯୋଗଦେଇଛନ୍ତି। ଏଲ୍‌ପିଏଲ୍‌ର ଚଳିତ ସଂସ୍କରଣ ଜୁଲାଇ ୧ରୁ ଆରମ୍ଭ ହୋଇସାରିଛି ଏବଂ ୨୧ରେ ଫାଇନାଲ ଖେଳାଯିବ। ୪୩ ବର୍ଷୀୟ କ୍ଲାର୍କଙ୍କ ପୂର୍ବରୁ ଭିଭିଆନ ରିଚାର୍ଡ୍ସ, ୱାସିମ ଆକ୍ରମ ଓ ସନଥ୍ ଜୟସୂରିୟା ଗତ ସଂସ୍କରଣ ଗୁଡ଼ିକରେ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଥିଲେ। 'ଏଲ୍‌ପିଏଲ୍‌ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହେବା ମୋ ଲାଗି ସମ୍ମାନର ବିଷୟ। ଏହି ଦେଶ ସହ ମୋର ସ୍ମରଣୀୟ ସ୍ମୃତି ରହିଛି। ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳରେ ଖେଳୁଥିବାବେଳେ ମୋର ପ୍ରଥମ ଗସ୍ତ ଶ୍ରୀଲଙ୍କା ଥିଲା। ଶ୍ରୀଲଙ୍କା କ୍ରିକେଟ୍‌କୁ ଆଗକୁ ନେବାରେ ଏହି ଟୁର୍ଣ୍ଣାମେଣ୍ଟ ବେଶ ସହାୟକ ହେବ' ବୋଲି କ୍ଲାର୍କ ତାଙ୍କ ବାର୍ତ୍ତାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଡାହାଣହାତୀ ପ୍ରାକ୍ତନ ଅଷ୍ଟ୍ରେଲୀୟ ବ୍ୟାଟର୍ ୧୧୫ ଟେଷ୍ଟ, ୨୪୫ ଏକଦିବସୀୟ ମ୍ୟାଚରେ ଯଥାକ୍ରମେ ୮୬୪୩ ଓ ୭୯୮୧ ରନ ସଂଗ୍ରହ କରିଛନ୍ତି। ଉଭୟ ଫର୍ମାଟ୍‌ରେ ତାଙ୍କ ନାମରେ ମୋଟ୍ ୩୬ ଶତକ ଓ ୮୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି।

# ନେଦରଲାଣ୍ଡସ-ତୁର୍କୀ କ୍ୱାର୍ଟରଫାଇନାଲ

**ୟୁରୋକପ୍ ଫୁଟବଲ୍**

**ଲେପ୍‌ଟିଗ୍,୩।୭(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ତୁର୍କୀ ବୁଧବାର ବିଳମ୍ବିତ ରାତିରେ ୨-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରିଛି। ଏଥିସହ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ନେଦରଲାଣ୍ଡସ ୩-୦ ଗୋଲରେ ରୋମାନିଆକୁ ପରାସ୍ତ କରିଥିଲା। ବିଜୟ ହାସଲ କରିଥିବା ଏହି ଦୁଇ ଦଳ କ୍ୱାର୍ଟରକୁ ଉନ୍ନିତ ହୋଇଛନ୍ତି ଓ ସେମିଫାଇନାଲରେ ସ୍ଥାନ ହାସଲ କରିବାକୁ ପରସ୍ପରକୁ ଭେଟିବେ। ସ୍ଥାନୀୟ ରେଡବୁଲ ଏରିନାରେ ଅନୁଷ୍ଠିତ ମୁକାବିଲାରେ ତୁର୍କୀ ପାଇଁ ମେରି ଡେମିରାଲ ଡବଲ ଗୋଲ ସ୍କୋର କରିଥିଲେ। ସେ ମ୍ୟାଚ୍ ପ୍ରଥମ ଓ ୫୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ୬୬ତମ ମିନିଟ୍‌ରେ ଅଷ୍ଟ୍ରିଆ ତରଫରୁ ମାଇକେଲ ଗ୍ରେଗୋରିସ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଅଷ୍ଟ୍ରିଆ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ମ୍ୟାଚ୍ ଜିତିପାରି ନଥିଲା। ତୁର୍କୀ ମିଳିଥିବା ସୁଯୋଗର ଫାଇଦା ଉଠାଇଥିଲା ଓ ଆଟାକ୍‌ରେ ଅଷ୍ଟ୍ରିଆ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଡିଫେନ୍ସର ଦୁର୍ବଳତା ପାଇଁ ପରାସ୍ତ ହୋଇଥିଲା।



## ୟୁରୋକପ୍ କ୍ୱାର୍ଟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୫/୭ | ସ୍ପେନ୍- ଜର୍ମାନୀ | ଷ୍ଟର୍ଟଗାର୍ଟ | ରାତି ୯.୩୦ |
| ୫/୭ | ପର୍ତ୍ତୁଗାଲ- ଫ୍ରାନ୍ସ | ହାମବର୍ଗ | ରାତି ୧୨.୩୦ |
| ୬/୭ | ଇଂଲଣ୍ଡ- ସ୍ୱିଜରଲାଣ୍ଡ | ଡୁସେଲଡୋର୍ଫ | ରାତି ୯.୩୦ |
| ୬/୭ | ନେଦରଲାଣ୍ଡସ- ତୁର୍କୀ | ବର୍ଲିନ | ରାତି ୧୨.୩୦ |

**କୋପା ଆମେରିକା ଫୁଟବଲ**

# କଲମ୍ବିଆ ଗ୍ରୁପ୍ ଡି' ଟପ୍ପର; କ୍ୱାର୍ଟରରେ ବ୍ରାଜିଲ

**ସାନ୍ତାକ୍ଲାରା,୩।୭(ଏଜେନ୍ସି):** ଆମେରିକାର ଚାଲିଥିବା ବିଶ୍ୱର ତୃତୀୟ ଶ୍ରେଷ୍ଠ ତଥା ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକାର କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ସ୍ପଷ୍ଟ ହୋଇଛି। ଗ୍ରୁପ୍ ଡି'ରେ ଅନୁଷ୍ଠିତ ଦୁଇଟି ଶେଷ ଗ୍ରୁପ୍ ମ୍ୟାଚ୍ ଖେଳାଯିବା ପରେ କ୍ୱାର୍ଟର ଫାଇନାଲରେ କେଉଁ ଦଳ କାହାକୁ ଭେଟିବ ତାହା ନିଶ୍ଚିତ ହୋଇଛି। ସ୍ଥାନୀୟ ଲେଭିସ୍ ଷ୍ଟାଡିୟମରେ ବ୍ରାଜିଲ ଓ କଲମ୍ବିଆ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଫଳରେ କଲମ୍ବିଆ ୩ଟି ମ୍ୟାଚ୍ ଖେଳି ୨ ବିଜୟ, ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇଁ ଗ୍ରୁପ୍ ଚାମ୍ପିଅନ ବିବେଚିତ ହୋଇଛି। ଅନ୍ୟପଟେ ବ୍ରାଜିଲ ୩ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ପ୍ରଥମାର୍ଦ୍ଧରେ ଦୁଇଟି ଯାକ ଗୋଲ ସ୍କୋର ହୋଇଥିଲା। ଦ୍ୱାଦଶ ମିନିଟ୍‌ରେ ରାଫିନା ଗୋଲ ସ୍କୋର କରି ବ୍ରାଜିଲକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟ୍‌ରେ ଅର୍ଥାତ ୪୫+୨ତମ ମିନିଟ୍‌ୟରେ କଲମ୍ବିଆ ତରଫରୁ ଡାନିଏଲ ମୁନୋଜ ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଏହା ପରେ ଉଭୟ ଦଳ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲେ। ଦୁଇ ଦଳ ମଧ୍ୟ କେତୋଟି ସୁଯୋଗ ହାତଛଡ଼ା କରିଥିଲେ। ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ କଲମ୍ବିଆ ଆଗରେ ରହିଥିଲା। କିନ୍ତୁ ବ୍ରାଜିଲ ଖେଳାଳି ଅଧିକ ସମୟ ବଲ୍‌କୁ ଅକ୍ତିଆରରେ ରଖିଥିଲେ। ପାସରେ ବ୍ରାଜିଲ ଓ ପାସ୍ ଆକ୍ୟୁରେସିରେ କଲମ୍ବିଆ ଆଗରେ ରହିଥିଲା।



## ପାରାଗୁଏକୁ ହରାଇଲା କୋଷ୍ଟାରିକା

ବୁଧବାର ଖେଳାଯାଇଥିବା ଗ୍ରୁପ୍ ଡି'ର ଅନ୍ୟଏକ ମ୍ୟାଚ୍‌ରେ କୋଷ୍ଟାରିକା ୨-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଥମ ୭ ମିନିଟ୍‌ରେ କୋଷ୍ଟାରିକା ଦୁଇଟିଯାକ ଗୋଲ ସ୍କୋର କରିଥିଲା। ତୃତୀୟ ମିନିଟ୍‌ରେ ଫ୍ରାନସିସ୍କୋ କାଲଭୋ ଓ ୭ମ ମିନିଟ୍‌ରେ ଜୋସିମାର ଅଲକୋସେର ଗୋଲ ଦେଇ କୋଷ୍ଟାରିକା ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ପାରାଗୁଏର ରମନ ସୋସା ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। କୋଷ୍ଟାରିକା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ତୃତୀୟ ଓ ପାରାଗୁଏ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ଖାତା ଖୋଲି ନପାରି ଚତୁର୍ଥ ସ୍ଥାନରେ ରହିଛି। କୋଷ୍ଟାରିକା ଓ ପାରାଗୁଏ କ୍ୱାର୍ଟର ଫାଇନାଲ ଓ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି।

## କ୍ୱାର୍ଟର ଲାଇନ୍-ଅପ୍ ସ୍ପଷ୍ଟ

କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଲାଇନ୍ ଅଚପ୍ ସ୍ପଷ୍ଟ ହୋଇଛି। ପଦାର୍ପଣ କରିଥିବା କାନାଡା ଗ୍ରୁପ୍ ଏ'ର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜୁଲାଇ ୬ରେ କ୍ୱାର୍ଟରରେ ଗ୍ରୁପ୍ ବି' ଟପ୍ପର ଭେନେଜୁଏଲାକୁ ଭେଟିବ। ସେହିପରି ଗ୍ରୁପ୍ ଏ' ଟପ୍ପର ଆର୍ଜେଣ୍ଟିନା ୫ ତାରିଖରେ ଗ୍ରୁପ୍ ବି' ଦ୍ୱିତୀୟ ସ୍ଥାନରେ ରହିଥିବା ଇକ୍ୱେଡରକୁ ଭେଟିବ। ସେହିପରି ଗ୍ରୁପ୍ ଡି' ଟପ୍ପର କଲମ୍ବିଆ ଗ୍ରୁପ୍ ସି'ର ଦ୍ୱିତୀୟ ସ୍ଥାନରେ ଥିବା ପାନାମାକୁ ୭ ତାରିଖରେ ଭେଟିବ। ସେହିପରି ଗ୍ରୁପ୍ ସି' ଟପ୍ପର ଉରୁଗୁଏ ୭ ତାରିଖରେ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନରେ ରହିଥିବା ବ୍ରାଜିଲକୁ ଭେଟିବ।

## କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୫/୭ | ଆର୍ଜେଣ୍ଟିନା- ଇକ୍ୱେଡର | ସକାଳ ୬.୩୦ |
| ୬/୭ | ଭେନେଜୁଏଲା- କାନାଡା | ସକାଳ ୬.୩୦ |
| ୭/୭ | କଲମ୍ବିଆ- ପାନାମା | ଭୋର ୩.୩୦ |
| ୭/୭ | ଉରୁଗୁଏ- ବ୍ରାଜିଲ | ସକାଳ ୬.୩୦ |

ଭାରତୀୟ ଦଳର ସ୍ୱାଗତ ଲାଗି ବ୍ୟାପକ ପ୍ରସ୍ତୁତି

# ଆଜି ପହଞ୍ଚିବେ ଟି-୨୦ ବିଶ୍ୱବିଜେତା





ବାର୍ବାଡୋସ୍‌ରୁ ଫେରିବା ଅବସରରେ ଭାରତୀୟ ଖେଳାଳି



**ନୂଆଦିଲ୍ଲୀ,୩।୭(ଏଜେନ୍ସି):** ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଟାଇଟଲ ହାସଲ କରିବା ପରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ବାର୍ବାଡୋସ୍‌ରୁ ଭାରତ ଅଭିମୁଖେ ଯାତ୍ରା କରିଛି। ଦଳ ଗୁରୁବାର ସକାଳ ୫ରୁ ୬ଟା ମଧ୍ୟରେ ଦିଲ୍ଲୀରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଦେଶରେ ଏହି ବିଶ୍ୱ ବିଜୟୀ ଦଳର ବିପୁଳ ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୭ ବର୍ଷ ତଳେ ପ୍ରଥମ ଟି-୨୦ ବିଶ୍ୱକପ୍ ଜିତିଥିବା ମହେନ୍ଦ୍ର ସିଂ ଧୋନିଙ୍କ ଭାରତୀୟ ଦଳକୁ ଯେଉଁଭଳି ଭାବେ ସ୍ୱାଗତ କରାଯାଇଥିଲା, ଠିକ ସେହିପରି ରୋହିତଙ୍କ ନେତୃତ୍ୱାଧୀନ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ବିମାନ ବନ୍ଦରରେ ପହଞ୍ଚିବା ପରେ ଭାରତୀୟ ଦଳ ପ୍ରଥମେ ଟିମ୍ ହୋଟେଲ ଯିବ। ଏହାପରେ ଦଳ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିବ। ସେଠାରେ ଦଳର ସ୍ୱାଗତ ସମାରୋହ ହେବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖେଳାଳିମାନେ ଜଳଖିଆ କରିବେ। ଏହାପରେ ଖେଳାଳିମାନେ ମୁମ୍ବାଇ ପ୍ରସ୍ଥାନ କରିବେ। ମୁମ୍ବଇରେ ସନ୍ଧ୍ୟା ୫ଟାରେ ନରିମାନ ପଏଣ୍ଟରୁ ୱାଙ୍ଖେଡେ ଷ୍ଟାଡିୟମ ପର୍ଯ୍ୟନ୍ତ ଖୋଲା ଛାତ ଥିବା ବସରେ ଖେଳାଳିମାନେ ଭିକ୍ଟ୍ରି ପରେଡ ଅର୍ଥାତ ବିଜୟ ଶୋଭାଯାତ୍ରାରେ ଭାଗ ନେବେ। ଶେଷରେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଳିମାନଙ୍କୁ ସମ୍ମାନିତ କରାଯିବା ସହ ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

### ଭାରତୀୟ ଦଳର ଗୁରୁବାର କାର୍ଯ୍ୟସୂଚୀ

- **ସକାଳ ୫ରୁ ୬ଟା:** ଦିଲ୍ଲୀ ବିମାନବନ୍ଦରରେ ଅବତରଣ।
- **ସକାଳ ୧୧ଟା:** ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସ୍ୱାଗତ ସମାରୋହ ହେବ।
- **ଅପରାହ୍ଣ ୧୨.୩୦:** ସବୁ ଖେଳାଳି ସ୍ୱତନ୍ତ୍ର ବିମାନ ଯୋଗେ ମୁମ୍ବାଇ ଯିବେ। ମୁମ୍ବାଇ ବିମାନ ବନ୍ଦରରୁ ଖେଳାଳିଙ୍କୁ ନରିମାନ ପଏଣ୍ଟ ନିଆଯିବ।
- **ସନ୍ଧ୍ୟା ୫ଟା:** ଖେଳାଳିଙ୍କ ସମ୍ମାନରେ ନରିମାନ ପଏଣ୍ଟରୁ ୱାଙ୍ଖେଡେ ଷ୍ଟାଡିୟମ ପର୍ଯ୍ୟନ୍ତ ବିଜୟ ଯାତ୍ରାର ଆୟୋଜନ କରାଯିବ। ଦୁଇ କିଲୋମିଟର ଧରି ଏହି ଭିକ୍ଟ୍ରି ପରେଡର ଆୟୋଜନ କରାଯିବ।
- **ବିଜୟ ଯାତ୍ରା ପରେ ସମ୍ମାନ ସମାରୋହ:** ୱାଙ୍ଖେଡେ ଷ୍ଟାଡିୟମରେ ସମ୍ମାନ ସମାରୋହର ଆୟୋଜନ ହେବ ଓ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ନଗଦ ୧୨୫ କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ।

### ବିଜୟ ଯାତ୍ରାରେ ଯୋଗ ଦେବାକୁ ପ୍ରଶଂସକଙ୍କୁ ରୋହିତଙ୍କ ନିମନ୍ତ୍ରଣ

ଏହି ବିଜୟ ଯାତ୍ରାରେ ଯୋଗ ଦେବାକୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ ନିମନ୍ତ୍ରଣ କରିଛନ୍ତି। ଖାସ୍ କରି ମେରାଇନ ଡ୍ରାଇଭ ଓ ୱାଙ୍ଖେଡେ ଷ୍ଟାଡିୟମରେ ଉପସ୍ଥିତ ରହିବାକୁ ସେ ପ୍ରଶଂସକଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି। ଜୟ ଶାହ ମଧ୍ୟ ଏକ୍ସ ମାଧ୍ୟମରେ ଗୁରୁବାର ୫ଟାରେ ଦଳର ବିଜୟ ଯାତ୍ରାରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି।

### ବେରିଲ୍ ଘୂର୍ଣ୍ଣିବାତ୍ୟା: ବାର୍ବାଡୋସରେ ଫସି ରହିଥିଲେ ଖେଳାଳି

ବିଶ୍ୱକପ୍ ବିଜୟ ପରେ ଭାରତୀୟ ଦଳ ବାର୍ବାଡୋସ୍‌ରେ ବେରିଲ ଘୂର୍ଣ୍ଣିବାତ୍ୟା କାରଣରୁ ସୋମବାର ସନ୍ଧ୍ୟାଠାରୁ ପାଖାପାଖି ୩ ଦିନଧରି ଫସି ରହିଥିଲେ। କିନ୍ତୁ ଦଳ ଇତିମଧ୍ୟରେ ବାର୍ବାଡୋସରୁ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଛି। ବୁଧବାର ଅଧିନାୟକ ରୋହିତ ଶର୍ମା, ଅଲରାଉଣ୍ଡର ଶିବମ ଦୁବେ ଓ ଅନ୍ୟ ଖେଳାଳିମାନେ ଟ୍ରଫି ସହ ବିମାନରେ ବସିଥିବାର ଫଟୋ ସେୟାର କରିଛନ୍ତି।

### ୨୦୦୭ରେ ଧୋନିଙ୍କ ଦଳକୁ ସ୍ୱାଗତ କରାଯାଇଥିଲା

ଦକ୍ଷିଣ ଆଫ୍ରିକାରେ ୨୦୦୭ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିଅନ ହେବା ପରେ ମହେନ୍ଦ୍ର ସିଂ ଧୋନିଙ୍କ ଭାରତୀୟ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଖୋଲା ବସରେ ଦଳ ଯାତ୍ରା କରିଥିଲା ଓ ମେରାଇନ୍ ଡ୍ରାଇଭ୍‌ରେ ବହୁ ସଂଖ୍ୟାରେ ପ୍ରଶଂସକ ଦଳକୁ ସ୍ୱାଗତ କରିଥିଲେ।

### ଦ୍ୱିତୀୟ ଥର ଚାମ୍ପିଅନ ହୋଇଥିଲା ଭାରତ

ଶନିବାର ବାର୍ବାଡୋସର ବ୍ରିଜଟାଉନ୍‌ସ୍ଥିତ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଭାରତ ୭ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥିସହ ଭାରତ ଦ୍ୱିତୀୟଥର ପାଇଁ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା।

---

ବର୍ଷ ଶେଷରେ ଆଇପିଏଲ୍ ନୀଲାମି

## ୫-୭ ଖେଳାଳିଙ୍କୁ ବଜାୟ ରଖିବାକୁ ଚାହୁଁଛନ୍ତି ଦଳ

**ନୂଆଦିଲ୍ଲୀ,୩।୭(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳଗୁଡିକ ଅଗାମୀ ୩ଟି ସଂସ୍କରଣ ପାଇଁ ଖେଳାଳିଙ୍କ ରିଟେନସ ଅର୍ଥାତ ଖେଳାଳି ବଜାୟ ସଂଖ୍ୟାରେ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ୧୦ଟି ଫ୍ରାଞ୍ଚାଇଜର ମତ ଭିନ୍ନ ଭିନ୍ନ ରହିଛି। କିନ୍ତୁ ଅଧିକାଂଶ ଦଳ ଅଧିକ ରିଟେନସନ ମାଗିଛନ୍ତି ଓ ୫ରୁ ୭ଜଣ ଖେଳାଳିଙ୍କୁ ବଜାୟ ରଖିବାକୁ ଚାହୁଁଛନ୍ତି। ଏପରିକି ଗୋଟିଏ ଦଳ ୮ଜଣ ଖେଳାଳିଙ୍କୁ ବଜାୟ ରଖିବାକୁ ଚାହୁଁଛି। ଅବଶ୍ୟ ଆଉ କେତୋଟି ଦଳ ରିଟେସନ ଆବଶ୍ୟକ ନାହିଁ ବୋଲି କହିଛନ୍ତି।

ଏଥର ଆଇପିଏଲ ଖେଳାଳି ନିୟମ ଚଳିତ ବର୍ଷ ଶେଷ ଆଡକୁ ହେବ। ସେହିପରି ଇମ୍ପାକ୍ଟ ପ୍ଲେୟର ନିୟମ ବଜାୟ ରହିବ ବୋଲି ଆଶା କରାଯାଉଛି। ୨୦୨୧ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଫ୍ରାଞ୍ଚାଇଜ୍‌ଗୁଡିକୁ ସର୍ବାଧିକ ୪ ଖେଳାଳିଙ୍କୁ ବଜାୟ ରଖିବାକୁ ଅନୁମତି ଦେଇଥିଲା। ଏଥିରେ ୩ରୁ ଅଧିକ ଭାରତ ଓ ୨ରୁ ଅଧିକ ବିଦେଶୀ ଖେଳାଳି ବିଜାୟ ରଖିବାକୁ ଅନୁମତି ଦିଆଯାଇ ନଥିଲା।

ବିସିସିଆଇ ଇତିମଧ୍ୟରେ ଖେଳାଳି ବଜାୟ ନିୟମ ତଥା ରିଟେନସ ପଲିସିକୁ ଅନ୍ତିମ ରୂପ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଚଳିତ ମାସ ଶେଷ ଆଡକୁ ଫ୍ରାଞ୍ଚାଇଜ ମାଲିକମାନଙ୍କର ଏକ ବୈଠକ ବସିବ ଓ ଏଥିରେ ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଏଥର ନୀଲାମିରେ ଟିମ୍ ପର୍ସରେ ବୃଦ୍ଧି ଘଟିବ। ଏଥିରେ ୨୦ କୋଟି ଟଙ୍କାର ବୃଦ୍ଧି ହେବ। ଏବେ ପ୍ରତ୍ୟେକ ଦଳ ପାଖରେ ନୀଲାମି ପାଇଁ ୧୦୦ କୋଟି ଟଙ୍କା ରହିଛି।

## ଶାକିବ୍ ଖେଳି ନ ପାରନ୍ତି ଭାରତ ବିପକ୍ଷ ଦ୍ୱି-ପାକ୍ଷିକ ସିରିଜ



**ଢାକା, ୩।୭ (ଏଜେନ୍ସି):** ବାଂଲାଦେଶର ବରିଷ୍ଠ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଆଗାମୀ ଭାରତ ବିପକ୍ଷ ଦ୍ୱି-ପାକ୍ଷିକ ସିରିଜ ଖେଳିବା ନେଇ ସନ୍ଦେହରେ ରହିଛି। ଭାରତ ଗସ୍ତରେ ଆସି ବାଂଲାଦେଶ ଦଳ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୨ ମଧ୍ୟରେ ୨ଟି ଟେଷ୍ଟ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିପୂର୍ବରୁ ଅଗଷ୍ଟରେ ପାକିସ୍ତାନ ଗସ୍ତରେ ଯାଇ ବାଂଲାଦେଶ ସେଠାରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ୩୭ ବର୍ଷୀୟ ଶାକିବ ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି) ଖେଳିବା ଲାଗି ଗତକାଲି ଆମେରିକାରେ ଅଭିମୁଖେ ଗସ୍ତ କରିଛନ୍ତି। ଏମ୍‌ଏଲ୍‌ସିରେ ଶାକିବ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। 'ମୁଁ ବେଶି ଯୋଜନା କରିନାହିଁ। ଏବେ ମୋ ସାମ୍ନାରେ ୨ଟି ଟି-୨୦ ଟୁର୍ଣ୍ଣାମେଣ୍ଟ ରହିଛି। ଗୋଟିଏ ଏମ୍‌ଏଲ୍‌ସି ଓ ଅନ୍ୟଟି କାନାଡରେ ଗ୍ଲୋବାଲ ଟି-୨୦ ଲିଗ୍। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ଖେଳିସାରିବା ପରେ ମୋର ସ୍ଥିତିକୁ ଦେଖିବି। ଏହାପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ କେବଳ ପାକିସ୍ତାନ ବିପକ୍ଷ ସିରିଜ ଲାଗି ଚିନ୍ତା କରିଛି' ବୋଲି ଶାକିବ କହିଛନ୍ତି।

---

ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

## ଟାଇଗର୍ସର ହ୍ୟାଟ୍ରିକ୍ ବିଜୟ




**କଟକ,୩।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ଚଳିତ ସଂସ୍କରଣରେ ବୁଧବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଟାଇଗର୍ସ ୪ ୱିକେଟରେ ଓଡ଼ିଶା ଜାଗୁଆର୍ସକୁ ପରାସ୍ତ କରିଛି। ଟାଇଗର୍ସ ଦଳର ଏହା ହ୍ୟାଟ୍ରିକ ବିଜୟ। ୩୧ରନର ଦ୍ରୁତ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିବା ୱିକେଟ କିପର ବ୍ୟାଟର ବିକ୍ରମ ସାମଲ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ଉପେନ୍ଦ୍ର କୁମାର ଦାସ ଅତିଥି ଭାବେ ଯୋଗ ଦେଇ ବିକ୍ରମଙ୍କୁ ପୁରସ୍କୃତ କରିଥିଲେ।

ଟାଇଗର୍ସ ଅଧିନାୟକ ରାକେଶ ପଟ୍ଟନାୟକ ଟସ୍ ଜିତି ଓଡ଼ିଶା ଜାଗୁଆର୍ସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଓପନିଂ ଭାଗିଦାରୀରେ ୨୯ରନ ଯୋଡି ଦଳକୁ ଏକ ଭଲ ପ୍ରାରମ୍ଭ ପ୍ରଦାନ କରିଥିଲେ ଅଧିନାୟକ ଶାନ୍ତନୁ ମିଶ୍ର ଏବଂ ଭେଙ୍କଟେଶ ଭାଣ୍ଡେ। ପରେ ଉଭୟଙ୍କ ୱିକେଟ ପତନ ଘଟିଥିଲା। ଶାନ୍ତନୁ ୧୨ରନ ଏବଂ ଭେଙ୍କଟେଶ ୧୭ରନରେ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମର ବ୍ୟାଟର ଅନୀଲ ପରିଡା ୩୭ବଲରୁ ୫୦ରନର ଇନିଂସ ଖେଳିଥିଲେ। ଏହା ଭିତରେ ୫ଟି ଚୌକା ଏବଂ ଗୋଟିଏ ଛକା ରହିଥିଲା। ସମ୍ବିତ ବରାଳଙ୍କ ୨୭ରନ ଏବଂ ସୌଭାଗ୍ୟ ମିଶ୍ରଙ୍କ ୨୦ରନ ସହଯୋଗରେ ଓଡ଼ିଶା ଜାଗୁଆର୍ସ ୮ ୱିକେଟ ହରାଇ ୧୪୧ରନ କରିଥିଲା। ଟାଇଗର୍ସ ପକ୍ଷରୁ ଟୁକୁନା ସାହୁ ୨ଟି, ରାକେଶ ପଟ୍ଟନାୟକ, ତରଣୀ ସ, ସୁମିତ ଶର୍ମା, ଆଶୁତୋଷ ମାର୍ଣ୍ଡି ଗୋଟିଏ ଲେଖାଏ ୱିକେଟ ଦଖଲ କରିଥିଲେ। ୧୪୧ରନର ବିଜୟ ଲକ୍ଷ୍ୟ ନେଇ ଟାଇଗର୍ସ ପଡ଼ିଆକୁ ଓହ୍ଲାଇଥିଲା। ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୧୦ରନ କରିଥିବା ବେଳେ ପ୍ରଥମ ଓଭର ୫ମ ବଲରେ ଟୁକୁନା ଆଉଟ ହୋଇଥିଲେ। ପରେ ଗୌରବ ଚୌଧୁରୀ ୩୫ରନ, ବିଶ୍ୱଭୂଷଣ ବିହାରୀ ୨୯ରନ, ସୟଦ ଇଖାରୁଦ୍ଦିନ ୧୮ରନ ସଂଗ୍ରହ କରି ଦଳକୁ ବିଜୟ ଅଭିମୁଖେ ଅଗ୍ରସର କରାଇଥିଲେ। ତେବେ ଅନ୍ତିମ ଓଭର ୫ମ ବଲରେ ଛକା ମାରି ଦଳକୁ ୩ୟ ବିଜୟ ଦେଇଥିଲେ ବିକ୍ରମ ସାମଲ। ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ବିକ୍ରମ ୨୭ବଲରୁ ୨ଟି ଚୌକା ଏବଂ ୨ଟି ଛକା ବଳରେ ୩୧ରନ କରିଥିଲେ। ନିମ୍ନକ୍ରମର ବ୍ୟାଟର ଅରସଦ କିଶୋର ୫ବଲରୁ ୧୨ରନ୍ କରିଥିଲେ। ଜାଗୁଆର୍ସ ପକ୍ଷରୁ ବାଦଲ ବିଶ୍ୱାଳଙ୍କୁ ୨ଟି ୱିକେଟ ମିଳିଥିବା ବେଳେ ଶୋଭନ ସ୍ୱାଇଁ, ଆଶିଷ ରଏ ଏବଂ କ୍ରୀଷ୍ଣା ପଲାଇ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ବୁଧବାର ବର୍ଷାଲାଗି ଓଡ଼ିଶା ପାନ୍ଥର୍ସ-ଓଡ଼ିଶା ଚିତାସ ମ୍ୟାଚ୍ ବାତିଲ ହୋଇଛି।

ଭାରତ ପାଇଁ ଖେଳିବାର ଉତ୍ସାହ

## ଫୋନ, ପାସ୍‌ପୋର୍ଟ ନେବାକୁ ଭୁଲିଗଲେ ପରାଗ

**ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ଦ୍ୱିତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିବା ଭାରତ ଏହାର ପରବର୍ତ୍ତୀ ସିରିଜ ଶୁକ୍ରବାରଠାରୁ ଜିମ୍ବାୱେ ବିପକ୍ଷରେ ଖେଳିବ। ଏହି ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଏକ ଯୁବ ଭାରତୀୟ ଦଳ ଜିମ୍ବାୱେ ଗସ୍ତ କରିଛି। ଏହି ଅବସରରେ ପ୍ରଥମଥର ଲାଗି ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇଥିବା ଆସାମର ଯୁବ ବ୍ୟାଟର୍ ରିୟାନ ପରାଗ ଅନ୍ତର୍ଜାତୀୟ ପଦାର୍ପଣ ନେଇ ଏତେ ଉତ୍ସାହିତ ଥିଲେ ଯେ ନିଜର ଫୋନ ଓ ପାସପୋର୍ଟ ଆଣିବାକୁ ଭୁଲିଯାଇଥିଲେ। ବିସିସିଆଇ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଭାରତୀୟ ଦଳର ହରାରେ ଗସ୍ତ ସମୟର ଏକ ଭିଡିଓ ସେୟାର କରାଯାଇଛି। ଏଥିରେ ପରାଗ ଓ ଯୁବ ଓପନର୍ ଅଭିଷେକ ଶର୍ମା ପରସ୍ପର ଅନୁଭୂତି ବଖାଣିଛନ୍ତି। ପରାଗ ଅବସରରେ କିଭଳି ଫୋନ ଆଣିବାକୁ ଭୁଲିଯାଇଥିଲେ ସେ କଥା କହିଛନ୍ତି। ଅବଶ୍ୟ ପରେ ସେ ଏହାକୁ ସାଙ୍ଗରେ ନେଇ ଆସିଥିଲେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ରୋହିତ୍ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ବିଶ୍ୱକପ୍ ଜିତିବା ପରେ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ଘୋଷଣା କରିଥିଲେ। ଫଳରେ ଓପନର୍ ଅଭିଷେକ ଶର୍ମା, ରିୟାନ ପରାଗ, ତୁଷାର ଦେଶପାଣ୍ଡେଙ୍କ ଭଳି ଯୁବ ପ୍ରତିଭାଙ୍କୁ ପ୍ରଥମଥର ଜାତୀୟ ଦଳରୁ ଡାକରା ମିଳିଛି। ଏହି ଯୁବ ତାରକାଙ୍କ ଲାଗି ପ୍ରତିଭା ପ୍ରଦର୍ଶନ କରିବା ଏକ ଭଲ ସୁଯୋଗ ରହିଛି।

---

## ବୟକଟ୍‌ଙ୍କୁ ୨ୟଥର ଲାଗି କ୍ୟାନସର



**ଲଣ୍ଡନ, ୩।୭ (ଏଜେନ୍ସି):** ଇଂଲଣ୍ଡର ପ୍ରାକ୍ତନ କିମ୍ବଦନ୍ତୀ ବ୍ୟାଟର୍ ସାର୍ ଜେଫ୍ ବୟକଟ୍ ଦ୍ୱିତୀୟଥର ଲାଗି କ୍ୟାନସରରେ ପୀଡ଼ିତ ହୋଇଛନ୍ତି। ଗଳାରେ ପୁଣିଥରେ କ୍ୟାନସର ହୋଇଥିବା ନେଇ ୮୩ ବର୍ଷୀୟ ବୟକଟ୍ ଏହି ଦୁଃଖଦ ଖବର ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। 'ଗତ ସପ୍ତାହରେ ମୋର ଏମ୍‌ଆଇ ସ୍କାନ, ସିଟି ସ୍କାନ, ପିଇଟି ସ୍କାନ ଓ ୨ଟି ବାୟୋପାଇସ୍ ହେବାପରେ ବର୍ତ୍ତମାନ ଏହା ଜଣାପଡ଼ିଛି ଯେ, ଗଳାରେ ପୁଣିଥରେ କ୍ୟାନସର ହୋଇଛି। ଯାହାର ଖୁବ ଶୀଘ୍ର ଅସ୍ତ୍ରୋପଚାର ହେବ। ଅତୀତର ଅଭିଜ୍ଞତାରୁ ମୁଁ ବୁଝିପାରୁଛି ୨ୟଥର କ୍ୟାନସରକୁ ପରାସ୍ତ କରିବା ଲାଗି ଏକ ଉତ୍କୃଷ୍ଟ ଚିକିତ୍ସା ଓ ଭାଗ୍ୟର ସାଥି ଆବଶ୍ୟକ। ଅସ୍ତ୍ରୋପଚାର ସଫଳ ହେଲେ ମଧ୍ୟ ପ୍ରତ୍ୟେକ କ୍ୟାନସର ପୀଡ଼ିତଙ୍କୁ ରୋଗ ଫେରିଆସିବାର ସମ୍ଭାବନା ସହିତ ବଞ୍ଚିବାକୁ ପଡ଼ିଥାଏ' ବୋଲି ବୟକଟ୍ ଏକ ଗଣମାଧ୍ୟମକୁ କହିଛନ୍ତି। ୨୨ ବର୍ଷ ତଳେ ୨୦୦୨ରେ ଏହି ମହାନ ଡାହାଣହାତୀ ବ୍ୟାଟର୍‌ଙ୍କୁ ପ୍ରଥମଥର କ୍ୟାନସର ହୋଇଥିଲା। ସେତେବେଳେ ୬୧ ବର୍ଷ ବୟସରେ ସେ ୩୫ କେମୋଥେରାପି ସେସନ୍ ସହ କ୍ୟାନସରରୁ ସୁସ୍ଥ ହୋଇଥିଲେ। ୧୯୬୪ରୁ ୧୯୮୨ ମଧ୍ୟରେ ବୟକଟ୍ ଇଂଲଣ୍ଡ ପାଇଁ ୧୦୮ ଟେଷ୍ଟ ଓ ୩୬ ଏକଦିବସୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଏହି ଦୁଇ ଫର୍ମାଟ୍‌ରେ ସେ ଯଥାକ୍ରମେ ୮୧୧୪ ଓ ୧୦୮୨ ରନ କରିଥିଲେ। ଟେଷ୍ଟରେ ୨୨ ଓ ଏକଦିବସୀୟ ଫର୍ମାଟ୍‌ରେ ଗୋଟିଏ ଶତକ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା। ୟର୍କଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳିଥିବା ବୟକଟ୍ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୪୮.୪୨୬ ରନ ସହ ୧୫୧ ଶତକ ମାରିଛନ୍ତି।

## ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ମେଦଭେଦେଭ

**ଲଣ୍ଡନ,୩।୭(ଏଜେନ୍ସି):** ଚଳିତ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସମେତ ଏକାଧିକ ସିଡେଡ ଖେଳାଳି ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ତୃତୀୟ ସିଡ୍ ଆଲକାରାଜ ୭-୬, ୬-୨, ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକଜାଣ୍ଡ ଭୁକିକଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ରୁଷିଆର ୫ମ ସିଡ୍ ଖେଳାଳି ଡାନିଲ ମେଦଭେଦେଭ ୬-୭, ୭-୬, ୬-୪, ୭-୫ ସେଟ୍‌ରେ ଫ୍ରାନ୍ସର ଆଲେକଜାଣ୍ଡର ମୁଲେରଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଇଟାଲୀର ଫାବିଓ ଫୋଗନିନି ୬-୪, ୭-୫, ୬-୭, ୬-୩ ସେଟ୍‌ରେ ଅଷ୍ଟମ ସିଡ୍ ନରୱେର କାସ୍ପେର ରୁଡଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ୧୩ତମ ସିଡ୍ ଆମେରିକାର ଟେଲର ଫ୍ରିଜ୍ ୬-୧, ୬-୨, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର କ୍ରିଷ୍ଟୋଫର ଓ'କର୍ଣ୍ଣେଲଙ୍କୁ ପରାସ୍ତ କରି, ୨୧ତମ ସିଡ୍ ରୁଷିଆର କାରେନ ଖାଚାନୋଭ ନିଜ ଦେଶର ଅସଲାନ କାରାସେଭଙ୍କ ବିପକ୍ଷରେ ୱାକଓଭର ପାଇଁ, ୨୯ତମ ସିଡ୍ ଆମେରିକାର ଫ୍ରାନସେସ ଟିଆଫୋ ୭-୬, ୬-୧, ୬-୩ ସେଟ୍‌ରେ କ୍ରୋଏସିଆ ବୋର୍ଣ୍ଣା କୋରିକଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




ରିଟର୍ଣ୍ଣ ସଟ୍ ଖେଳୁଛନ୍ତି କାର୍ଲୋସ ଆଲକାରାଜ

### ଗଫ୍, ମଇଆ, କଲିନ୍ସଙ୍କ ଅଗ୍ରଗତି

ମହିଳା ଏକକରେ ଆମେରିକାର କୋକୋ ଗଫ୍, ଡାନିଏଲେ କଲିନ୍ସ, ବ୍ରାଜିଲର ବିଟ୍ରିଜ ହାଡେଡ ମଇଆ, ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭା ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସିଡ ଗଫ୍ ୬-୨, ୬-୧ ସେଟ୍‌ରେ ରୋମାନିଆର ଅନକା ତୋଡୋନୀଙ୍କୁ, ୧୧ତମ ସିଡ୍ କଲିନ୍ସ ୬-୩, ୭-୬ ସେଟ୍‌ରେ ଡେନମାର୍କର କ୍ଲାରା ଟୋସନଙ୍କୁ, ୨୦ତମ ସିଡ୍ ମଇଆ ୭-୫, ୬-୩ ସେଟ୍‌ରେ ପୋଲାଣ୍ଡର ମାଗ୍‌ଡାଲେନା ଫ୍ରେଚ୍‌ଙ୍କୁ, ୨୧ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୭-୫, ୬-୭, ୬-୩ ସେଟ୍‌ରେ ପୋଲାଣ୍ଡ ମାଗଦା ଲିନେଟଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

### ବୋପାନ୍ନା ଜିତିଲେ, ନାଗଲ ହାରିଲେ

ପୁରୁଷ ଯୁଗଳରେ ଭାରତ ସୁମିତ ନାଗଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିବା ବେଳେ ଅଭିଜ୍ଞ ରୋହନ ବୋପାନ୍ନା ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ନାଗଲ ଓ ତାଙ୍କ ସର୍ବିଆ ସାଥି ଡୁସାନ ଲାଜୋଭିକ୍ ୨-୬, ୨-୬ ସେଟ୍‌ରେ ସ୍ପେନ ଯୋଡି ପେଡ୍ରୋ ମାର୍ଟିନେଜ ଓ ଜାଉମ୍ ମୁନାରଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ପ୍ରଥମ ରାଉଣ୍ଡରେ ନେଦରଲାଣ୍ଡସର ରବିନ ହାସ ଓ ସାଣ୍ଡର ଅରେଣ୍ଡସଙ୍କୁ ୭-୫,୬-୪ ସେଟ୍‌ରେ ପରାସ୍ତ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA